# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃୟାରୀ ୨୦/୨୦୨୩ (୧୬ ପୃଷ୍ଠା) | Bhubaneswar, Monday, February 20/2023 | Page 16 | ₹ 7.00

୪୯ଶ ଭାଗ ୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 88 | ମୂଲ୍ୟ ₹୭/-


# ବର୍ଷକ ଭିତରେ ପଦ୍ମପୁରକୁ ଜିଲା ମାନ୍ୟତା




ବରଗଡ଼ ଜିଲା ପଦ୍ମପୁରଠାରେ ରବିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ସ୍ଥାନୀୟ କନସିଂହା ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘର ସଦସ୍ୟାଙ୍କୁ ଚେକ୍ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ୫-ଟି ସଚିବ ଭି.କେ.ପାଣ୍ଡିଆନ୍।

## ପ୍ରଭୁ ନୃସିଂହନାଥ ମନେପକାଇ ଦିଅନ୍ତୁ

> “ଉପନିର୍ବାଚନ ସମୟରେ କେନ୍ଦ୍ରମନ୍ତ୍ରୀ ବରଗଡ଼-ନୂଆପଡ଼ା ରେଳ ଲାଇନ୍, କେନ୍ଦୁପତ୍ରରୁ ଜିଏସ୍‌ଟି ଛାଡ଼ ଆଦି ନାନା ପ୍ରତିଶ୍ରୁତି ଦେଇଥିଲେ। ପ୍ରଭୁ ନୃସିଂହନାଥ ସେମାନଙ୍କୁ ଏସବୁ ମନେ ପକାଇ ଦିଅନ୍ତୁ।
> **-ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ**

**ପଦ୍ମପୁର/ ଝାରବନ୍ଧ /ପାଇକମାଳ ୧୯।୨(ଡି.ଏନ.ଏ.)**

- **୩ ବ୍ଲକରେ ୧୨୭ ପ୍ରକଳ୍ପ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**
- **୧୭୦୦ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ**
- **୨୧ ମିଶନ ଶକ୍ତି ଗ୍ରୁପ୍‌କୁ ୧.୨୩ କୋଟି ଟଙ୍କାର ଚେକ୍ ପ୍ରଦାନ**

ପଦ୍ମପୁର ଉପନିର୍ବାଚନ ସମୟରେ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରାଯିବ। ବର୍ଷକ ଭିତରେ ପଦ୍ମପୁରକୁ ଜିଲା ମାନ୍ୟତା ମିଳିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ବରଗଡ଼ ଜିଲା ପଦ୍ମପୁର ନିର୍ବାଚନମଣ୍ଡଳୀର ୩ଟି ସ୍ଥାନରେ ସଭା କରି ଏଭଳି ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟାରେ ସତୀଭଟା ଏୟାରଷ୍ଟ୍ରିପ୍‌ରେ ପହଞ୍ଚି ସେଠାରୁ ହେଲିକପ୍ଟର ଯୋଗେ ଝାରବନ୍ଧରେ ପହଞ୍ଚି ଆୟୋଜିତ ଜନସଭାକୁ ଉଦ୍‌ବୋଧନ ଦେଇଛନ୍ତି। ଗତ ପଦ୍ମପୁର ଉପନିର୍ବାଚନ ସମୟରେ ସେ ଦେଇଥିବା ବିଭିନ୍ନ ପ୍ରତିଶ୍ରୁତି ପାଳନ କରିବା ସହିତ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ଧନ୍ୟବାଦ ଦେବା ପାଇଁ ଆସିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସଭାରେ କାହାରି ନାଁ ନ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ଉପନିର୍ବାଚନ ସମୟରେ କେନ୍ଦ୍ରମନ୍ତ୍ରୀ ବରଗଡ଼-ନୂଆପଡ଼ା ରେଳ ଲାଇନ୍, କେନ୍ଦୁପତ୍ରରୁ ଜିଏସ୍‌ଟି ଛାଡ଼ ଆଦି ନାନା ପ୍ରତିଶ୍ରୁତି ଦେଇଥିଲେ। ପ୍ରଭୁ ନୃସିଂହନାଥ ସେମାନଙ୍କୁ ଏସବୁ ମନେପକାଇ ଦିଅନ୍ତୁ ବୋଲି ସେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଝାରବନ୍ଧ ବ୍ଲକର ମିଶନ ଶକ୍ତି ମହିଳାଙ୍କୁ ଚେକ୍ ପ୍ରଦାନ କରିବା ସହ ୯୦ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୩୩୦ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ୮ କୋଟି ୮୫ ଲକ୍ଷ ଟଙ୍କା ବ୍ୟୟରେ ୧୧ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ପାଇକମାଲ ଏମ୍‌ଇ ସ୍କୁଲ ପଡ଼ିଆ ହେଲିପ୍ୟାଡ୍‌ରେ ମଧ୍ୟାହ୍ନ ୧୨ଟା ୪୫ରେ ପହଞ୍ଚି ଜନସଭାରେ ଯୋଗଦେଇଛନ୍ତି। ସେଠାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସେ କଥାରେ ନୁହେଁ କାମରେ ବିଶ୍ୱାସ କରନ୍ତି। ପାଇକମାଳ ପିଏଚ୍‌ସିକୁ ସିଏଚ୍‌ସି କରାଯାଇଛି। ସେ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପୂରଣ ପାଇଁ ୨ମାସ ଭିତରେ ପଦ୍ମପୁର ଅଞ୍ଚଳ ଗସ୍ତ କରିଛନ୍ତି ବୋଲି କହିଛନ୍ତି। ପାଇକମାଳ ସଭାରେ ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଆପଣମାନେ ଖୁସି ତ, ମୁଁ ବି ବହୁତ ଖୁସି କହିବା ପରେ ସଭାସ୍ଥଳ ତାଳିରେ ପ୍ରକମ୍ପିତ ହୋଇଥିଲା। ପରେ ସେ ମିଶନ ଶକ୍ତି ଗ୍ରୁପ୍‌କୁ ଚେକ୍ ପ୍ରଦାନ ସହିତ ୨୯ କୋଟି ୩୩ ଲକ୍ଷ ଟଙ୍କାର ୬୪୮ ପ୍ରକଳ୍ପର ଭିତ୍ତିପ୍ରସ୍ତର ଏବଂ ୭ କୋଟି ୯୪ ଲକ୍ଷ ଟଙ୍କାର ୨୦ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀ ପଦ୍ମପୁରରେ ପହଞ୍ଚି ପୂର୍ତ୍ତ ବଙ୍ଗଳାରେ କିଛି ସମୟ ବିଶ୍ରାମ ନେଇଥିଲେ। ☞ପୃଷ୍ଠା-୪




# ଧନୁତୀର ପାଇଁ ୨,୦୦୦ କୋଟିର ଡିଲ୍: ସଞ୍ଜୟ



ସଞ୍ଜୟ ରାଉତ

- **ନିର୍ବାଚନ କମିଶନଙ୍କ ରାୟ ଭରସାଯୋଗ୍ୟ ନୁହେଁ**
- **୪୦ ବିଧାୟକଙ୍କୁ ୫୦ କୋଟି ଟଙ୍କା ଲେଖାଏ ଦିଆଯାଇଛି**
- **ସଞ୍ଜୟଙ୍କ ଅଭିଯୋଗକୁ ଉଦ୍ଦେଶ୍ୟମୂଳକ କହିଲା ଭାଜପା**

**ମୁମ୍ବାଇ/ନୂଆଦିଲ୍ଲୀ,୧୯।୨**

ଶିବସେନା ଓ ଏହାର ନିର୍ବାଚନୀ ଚିହ୍ନ ‘ଧନୁତୀର’କୁ କିଣିବା ପାଇଁ ୨,୦୦୦ କୋଟି ଟଙ୍କାର ଡିଲ୍ ହୋଇଛି। ଏତିକି ପରିମାଣର ଆର୍ଥିକ କାରବାର ହୋଇଥିବା ପ୍ରାରମ୍ଭିକ ଭାବେ ଜଣାପଡ଼ିଛି। ଖୁବ୍‌ଶୀଘ୍ର ଆହୁରି ଅନେକ ବଡ଼ ପ୍ରଘଟ ହେବ। ଏହା ଶତ ପ୍ରତିଶତ ସତ୍ୟ। ଦେଶର ଇତିହାସରେ ପୂର୍ବରୁ କେବେ ଏପରି ହୋଇ ନ ଥିଲା ବୋଲି ରବିବାର ଉଦ୍ଧବ ଗୋଷ୍ଠୀର ନେତା ତଥା ରାଜ୍ୟ ସଭା ସଦସ୍ୟ ସଞ୍ଜୟ ରାଉତ ସାଂଘାତିକ ଅଭିଯୋଗ ଆଣିଛନ୍ତି। ସଞ୍ଜୟଙ୍କ ମନ୍ତବ୍ୟ କେବଳ ମହାରାଷ୍ଟ୍ର ନୁହେଁ, ଜାତୀୟ ରାଜନୀତିରେ ମଧ୍ୟ ଆଲୋଡ଼ନ ସୃଷ୍ଟି କରିଛି। ଅନ୍ୟପକ୍ଷେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବିର ଏବଂ ଭାଜପା ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି।

୨୦୨୨ ଜୁନ୍ ୨୯ରେ ମହାରାଷ୍ଟ୍ରରେ କ୍ଷମତାସୀନ ଶିବସେନାରେ କ୍ୟାବିନେଟ ମନ୍ତ୍ରୀ ଏକନାଥ ଶିନ୍ଦେ ବିଦ୍ରୋହୀ ସାଜି ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ସଂଖ୍ୟାଧିକ ବିଧାୟକଙ୍କୁ ନିଜ ପଟକୁ ଟାଣିନେବାରୁ ଶାସକ ଦଳ ଦୁଇଭାଗ ହୋଇଯାଇଥିଲା। ଫଳରେ ୩୧ ମାସିଆ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସରକାରର ପତନ ଘଟିଥିଲା। ନିଜକୁ ପ୍ରକୃତ ଶିବସେନା ଦାବି କରୁଥିବା ଶିନ୍ଦେ ଗୋଷ୍ଠୀ ଏବଂ ଉଦ୍ଧବ ବାଲାସାହେବ ଠାକ୍‌ରେ (ୟୁଟିବି) ଗୋଷ୍ଠୀ ମଧ୍ୟରେ ☞ପୃଷ୍ଠା-୪

# ଦ୍ୱିତୀୟ ଟେଷ୍ଟ ଜିତିଲା ଭାରତ



ରବୀନ୍ଦ୍ର ଜାଡେଜା

**ନୂଆଦିଲ୍ଲୀ,୧୯।୨(ପି.ଟି)**

ଅଷ୍ଟ୍ରେଲିଆକୁ ୬ ଉଇକେଟରେ ପରାସ୍ତ କରିବା ସହିତ ବର୍ଡର-ଗାଭାସ୍କର ସିରିଜରେ ୨-୦ରେ ଆଗୁଆ ରହିଛି ଭାରତ। ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜାଙ୍କ ୭ ଉଇକେଟ ସଫଳତା ବଳରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ମାତ୍ର ୧୧୩ ରନରେ ସୀମିତ ରହିଥିଲା। ପ୍ରଥମ ଇନିଂସରେ ୧ ରନରେ ପଛୁଆ ଥିବା ଭାରତକୁ ବିଜୟ ପାଇଁ ୧୧୫ ରନ୍ ଆବଶ୍ୟକ ଥିବା ବେଳେ ଦଳ ୪ ଉଇକେଟ ହରାଇ ବିଜୟୀ ହୋଇଥିଲା। ଚେତେଶ୍ୱର ପୂଜାରା ୩୧* ଓ ରୋହିତ ଶର୍ମା ୩୧ ରନ୍ କରିଥିଲେ। ସିରିଜର ପରବର୍ତ୍ତୀ ମ୍ୟାଚ ମାର୍ଚ୍ଚ ୧ ତାରିଖରେ ଇନ୍ଦୋରରେ ଖେଳାଯିବ।

(ବିସ୍ତୃତ ରିପୋର୍ଟ ଖେଳ ପୃଷ୍ଠାରେ)

**ଆଜିର ସମ୍ପାଦକୀୟ**

**କୁଜି ସୁପରପାୱାର**

# ବାହାଘରରେ ଟଙ୍କା ଉଡ଼ାଇଲେ ଭାଜପା ନେତା

**ମେହସନା, ୧୯।୨**

ବିବାହକୁ ନେଇ ଅନେକ ସ୍ଥାନରେ ଭିନ୍ନଭିନ୍ନ ରୀତି, ନିୟମ ରହିଛି, ଯାହାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଲୋକେ ବହୁ ଆୟୋଜନ କରିଥାନ୍ତି। କନିଆ ଘରକୁ ବରଯାତ୍ରୀ ଶୋଭାଯାତ୍ରା ବାହାରିବା ସମୟରେ ସେମାନଙ୍କ ଉପରକୁ ଟଙ୍କା ଫିଙ୍ଗାଯିବାର ପରମ୍ପରା ବିଶେଷକରି ଗୁଜରାଟରେ ଦେଖିବାକୁ ମିଳିଥାଏ। ନିଜ ପୁତୁରା ବାହାଘରରେ ଟଙ୍କା ବର୍ଷା କରି ଗୁଜରାଟ ମେହସନା ଜିଲା ଅଗୋଲ ଗ୍ରାମର ପୂର୍ବତନ ସରପଞ୍ଚ କରିମ ଯାଦବ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଭାଜପା ନେତା କରିମଙ୍କ ପୁତୁରା ରାଜାକଙ୍କ ବାହାଘର ନିକଟରେ ଶେଷ ହୋଇଛି। ବାହାଘର ଦିନ ରାଜାକ ଯେତେବେଳେ ବରଯାତ୍ରୀ ଧରି ଘରୁ ବାହାରନ୍ତି ସେ ସମୟରେ କରିମ ଛାତ ଉପରେ ରହି ୫୦୦ ଟଙ୍କିଆ ନୋଟ୍ ତଳେ ରୁଣ୍ଡ ହୋଇଥିବା ଲୋକଙ୍କ ଉପରକୁ ଫିଙ୍ଗିଥିଲେ। ଖାଲି କରିମ ନୁହନ୍ତି, ତାଙ୍କ ପରିବାରର ବହୁ ସଦସ୍ୟ ଛାତରେ ଛିଡ଼ା ହୋଇ ଟଙ୍କା ବର୍ଷା କରୁଥିବାର ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ଏତେମାତ୍ରାରେ ଟଙ୍କା ଉଡ଼ାଉଥିବା ଦେଖି ଗାଁର ଅନେକ ଲୋକ କରିମଙ୍କ ଘର ଆଗରେ ଜମା ହୋଇଥିଲେ। ତଳେ ପଡ଼ୁଥିବା ଟଙ୍କା ନେବା ପାଇଁ ☞ପୃଷ୍ଠା-୪









# ବଜେଟ ଅଧିବେଶନ ପୂର୍ବରୁ ସବୁ ଦଳର ଚାଲିଛି ରଣନୀତି

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

- ଆଜି ବସିବ ସର୍ବଦଳୀୟ ବୈଠକ
- ୨୦ରେ ଭାଜପାର, ୨୧ରେ କଂଗ୍ରେସ, ବିଜେଡି ବିଧାୟକ ଦଳ ବୈଠକ
- ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡ ଘଟଣା ହେବ ବିରୋଧୀଙ୍କ ମୁଖ୍ୟ ପ୍ରସଙ୍ଗ
- କେନ୍ଦ୍ର ସରକାରଙ୍କ ରାଜ୍ୟ ବିରୋଧୀ ଆଭିମୁଖ୍ୟ ନେଇ ଘେରିବ ଶାସକ ବିଜେଡି

ରାଜ୍ୟ ସରକାର ୨୦୨୩-୨୪ ବର୍ଷ ପାଇଁ ବଜେଟ ଅଧିବେଶନ ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟରେ ଚାଲିବାକୁ ଥିବା ଏହି ଅଧିବେଶନରେ ଶାସକ ଦଳକୁ ଘେରିବା ଲାଗି ବିରୋଧୀ ନିଜର ରଣନୀତି ସଜାଡୁଛନ୍ତି। ତେବେ ଗୃହ ଭଲରେ କିପରି ଚାଲିବ ସେ ନେଇ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ସୋମବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ଏଥିରେ ଗୃହକୁ ସୁରୁଖୁରୁରେ ଚଳାଇବାକୁ ଦେବା ପାଇଁ ବାଚସ୍ପତି ସବୁ ଦଳର ସହଯୋଗ ଲୋଡ଼ିବେ। ଅପରପକ୍ଷରେ ରାଜ୍ୟର ସବୁଠାରୁ ବଡ ଚର୍ଚ୍ଚିତ ଘଟଣା ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡ ପ୍ରସଙ୍ଗ ଏବଂ ଆଇନଶୃଙ୍ଖଳା ସ୍ଥିତି କଥାକୁ ନେଇ ବିରୋଧୀ ସରକାରଙ୍କୁ ଘେରିବା ଲାଗି ସବୁ ପ୍ରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ତେବେ କେଉଁ ପ୍ରସଙ୍ଗକୁ ମୂଳତଃ ଗୃହରେ ଉପସ୍ଥାପନା କରାଯିବ ସେ ନେଇ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ନିଆଯିବ। ଭାଜପା ବିଧାୟକ ଦଳ ବୈଠକ ସୋମବାର ଅପରାହ୍ନ ୪ଟା ସମୟରେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏବଂ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଏଥିରେ କେଉଁସବୁ ପ୍ରସଙ୍ଗକୁ ମୁଖ୍ୟତଃ ଆଧାର କରି ଦଳ ଶାସକ ଦଳକୁ ଘେରିବ ସେନେଇ ଯୋଜନା କରିବ। ଏହାରି ଭିତରେ ନବ ଦାସ ହତ୍ୟାକାଣ୍ଡ ଘଟଣା ସାଙ୍ଗକୁ ଏହି ପ୍ରସଙ୍ଗରେ ବିରୋଧ ପ୍ରଦର୍ଶନ ସମୟରେ ବିରୋଧୀ ଦଳ ନେତା ଏବଂ ଜଣେ ମହିଳା ଆଇଆଇସିଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ମୁହାଁମୁହିଁ ସ୍ଥିତି ସାଙ୍ଗକୁ ଅରୂପ ପଟ୍ଟନାୟକ ଜୟନାରାୟଣଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟ ଏବଂ ତିର୍ତ୍ତୋଲ ବିଧାୟକଙ୍କ ବିରୋଧରେ ତାଙ୍କ ବାନ୍ଧବୀଙ୍କ ଅଭିଯୋଗକୁ ଜୋର୍‌ଦାର ଭାବେ ଉଠାଇ ଶାସକ ଦଳକୁ ଭାଜପା ଟାର୍ଗେଟ କରିବାକୁ ଯୋଜନା କରୁଛି। ତେବେ ଏହାରି ଭିତରେ କଂଗ୍ରେସ ବିଧାୟକ ଦଳ ବୈଠକ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। କଂଗ୍ରେସ ମଧ୍ୟ ଚାଷୀ ପ୍ରସଙ୍ଗ, ଆଇନଶୃଙ୍ଖଳା ପରିସ୍ଥିତି କଥାକୁ ଧରି ଶାସକ ଦଳକୁ ଟାର୍ଗେଟ କରିବାକୁ ଯୋଜନା କରିଛି। ତେବେ ଶାସକ ଦଳ ମଧ୍ୟ କେନ୍ଦ୍ର ବିରୋଧୀ ଆଭିମୁଖ୍ୟକୁ ଜୋରଦାର କରିବାକୁ ଲକ୍ଷ୍ୟ ରଖିଛି। କେନ୍ଦ୍ର ସରକାର ଚାଉଳ ଯେତିକି ଉଠାଇବା କଥା ସେହି ଧାର୍ଯ୍ୟ କମାଇ ଦେବା, କୋଭିଡ୍ ସମୟରୁ ଦେଉଥିବା ମାଗଣା ୫ କେଜି ଚାଉଳ ଦେବା ବନ୍ଦ କରିଦେବା ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗୁ ଉଠାଇ ବିରୋଧୀଙ୍କୁ ଟାର୍ଗେଟ କରିବାକୁ ଯୋଜନା କରୁଛି। ତେବେ ଏନେଇ ଆସନ୍ତା ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ହେବ ବୋଲି ଦଳର ଜଣେ ବିଧାୟକ ସୂଚନା ଦେଇଛନ୍ତି।

# ମାର୍ଚ୍ଚ ୧୫ରେ ଡ୍ରାଇଭରଙ୍କ ରାଜ୍ୟବ୍ୟାପୀ ଆନ୍ଦୋଳନ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

ଆସନ୍ତା ମାର୍ଚ୍ଚ ୧୫ରୁ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇବେ ଡ୍ରାଇଭର। ୮ଦଫା ଦାବି ନେଇ ଡ୍ରାଇଭର ଏକତା ମହାମଞ୍ଚ ଓଡ଼ିଶା ସଂଘର ଆହ୍ୱାନକ୍ରମେ ଡ୍ରାଇଭରମାନେ ଷ୍ଟିୟରିଂ ଛାଡ଼ି ପରିବହନ ବନ୍ଦକରି ଚକାଜାମ କରିବେ। ସ୍ମାର୍ଟ ସିଟି ଅଟୋ ଆସୋସିଏଶନ, ଓଡିଶା ମୋଟର ଚାଳକ ସଂଘ ଏବଂ ଓଡିଶା ପରିବହନ ଚାଳକ ସଂଘ ସମେତ ୧୦ ଡ୍ରାଇଭର ସଂଘ ଏହି ଆନ୍ଦୋଳନରେ ସାମିଲ ହେବେ। ଏହି ଆନ୍ଦୋଳନକୁ ସମର୍ଥନ କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଥିବା ସମସ୍ତ ଆସୋସିଏଶନକୁ ନେଇ ମହାମଞ୍ଚ ପକ୍ଷରୁ ରବିବାର ଭୁବନେଶ୍ୱରର ହ୍ୟାଲୋ ଗାର୍ଡେନ ମଣ୍ଡପଠାରେ ଆୟୋଜିତ




ଖବରଦାତା ସମ୍ମିଳନୀରେ ମହାସଂଘ କର୍ମକର୍ତ୍ତା ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଉଛନ୍ତି।

ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଡ୍ରାଇଭର ସଂଘ ସେମାନଙ୍କ ଦାବି ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଗତ ଡିସେମ୍ବର ୧୫ ସୁଦ୍ଧା ସମସ୍ତ ସମସ୍ୟାର ସମାଧାନ ହେବ ବୋଲି କହିଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ କିଛି ବି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ଏଥର ଏକ ଦୁର୍ବାର ଆନ୍ଦୋଳନ ହେବ ଓ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ମହାମଞ୍ଚ ସଭାପତି ପ୍ରଶାନ୍ତ ମୁଣ୍ଡୁଲି ଚେତାବନୀ ଦେଇଛନ୍ତି।




# ଆଜିଠାରୁ ଆଦିବାସୀ ମେଳା

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ସୋମବାରଠାରୁ ଆରମ୍ଭ ହେବ ଆଦିବାସୀ ମେଳା। ଭୁବନେଶ୍ୱରର ୟୁନିଟ୍-୧ ଆଦିବାସୀ ପଡ଼ିଆରେ ଏହା ମାର୍ଚ୍ଚ ୧ ପର୍ଯ୍ୟନ୍ତ ଚାଲିବ। ଓର୍‌ମାସ୍, ଦି ଇଣ୍ଟେଗ୍ରେଟେଡ୍ ଟ୍ରାଇବାଲ୍ ଡେଭେଲପ୍‌ମେଣ୍ଟ ଏଜେନ୍ସି ଓ ଆଦିବାସୀ ଉନ୍ନୟନ ସମନ୍ୱୟ ନିଗମ ପକ୍ଷରୁ ୧୦ଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ୧୦୦ଟି ଷ୍ଟଲ ପଡ଼ିବ। ସେଥିରୁ ୮୦ଟି ଷ୍ଟଲ୍‌ରେ ଆଦିବାସୀଙ୍କ ସାମଗ୍ରୀ ପ୍ରଦର୍ଶିତ ହେବ। ଏହାବାଦ୍ ଆଦିବାସୀ ଗାଁ, ଘର ସହ କଳା ଓ ସଂସ୍କୃତି ଆକର୍ଷଣ ସାଜିବ। ରାଜ୍ୟ ତଥା ବାହା ରାଜ୍ୟରୁ ଆଦିବାସୀ କଳାକାର ଯୋଗଦେବେ। ଜଙ୍ଗଲ ଓ କୃଷିଜାତ ଦ୍ରବ୍ୟ ସହ ଆଦିବାସୀଙ୍କ ହାତ ତିଆରି ବିଭିନ୍ନ ସାମଗ୍ରୀ ଦେଖିବାକୁ ମିଳିବ। ଏହା ପ୍ରତିଦିନ ଅପରାହ୍ନ ୩ଟା ୩୦ରୁ ଆରମ୍ଭ ହୋଇ ରାତି ୯ଟା ୩୦ ପର୍ଯ୍ୟନ୍ତ ଚାଲିବ।



ଭୁବନେଶ୍ୱରର ୟୁନିଟ୍-୧ ଆଦିବାସୀ ପଡ଼ିଆରେ ସୋମବାରଠାରୁ ଆରମ୍ଭ ହେବାକୁ ଥିବା ଆଦିବାସୀ ମେଳାରେ ଏକ ଘର ତିଆରି ଚାଲିଛି।

# ଜେଇଇ ମେନ୍ -୨: ମାର୍ଚ୍ଚ ୧୨ରେ ସରିବ ଆବେଦନ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଜେଇଇ ମେନ୍ ୨୦୨୩ର ଦ୍ୱିତୀୟ ସେସନ ବା ସେସନ-୨ ଏପ୍ରିଲ ୬ରୁ ୧୨ ମଧ୍ୟରେ ଅନୁଷ୍ଠିତ ହେବ। ଭାରତ ସମେତ ଦେଶ ବାହାରର ୧୭ ସହରରେ ପରୀକ୍ଷା କେନ୍ଦ୍ର ରହିବ। ଏଥିପାଇଁ ପଞ୍ଜୀକରଣ ଆରମ୍ଭ ହୋଇଥିବାବେଳେ ମାର୍ଚ୍ଚ ୧୨ରେ ଏହି ଆବେଦନ ପ୍ରକ୍ରିୟା ଶେଷ ହେବ। ତେବେ କେବେ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହେବ ଓ କେବେ ରେଜଲ୍ଟ ପ୍ରକାଶ ପାଇବ ସେନେଇ ଖୁବ୍‌ଶୀଘ୍ର ଜେଇଇ ମେନ୍ ପୋର୍ଟାଲରେ ସୂଚନା ଦିଆଯିବ ବୋଲି ଏନ୍‌ଟିଏର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଜେଇଇ ମେନ୍ ସେସନ-୧ରେ ରେକର୍ଡ ସଂଖ୍ୟକ ୯୫.୮୦% ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷା ଇଂଲିଶ, ହିନ୍ଦୀ, ଓଡ଼ିଆ ସମେତ ୧୩ଟି ଭାଷାରେ ଅନୁଷ୍ଠିତ ହୋଇଥିଲା। ଗତ ୭ ତାରିଖରେ ଏହାର ରେଜଲ୍ଟ ପ୍ରକାଶ ପାଇଥିଲା। ଏଥିରେ ୨୦ଜଣ ଛାତ୍ରୀଛାତ୍ର ୧୦୦ ପର୍ସେଣ୍ଟାଇଲ ସ୍କୋର୍ ରଖିଥିଲେ। ତେବେ ସେସନ-୨ ପରୀକ୍ଷା ସରିବା ପରେ ଦୁଇଟି ସେସନର ସ୍କୋର୍‌କୁ ଆଧାର କରି ରେଜଲ୍ଟ ପ୍ରକାଶ କରାଯିବ। ଏହି ରେଜଲ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୨.୬ ଲକ୍ଷ ଛାତ୍ରୀଛାତ୍ର ଜେଇଇ ଆଡଭାନ୍ସଡ୍ ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହେବେ। ଜେଇଇ ଆଡଭାନ୍ସଡ୍‌ରେ ଯେଉଁମାନେ ମନୋନୀତ ହେବେ ସେମାନେ ଦେଶର ୨୩ଟି ଆଇଆଇଟିରେ ଇଞ୍ଜିନିୟରିଂ ନାମ ଲେଖାଇପାରିବେ।

# ଏନ୍‌ଇଇଟି ପିଜି: ଆଜି ସରିବ ଆବେଦନ ସଂଶୋଧନ ପ୍ରକ୍ରିୟା

ଭୁବନେଶ୍ୱର, ୧୯।୨(ବ୍ୟୁରୋ): ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ହେଉଥିବା ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ ବା ଏନ୍‌ଇଇଟି ପିଜି ୨୦୨୩ ପ୍ରବେଶିକା ପରୀକ୍ଷା ମାର୍ଚ୍ଚ ୫ରେ ଅନୁଷ୍ଠିତ ହେବ। ନ୍ୟାଶନାଲ ବୋର୍ଡ ଅଫ୍ ଏକ୍‌ଜାମିନେଶନ(ଏନ୍‌ବିଇ) ଦ୍ୱାରା ପରିଚାଳିତ ଏହି ପରୀକ୍ଷା ପାଇଁ ଜାନୁୟାରୀ ୭ରୁ ୨୭ ତାରିଖ ମଧ୍ୟରେ ଛାତ୍ରୀଛାତ୍ର ଆବେଦନ କରିଥିଲେ। ଏବେ ଛାତ୍ରୀଛାତ୍ରଙ୍କୁ ଆବେଦନ ଫର୍ମରେ ଏଡିଟ୍ ବା ସଂଶୋଧନ କରିବା ପାଇଁ ସୁଯୋଗ ଦିଆଯାଇଛି। ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି ସଂଶୋଧନ ପ୍ରକ୍ରିୟା ୨୦ ତାରିଖରେ ଶେଷ ହେବ। ସୋମବାର ରାତି ୧୧ଟା ୫୫ ମଧ୍ୟରେ ଏନ୍‌ବିଇର ଅଫିସିଆଲ ୱେବ୍‌ସାଇଟ୍ natboard.edu.inକୁ ଯାଇ ଛାତ୍ରୀଛାତ୍ର ନିଜ ଆବେଦନ ଫର୍ମରେ ଆବଶ୍ୟକ ଏଡିଟ୍ କରିପାରିବେ। ଏହାପରେ ସେମାନଙ୍କୁ ଆଉ ସୁଯୋଗ ଦିଆଯିବ ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ, ମାର୍ଚ୍ଚ ୫ରେ ହେବାକୁ ଥିବା ଏନ୍‌ଇଇଟି ପିଜି ୨୦୨୩କୁ ସ୍ଥଗିତ ରଖିବା ପାଇଁ ବହୁ ଛାତ୍ରୀଛାତ୍ର ଓ ବିଶେଷଜ୍ଞମାନେ ଦାବିକରି ଆସୁଛନ୍ତି।

# ଭିନ୍ନକ୍ଷମ ପୁଅକୁ ହତ୍ୟା

## ସମ୍ପତ୍ତି ଲୋଭରେ ସାବତ ମା' ବିଷ ପିଆଇ ଦେଲେ

ନୟାଗଡ଼ ଅଫିସ/ଦଶପଲ୍ଲା, ୧୯।୨(ଡି.ଏନ୍.ଏ.)

ନୟାଗଡ ଜିଲା ଦଶପଲ୍ଲା ଥାନା ଶିମିଳିସାହି ଗାଁରେ ଜଣେ ଭିନ୍ନକ୍ଷମ ଯୁବକଙ୍କୁ ତାଙ୍କ ସାବତ ମା' ସମ୍ପତ୍ତି ଲୋଭରେ ମାଡ଼ ମାରିବା ସହ ବିଷ ପିଆଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏପରି କି ବିଷ ଖାଇଛି ଦର୍ଶାଇ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରାଯାଇଛି ବୋଲି ମୃତ ଯୁବକଙ୍କ ମାଇଁ କହିଥିଲେ ମଧ୍ୟ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

ମୃତ ଯୁବକଙ୍କୁ ହତ୍ୟା କରାଯାଇଥିବା ତାଙ୍କ ମାମୁ, ମାଇଁ, ପିଇସା, ସମ୍ପର୍କୀୟ ଭାଇ ଏବଂ କେତେଜଣ ଗାଁ ଲୋକ କହିଛନ୍ତି। ସେମାନଙ୍କ ସୂଚନା ଅନୁଯାୟୀ, ମୃତ ଭିନ୍ନକ୍ଷମ ଯୁବକ ଓ ତାଙ୍କ ବଡ଼ ଭାଇଙ୍କୁ ଯଥାକ୍ରମେ ୮ ଓ ୧୦ ବର୍ଷ ହୋଇଥିବାବେଳେ ସେମାନଙ୍କ ମା'ଙ୍କ ପରଲୋକ ଘଟିଥିଲା। ଏହାପରେ ବାପା ଦ୍ୱିତୀୟ ବିବାହ କରିଥିଲେ। ଏହାପରେ ସାବତ ମା' ଦୁଇ ପୁଅଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏପରି କି ସେମାନଙ୍କୁ ଖାଇବାକୁ ଦେଇ ନ ଥିଲେ। ବାପା ସବୁ ଜାଣି ଚୁପଚାପ ରହୁଥିଲେ। କିଛି ଦିନ ଏପରି ଚାଲିବା ପରେ ବଡ଼ ପୁଅ ଆତ୍ମହତ୍ୟା କରିଥିଲେ। ଏନେଇ ଗାଁରେ ଚାରିଆଡ଼େ ନିନ୍ଦା କରାଯିବା ସତ୍ତ୍ୱେ ସାବତ ମା' ଓ ବାପା ମଧ୍ୟ ବଦଳି ନ ଥିଲେ। ନାନା ନିର୍ଯାତନା ଭିତରେ ଭିନ୍ନକ୍ଷମ ପୁଅ ବଡ଼ ହୋଇଥିଲେ। ସେ ଭିନ୍ନକ୍ଷମ ସତ୍ତ୍ୱେ ଅଟୋ ଚଳାଇ ରୋଜଗାର କରୁଥିଲେ। ବିବାହ କରିବାକୁ ସେ ମାମୁଁ ମାଇଁ, ବାପା ଓ ସାବତ ମା'ଙ୍କୁ କହିଥିଲେ। ମାମୁ, ମାଇଁ ବିବାହକୁ ହଁ କରିଥିଲେ। କିନ୍ତୁ ସାବତ ମା' ଏହାକୁ ବିରୋଧ କରି ୫ ବର୍ଷ ପରେ ବିବାହ କରିବାକୁ କହିଥିଲେ। ସାବତ ମା' ତାଙ୍କର ଦୁଇ ସନ୍ତାନ ସମ୍ପତ୍ତି ପାଇବାରେ ଅସୁବିଧା ହେବ ଜାଣି ବିବାହ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ଏହାପରେ ଭିନ୍ନକ୍ଷମ ଯୁବକ ତାଙ୍କ ମାମୁ ଘରକୁ ଚାଲି ଯାଇଥିଲେ। ମାମୁ ମାଇଁଙ୍କ ସହ ଝିଅ ଦେଖା ଶେଷ ହୋଇ ବିବାହ ସ୍ଥିର ହୋଇଥିଲା। ହେଲେ ବିବାହ ହେଉଥିବା ଖବର ଶୁଣି ଭିନ୍ନକ୍ଷମ ପୁଅକୁ ଚତୁରତାର ସହ ସାବତ ମା ଓ ବାପା ଘରକୁ ଡକାଇ ନେଇଥିଲେ। ବିବାହ ବାବଦ ଖର୍ଚ୍ଚ ପାଇଁ ଭିନ୍ନକ୍ଷମ ଯୁବକଙ୍କ ମା'ଙ୍କ ନାଁରେ ଥିବା ୩ ଏକର ଜମିରୁ ୧ ଏକର ଜମି ରେଜେଷ୍ଟ୍ରି କରିବାକୁ କହିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାପରେ ଭିନ୍ନକ୍ଷମ ଯୁବକଙ୍କୁ ଘରେ ୪ଦିନ ଅଟକି ରଖାଯାଇଥିଲା। ହେଲେ ଗତ ୧୫ ତାରିଖରେ ତାଙ୍କୁ ମାରପିଟ୍ କରାଯାଇ ବିଷ ପିଆଇ ଦେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତରଖାନା ନେବାବେଳେ ଭିନ୍ନକ୍ଷମ ଯୁବକ ବିଷ ପିଇଥିବା କୁହାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ କଟକ ବଡ଼ ମେଡିକାଲ ଓ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ଭୁବନେଶ୍ୱରରେ ଭିନ୍ନକ୍ଷମ ଯୁବକଙ୍କ ମୃତ୍ୟୁ ହୋଇଥିଲା। ସାବତ ମା' ଓ ବାପା ପୁଅର ମୃତଦେହକୁ ଧରି ଶନିବାର ବିଳମ୍ବିତ ରାତିରେ ଗାଁରେ ପହଞ୍ଚିଥିଲେ। ମୃତଦେହକୁ ସତ୍କାର କରିବାକୁ ଗାଁ ଲୋକ ଓ ସାହି ଭାଇଙ୍କୁ କହିଥିଲେ। ହେଲେ ହତ୍ୟାକାଣ୍ଡ କହି କେହି ମୃତଦେହକୁ ଦାହ କରି ନ ଥିଲେ। ଏହାପରେ ତରବର ହୋଇ ବାପା ଓ ସାବତ ମା'ଙ୍କର ଦୁଇ ପୁଅ ମିଶି ମୃତଦେହ ଦାହ କରିଥିଲେ। ମୃତଦେହ ଦାହ କଥା ଜଣାପଡ଼ିବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ସାବତ ମା' କୁହନ୍ତି, ମୋ ପୁଅକୁ ମୁଁ ହତ୍ୟା କରିନି। ମୋତେ ବଦନାମ କରିବାକୁ ଷଡଯନ୍ତ୍ର କରାଯାଇ ଏଭଳି ଅଭିଯୋଗ ଅଣାଯାଇଛି। ଦଶପଲ୍ଲା ଥାନା ଅଧିକାରୀ ବସନ୍ତ ସାହୁ କୁହନ୍ତି, ହତ୍ୟା କି କ'ଣ ଜଣା ପଡୁନି। ଏନେଇ ଅଭିଯୋଗ ନାହିଁ। ମୃତଦେହ ସତ୍କାର ହୋଇ ସାରିଲାଣି। ଅଭିଯୋଗ ନ ଥିବାରୁ ପଦକ୍ଷେପ ନେଇ ହେଉ ନାହିଁ ବୋଲି ସେ କହିଛନ୍ତି।

# ନବମ ଶ୍ରେଣୀ ମାର୍କ ଅପଲୋଡ୍ ପାଇଁ ଲିଙ୍କ୍ ନାହିଁ

## ବୋର୍ଡ ଖାମଖିଆଲିକୁ ନେଇ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ରାଜ୍ୟର ସମସ୍ତ ମେଣ୍ଟର ସ୍କୁଲଗୁଡ଼ିକ ନବମ ଶ୍ରେଣୀର ଫର୍‌ମେଟିଭ ଆସେସ୍‌ମେଣ୍ଟ(ଏଫ୍‌ଏ) ପରୀକ୍ଷା ଫଳକୁ ଫେବୃୟାରୀ ୧୫ରୁ ୨୨ ମଧ୍ୟରେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ଏକ ଲିଙ୍କ୍‌ରେ ଅପ୍‌ଲୋଡ୍ କରିବା ପାଇଁ କୁହାଯାଇଥିଲା। ଏନେଇ ଗତ ଜାନୁୟାରୀ ୫ରେ ବୋର୍ଡ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜାରି ହୋଇଥିଲା। ଇତିମଧ୍ୟରେ ପରୀକ୍ଷା ସରିଥିବାବେଳେ ବିଦ୍ୟାଳୟଗୁଡ଼ିକ ମୂଲ୍ୟାୟନ ମଧ୍ୟ କରିସାରିଛନ୍ତି। ହେଲେ ବୋର୍ଡର ଅବହେଳା ଓ ଖାମଖିଆଲି ପାଇଁ ଏପର୍ଯ୍ୟନ୍ତ ମାର୍କ ଅପ୍‌ଲୋଡ୍ ହୋଇପାରୁନି। କାରଣ ନିର୍ଦ୍ଧାରିତ ତାରିଖରୁ ୫ଦିନ ବିତିଯାଇଥିଲେ ମଧ୍ୟ ବୋର୍ଡ ମାର୍କ ଅପଲୋଡ୍ ନିମନ୍ତେ ଲିଙ୍କ୍ ପ୍ରଦାନ କରିନାହିଁ। ବୋର୍ଡ ଜାରି କରିଥିବା ବିଜ୍ଞପ୍ତି ଅନୁସାରେ ମାର୍କ ଅପଲୋଡ୍ କରିବା ପାଇଁ ଆଉମାତ୍ର ଦୁଇ ଦିନ ସମୟ ରହିଛି। ସେପଟେ ନବମ ଶ୍ରେଣୀର ଦ୍ୱିତୀୟ ସମ୍ମେଟିଭ ପରୀକ୍ଷା ଆସନ୍ତା ସୋମବାରରୁ ଆରମ୍ଭ ହେଉଛି। ପରୀକ୍ଷା ସରିବା ପରେ ଏହାର ମାର୍କ ମଧ୍ୟ ଅପ୍‌ଲୋଡ୍ କରିବାକୁ ପଡ଼ିବ। ତେଣୁ ଏନେଇ ଶିକ୍ଷୟିତ୍ରୀଶିକ୍ଷକ ତଥା ପ୍ରଧାନଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଏ ସମ୍ପର୍କରେ ନୂତନ ପେନ୍‌ସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି, ବୋର୍ଡ ଏକ ଦାୟିତ୍ୱବାନ ସଂସ୍ଥା। ଏହା ଛାତ୍ରୀଛାତ୍ରଙ୍କ ପରୀକ୍ଷା ପରିଚାଳନାଠାରୁ ଆରମ୍ଭ କରି ମୂଲ୍ୟାୟନ ପର୍ଯ୍ୟନ୍ତ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିଥାଏ। କିନ୍ତୁ ସେ ନିଜେ ଜାରି କରିଥିବା ନିୟମକୁ ନିଜେ ପାଳନ କରିନାହିଁ। ବର୍ତ୍ତମାନ ସମୟ କମ୍ ରହିବ ଏବଂ ଦୁଇ ଦୁଇଟି ପରୀକ୍ଷାର ମାର୍କକୁ ଅପଲୋଡ୍ କରିବାକୁ ହେବ, ଯାହା ବୋଝ ଉପରେ ନଳିତା ବିଡ଼ା ସଦୃଶ ହେବ। ତେଣୁ ମାଧ୍ୟମିକ ଶିକ୍ଷା ପରିଷଦର ଏପରି ଖାମଖିଆଲି ମନୋଭାବ ତଥା କାର୍ଯ୍ୟକୁ ସଂଘ ବିରୋଧ କରୁଛି। ଏଥିସହ ତୁରନ୍ତ ମାର୍କ ଅପଲୋଡ୍ ନିମନ୍ତେ ଲିଙ୍କ୍ ପ୍ରଦାନ କରିବା ଏବଂ ମାର୍କ ଅପଲୋଡ୍ ସମୟକୁ ଆଉ କିଛିଦିନ ବୃଦ୍ଧି କରିବାକୁ ଏକ ସଂଘ ସଭାପତି ଦାବି ଜଣାଇଛନ୍ତି।





72198 21111 | BAJAJ FINANCE LTD - AF | BAJAJ SECURE • AMC • ROAD SIDE ASSISTANCE

#ପଲ୍‌ସର୍ 125 Neon Disc ସିଙ୍ଗଲ୍ ସୀଟ୍ ଭେରିଆଣ୍ଟ ର ଏକ୍ସ-ଶୋରୁମ୍ ମୂଲ୍ୟ *ପଲ୍‌ସର୍ 125 Neon Disc ସିଙ୍ଗଲ୍ ସୀଟ୍ ଭେରିଆଣ୍ଟ ପାଇଁ ଡାଉନ୍ ପେମେଣ୍ଟ। ଡାଉନ୍ ପେମେଣ୍ଟ ରେ ପ୍ରୋସେସିଙ୍ଗ ଫୀସ୍ ଓ ଅନ୍ୟାନ୍ୟ ଚାର୍ଜେସ୍ ମିଶି ନାହିଁ ଏବଂ ତାହା କ୍ରେଡିଟ୍ ପାରାମିଟର୍‌ସ ପୂରଣ ଅଧୀନ ଅଟେ। ଫାଇନାନ୍‌ସିଅର୍‌ଙ୍କ ନିଜସ୍ୱ ନିର୍ଣ୍ଣୟ ଉପରେ ଫାଇନାନ୍‌ସ ନିର୍ଭର କରେ। ବଜାଜ ଅଟୋ ବିନା ଅଗ୍ରୀମ୍ ସୂଚନାରେ ଯେକୌଣସି ବା ସବୁ ଅଫର୍‌କୁ ରଦ୍ଦ କରିବାର ଅଧିକାର ରଖୁଛି। ପ୍ରଦର୍ଶିତ ଷ୍ଟଣ୍ଟସ, ଏକ୍ସପର୍ଟଙ୍କ ଦ୍ୱାରା ପ୍ରୋଫେଶନାଲ୍ ସୁପର୍‌ଭିଜନ୍ ଅନ୍ତର୍ଗତ, ସାଧାରଣ ଜନତା ବା ସାଧାରଣ ରାସ୍ତା ଠାରୁ ଅନ୍ୟତ୍ର ନିୟନ୍ତ୍ରିତ ଓ ବନ୍ଦ ସୀମିତ ପରିବେଶରେ କରାଯାଇଛି। ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ। ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମ ପାଳନ କରନ୍ତୁ। ଏଏମ୍‌ସି ବିଶେଷ ମଡେଲ୍‌ସ ଆଉ ବିଶେଷ ପ୍ରଦେଶ ମାନଙ୍କରେ ଉପଲବ୍ଧ। ଅଧିକ ବିବରଣୀ ପାଇଁ ବଜାଜ ଡୀଲର୍‌ଙ୍କୁ ସମ୍ପର୍କ କରନ୍ତୁ। ରୋଡ୍ ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଅନ୍ତର୍ଭୁକ୍ତ ଅଟେ।

**Authorised Dealers for BAJAJ Auto Ltd.: Bhubaneswar: Lewis Road** VINAYAK BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Balugaon** BHARAT BAJAJ 7381099441 • **Cuttack: Badambadi SURAJ BAJAJ 8093066603** • **Rahama** MAITREE BAJAJ 9668801781, **Nayagarh MSB BAJAJ 7790048130** • **Rajsunakhala MSB BAJAJ 9668820967** • **Daspalla MSB BAJAJ 7873925390** • **Phulbani MSB BAJAJ 8917341979** • **Keonjhar JR BAJAJ 9937697094 / 9439008692**• **Angul** JAMUNA BAJAJ 7682899351 • **Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Chandikhole** TARINI BAJAJ 9937310800. **Authorised Service Centre: Balianta 7978570067**, **Balipatna** 9861061389, **Khurda** 9937785586 **Jatni** 8339062656, **Ersama** 8018800801, **Jagamara 9777042612, Sundarpada 9777042612, Iginia** 7064422415, **Rasulgad** 9937284842, **Nimapada 9437030368, Charichak 9658078583, Kaktpur 9776125534,, Tangi** 8984562569, **Phulnakhara 9437410737, Niali 9437511829, Choudwar 7735864350, Salepur** 9040452661, **Jagatsinghpur** 9437273939, **Balikuda 9777683351, JajpurTown** 9937888777, **Bhuban 9438570111, Rasol 9938656276/9937513419, Kuakhia** 9937312014, **Chhatia** 9040084846, **Kamakhayanagar 9437079287, Barbil** 9437086335, **Jashipur 9437443161/8117041821. Dhenkikote** 9437598479 **Turmunga** 9937428333, **Karanjia** 7504810975, **Udala** 9337004355/56. **Pallahara** 9178494430, **Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 7077746576, Athgarh** 9937289417, **Bidharpur** 7008503281, **Banki** 8895278126, **Rambha** 7381099445. **Narsinghpur** 7978288573, **Badamba 9937643504 Adaspur** 9439735529, **Pattamundai** 7064987720, **Balikuda** 9861130954, **Kendrapara** 7008576945, **Nischintakoili** 8917622159

**ଆଜିର ମନ୍ତବ୍ୟ**

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପ୍ରଧାନମନ୍ତ୍ରୀ ହେବା ଇଚ୍ଛା କେବେ ପୂରା ହୋଇପାରିବ ନାହିଁ। କାରଣ ଦେଶବାସୀଙ୍କ ବିଶ୍ୱାସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ନେତୃତ୍ୱ ଉପରେ ରହିଛି।

–ରବି ଶଙ୍କର ପ୍ରସାଦ, ଭାଜପା ନେତା

## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଉଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପଣା ଗାଁ ମଶାଣି,**
**ପର ଗାଁ ପାଣି ।**

ଜାତିଭାଇ ତଥା ଆତ୍ମୀୟ ପରିଜନଙ୍କ ଶବଦାହ କରାହୋଇଥିବା ହେତୁ ନିଜ ଗାଁ ମଶାଣି ପ୍ରତି ସଭିଙ୍କ ମନରେ ଏକ ଅଜଣା ଭୟ ସୃଷ୍ଟି ହୋଇଥାଏ। ସେହିପରି ପର ଗାଁ ନାଳ ପୋଖରୀର ଗଭୀରତା ପ୍ରତି ବ୍ୟକ୍ତି ସେତେଟା ପରିଚିତ ବା ଅଭ୍ୟସ୍ତ ହୋଇ ନ ଥାଏ। ଫଳସ୍ୱରୂପ ମନରେ ନାନା ଆଶଙ୍କା ବା ଭୟ ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆରେ ଲଣ୍ଡା,**
**ମୋ ଭାତ ଖାଇ ମୋତେ ଖଣ୍ଡା ।**

ଯିଏ ଯାହାକୁ ପାଳିପୋଷି ମଣିଷ କରିଥାଏ ତା'ପ୍ରତି ମନରେ ଏକପ୍ରକାର ଦରଦଭାବ ରହିଥାଏ। ଏପରିସ୍ଥଳେ ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କ ପ୍ରତି ବେଇମାନି ପ୍ରଦର୍ଶନ କରିବା ଉଚିତ ହୋଇ ନ ଥାଏ। ପାଳିପୋଷି ମଣିଷ କରିଥିବା ବ୍ୟକ୍ତିଙ୍କ ପ୍ରତି କୃତଘ୍ନତା ପ୍ରକାଶ କରିବା ସମାଜ ଆଖିରେ ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଉଗଡମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପୁରୁବାଇ କନ୍ୟାଶ୍ରମରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

## ଅନ୍ତେବାସୀଙ୍କ ମୃତ୍ୟୁ ଘଟଣା

- ଆଇସିୟୁରେ ୨ ଭର୍ତ୍ତି
- ପରୀକ୍ଷା ଲାଗି ପଠାଗଲା ରକ୍ତନମୁନା

ସୋର,୧୯।୨(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ସୋର ମ୍ୟୁନିସିପାଲିଟି ଅଧୀନ ପୁରୁବାଇ କନ୍ୟାଶ୍ରମରେ ଅଜଣା ରୋଗରେ ଜଣେ ଅନ୍ତେବାସୀଙ୍କ ମୃତ୍ୟୁ ହେବା ପରେ ସ୍ୱାସ୍ଥ୍ୟବିଭାଗ ତତ୍ପରତା ପ୍ରକାଶ କରିଛି। ରବିବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ନିରଞ୍ଜନ ମିଶ୍ର, ସିଡବ୍ଲ୍ୟୁସି ସଦସ୍ୟା ଗୌରୀରାଣୀ ଉପାଧ୍ୟାୟଙ୍କ ସହ ବିଭାଗୀୟ ଅଧିକାରୀ କନ୍ୟାଶ୍ରମ ଓ ଡାକ୍ତରଖାନା ପରିଦର୍ଶନ କରି ଘଟଣାର ତଦନ୍ତ ସହ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏଥିସହ ସମସ୍ତ ଅନ୍ତେବାସିନୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ କଟକ ଏସ୍‌ସିବିକୁ ପଠାଯାଇଛି। ଜ୍ୱରରେ ପୀଡିତ ଆଶ୍ରମର ଅନ୍ୟ ଅନ୍ତେବାସିନୀଙ୍କ ସହ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା କନ୍ୟାଶ୍ରମ ପରିଚାଳିକା ସୁମତି ମହାନ୍ତି କହିଛନ୍ତି। ଗତ ୧୭ତାରିଖରେ ଅଜଣା ଜ୍ୱରରେ ଆକ୍ରାନ୍ତ ଥିବା ୩ଜଣଙ୍କୁ ସଂକଟାପନ୍ନ ଅବସ୍ଥାରେ ପ୍ରଥମେ ସୋର ଡାକ୍ତରଖାନା ଓ ପରେ ବାଲେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ଅନ୍ତେବାସିନୀଙ୍କ ମୃତ୍ୟୁ ହୋଇଥିଲା। ଏବେ ୨ଜଣ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ଶନିବାର ଅପରାହ୍ନରେ ଆଉ ୨୪ଜଣଙ୍କୁ ଅସୁସ୍ଥ ଅବସ୍ଥାରେ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ସେମାନଙ୍କ ଚିକିତ୍ସା କରୁଛନ୍ତି। ଏବେ ସମସ୍ତ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଡାକ୍ତରଖାନା ଅଧୀକ୍ଷକ ଡ. ସତ୍ୟନାରାୟଣ ନାୟକ କହିଛନ୍ତି।



ସୋର ଡାକ୍ତରଖାନାରେ ସ୍ୱାସ୍ଥ୍ୟ ଅଧିକାରୀ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି।

# 'ଅନୁଦାନ ନ ଦେଲେ ରାସ୍ତାକୁ ଓହ୍ଲାଇବୁ'




ବୈଠକରେ ଯୋଗଦେଇଥିବା ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ।

ଖୋର୍ଦ୍ଧା ଅଫିସ,୧୯।୨

**ବେସରକାରୀ ଅନୁଦାନ ଓ ଅଣଅନୁଦାନପ୍ରାପ୍ତ କଲେଜ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ**

ବେସରକାରୀ ଅନୁଦାନ ଏବଂ ଅଣଅନୁଦାନପ୍ରାପ୍ତ କଲେଜ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରବିବାର ଖୋର୍ଦ୍ଧାଠାରେ ଅନୁଷ୍ଠିତ ହୋଇଯାଇଛି। ତୁରନ୍ତ ସରକାର ଅନୁଦାନ ନ ଦେଲେ ରାସ୍ତାକୁ ଓହ୍ଲାଇବେ ବୋଲି ସଂଘର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। କର୍ମକର୍ତ୍ତାମାନେ କହିଛନ୍ତି, ୨୦୦୮ରୁ ୨୦୧୩ ମସିହା ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିୟୋଜିତ କର୍ମଚାରୀ, ଅଧ୍ୟାପିକା ଅଧ୍ୟାପକମାନେ ସ୍ୱଳ୍ପ ବେତନରେ କାମ କରିଆସୁଛନ୍ତି। ସେମାନେ ୧୫ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଚାକିରି କରିଥିଲେ ମଧ୍ୟ ସରକାର ଏପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଦାନ ବାବଦରେ କୌଣସି ନିଷ୍ପତ୍ତି ନେଇନାହାନ୍ତି। ଜଣେ ଅଧ୍ୟାପକ ୮୦ ହଜାରରୁ ୧.୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାସିକ ବେତନ ପାଉଥିବାବେଳେ କେତେଜଣ ଅଧ୍ୟାପକ ସ୍ୱଳ୍ପ ବେତନରେ କାମ କରୁଛନ୍ତି। ଅଧ୍ୟାପିକା, ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀମାନେ କଲେଜ ପରୀକ୍ଷା, ଖାତା ମୂଲ୍ୟାଙ୍କନଠାରୁ ଆରମ୍ଭ କରି ସରକାରଙ୍କ ନିର୍ବାଚନ ଓ ଜନଗଣନା ପ୍ରଭୃତି କାର୍ଯ୍ୟରେ ସହଯୋଗ କରୁଛନ୍ତି। ଏହାସତ୍ତ୍ୱେ ଏମାନଙ୍କୁ ଅଣଦେଖା କରାଯାଉଛି। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ରିପୋର୍ଟ ମଗାଯାଇଛି। ରିପୋର୍ଟକୁ ତର୍ଜମା କରାଯାଇ ପଦକ୍ଷେପ ନିଆଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇ ଦିନ ଗଡ଼ାଇ ଚାଲିଛନ୍ତି। ସରକାର ତ୍ୱରିତ ପଦକ୍ଷେପ ନ ନେଲେ ସଂଘ ଆନ୍ଦୋଳନ ପାଇଁ ରାସ୍ତାକୁ ଓହ୍ଲାଇବ ବୋଲି ସ୍ଥିର କରିଛି। ସଭାପତି ଡ. ଦେବ ବିଜୟ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ରାଜ୍ୟର ସମସ୍ତ ଜିଲାରୁ ପ୍ରାୟ ୨୦୦ ଅଧ୍ୟାପିକା, ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ଯୋଗଦେଇଥିଲେ। ସମ୍ପାଦକ ଅଭୟ କୁମାର ପ୍ରଧାନ, ଉପସଭାପତି ରବିନାରାୟଣ କରଣ, ଯୁଗ୍ମସମ୍ପାଦକ ଡ. କମଳାକାନ୍ତ ଲେଙ୍କା, କୋଷାଧ୍ୟକ୍ଷ ଦିବ୍ୟକାନ୍ତ ତ୍ରିପାଠୀ, ସଂଯୋଜକ ବିମଳ ଚନ୍ଦ୍ର ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ।

# ଚଳନ୍ତା ଟ୍ରେନ୍‌ରୁ ଡେଇଁପଡ଼ିଲେ ଯାତ୍ରୀ

## ଦେବଦୂତ ସାଜି ଉଦ୍ଧାରକଲେ କନଷ୍ଟେବଲ

ବ୍ରହ୍ମପୁର ଅଫିସ, ୧୯।୨

ଗଞ୍ଜାମ ଜିଲା ବ୍ରହ୍ମପୁର ରେଳଷ୍ଟେଶନରେ ରବିବାର ଜଣେ ଯାତ୍ରୀ ଚଳନ୍ତା ଟ୍ରେନ୍‌ରୁ ଡେଇଁ ପଡ଼ିଥିବା ବେଳେ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ସେ ହେଲେ ଜୟଶଙ୍କର ମୁଣ୍ଡା (୩୪)। ଆସାମ୍‌ରୁ ଜୟଶଙ୍କର ନିଜ ସ୍ତ୍ରୀଙ୍କ ସହ ଚେନ୍ନାଇ ବୁଲିବାକୁ ଯାଉଥିଲେ। ସେମାନେ ଜେନେରାଲ ଟିକେଟ୍ କରି ବ୍ରହ୍ମପୁର ଆସିଥିଲେ। ଏଠାରୁ ଅନ୍ୟ ଟ୍ରେନ୍‌ରେ ଚେନ୍ନାଇ ଯିବା ପାଇଁ ଲକ୍ଷ୍ୟ ରଖିଥିଲେ। ହେଲେ ଭୁଲବଶତଃ ୧ନଂ ପ୍ଲାଟଫର୍ମରେ ଲାଗିଥିବା ଚେନ୍ନାଇ-ହାୱଡ଼ା ମେଲରେ ଚଢ଼ିଯାଇଥିଲେ। ସେମାନେ ଏହା ଜାଣିଲା ବେଳକୁ ଟ୍ରେନ୍ ଛାଡ଼ି ଦେଇଥିଲା। ସେଥିରୁ ଓହ୍ଲାଇବା ପାଇଁ ଜୟଶଙ୍କର ଡେଇଁ ପଡ଼ିଥିଲେ। କିନ୍ତୁ ନିୟନ୍ତ୍ରଣ ହରାଇ ପ୍ଲାଟଫର୍ମରୁ ରେଳଧାରଣାକୁ ଖସିଯାଉଥିବା ବେଳେ ଦେବଦୂତ ସାଜି ସେଠାରେ ନିୟୋଜିତ ଥିବା ଆର୍‌ପିଏଫ୍ କନଷ୍ଟେବଲ ସୂର୍ଯ୍ୟକାନ୍ତ ସାହୁ ତାଙ୍କୁ ଭିଡ଼ି ନେଇ ଉଦ୍ଧାର କରିଥିଲେ।



ଟ୍ରେନ୍‌ରୁ ଡେଇଁପଡ଼ିବା ସମୟରେ କନଷ୍ଟେବଲ ଉଦ୍ଧାର କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବର୍ଷକ ଭିତରେ ପଦ୍ମପୁରକୁ ..

ଅପରାହ୍ନ ୩ଟା ୪୫ରେ ପଦ୍ମପୁର ହାଇସ୍କୁଲ ପଡ଼ିଆରେ ଆୟୋଜିତ ସଭାରେ ସେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ପଦ୍ମପୁରକୁ ସ୍ୱତନ୍ତ୍ର ଜିଲା କରିବା ପାଇଁ ଆବଶ୍ୟକ ପ୍ରକ୍ରିୟା ଆରମ୍ଭ ହୋଇଛି। ବର୍ଷକ ଭିତରେ ଜିଲା ମାନ୍ୟତା ମିଳିବ ବୋଲି ସେ କହିଛନ୍ତି। ଆଗାମୀ ଦିନରେ ପଦ୍ମପୁର ଅଞ୍ଚଳର ବିକାଶ ହେବା ସହିତ ଆହୁରି ଅନେକ ପ୍ରକଳ୍ପ ହେବ ଏବଂ ସବୁ କାମ ସମୟ ଭିତରେ ଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ଗୋଷ୍ଠୀଙ୍କୁ ଚେକ୍ ପ୍ରଦାନ କରିଛନ୍ତି। ପରେ ସେ ୩୧ କୋଟି ଟଙ୍କା ବ୍ୟୟରେ ୭୨୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ଦେବା ସହିତ ୪ କୋଟି ୪୯ ଲକ୍ଷ ଟଙ୍କାର ୯୬ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ସଭା ପରେ ମୁଖ୍ୟମନ୍ତ୍ରୀ ଅପରାହ୍ନ ସାଢ଼େ ୪ରେ ସତୀଭଟା ବିମାନ ଅବତରଣ କେନ୍ଦ୍ରକୁ ଯାଇ ସେଠାରୁ ଭୁବନେଶ୍ୱର ଫେରିଯାଇଛନ୍ତି। ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ନିରଞ୍ଜନ ପୂଜାରୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରତାପ ଦେବ, ରୀତା ସାହୁ, ଟୁକୁନୀ ସାହୁ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ଦେବେଶ ଆଚାର୍ଯ୍ୟ, ସୁଶାନ୍ତ ସିଂ, ବିଧାୟିକା ବର୍ଷା ସିଂ ବରିହା, ସ୍ନେହାଙ୍ଗିନୀ ଛୁରିଆ, ପଣ୍ୟାଗାର ନିଗମ ଅଧ୍ୟକ୍ଷ ମହେନ୍ଦ୍ର ବଢ଼େଇ ପ୍ରମୁଖ ବିଭିନ୍ନ ସଭାରେ ଉଦ୍‌ବୋଧନ ଦେଇଛନ୍ତି। ସମସ୍ତ କାର୍ଯ୍ୟକ୍ରମରେ ୫-ଟି ସଚିବ ଭି. କେ. ପାଣ୍ଡିଆନ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

### ଝାରସୁଗୁଡା ଉପନିର୍ବାଚନକୁ ନଜର କରି ପଦ୍ମପୁର ଗସ୍ତ

ସମ୍ବଲପୁର,୧୯।୨(ବ୍ୟୁରୋ): ଆଗକୁ ଝାରସୁଗୁଡା ଉପନିର୍ବାଚନ ହେବ। ଉପନିର୍ବାଚନ ହାତେଇବାକୁ ସବୁବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନଜର ରଖନ୍ତି। ପଦ୍ମପୁର ଉପନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନ କରାଗଲା ଭଳି କାର୍ଯ୍ୟକ୍ରମ ନ କଲେ ଉପନିର୍ବାଚନରେ ଜନତାଙ୍କ ପାଖକୁ ଯାଇପାରିବେନାହିଁ। ତେଣୁ ଏହି ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ପଦ୍ମପୁର ଗସ୍ତ କରିଥିଲେ। କାଗଜପତ୍ରରେ ଜିଲା ଘୋଷଣା କରିବା ସମୟକୁ ସେଠାରେ ପୁଣି ବୃଦ୍ଧି କଲେ। ତାଙ୍କର ଜଳସେଚନ, ରୋଜଗାର ସୃଷ୍ଟି କରିବା ଭଳି କୌଣସି ଲକ୍ଷ୍ୟ ନାହିଁ। ପାଇକମାଳ ପିଏସ୍‌ସିରୁ ସିଏଚ୍‌ସି କେବଳ ମେଡିକାଲର ନାମକରଣ ବଦଳିଗଲା। ହେଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଅନ୍ୟ କର୍ମଚାରୀ ପଦ ଖାଲିପଡିଛି। କେବଳ ପଦ୍ମପୁର ନୁହେଁ ପଶ୍ଚିମ ଓଡିଶାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ଉଦାହରଣ ରହିଛି। ଚାଷୀଙ୍କ ପାଇଁ ୨ ଶହ କୋଟି ଇନପୁଟ ସବ୍‌ସିଡି ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଆଜି ପର୍ଯ୍ୟନ୍ତ ଚାଷୀମାନେ ଟଙ୍କାଟିଏ ପାଇଲେ ନାହିଁ। ପଦ୍ମପୁରକୁ ରେଳ ସଂଯୋଗର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଜମି ଅଧିଗ୍ରହଣ କରି କେନ୍ଦ୍ର ରେଳ ବିଭାଗକୁ ହସ୍ତାନ୍ତର କରିବା ଦାୟିତ୍ୱ ନିର୍ବାହ କରିନାହାନ୍ତି। କେନ୍ଦ୍ର ସରକାରଙ୍କ ଏମ୍ଏସ୍ଏମ୍ଇ ଭଳି ଅନେକ ଯୋଜନା ରହିଛି, ଯେଉଁଥିରେ ନିଯୁକ୍ତି ସୃଷ୍ଟି ହେବ। ହେଲେ ସେଥିରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିବାରୁ ମୁଖ୍ୟମନ୍ତ୍ରୀ ପଦ୍ମପୁର ଆସିନାହାନ୍ତି ବରଂ ଉପନିର୍ବାଚନ ଲକ୍ଷ୍ୟ ଓ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଚେଷ୍ଟା କରିଛନ୍ତି।

### ମୁଖ୍ୟମନ୍ତ୍ରୀ ପଦ୍ମପୁରବାସୀଙ୍କୁ ଧୋକାଦେଲେ

ପଦ୍ମପୁର,୧୯।୨(ଡି.ଏନ୍.ଏ.): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଦ୍ମପୁର ଗସ୍ତ ଉପରେ ପ୍ରତିକ୍ରିୟା ରଖିଛନ୍ତି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ। ମୁଖ୍ୟମନ୍ତ୍ରୀ ପଦ୍ମପୁରବାସୀଙ୍କୁ ଧୋକା ଦେଇଛନ୍ତି ବୋଲି ସେ କହିଛନ୍ତି। ପୁରୋହିତ କହିଛନ୍ତି, ପଦ୍ମପୁର ଉପନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଭର୍ଚ୍ଚୁଆଲ ମାଧ୍ୟମରେ ପଦ୍ମପୁର ନିର୍ବାଚନମଣ୍ଡଳୀ ପାଇଁ ୮୦୦ କୋଟି ଟଙ୍କା ଘୋଷଣା କରିଥିଲେ। ତେବେ ପଦ୍ମପୁର ଗସ୍ତ ବେଳେ ସେ ୨୦୦ କୋଟି ଇନ୍‌ପୁଟ୍ ସବ୍‌ସିଡି, କେନ୍ଦୁପତ୍ର ତୋଳାଳିଙ୍କ ବୋନସ, ରେଲୱେ ଲାଇନ ପାଇଁ ଜମି ଅଧିଗ୍ରହଣ, ଏପରିକି ପଦ୍ମପୁର ଜିଲା ଘୋଷଣା କଲେ ନାହିଁ ବୋଲି ପୁରୋହିତ କହିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ସଭା ପଡିଆରେ ଟେଣ୍ଟ୍ କର୍ମଚାରୀଙ୍କ ମୃତ୍ୟୁ

ଝାରବନ୍ଧ,୧୯।୨(ଡି.ଏନ.ଏ.): ବରଗଡ ଜିଲା ଝାରବନ୍ଧ ଶକ୍ତି ପଡିଆରେ ମୁଖ୍ୟମନ୍ତ୍ରୀଙ୍କ ସଭା ଚାଲିଥିବା ବେଳେ ଜଣେ ଟେଣ୍ଟ୍ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତେଲେଙ୍ଗାବଜାର କଟକର ରବୀନ୍ଦ୍ର ପାଲ (୬୦)। ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ ପଠାଯାଇଛି। ସୂଚନା ଅନୁସାରେ, ରବିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଶକ୍ତି ପଡିଆରେ ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳରୁ ୨୦୦ ମିଟର ଦୂରରେ ଜଣେ ଲୋକ ଅଚେତ ଅବସ୍ଥାରେ ପଡ଼ିଥିବା ପୋଲିସ ଦେଖିବାକୁ ପାଇଥିଲା। ଝାରବନ୍ଧ ଥାନାଧିକାରୀ ଦିଲୀପ କୁମାର ବେହେରା ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବୀନ୍ଦ୍ର ଟେଣ୍ଟ କାମ ପାଇଁ ଝାରବନ୍ଧ ଆସିଥିଲେ। ତାଙ୍କ ପରିବାର ଲୋକେ ଆସିବା ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ବେହେରା ସୂଚନା ଦେଇଛନ୍ତି ।

### ଧନୁତୀର ପାଇଁ ୨,୦୦୦ ...

୮ ମାସ ଧରି ଟଣାଓଟରା ଚାଲିଥିବାବେଳେ ଶୁକ୍ରବାର ନିର୍ବାଚନ କମିଶନ (ଇସି) ଏ ସଂକ୍ରାନ୍ତ ରାୟ ପ୍ରକାଶ କରିଥିଲେ। କମିଶନ ନିଜ ୭୮ ପୃଷ୍ଠା ସମ୍ବଳିତ ରାୟରେ ମୁଖ୍ୟମନ୍ତ୍ରୀ ଶିନ୍ଦେଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ ଅସଲ 'ଶିବସେନା' ଭାବେ ଅଭିହିତ କରି 'ଧନୁତୀର' ଚିହ୍ନ ପ୍ରଦାନ କରିଛନ୍ତି। ଫଳରେ ନିଜ ସ୍ୱର୍ଗୀୟ ପିତା ବାଲାସାହେବ ଠାକ୍‌ରେଙ୍କ ଦ୍ୱାରା ୧୯୬୬ରେ ପ୍ରତିଷ୍ଠିତ ହିନ୍ଦୁତ୍ୱବାଦୀ ରାଜନୈତିକ ଦଳ ଶିବସେନାରୁ ଉଦ୍ଧବ ନିୟନ୍ତ୍ରଣ ହରାଇଛନ୍ତି। ଇସିଙ୍କ ମଞ୍ଜୁରୀ ପରେ ଶିନ୍ଦେ ଗୋଷ୍ଠୀ ଉଲ୍ଲସିତ ହୋଇ ଉଠିଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଏହାକୁ 'ଗଣତନ୍ତ୍ରର ହତ୍ୟା' ବୋଲି ସମାଲୋଚନା କରିଛନ୍ତି। ଏଥିସହ ଇସିଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଇତିମଧ୍ୟରେ ଉଦ୍ଧବଙ୍କ ଘନିଷ୍ଠ ଏମ୍‌ପି ସଞ୍ଜୟ ରାଉତ୍ ଟୁଇଟ୍ କରିଛନ୍ତି, ଶିବସେନା ନାମ ଓ ଏହାର ନିର୍ବାଚନୀ ସଙ୍କେତକୁ ୨,୦୦୦ କୋଟି ଟଙ୍କାରେ କିଣି ନିଆଯାଇଛି। ଗତ ୬ ମାସ ମଧ୍ୟରେ ଏହି କାରବାର ହୋଇଛି। ଉଦ୍ଧବଙ୍କ ନେତୃତ୍ୱାଧୀନ ସରକାରର ପତନ ଘଟାଇବା ଲାଗି ଦଳବଦଳ କରିଥିବା ୪୦ ବିଦ୍ରୋହୀ ବିଧାୟକଙ୍କୁ ୫୦ କୋଟି ଟଙ୍କା ଲେଖାଏ ଦିଆଯାଇଛି। ଭାରତର ରାଜନୈତିକ ଇତିହାସରେ ଏହା ପ୍ରଥମ ଘଟଣା। ଉଦ୍ଧବ ଗୋଷ୍ଠୀ ହିଁ ପ୍ରକୃତ ଶିବସେନା। ଅର୍ଦ୍ଧନ୍ୟାୟିକ କ୍ଷମତାସମ୍ପନ୍ନ ଏକ ସାମ୍ବିଧାନିକ ସଂସ୍ଥା ନିରପେକ୍ଷ ହେବା ସହ କାହା ଦ୍ୱାରା ପ୍ରଭାବିତ ନୁହେଁ ବୋଲି ପ୍ରତୀୟମାନ ହେବା ଉଚିତ। କିନ୍ତୁ ଦୁର୍ଭାଗ୍ୟବଶତଃ ଇସିଙ୍କ ରାୟ ଭରସାଯୋଗ୍ୟ ନୁହେଁ। ଭାଜପାର ନୈତିକତା ନାହିଁ। ଏହି ଦଳ ୨,୦୦୦ କୋଟି ଟଙ୍କା ନିବେଶ ଭଳି କୌଣସି ସ୍ତରକୁ ଯାଇପାରେ ବୋଲି ସଞ୍ଜୟ କେନ୍ଦ୍ର ସରକାର, ନିର୍ବାଚନ କମିଶନ ଓ ଶିନ୍ଦେଙ୍କୁ ଟାର୍ଗେଟ କରିଛନ୍ତି। ସେ ଶାସକ ଦଳ ସହ ଜଡ଼ିତ ଜଣେ ବିଲ୍ଡରଙ୍କଠାରୁ ଏହି ତଥ୍ୟ ହାସଲ କରିଛନ୍ତି ଏବଂ ଏହାର ପ୍ରମାଣ ଖୁବ୍‌ଶୀଘ୍ର ସାମ୍ନାକୁ ଆଣିବେ ବୋଲି କହିଛନ୍ତି। ଅନ୍ୟପକ୍ଷେ ଭାଜପା ନେତା ସୁଧୀର ମୁନ୍‌ଗଣ୍ଟିୱାର କହିଛନ୍ତି, ସୁପ୍ରିମକୋର୍ଟ ଏବଂ ଭାରତର ନିର୍ବାଚନ କମିଶନ ଭଳି ନିରପେକ୍ଷ ସଂସ୍ଥାଗୁଡ଼ିକର ଭାବମୂର୍ତ୍ତି ମଳିନ କରିବା ପାଇଁ ସଞ୍ଜୟ ଏପରି ମନ୍ତବ୍ୟ ଦେଇଛନ୍ତି। ଗଣତନ୍ତ୍ରକୁ ଅସମ୍ମାନ କରିଥିବାରୁ ସେମାନଙ୍କୁ ଲୋକେ ଉଚିତ ଶିକ୍ଷା ଦେବେ। ଶିନ୍ଦେ ଶିବିରର ବିଧାୟକ ସଦା ସାବରକର ସଞ୍ଜୟ ରାଉତ୍ ଜଣେ କ୍ୟାଶିୟର୍ କି ବୋଲି ପ୍ରଶ୍ନ କରିଛନ୍ତି। ସେପଟେ ଦଳର ନାମ ଓ ଚିହ୍ନ ଯିବା ପରେ ମଧ୍ୟ ଉଦ୍ଧବ ଗୋଷ୍ଠୀକୁ କିଛି ଫରକ ପଡ଼ିବ ନାହିଁ ବୋଲି ଶୁକ୍ରବାର କହିଥିବା ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ଏବେ ଏହି ବିବାଦରେ ସେ ପଡ଼ିବାକୁ ଚାହୁଁ ନ ଥିବା ପ୍ରକାଶ କରିଛନ୍ତି।

### ବାହାଘରରେ ଟଙ୍କା ...

ଲୋକଙ୍କ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଥିଲା। କରିମ ଟଙ୍କା ଫିଙ୍ଗିଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବହୁ ୟୁଜର୍ସ ଭିଡିଓକୁ ନେଇ କରିମଙ୍କୁ ସମାଲୋଚନା କରିଥିବାବେଳେ ଅନେକେ ତାଙ୍କୁ ଉପହାସ କରିଛନ୍ତି। ଗତବର୍ଷ ବେଙ୍ଗାଲୁରୁରେ ସମାନ ଘଟଣା ଦେଖିବାକୁ ମିଳିଥିଲା। ସ୍ଥାନୀୟ ମାର୍କେଟ୍‌ର ଫ୍ଲାଏଓଭର୍‌ରେ ଛିଡ଼ା ହୋଇ ଜଣେ ବ୍ୟକ୍ତି ଟଙ୍କା ଫିଙ୍ଗିଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହୋଇଥିଲା। ବ୍ୟକ୍ତିଜଣକ କୋଟ୍, ପ୍ୟାଣ୍ଟ ପିନ୍ଧି ଏକ କାନ୍ଥଘଣ୍ଟାକୁ ନିଜ ବେକରେ ଝୁଲାଇଥିଲେ। ପାଖାପାଖି ୩୦୦୦ ଟଙ୍କାର ୧୦ ଟଙ୍କିଆ ନୋଟ୍ ସେ ଫ୍ଲାଏଓଭର୍ ତଳେ ଯାଉଥିବା ଲୋକଙ୍କ ଉପରକୁ ଫୋପାଡ଼ିଥିବାବେଳେ ଲୋକେ ଏହାକୁ ଗୋଟାଇବା ଆରମ୍ଭ କରିବା ଯୋଗୁ ଟ୍ରାଫିକ୍ ଜାମ୍ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ଘଟଣାସ୍ଥଳରେ ଗହଳି ଭାଙ୍ଗିବା ସହ ଉକ୍ତ ବ୍ୟକ୍ତିଙ୍କୁ ଥାନାକୁ ନେଇଥିଲା।

# ବାଡ଼ି ପଛପଟେ ବୃଦ୍ଧଙ୍କୁ ଦଳିଦେଲା ହାତୀ

## ସପ୍ତାହକ ମଧ୍ୟରେ ଦ୍ୱିତୀୟ ଘଟଣା, ତୀବ୍ର ଉତ୍ତେଜନା



ଅଞ୍ଚଳବାସୀଙ୍କ ଦ୍ୱାରା ରାସ୍ତା ଅବରୋଧ।

ଭାପୁର, ୧୯।୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ସଦର ରେଞ୍ଜ୍ ଅଧୀନ କାକୁଡ଼ିଭାଗ ପଞ୍ଚାୟତ ଗୁହାଳଡ଼ିହି ଗ୍ରାମରେ ରବିବାର ଭୋର୍ ସମୟରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜୟନନ୍ଦ ସୂତାର (୬୦)। ଜୟନନ୍ଦଙ୍କ ଘର ପଛପଟେ ଏକ ପରିବା ବଗିଚା ଅଛି। ଜୟନନ୍ଦ ଘର ପଛପଟକୁ ଶୌଚ ହେବାକୁ ଯାଇଥିବାବେଳେ ଗୋଠରୁ ଅଲଗା ହୋଇ ପରିବା ଖାଇବାକୁ ଆସିଥିବା ଉକ୍ତ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଏହି ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାର ପୁରୁଣା କଟକ-ସମ୍ବଲପୁର ରାସ୍ତାର ଭାପୁର ଛକରେ ମୃତଦେହ ରଖି ୨ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ସଦର ରେଞ୍ଜ୍ ଅଞ୍ଚଳରେ ଉକ୍ତ ଗୋଠଛଡ଼ା ଦନ୍ତାର ଉପଦ୍ରବ ବଢ଼ିବାରେ ଲାଗିଛି। ୫ଦିନ ତଳେ ଉକ୍ତ ହାତୀ ଆକ୍ରମଣରେ ରାଣୀପାଳ ଗ୍ରାମର ବ୍ରଜବନ୍ଧୁ ପୁହାଣଙ୍କ ମୃତ୍ୟୁ ଘଟିଥିଲା। ସପ୍ତାହକ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ଘଟଣା। ଦନ୍ତା ଦିନକୁ ଦିନ ହିଂସ୍ର ଆଚରଣ ପ୍ରଦର୍ଶନ କରୁଥିବାରୁ ଏହାକୁ ଅନ୍ୟତ୍ର ଘଉଡ଼ାଇବାକୁ ଅଞ୍ଚଳବାସୀ ଦାବି କରିଥିଲେ। ସୂଚନାପାଇ ରେଞ୍ଜର ବିଭୁଦାନନ୍ଦ ମିଶ୍ର, ଫରେଷ୍ଟର ଯୁଗଳ ମହାନ୍ତି, ଫରେଷ୍ଟଗାର୍ଡ ଶରତ ଚନ୍ଦ୍ର ମଲ୍ଲ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ତ୍ୱରିତ ସହାୟତା ପ୍ରଦାନ କରାଯାଇଥିଲା। ଏଥିସହ ଆବଶ୍ୟକ କାଗଜପତ୍ର ଦାଖଲ ପରେ ୪ ଲକ୍ଷ ଟଙ୍କା ସରକାରୀ ସହାୟତା ମିଳିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା। ଏହାପରେ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ କ୍ଷେତ୍ରରେ ମତାନ୍ତର ଥାଇ ମଧ୍ୟ କାମବେଳକୁ ସମସ୍ତେ ଏକ ମନ ନେଇ କାମ କରିପାରିବେ। ସାମାଜିକ ସ୍ତରରେ ସ୍ୱାର୍ଥସାଧନ ଆଶା ରଖି ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। କର୍ମକ୍ଷେତ୍ରରେ ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**ବୃଷ** କାମ ହାସଲ କ୍ଷେତ୍ରରେ ଆତ୍ମୀୟବ୍ୟକ୍ତି ଜଣେ ଅସହଯୋଗ କରିପାରନ୍ତି। ବିଭିନ୍ନ ପ୍ରକାର ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ବାଣିଜ୍ୟରେ କ୍ଷତିର ଆଶଙ୍କା ରହିଛି କିନ୍ତୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ମିଥୁନ** ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରୁଣା ରୋଗରେ କଷ୍ଟ ପାଇବେ। ନିଜ ପରିସରରେ ତର୍କ ବିତର୍କ କାରଣରୁ ସମ୍ପର୍କ ହାନି ଘଟିପାରେ। ଆନୁଷ୍ଠାନିକ କାମରେ ରାଜନୈତିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବ୍ୟବସାୟ,ବାଣିଜ୍ୟ କ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ** ଶାରୀରିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। କର୍ମକ୍ଷେତ୍ରରେ ଦୀର୍ଘ ଦିନରୁ ରହି ଆସିଥିବା ସମସ୍ୟାର ସରଳ ସମାଧାନ ହୋଇଯିବ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ** ସାଧାରଣ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ଆଜି ଦୀର୍ଘଦିନର ଆଶା ଫଳବତୀ ହେବ। ତଥାପି ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା କାରଣରୁ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିବେ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଗୃହୋପକରଣ ସାମଗ୍ରୀ କ୍ରୟ କରିବେ, ମହିଳାମାନେ ଉଚ୍ଚସ୍ତରରୁ ସମ୍ମାନିତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ସାହାଯ୍ୟ,ସହଯୋଗ ଓ ସୁଖ ସମ୍ମାନ ପାଇ ଖୁସି ହେବେ। ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଘରଭଡାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା** ସ୍ୱାସ୍ଥ୍ୟ ଠିକ୍ ଥିଲେ ମଧ୍ୟ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ପିଲାଙ୍କ ଆଚରଣକୁ କେନ୍ଦ୍ରକରି କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। କୌଣସି ନିକଟତମ ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**ବିଛା** ପରିସ୍ଥିତି ପ୍ରତି ନଜର ରଖିବା ସାଙ୍ଗକୁ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ସହକର୍ମୀମାନଙ୍କ ଅନୁରୋଧରେ ମନୋରଞ୍ଜନରେ ଆଗ୍ରହୀ ହେବେ। ତଥାପି କରୁଥିବା କାମ ସକାଶେ ମଧ୍ୟାହ୍ନରେ ଟେନସନ୍ ବଢ଼ିପାରେ। ଆଜି ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ।

**ଧନୁ** ଗତକାଲିର ଘଟଣା ସକାଶେ ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଯେକୌଣସି କ୍ଷେତ୍ରରେ ହେଉନା କାହିଁକି,ଆପଣ ଆଜି ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁମାନଙ୍କର ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝି ପାରିବେନି। ସକାଳୁ ସକାଳୁ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମକର** ବିଭିନ୍ନ ପ୍ରକାର ପାରିବାରିକ ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢ଼ିପାରେ। ଅବଶ୍ୟ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆବଶ୍ୟକସ୍ଥଳେ ଧାରକରଜ କରି କାମ ତୁଲାଇ ନେବେ। ଚେଷ୍ଟା କରୁଥିବା କାମରେ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ।

**କୁମ୍ଭ** ଆଜିର କର୍ମକ୍ଷେତ୍ରରେ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ଯେକୌଣସି କାମ ହେଉନା କାହିଁକି ଆପଣ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବାର ସମ୍ଭାବନା ରହିଛି। ବନ୍ଧୁଙ୍କ ଦ୍ୱାରା କାମଟି କରାଇ ନେବେ,କିନ୍ତୁ ତାଙ୍କର ଛୋଟ କଥାକୁ ଧରି ବସନ୍ତୁ ନାହିଁ।

**ମୀନ** ପଛକଥା ନ ଭାବି ବର୍ତ୍ତମାନର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ବନ୍ଧୁମାନଙ୍କ ସାହାଯ୍ୟ ନେଇ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ।

ଆଜି ଦିବା ଘ.୧୨/୫୩ ମି. ପର୍ଯ୍ୟନ୍ତ ଫାଲଗୁନ ଅମାବାସ୍ୟା, ଫେବୃୟାରୀ ୨୦ ତାରିଖ ସୋମବାର, ବିଶ୍ୱ ସାମାଜିକ ନ୍ୟାୟ ଦିବସ, ରାଶି ନକ୍ଷତ୍ର - ଦିବା ଘ.୧୧/୪୬ ଗତେ, ଶତଭିଷା/କୁମ୍ଭ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬/୧୬ ମଧ୍ୟେ, ଘ.୦୭/୪୨ ଗତେ, ଘ.୧୦/୫୧ ଗତେ, ଘ.୦୧/୦୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ୦୭/୪୨ ଗତେ, ଘ୦୯/୦୮ ମଧ୍ୟେ ରାହୁକାଳ ॥

## ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ସ୍ୱାମୀଙ୍କ ଆତ୍ମସମର୍ପଣ

ତେଲକୋଇ,(ଡି.ଏନ୍.ଏ.): କେନ୍ଦୁଝର ଜିଲା ତେଲକୋଇ ଥାନା ରଗଡ଼ା ଗାଁରେ ପାରିବାରିକ କଳହରୁ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ରବିବାର ଅଭିଯୁକ୍ତ ରଥିଆ ସେଠୀ(୩୨) ଥାନାରେ ଆତ୍ମସମର୍ପଣ କରିଛନ୍ତି। ମୃତ ମହିଳା ଜଣକ ହେଲେ ସୁଲୋଚନା ସେଠୀ (୨୭)। ଯୌତୁକ ଦାବିରେ ତାଙ୍କୁ ହତ୍ୟା କରାଯାଇଥିବା ସୁଲୋଚନାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।

# ଦୁର୍ବଳତାରୁ ଆରମ୍ଭ ହୋଇଥିଲା ବ୍ୟବସାୟ

ପିଲାଟି ଦିନରୁ ଗାଡ଼ି ପ୍ରତି ଦୁର୍ବଳତା ରହିଥିଲା। ଏପରି କି ବଡ଼ ହେଲା ପରେ ମଧ୍ୟ ଗାଡ଼ି ସହ ଏକ ପ୍ରକାର ମାନସିକ ଭାବନା ଯୋଡ଼ି ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଗାଁ ଚାଷଜମିରେ ଚାଲୁଥିବା ଗାଡ଼ି ଘରେ ଥିବା ଗାଡ଼ିଗୁଡ଼ିକଠାରୁ ଭିନ୍ନ ଥିଲା। ଉକ୍ତ ଗାଡ଼ିକୁ ସେ କିଭଳି ଭାବେ ଚଳାଇବେ ଏବଂ ଅନ୍ୟ ଗାଡ଼ିଠାରୁ ତାହା କ'ଣ ପାଇଁ ଭିନ୍ନ, ତା' ହିଁ ଥିଲା ଟ୍ରାକ୍ଟର ପ୍ରତି ଦୁର୍ବଳତା ଏବଂ ଟ୍ରାକ୍ଟର ବ୍ୟବସାୟର ଅୟମାରମ୍ଭ ପରିକଳ୍ପନା। ବିଶେଷକରି ଉଚ୍ଚଶିକ୍ଷା ଶେଷ ପରେ ଦକ୍ଷତା ବିକାଶ ସହ ଟ୍ରାକ୍ଟର ଶିଳ୍ପ କ୍ଷେତ୍ରରେ ପ୍ରବେଶ କରିଥିଲି। ପ୍ରାଥମିକ ପର୍ଯ୍ୟାୟରେ ବହୁ ଘାତପ୍ରତିଘାତ ଓ କଠିନ ପରିଶ୍ରମ ପରେ ବ୍ୟବସାୟରେ ସ୍ଥିରତା ଆସିଥିଲା। ସେବେଠାରୁ ବ୍ୟବସାୟ ଧୀରେ ଧୀରେ ବୃଦ୍ଧି ଘଟିବା ସହ ସଫଳତା ପଥରେ ଅଗ୍ରସର ହୋଇଚାଲିଛି। ସେହି ସଫଳ ବ୍ୟବସାୟୀ ତଥା ଯୁବ ଉଦ୍ୟୋଗୀ ମଡର୍ନ ଆଗ୍ରୋ ମୋଟର୍ସ ଆଣ୍ଡ ଟ୍ରାକ୍ଟର୍ସ ପ୍ରା.ଲିଃ.ର ଏମ୍‌ଡି ପ୍ରଦୀପ୍ତ ବଡ଼ଜେନାଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା.......

ଧରିତ୍ରୀ | OrissaPOST BUSINESS EMINENCE AWARDS


ପ୍ରଦୀପ୍ତ ବଡ଼ଜେନା

**ପ୍ର-୧ : ରାଜ୍ୟରେ ଟ୍ରାକ୍ଟର ବଜାରର ଚାହିଦା କିଭଳି ରହିଛି?**

ଉ- ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ୭୦%ରୁ ଅଧିକ ଲୋକ ବିଭିନ୍ନ ପ୍ରକାର କୃଷି କାର୍ଯ୍ୟରେ ଜଡ଼ିତ ଅଛନ୍ତି। ଏପରିକି କୃଷି ପାଇଁ ଚାଷର ଆବଶ୍ୟକତା ରହିଛି, ବିଂଶ ଶତାବ୍ଦୀରୁ ପଶୁ (ବଳଦ ଓ ମଇଁଷି)ଙ୍କ ଦ୍ୱାରା ଚାଷକାର୍ଯ୍ୟ ପ୍ରାୟ ବନ୍ଦ ହୋଇଯାଇଛି। ଏପରିକି ଚାଷୀ ଟ୍ରାକ୍ଟର ଜରିଆରେ କମ୍ ସମୟରେ ଅଧିକ ଚାଷ କାର୍ଯ୍ୟ କରିପାରୁଛି। ଫଳରେ ଚାଷୀ ବଳଦ ବଦଳରେ ଟ୍ରାକ୍ଟର ଓ ଅନ୍ୟାନ୍ୟ ଯାନ୍ତ୍ରିକ ପଦ୍ଧତିକୁ ଆପଣାଇଛି। ଫଳରେ ଗତ ୨୦ବର୍ଷ ମଧ୍ୟରେ ଟ୍ରାକ୍ଟର ବଜାର ପ୍ରାୟ ୪୫ରୁ ୫୦% ବୃଦ୍ଧି ପାଇଛି। ଟ୍ରାକ୍ଟର ଖାଲି ଚାଷ ପାଇଁ ବ୍ୟବହାର ହେଉନାହିଁ, ଚାଷ ଛଡ଼ା ମାଲ ପରିବହନ ଓ ଅନ୍ୟାନ୍ୟ ଶିଳ୍ପରେ ମଧ୍ୟ ଟ୍ରାକ୍ଟରର ବିନିଯୋଗ କରାଯାଉଛି।

**ପ୍ର- ୨: ବ୍ରାଣ୍ଡ ବ୍ୟବସାୟକୁ କିଭଳି ସହାୟତା ପ୍ରଦାନ କରିଥାଏ?**

ଉ- ସବୁ କ୍ଷେତ୍ରର ବ୍ରାଣ୍ଡର ଯଥେଷ୍ଟ ଭୂମିକା ରହିଥାଏ। ବ୍ରାଣ୍ଡର ଭୂମିକା ସହ ବ୍ୟବସାୟ ପ୍ରତିଷ୍ଠାନର କଠିନ ପରିଶ୍ରମ ଓ ଲୋକ ସମ୍ପର୍କ ମଧ୍ୟ ଅନ୍ୟତମ କାରଣ ହୋଇଥାଏ। ବିଶେଷକରି ଗ୍ରାହକଙ୍କୁ ଗାଡ଼ି ବିକ୍ରି କରିଦେଲେ ବ୍ୟବସାୟ ହୋଇଯାଏ ନାହିଁ। ବିକ୍ରି ଓ ବିକ୍ରି ପରବର୍ତ୍ତୀ ସେବା ସାଙ୍ଗକୁ ଆନୁଷଙ୍ଗିକ ପଦକ୍ଷେପ ମଧ୍ୟ ଗ୍ରହଣ କରିବାକୁ ପଡ଼ିଥାଏ। ସେହିଭଳି ବଜାରରେ ଯେଉଁ ବ୍ରାଣ୍ଡର ଚାହିଦା ଥାଉ ପଛେ, ଖାଲି ସେ ବ୍ରାଣ୍ଡ ପାଇଁ ଗ୍ରାହକ ଉକ୍ତ କମ୍ପାନୀର ଗାଡ଼ି କିଣିବେ ତାହା ନୁହେଁ। ବ୍ରାଣ୍ଡ ମଧ୍ୟ ଅନ୍ୟ ବ୍ରାଣ୍ଡ ଭଳି ଗ୍ରାହକଙ୍କ ଆବଶ୍ୟକତା ଓ ଆଧୁନିକ ଜ୍ଞାନକୌଶଳର ନୂତନ ଉତ୍ପାଦ ବଜାରକୁ ଛାଡ଼ିବା ଆବଶ୍ୟକ ହୋଇଥାଏ।

**ପ୍ର-୩: ବ୍ୟବସାୟ ସମ୍ପ୍ରସାରଣର ଯୋଜନା କ'ଣ ରହିଛି?**

ଉ- କୋଭିଡ୍ ସଂକ୍ରମଣ ଯୋଗୁ ଟ୍ରାକ୍ଟର ଉତ୍ପାଦନ କମ୍ ରହିଛି। ତା'ସାଙ୍ଗକୁ ବର୍ତ୍ତମାନ ବଜାର ମଧ୍ୟ ମାନ୍ଦା ହୋଇଛି। ସେହି କାରଣରୁ ବ୍ୟବସାୟ ସମ୍ପ୍ରସାରଣର କିଛି ସେଭଳି ସ୍ୱତନ୍ତ୍ର ଯୋଜନା ନ ଥିଲେ ମଧ୍ୟ ଆଗାମୀ ଦିନରେ ଲୋକଙ୍କ ନିକଟତର ହେବାକୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ସେହିଭଳି ବର୍ତ୍ତମାନ ଆମର ଉଭୟ ଖୋର୍ଦ୍ଧା ଓ ପୁରୀ ଜିଲାରେ ଥିବା ବ୍ୟବସାୟ କେନ୍ଦ୍ରକୁ ଅଧିକ ଚଳଚଞ୍ଚଳ କରାଉଛି। ତା' ସହ ଗ୍ରାହକ ସେବାକୁ ଆହୁରି ମଜଭୁତ କରାଯାଉଛି। ଏପରିକି ଗାଁର ଶେଷ ମୁଣ୍ଡର ଚାଷୀଙ୍କ ନିକଟତର ହେବାକୁ ମଧ୍ୟ ପ୍ରୟାସ କରାଯାଉଛି। ସେହିପରି ଉଭୟ ଜିଲାର ପଞ୍ଚାୟତସ୍ତରରେ ସେବା ଓ ସୁବିଧା ଯୋଗାଇବାକୁ ଯୋଜନା ରହିଛି।

**ପ୍ର-୪: ବ୍ୟବସାୟ ବୃଦ୍ଧି ପାଇଁ କେଉଁ କ୍ଷେତ୍ରକୁ ଗୁରୁତ୍ୱ ଦେଉଛନ୍ତି ?**

ଉ- ବର୍ତ୍ତମାନର ପ୍ରତିଯୋଗିତାମୂଳକ ବ୍ୟବସାୟରେ ବ୍ରାଣ୍ଡ ସହ ଚାଷୀ ଓ ଉପଭୋକ୍ତାଙ୍କ ନିକଟକୁ ଯିବାକୁ ପଡୁଛି। ଏପରିକି ଚାଷୀଙ୍କ ନିକଟତର ଯେତେ ହୋଇପାରିବ ବ୍ୟବସାୟରେ ତା'ର ପ୍ରତିଫଳନ ହେବ, ନଚେତ୍ ଅନ୍ୟ ବ୍ରାଣ୍ଡ ଓ ଡିଲର ତାହା କରିନେବେ। ସେହିଭଳି ଗ୍ରାହକଙ୍କୁ ୨୪ଘଣ୍ଟିଆ ସେବା ଓ ଉତ୍ପାଦ ସମ୍ପର୍କରେ ସମସ୍ତ ବିବରଣୀ ପ୍ରଦାନ କରିବା ପାଇଁ ଗ୍ରାହକ ସେବା କେନ୍ଦ୍ର ସହ ଗ୍ରାହକବନ୍ଧୁଙ୍କ ଜରିଆରେ ଗ୍ରାହକଙ୍କୁ ଉପଭୋକ୍ତା ଉତ୍ପାଦ ସମ୍ପର୍କରେ ଅବଗତ କରାଇବା ଏବଂ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ସବୁ ପ୍ରକାର ସେବା ପ୍ରାୟ ଯୋଗାଇ ଦେବାକୁ ପଡ଼ିବ ନଚେତ୍ ବ୍ୟବସାୟ ବୃଦ୍ଧି ଆଶାନୁଯାୟୀ ହୋଇପାରିବ ନାହିଁ।

**ପ୍ର-୫ : ବ୍ରାଣ୍ଡ ଓ ଡିଲର ପଏଣ୍ଟ ପ୍ରତି ଗ୍ରାହକଙ୍କ ଭାବନା କିଭଳି ରହିଛି?**

ଉ- ବର୍ତ୍ତମାନ ସମୟରେ ଗ୍ରାହକ ବ୍ରାଣ୍ଡ ଓ ଡିଲର ସମ୍ପର୍କରେ ସମସ୍ତ ସୂଚନା ଉଭୟ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଆଗୁଆ ଅବଗତ ହୋଇଥାନ୍ତି। ଗ୍ରାହକଙ୍କ ବିଶ୍ୱାସଭାଜନ ହେବା ପାଇଁ ଗୁଣାତ୍ମକ ସେବା ଓ ସାମଗ୍ରୀ ଯୋଗାଇବା ସହ ସୁବିଧା ଏବଂ ସହାୟତା ପାଇଁ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି।

ବିଶେଷକରି ଲୋକ ସମ୍ପର୍କ ବୃଦ୍ଧି ସହ ସୁଲଭ ମୂଲ୍ୟ ଓ ସହଜ ଉପାୟରେ ଗ୍ରାହକଙ୍କୁ ଗାଡ଼ି ଯୋଗାଇ ଦିଆଯାଉଛି। ଫଳରେ ଗ୍ରାହକ ସନ୍ତୁଷ୍ଟୀକରଣକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଗ୍ରାହକଙ୍କ ପାଇଁ ମଧ୍ୟ ବିଭିନ୍ନ ପଦକ୍ଷେପ ଓ ଚାହିଦା ମୁତାବକ ଗାଡ଼ି ଯୋଗାଇଦେଲେ ଗ୍ରାହକ ବ୍ରାଣ୍ଡ ଓ ଡିଲର ପ୍ରତି ଏକ ଭିନ୍ନ ଭାବନା ସୃଷ୍ଟି କରାଇପାରିବ। ନଚେତ୍ ବ୍ୟବସାୟରେ ଏକ ବିଶାଳ ବାଧକ ସୃଷ୍ଟି ହେବା ସମ୍ଭାବନା ରହିଥାଏ।

**ପ୍ର-୬: ଅବସର ସମୟରେ କ'ଣ କରିବାକୁ ପସନ୍ଦ କରନ୍ତି?**

ଉ- ବ୍ୟବସାୟରେ ଜଡ଼ିତ ରହିଲେ ଅବସରର କଥା ଭୁଲିଯିବାକୁ ହେବ। କାରଣ ପ୍ରତିଯୋଗିତାକୁ ଆଖି ଆଗରେ ରଖି ବ୍ୟବସାୟ କରିବାକୁ ପଡ଼ିଥାଏ। ତଥାପି ସେସବୁ ବ୍ୟବସ୍ଥା ଓ କାର୍ଯ୍ୟରୁ ଯେଉଁ ସମୟ ମିଳିଥାଏ ତାହାରି ମଧ୍ୟରୁ କିଛି ସମୟ ପରିଜନ ଓ ସାଙ୍ଗସାଥୀଙ୍କୁ ଦେଇଥାଏ। ହେଲେ ସ୍ୱତନ୍ତ୍ର ସମୟରେ ବିଦେଶ ଭ୍ରମଣ ଓ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ସହ ସାମାଜିକ କାର୍ଯ୍ୟରେ ମଧ୍ୟ ସାମିଲ ହୋଇଥାଏ।

# ଦୁର୍ଘଟଣାରେ ଚାଲିଗଲା ୫ ଜୀବନ

## ଝିଅ ଘରୁ ଫେରୁଥିବା ୩ ସମ୍ପର୍କୀୟଙ୍କ ମୃତ୍ୟୁ

- ମାମୁ ଘରକୁ ଯାଉଥିବା ଶିଶୁପୁତ୍ର ଉପରେ ଚଢ଼ିଗଲା ହାଇୱା
- ତାଳଚେରରେ ବାଇକ୍ ଧକ୍କାରେ ଜଣଙ୍କ ମୃତ୍ୟୁ

ଅନୁଗୋଳ ଅଫିସ/ ବଇଣ୍ଡା, ୧୯।୨

ଶାଶୁଘରେ ଝିଅଙ୍କୁ ଛାଡ଼ି ଅଟୋରେ ଫେରୁଥିବା ୩ ସମ୍ପର୍କୀୟଙ୍କ ଜୀବନ ଦୀପ ରାସ୍ତାରେ ହିଁ ଲିଭିଯାଇଛି। ଶନିବାର ବିଳମ୍ବିତ ରାତିରେ ଅନୁଗୋଳ ଜିଲା ବନ୍ତଳା ଥାନା ଖାଲଗାଁ ନିକଟରେ ଘଟିଥିବା ଏହି ଦୁର୍ଘଟଣା ରବିବାର ବନ୍ତଳା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ମୃତକ ହେଲେ କୁଲାସିଂହାର ପୀତାମ୍ବର ପ୍ରଧାନ(୪୫), ଗୁଣ୍ଡିଚା ପ୍ରଧାନ(୭୦) ଓ ମୁନା ପ୍ରଧାନ(୩୦)। ସେହିପରି ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାନହୁଲା ପେଟ୍ରୋଲ ପମ୍ପ ନିକଟରେ ଏକ ହାଇୱା ବାଇକ୍‌କୁ ଧକ୍କା ଦେବାରୁ ବାପା ସହ ମାମୁ ଘରକୁ ଯାଉଥିବା ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଶିଶୁ ହେଉଛନ୍ତି ବୌଦ୍ଧ ଜିଲା ବିଶିପାଲି ଗ୍ରାମର ସୁଶାନ୍ତ ଦାସଙ୍କ ପୁଅ କ୍ରିଷ୍ଣା ଦାସ। ସୁଶାନ୍ତଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ଏକ ଦୁର୍ଘଟଣା ତାଳଚେର ବ୍ଲକ ଗୋପାଳପ୍ରସାଦ ଥାନା ଅଞ୍ଚଳରେ ଘଟିଛି। ଏହି ଦୁର୍ଘଟଣାରେ କଳମଛୁଇଁ ଗ୍ରାମର ବିଭୂତି ମହାରଣା (୫୭)ଙ୍କ ମୃତ୍ୟୁ ହୋଇଛି।

ସୂଚନା ଅନୁଯାୟୀ, ବନ୍ତଳା ଥାନା କୁଲାସିଂହାର ପୀତାମ୍ବର ଝିଅଙ୍କୁ ଶାଶୁଘରେ ଛାଡ଼ିବାକୁ ଅଟୋ (ନଂ. ଓଡି୧୯ଇ-୬୦୨୩)ରେ ନୂଆ ରାଇଗୁଡ଼ା ଯାଇଥିଲେ। ସାଙ୍ଗରେ ସ୍ତ୍ରୀ ଜମ୍ବୁ ପ୍ରଧାନ(୪୦), ସାନ ଝିଅ ଶୁଭଶ୍ରୀ ପ୍ରଧାନ(୫), ସମ୍ପର୍କୀୟା ଗୁଣ୍ଡିଚା ଓ ଅଟୋ ଚାଳକ ମୁନା ଥିଲେ। ବିଳମ୍ବିତ ରାତିରେ ସେମାନେ କୁଲାସିଂହା ଫେରୁଥିବା ବେଳେ ଖାଲଗାଁ ନିକଟରେ ଏକ ଗାଡ଼ି ଉକ୍ତ ଅଟୋକୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ପୀତାମ୍ବର ଓ ଗୁଣ୍ଡିଚାଙ୍କ ମୃତ୍ୟୁ ହୋଇଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୁନାଙ୍କ ମୃତ୍ୟୁ ହୋଇଥିଲା। ଜମ୍ବୁ ଓ ଶୁଭଶ୍ରୀ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣା ନେଇ ବନ୍ତଳା ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ଥାନା ଅଧିକାରୀ ସୁମିତ୍ରା ପାତ୍ର ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ ଚଳାଇଛନ୍ତି। ସେହିପରି ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ସାନହୁଲା ପେଟ୍ରୋଲ ପମ୍ପ ନିକଟରେ ଏକ ବାଇକ୍‌କୁ ହାଇୱା ଧକ୍କା ଦେଇଛି। ଏଥିରେ ବୌଦ୍ଧ ଜିଲା ବିଶିପାଲି ଗ୍ରାମର ସୁଶାନ୍ତ ଗୁରୁତର ହୋଇଥିବା ବେଳେ ତାଙ୍କ ୬ବର୍ଷର ପୁଅ କ୍ରିଷ୍ଣାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସୁଶାନ୍ତ ପୁଅ କ୍ରିଷ୍ଣାଙ୍କୁ ବାଇକ (ନଂ. ଓଡି ୨୭ବି -୩୮୦୮)ରେ ନେଇ ବିଶିପାଲିରୁ ଠାକୁରଗଡ଼ ବରହମସ୍ଥିତ ଶ୍ୱଶୁର ଘରକୁ ଆସୁଥିବା ବେଳେ ସମ୍ମୁଖରୁ ଏକ ଟିପ୍ପ ବୋଝେଇ ହାଇୱା (ନଂ. ଓଆର ୦୬ଏଚ - ୫୫୧୬) ତାଙ୍କୁ ଧକ୍କା ଦେଇଥିଲା। ଠାକୁରଗଡ଼ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସେହିପରି ତାଳଚେର ବ୍ଲକ ଗୋପାଳପ୍ରସାଦ ଥାନା କଳମଛୁଇଁ ଗ୍ରାମର ବିଭୂତି ଚାଲି ଚାଲି କୌଣସି କାମରେ ଯାଉଥିବା ବେଳେ ତାଙ୍କୁ ଏକ ବାଇକ୍ ଧକ୍କା ଦେଇଥିଲା। ଗୁରୁତର ବିଭୂତିଙ୍କୁ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରୁ ଭୁବନେଶ୍ୱର ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ଗୋପାଳପ୍ରସାଦ ଥାନାରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଦୁଷ୍ମନ୍ତ ସିଂହ ପ୍ରକାଶ କରିଛନ୍ତି।


ବନ୍ତଳା ଥାନା ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ଅଟୋ।

# ପିକ୍‌ଅପ୍ ଧକ୍କାରେ ଦୁଇ ଭାଇଙ୍କ ମୃତ୍ୟୁ

- ଘଟଣାସ୍ଥଳରେ ଉତ୍ତେଜନା, ରାସ୍ତାରୋକୋ
- ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନର ନାହିଁ ଫିଟ୍‌ନେସ, ଇନ୍‌ସ୍ୟୁରାନ୍ସ

ଜେକେପୁର,୧୯।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ଗେଟିପଡ଼ା ବ୍ରିଜ୍ ନିକଟରେ ଏକ ପିକ୍‌ଅପ୍ ଓ ବାଇକ୍ ଧକ୍କା ହୋଇଛି। ଏଥିରେ ବାଇକ୍‌ରେ ଯାଉଥିବା ଦୁଇ ଭାଇଙ୍କ ପ୍ରାଣ ଚାଲିଯାଇଛି। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇ ଯାଇଥିବାବେଳେ ବୁଲୁ ବେନିଆ(୩୭) ଓ ତାଙ୍କ ଦାଦା ପୁଅ ଭାଇ ମନୋଜ ବେନିଆ(୨୫)ଙ୍କ ମୃତଦେହ ସେଠାରେ ପଡି ରହିଛି। ଘଟଣାସ୍ଥଳରେ ପରିବାର ଓ ସମ୍ପର୍କୀୟ ଲୋକେ ରାସ୍ତାରୋକୋ କରିଛନ୍ତି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିମୋଟର ଅଟକି ରହିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଥିବାବେଳେ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ରାସ୍ତାରୋକୋ ହଟାଯିବ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ସୂଚନାନୁଯାୟୀ, କୋଲନରା ବ୍ଲକ ରାମପୁର ଗ୍ରାମର ବୁଲୁ ଓ ମନୋଜ ନିଜ ବାଇକ୍ (ଓଡି-୧୮କେ-୫୫୭୨)ରେ ରାୟଗଡ଼ାରୁ ଘରକୁ ଫେରୁଥିଲେ। ସେହି ସମୟରେ ଗେଟିପଡ଼ା ବ୍ରିଜ ନିକଟରେ ପଛପଟୁ ଆସୁଥିବା ଏକ ମ୍ୟାକ୍ସ ପିକ୍‌ଅପ୍ ଗାଡ଼ି (ଓଡି-୧୮ଜି-୦୭୫୫) ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବୁଲୁ ଓ ମନୋଜଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ଘଟାଇ ଚାଳକ ସେଠାରୁ ପଳାଇ ଯାଇ କର୍ଲାକଣାରେ ଗାଡ଼ି ଛାଡ଼ି କେଉଁଆଡ଼େ ଫେରାର ହୋଇଯାଇଛନ୍ତି। ଲୋକେ ଗେଟିପଡ଼ା ଛକ ନିକଟରେ ରାସ୍ତାରୋକୋ କରିଛନ୍ତି। ଘଟଣାସ୍ଥଳରେ ଚାନ୍ଦିଲି ଥାନାଧିକାରୀ ଯଶୋବନ୍ତ ହିଆଲ, ରାୟଗଡ଼ା ଏସ୍‌ଡିପିଓ ଦେବଜ୍ୟୋତି ଦାସ ଓ ପୋଲିସ କର୍ମଚାରୀ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି। କ୍ଷତିପୂରଣ ନ ମିଳିବାଯାଏ ରାସ୍ତାରୋକୋ ଜାରି ରହିବ ବୋଲି ଉତ୍ତ୍ୟକ୍ତ ଲୋକେ କହିଛନ୍ତି।

ଉକ୍ତ ପିକ୍‌ଅପ୍ ଭ୍ୟାନ୍‌ଟିର ଦୀର୍ଘ ଦିନରୁ ଫିଟ୍‌ନେସ, ଇନ୍‌ସ୍ୟୁରାନ୍ସ ନ ଥିବା ଜଣାପଡ଼ିଛି। ଉକ୍ତ ଗାଡ଼ିର ଫିଟ୍‌ନେସ ୧୭ ସେପ୍ଟେମ୍ବର ୨୦୨୧ରେ ଶେଷ ହୋଇଯାଇଥିବା ବେଳେ ଇନ୍‌ସ୍ୟୁରାନ୍ସ ୧୧ ସେପ୍ଟେମ୍ବର ୨୦୨୦ରେ ସରିଯାଇଥିବା ପରିବହନ ବିଭାଗ ପୋର୍ଟାଲରୁ ଜଣାପଡ଼ିଛି। ତେବେ ପରିବହନ ବିଭାଗ ଓ ପୋଲିସ ବିଭାଗ ବିଭିନ୍ନ ସ୍ଥାନରେ ଗାଡ଼ିଗୁଡ଼ିକର କଡ଼ା ଚେକିଂ କରୁଥିବା ବେଳେ ଉକ୍ତ ଗାଡ଼ି ରାସ୍ତାରେ କପରି ଗଡୁଥିଲା ତାହା ତଦନ୍ତସାପେକ୍ଷ।


ମୃତଦେହ ରଖି ଲୋକେ ରାସ୍ତାରୋକୋ କରିଛନ୍ତି।

# ନାକରେ ବିରଳ ଅସ୍ତ୍ରୋପଚାର: ସ୍ୱାଭାବିକ ହେଲା ଶ୍ୱାସକ୍ରିୟା

କଟକ ଅଫିସ, ୧୯।୨

କଟକ ଜିଲା ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲରେ ଜଣେ ଯୁବକଙ୍କ ନାକ ସଫଳତାର ସହ ବିରଳ ଅସ୍ତ୍ରୋପଚାର କରାଯାଇଛି। ଫଳରେ ସେ ଏବେ ସ୍ୱାଭାବିକ ଭାବେ ନିଃଶ୍ୱାସପ୍ରଶ୍ୱାସ ନେଇପାରୁଥିବାବେଳେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସେ ହେଲେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ହରିଦାସପୁର ଗ୍ରାମର ପ୍ରମୋଦ ବାରିକଙ୍କ ପୁଅ ବାଦଲ ବାରିକ(୨୦)। ଜନ୍ମରୁ ତାଙ୍କର ଦୁଇ ନାକପୁଡା ଭିତର ଭାଗ ବନ୍ଦ ଥିବାରୁ ଶ୍ୱାସକ୍ରିୟାରେ ସମସ୍ୟା ହେଉଥିଲା। ତେଣୁ ସେ ପାଟି ବାଟେ ନିଃଶ୍ୱାସପ୍ରଶ୍ୱାସ ନେଉଥିଲେ। ଅସ୍ତ୍ରୋପଚାର ପାଇଁ ତାଙ୍କୁ ଗତ ୧୩ ତାରିଖରେ ପଦ୍ମିନୀ କେୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କର୍ଣ୍ଣ, ନାସା, ଗଳା (ଇଏନ୍‌ଟି) ବିଭାଗର ମୁଖ୍ୟ ଡା. ହିମାଂଶୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ସମସ୍ତ ପରୀକ୍ଷା କରାଯିବା ସହ ତାଙ୍କର ଅସ୍ତ୍ରୋପଚାର କରାଯାଇଛି। ଚିକିତ୍ସା ବିଜ୍ଞାନରେ ଏଭଳି ସମସ୍ୟାକୁ ଚୋନାଲ ଆଟ୍ରେସିଆ କୁହାଯାଇଥାଏ।


ବାଦଲ ବାରିକ

# ଶ୍ରମିକ ନେତା ବ୍ରହ୍ମାଶଙ୍କରଙ୍କ ପରଲୋକ

ତାଳଚେର, ୧୯।୨ (ନି.ପ୍ର.)

ଅନୁଗୋଳ ଜିଲା ତାଳଚେର କୋଇଲା ଖଣିର ବିଶିଷ୍ଟ ଶ୍ରମିକ ନେତା ବ୍ରହ୍ମାଶଙ୍କର ମିଶ୍ର (୮୭)ଙ୍କ ରବିବାର ଅପରାହ୍ନ ୨ଟା ବେଳେ ରେମୁଆଁସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ହିନ୍ଦ୍ ମଜଦୁର ସଭାର ସାଧାରଣ ସମ୍ପାଦକ ଓ ତାଳଚେର କୋଲିୟରୀଜ ମଜଦୁର ସଂଘର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ ତୁଲାଇ ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ବିଭିନ୍ନ ଦାବି ହାସଲ କରିବା ସହିତ ଜେବିସିସି ମଜୁରି ବୋର୍ଡରେ କୋଇଲା ଶ୍ରମିକମାନଙ୍କ ମଜୁରି ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ତାଙ୍କ ମୃତ୍ୟୁ ଖବର ମିଳିବା ପରେ ଅନୁଗୋଳ ଜିଲାରେ ଶୋକର ଛାୟା ଖେଳିଯାଇଛି। ତାଳଚେର କୋଇଲା କ୍ଷେତ୍ରର ସମସ୍ତ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା, ଆଇନଜୀବୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପହଞ୍ଚି ଶେଷ ଦର୍ଶନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ ବାର୍ତ୍ତାରେ ଶୋକପ୍ରକାଶ କରିବା ସହିତ ଶ୍ରମିକଙ୍କ ନିମନ୍ତେ କରିଥିବା କାର୍ଯ୍ୟ ଚିର ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି। ସେହିପରି ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପୂର୍ବତନ ଏମ୍‌ପି ରବିନାରାୟଣ ପାଣି ପ୍ରମୁଖ ଶୋକ ପ୍ରକାଶ ସହିତ ତାଳଚେର କୋଇଲା ଖଣି ଅଞ୍ଚଳ ଜଣେ ମୁରବି ଶ୍ରମିକ ନେତାଙ୍କୁ ହରାଇଲା ବୋଲି କହିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ତଥା ସରକାରୀ ଓକିଲ ଗିରିଜା ଶଙ୍କର, ଖବରଦାତା ବିରଜା ଶଙ୍କର ପ୍ରମୁଖ ଉପସ୍ଥିତ ଥିଲେ।

# ଖେଳୁଥିବା ବେଳେ ପାଚେରି ଭୁଶୁଡ଼ିଲା

ଭଞ୍ଜନଗର,୧୯।୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା କୃଷ୍ଣନଗର ଗ୍ରାମରେ ରବିବାର ଏକ ପାଚେରି ଭୁଶୁଡ଼ି ୩ ଭଉଣୀଭାଇଙ୍କ ସମେତ ୪ ପିଲା ଆହତ ହୋଇଛନ୍ତି। ସେମାନେ ହେଲେ ନନ୍ଦିନୀପଲ୍ଲୀ ଗ୍ରାମର ଜମ୍ବୁ ମୁଳିଙ୍କ ପୁଅ ରୁସନ(୪), ନନ୍ଦିନୀ ନାୟକଙ୍କ ବଡ଼ପୁଅ ରାହୁଲ(୧୨), ସାନପୁଅ କାହ୍ନୁ (୪) ଓ ଝିଅ ଲିପି (୧୦)। ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଆହତମାନଙ୍କ ଚିକିତ୍ସା କରାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଡାକ୍ତର କହିଛନ୍ତି।

ପ୍ରକାଶ ଯେ, ସକାଳେ ନନ୍ଦିନୀପଲ୍ଲୀରୁ ଅଭିଭାବକଙ୍କ ସହ ପିଲାମାନେ କୃଷ୍ଣନଗରରେ ରହୁଥିବା ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଘର ନିକଟରେ ଖେଳୁଥିବା ବେଳେ ଏକ ପରିତ୍ୟକ୍ତ ପାଚେରି ଭୁଶୁଡ଼ି ସେମାନଙ୍କ ଉପରେ ପଡ଼ିଥିଲା। ପିଲାଙ୍କ କାନ୍ଦ ଶୁଣି ପରିବାର ଲୋକେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ପିଲାମାନେ ଘରକୁ ଫେରିଥିବା ସୂଚନା ମିଳିଛି।


ଭୁଶୁଡ଼ି ପଡ଼ିଥିବା ପାଚେରି।

# ୨୫ରେ ଓଡ଼ିଶା-ଜାପାନ ମହୋତ୍ସବ

ପୁରୀ ଅଫିସ, ୧୯।୨

ଚଳିତ ମାସ ୨୫ ତାରିଖ ସନ୍ଧ୍ୟା ୫ଟାରେ ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡ୍‌ର ବାଲିଘାଇ ଛକସ୍ଥିତ ଚନ୍ଦ୍ରଶେଖର ଏକାଡେମୀ ପରିସରରେ ଓଡ଼ିଶା-ଜାପାନ ମହୋତ୍ସବ ଅନୁଷ୍ଠିତ ହେବ। ଜାପାନରୁ ଆସିଥିବା କଳାକାରମାନେ ଏଥିରେ ଜାପାନର କଳା, ସଂସ୍କୃତି ପ୍ରଦର୍ଶନ କରିବେ। ଏଥିସହ ଚନ୍ଦ୍ରଶେଖର ଏକାଡେମୀର ଛାତ୍ରୀଛାତ୍ରମାନେ ଓଡ଼ିଶାର ଐତିହ୍ୟ, କଳା ଓ ସଂସ୍କୃତି ପ୍ରଦର୍ଶନ କରିବେ। ଫଳରେ ଉଭୟ ଦେଶର କଳା ସଂସ୍କୃତିକୁ ଏହି ମଞ୍ଚରେ ଦେଖିବାର ସୁଯୋଗ ମିଳିବ। ଭାରତ-ଜାପାନ ମୈତ୍ରୀ କେନ୍ଦ୍ର, ଚନ୍ଦ୍ରଶେଖର ଏକାଡେମୀ ଏବଂ ଜାପାନ-ଭାରତ ସଂଘର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଦୁଇଦେଶର ବନ୍ଧୁତ୍ୱ ସୁଦୃଢ଼ ହେବା ସହ କଳା, ସଂସ୍କୃତି, ଶିକ୍ଷା ଓ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି ଭାରତ-ଜାପାନ ମୈତ୍ରୀ କେନ୍ଦ୍ର ତଥା ଏକାଡେମୀର ସଭାପତି ଶ୍ରୀମନ୍ତ କୁମାର ଦାଶ କହିଛନ୍ତି। ଉକ୍ତ ମହୋତ୍ସବକୁ ବିନା ମୂଲ୍ୟରେ ଜନସାଧାରଣ ଉପଭୋଗ କରିପାରିବେ। ସୂଚନାଯୋଗ୍ୟ, ଏହି ଶିକ୍ଷାନୁଷ୍ଠାନଟି ସିବିଏସ୍‌ଇ ଅନୁମୋଦିତ ଏବଂ ଏଠାରେ ମାଗଣାରେ ଜାପାନ ଭାଷାର ଶିକ୍ଷାଦାନ ସୁବିଧା ରହିଛି।

# ବାହାବଳପୁର ମୁହାଣରେ ବିଶାଳକାୟ ମଗର

## ଗଭୀର ସମୁଦ୍ରରେ ଛାଡ଼ିଲା ପୋଲିସ

ବସ୍ତା,୧୯।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର ମୁହାଣରେ ରବିବାର ପୂର୍ବାହ୍ନରେ ଏକ ବିଶାଳକାୟ ମଗରକୁ ଜୀବନ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହାର ଓଜନ ଅଢ଼େଇ ଟନ୍ ହେବ। ପରେ ତାକୁ ଗଭୀର ସମୁଦ୍ରରେ ଛଡ଼ାଯାଇଥିବା ଜଣାପଡ଼ିଛି।

ଏହି ବିଶାଳକାୟ ମାଛ ଦେଖି ମତ୍ସ୍ୟଜୀବୀଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇଥିଲା। ମତ୍ସ୍ୟଜୀବୀମାନେ ମାଛ ଜୀବନ୍ତ ଥିବା ଦେଖି ବାହାବଳପୁର ସାମୁଦ୍ରିକ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମତ୍ସ୍ୟଜୀବୀଙ୍କ ସହଯୋଗରେ ବୋଟ୍ ସହାୟତାରେ ନେଇ ଗଭୀର ସମୁଦ୍ରରେ ଛାଡ଼ିଥିଲା। ଏହି ପ୍ରଜାତିର ମାଛକୁ ବାଘୁଆ ମଗର ବୋଲି ମତ୍ସ୍ୟଜୀବୀଙ୍କ ପକ୍ଷରୁ କୁହାଯାଉଛି। କୌଣସି ବୋଟ୍‌ରେ ମାଡ଼ ହୋଇ ସେ ମୁହାଣ ଭିତରକୁ ପଶି ଆସିଥିବା ଅନୁମାନ କରାଯାଉଛି।


ବାହାବଳପୁର ମୁହାଣରେ ଲାଗିଥିବା ଜୀବନ୍ତ ମଗର।

# ଜାଲରେ ପଡ଼ିଲା ୨ କୁଇଣ୍ଟାଲ ଓଜନର ସାର୍କ

## ୨୯ ହଜାର ଟଙ୍କାରେ ନିଲାମ

ଭୋଗରାଇ, ୧୯।୨(ଡି.ଏନ.ଏ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ଦୀଘା ଉପକୂଳ ଗଭୀର ସମୁଦ୍ରରେ ପୁଣି ଏକ ବିରଳ ପ୍ରଜାତିର ସାର୍କ ମତ୍ସ୍ୟଜୀବୀଙ୍କ ଜାଲରେ ଧରାପଡ଼ିଛି। ଟ୍ରଲର ମାଲିକ ଏହି ବିଶାଳକାୟ ସାର୍କକୁ ରବିବାର ଦୀଘା ମୁହାଣ ଆନ୍ତର୍ଜାତିକ ମାଛ ମାର୍କେଟକୁ ବିକ୍ରି କରିବାକୁ ଆଣିଥିଲେ। ସେଠାରେ ଉକ୍ତ ମାଛକୁ ନିଲାମରେ କୋଲକାତାର ଏକ କମ୍ପାନୀ ୨୯ ହଜାର ଟଙ୍କାରେ କିଣିନେଇଛି। କେତେକ ଲୋକ ଏହାକୁ ସାର୍କ କହୁଥିବା ବେଳେ ଅନ୍ୟ କେତେକ ହାଙ୍ଗର ବୋଲି କହୁଛନ୍ତି। ଏହି ମାଛକୁ କୋଲକାତା ନିଆଯାଇ ବିଦେଶରେ କି.ଗ୍ରା. ପ୍ରତି ଏହାକୁ ଚଢ଼ା ଦାମ୍‌ରେ ବିକ୍ରି କରାଯିବ ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି।

ସୂଚନା ଅନୁଯାୟୀ, ଗତ ବୁଧବାର ଦୀଘା ମାଛ ମାର୍କେଟରେ ବିରଳ ପ୍ରଜାତିର ୨ କୁଇଣ୍ଟାଲ ଓଜନର ଏକ ସାମୁଦ୍ରିକ କଉ ୩୮ହଜାର ଟଙ୍କାରେ କୋଲକାତାର ଏକ କମ୍ପାନୀକୁ ବିକ୍ରି କରାଯାଇଥିଲା। ଅପରପକ୍ଷରେ ଦୀଘା ଉପକୂଳ ଗଭୀର ସମୁଦ୍ରରୁ ଏଭଳି ବିରଳ ପ୍ରଜାତିର ମାଛ ଧରାଯାଉଥିବା ବେଳେ ବନ ବିଭାଗର ଏଥିପ୍ରତି ନଜର ନାହିଁ। ଏନେଇ ସାମୁଦ୍ରିକ ବିଜ୍ଞାନୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।


ଧରାଯାଇଥିବା ସାର୍କକୁ ମାଛ ମାର୍କେଟକୁ ନିଆଯାଉଛି।

ମଣିଷର ସ୍ୱର୍ଗାରୋହଣ ନୁହେଁ- ବରଂ ତା'ର ଆତ୍ମା ମଧ୍ୟକୁ ଆରୋହଣ ଏବଂ ଆତ୍ମାରୁ ସ୍ୱାଭାବିକ ମାନବିକତା ଭିତରକୁ ଅବତରଣ ଓ ପାର୍ଥିବ ପ୍ରକୃତିର ରୂପାନ୍ତର ହିଁ ପ୍ରକୃତ ଚାବିକାଠି। କାରଣ ତାହା ହିଁ ମଣିଷ ପାଇଁ ପ୍ରକୃତ ପୁନର୍ଜନ୍ମ। **-ଶ୍ରୀଅରବିନ୍ଦ**

# କୁଜି ସୁପରପାୱାର

କିଛିବର୍ଷ ଧରି ଭାରତ ସରକାର, ପ୍ରତ୍ୟେକ ରାଜ୍ୟ ସରକାର, ଦେଶର ବିଭିନ୍ନ ବଡ଼ କମ୍ପାନୀ ଏବଂ ଏପରିକି ବ୍ୟବସାୟ କିମ୍ବା ସରକାର ସହିତ ସମ୍ପୃକ୍ତ ଭାରତୀୟ ବ୍ୟକ୍ତିବିଶେଷମାନେ କେବଳ ଆମେରିକୀୟ ଡଲାରରେ କଥାବାର୍ତ୍ତା ହେଉଛନ୍ତି। ଅର୍ଥମନ୍ତ୍ରୀ ତାଙ୍କର ବାର୍ଷିକ ବଜେଟ ପଢ଼ିସାରିବା ପରେ ଯେତେ ଅଭିଜ୍ଞ ବ୍ୟକ୍ତି ଟେଲିଭିଜନରେ ଆସି ସେମାନଙ୍କ ମୂଲ୍ୟବାନ ପ୍ରତିକ୍ରିୟା ଦେଶବାସୀଙ୍କୁ ଜଣାଉଛନ୍ତି, ସେମାନଙ୍କ ମଧ୍ୟରୁ କ୍ୱଚିତ୍ ଭାରତୀୟ ଟଙ୍କା ଉଚ୍ଚାରଣ କରିଥାଆନ୍ତି। ଏଥିରୁ ବୁଝାପଡ଼େ ଯେ, ଭାରତୀୟ ଟଙ୍କାକୁ ତା'ର ସମ୍ମାନ ଦେବା ପରିବର୍ତ୍ତେ ସବୁ ବଡ଼ବଡ଼ିଆ ଭାରତୀୟ ଆମେରିକୀୟ ଡଲାରରେ ବ୍ୟବସାୟ ଓ ଅର୍ଥନୀତିର ଉତ୍ଥାନ ପତନ ସମ୍ପର୍କରେ ମତ ଦେଇଚାଲନ୍ତି। ଏହା ମଧ୍ୟ ବୁଝିବାକୁ ହେବ ଯେ ଭାରତୀୟମାନେ ଅନ୍ତର୍ଜାତୀୟ ବ୍ୟବସାୟିକ ଜଗତରେ ନିଜକୁ ଏକ ବଡ଼ ଦେଶର ନାଗରିକ ଭାବେ ପ୍ରତିପାଦନ କରିବାକୁ ଇଚ୍ଛୁକ ଅଛନ୍ତି। କିନ୍ତୁ ସେଥିରେ ଅନ୍ୟ ଏକ ନକାରାତ୍ମକ ଦିଗ ମଧ୍ୟ ଅଛି। ଯେତେବେଳେ ଗୋଟେ ଦେଶ ବିଶ୍ୱସ୍ତରରେ ତା'ର ଛାପ ପକାଇବାକୁ ଚେଷ୍ଟା କରୁଛି ସେତେବେଳେ ସେହି ଦେଶକୁ ଅନ୍ତର୍ଜାତୀୟ ଯାଞ୍ଚର ସମ୍ମୁଖୀନ ହେବାକୁ ପଡ଼ିବ। ଗତ ଫେବୃୟାରୀ ୧୭ରେ ଜର୍ମାନୀର ମ୍ୟୁନିକ୍ ସହରରେ ଅନୁଷ୍ଠିତ ମ୍ୟୁନିକ୍ ସିକ୍ୟୁରିଟି କନ୍‌ଫରେନ୍ସ (ଏମ୍‌ଏସ୍‌ସି-୨୦୨୩)ରେ ଭାଗ ନେଇ ବିଶ୍ୱରେ ଜଣାଶୁଣା ବିଲିୟନେୟାର ପୁଞ୍ଜିପତି ତଥା ଅନ୍ୟତମ ବଦାନ୍ୟ ବ୍ୟକ୍ତି ୯୨ ବର୍ଷୀୟ ଜର୍ଜ ସୋରୋସ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଶିଳ୍ପପତି ଗୌତମ ଆଦାନୀଙ୍କ ନିବିଡ଼ ସମ୍ପର୍କ ସମ୍ବନ୍ଧରେ ଟିପ୍ପଣୀ ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ ଆଦାନୀ କମ୍ପାନୀର ଠକାମି ଧରାପଡ଼ିବା ପରେ ଯେଉଁ ପ୍ରବଳ କ୍ଷତି ସହିବାକୁ ପଡ଼ିଛି ତାହାଦ୍ୱାରା ଭାରତୀୟ ଅର୍ଥନୀତି ଦୁର୍ବଳ ହେବା ସହିତ ମୋଦିଙ୍କର ଶକ୍ତିଶାଳୀ ଭାବମୂର୍ତ୍ତି ମାଡ଼ ଖାଇଛି। ତାଙ୍କେ ଏହା ମଧ୍ୟ କହିଛନ୍ତି ଯେ ଏହି ଘଟଣା ପରେ ଭାରତର ଗଣତନ୍ତ୍ର ସୁଦୃଢ଼ ହେବାର ସମ୍ଭାବନା ବୃଦ୍ଧି ପାଉଛି, କାରଣ ତା'ର ସାମ୍ବିଧାନିକ ସଂସ୍ଥାଗତ ସଂସ୍କାର ଘଟିପାରେ।

ସୋରୋସଙ୍କର ଏଭଳି ମନ୍ତବ୍ୟ ସ୍ୱାଭାବିକ ଭାବେ ଭାରତରେ ପ୍ରବଳ ପ୍ରତିକ୍ରିୟା ସୃଷ୍ଟି କରିଛି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ଯିଏ ନିଜେ ଜଣେ ଅବସରପ୍ରାପ୍ତ ବୈଦେଶିକ ସେବା ଅଧିକାରୀ ସିଏ ସୋରୋସଙ୍କୁ ଜଣେ ଧନୀ, ଜିଦ୍‌ଖୋର 'ବୁଢ଼ା'ର ଆଖ୍ୟା ଦେଇ କଟାକ୍ଷ କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ କହିଛନ୍ତି, ସୋରୋସ କେବଳ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିନାହାନ୍ତି, ବରଂ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ମଧ୍ୟ ଆକ୍ରମଣ କରିଛନ୍ତି। ତେବେ ଏଠାରେ ମନେପଡ଼େ ପ୍ରଧାନମନ୍ତ୍ରୀ ମୋଦି ସେପ୍ଟେମ୍ବର ୨୦୧୯ରେ ଆମେରିକାର ଟେକ୍ସାସ୍ ରାଜ୍ୟକୁ ଯାଇ ଭାରତୀୟମାନଙ୍କ ଏକ ସଭାକୁ ଉଦ୍‌ବୋଧନ ଦେବା ବେଳେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ଉପସ୍ଥିତିରେ ଘୋଷଣା କରିଥିଲେ 'ଅବ୍ କି ବାର୍ ଟ୍ରମ୍ପ ସରକାର'। ଏହା ସାଧାରଣ ବହିର୍ବ୍ୟାପାର ନୀତିର ସର୍ବନିମ୍ନ ଚାହିଦାକୁ କୁଠାରାଘାତ କରିଥିଲା। ଅନ୍ୟଦେଶର ଗଣତାନ୍ତ୍ରିକ ପଦ୍ଧତିରେ ଏଭଳି ହସ୍ତକ୍ଷେପ ଦରକାର ନ ଥିଲା। ଏକ ଦୃଷ୍ଟାନ୍ତ ଦେଖିଲେ, ଭାରତ ସରକାରଙ୍କ ଦ୍ୱାରା ଗୋଆଠାରେ ଆୟୋଜିତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଇସ୍ରାଏଲ ସିନେମା ନିର୍ମାତା ତଥା ନିର୍ଦ୍ଦେଶକ ନାଦାଭ ଲାପିଡ୍ କଶ୍ମୀର ଫାଇଲ୍ସକୁ ଯେତେବେଳେ ପ୍ରଚାରଧର୍ମୀ ସିନେମା ବୋଲି କହିଥିଲେ ସମଗ୍ର ଭାରତୀୟ ଜନତା ପାର୍ଟିର ନେତା, କର୍ମୀ ଓ ସମର୍ଥକ ତାଙ୍କ ଉପରେ ବର୍ଷିଲେ। ଅନୁରୂପ ଭାବେ କୃଷକ ଆନ୍ଦୋଳନ ବେଳେ ଆମେରିକୀୟ ଗାୟିକା ରିହାନା ଯେତେବେଳେ ଆନ୍ଦୋଳନକାରୀଙ୍କୁ ସମର୍ଥନ ଜଣାଇଥିଲେ ସେତେବେଳେ ଭାଜପା ଓ ତା'ର ଟ୍ରୋଲ୍ ସେନା ଛାଟିପିଟି ହୋଇପଡ଼ିଥିଲେ। ସେହିଭଳି ଭାରତର କୃଷକ ଆନ୍ଦୋଳନକୁ ସମର୍ଥନ ଜଣାଇ ଯେତେବେଳେ ଟୁଲ୍‌କିଟ୍ ଘଟଣାରେ ବେଙ୍ଗାଲୁରୁ ଯୁବତୀ ଦିଶା ରବି ଗିରଫ ହୋଇଥିଲେ ସେତେବେଳେ ତାଙ୍କ ସମର୍ଥନରେ ଅନ୍ତର୍ଜାତୀୟ ଜଳବାୟୁ କର୍ମୀ ଗ୍ରେଟା ଥନ୍‌ବର୍ଗଙ୍କ ସମେତ ଅନେକ ବିଶ୍ୱସ୍ତରୀୟ ସୁପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଆଗକୁ ଆସିଥିଲେ। ସେମାନେ ଦିଶାଙ୍କ ଗିରଫକୁ ସମାଲୋଚନା କରିବାରୁ ସେମାନଙ୍କ ବିରୋଧରେ ଦିଲ୍ଲୀ ପୋଲିସ ଥାନାରେ ମାମଲା ରୁଜୁ କରାଯିବା ସହିତ ପ୍ରବଳ ଅସହିଷ୍ଣୁତା ପ୍ରଦର୍ଶନ କରାଯାଇଥିଲା।

ଏବେ ହିଣ୍ଡେନବର୍ଗ ରିପୋର୍ଟ ସହିତ ବିବିସି ଡକ୍ୟୁମେଣ୍ଟାରି ଗୁଜରାଟ ଦଙ୍ଗା ସମ୍ପର୍କରେ ଭିଡିଓ ଭଳି ଯେତୋଟି ତଥ୍ୟଭିତ୍ତିକ ପ୍ରମାଣ ଥିବା ଖବର ଆସୁଛି, ସେସବୁକୁ ଔପନିବେଶିକ ଚିନ୍ତାଧାରା ଦ୍ୱାରା ଭାରତକୁ ଭାଗ ଭାଗ କରିଦେବାର ବିଦେଶୀ ଉଦ୍ୟମ କହି ଚାପିଦେବାକୁ ମନ୍ଦ ଚେଷ୍ଟା ହେଉଛି। ପୁଣି ମନେପଡ଼େ ଯେତେବେଳେ ଟୁଇଟରର ତତ୍କାଳୀନ ମାଲିକ ଜ୍ୟାକ୍ ଡୋର୍ସେ ଭାରତରେ କୋଭିଡ୍ ବେଳେ ଭାଜପା ନେତାଙ୍କ ଟୁଇଟ୍‌କୁ ଅଣପ୍ରମାଣସିଦ୍ଧ ବୋଲି ଦର୍ଶାଇଥିଲେ, ତା' ପରେ ଟୁଇଟରର ଦିଲ୍ଲୀ ଓ ଗୁଡ୍‌ଗାଓଁ ଅଫିସ୍ ଉପରେ ପୋଲିସ ଚଢ଼ାଉ କରିଥିଲା। ଏବେ ବିବିସି ଅଫିସ ଉପରେ ସେଭଳି କରାଯାଇଛି। ଏହିଭଳି ପ୍ରତିଶୋଧମୂଳକ ପଦକ୍ଷେପ ଯୋଗୁ ଭାରତର ଅନ୍ତର୍ଜାତୀୟ ଭାବମୂର୍ତ୍ତି ଉପରେ ନିଶ୍ଚିତ ଆଞ୍ଚ ଆସୁଛି। କାରଣ ସମସ୍ତେ ଜାଣନ୍ତି ଭାରତୀୟ ପୋଲିସ କିମ୍ବା ଆଇଟି ବିଭାଗର ଏହି ବିରାଟକାୟ ବିଦେଶୀ ସଂସ୍ଥାଗୁଡ଼ିକ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ କାଟୁ କରିବ ନାହିଁ।

ବାସ୍ତବରେ ଯେତେବେଳେ ଅନ୍ତର୍ଜାତୀୟ ସ୍ତରକୁ ଯିବାକୁ ଭାରତୀୟମାନଙ୍କ ଇଚ୍ଛା ରହୁଛି, ତାହା ବ୍ୟବସାୟଠାରୁ ସିନେମା ଦେଇ ବିଭିନ୍ନ କ୍ଷେତ୍ରରେ ବିଶ୍ୱସ୍ତରୀୟ ନିରୀକ୍ଷଣ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। ଯେତେବେଳେ କୌଣସି ବିଦେଶୀ ସଂସ୍ଥା ବା ନେତା ମୋଦି ସରକାରଙ୍କୁ ସାଧାରଣ ପ୍ରଶଂସା କରନ୍ତି, ସେତେବେଳେ କାନଫଟା ପ୍ରଚାର ଆରମ୍ଭ ହୋଇଯାଉଛି। ବିପରୀତ ମତ ଆସିଲେ ସେଥିରେ କ୍ରୋଧିତ ହୋଇ ଅଭଦ୍ର ଭାଷାରେ ଗାଳିଗୁଲଜ କରାଯାଉଛି। ଆଉ ଯୁଗ ନାହିଁ ଯେ ଭାରତ ନିଜକୁ ଏକ ସୁପରପାୱାର ଭାବେ ଦର୍ଶାଇବାକୁ ଚେଷ୍ଟା କରିବ, କିନ୍ତୁ ଏକ 'କୁଜି ଦେଶ' ଭାବେ ପ୍ରତିକ୍ରିୟାଶୀଳ ହେବ।

# ପିଲାଙ୍କ ପାଇଁ ଆମେ କେତେ ଚିନ୍ତିତ



ରାଜୀବ କୁମାର ନାୟକ

କିଶୋର ନ୍ୟାୟ (ଯତ୍ନ ଏବଂ ସୁରକ୍ଷା) ଅଧିନିୟମ ଅନୁସାରେ ଅନୁଷ୍ଠାନ ହେଉଛି ଶେଷ ଆଶ୍ରୟ ଏବଂ ଏହାକୁ ଆଖି ଆଗରେ ରଖି ୨୦୧୫ ମସିହାଠାରୁ କାର୍ଯ୍ୟକାରୀ ହୋଇଥିବା ନୂଆ ଅଧିନିୟମରେ ପ୍ରଥମଥର ସକାଶେ ବିକଳ୍ପ ଶିଶୁଯତ୍ନ ଉପରେ ଗୁରୁତ୍ୱାରୋପ କରି ପ୍ରତିପାଳନ ଯତ୍ନ ବ୍ୟବସ୍ଥାକୁ ସ୍ଥାନିତ କଲେ ଯେଉଁଠି ଗୋଟିଏ ଶିଶୁ ଶିଶୁଗୃହରେ ନ ରହି ଅନ୍ୟ ଏକ ପରିବାରରେ ରହିପାରିବା ଭଳି ସ୍ନେହଯତ୍ନ ପାଇପାରିବ। ନୂଆ ଅଧିନିୟମରେ ଆହୁରି ମଧ୍ୟ ପରବର୍ତ୍ତୀ ଯତ୍ନ ବା ଆଫ୍‌ଟର କେୟାରକୁ ଗୁରୁତ୍ୱ ଦିଆଯାଇଛି, ଯଦ୍ଦ୍ୱାରା ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ପିଲା ଅତିବେଶିରେ ଅଠର ବର୍ଷ ପର୍ଯ୍ୟନ୍ତ ରହିବାର ବ୍ୟବସ୍ଥା ରହିଛି। ଏହା ସହ ଅଠରରୁ ଏକୋଇଶ ବର୍ଷର ପିଲାଙ୍କ ସକାଶେ ଯେଉଁ ବାଳିକାବାଳକଙ୍କ ମା'ବାପା ନ ଥିବେ, ନିଜର ଘର ବୋଲି କିଛି ନ ଥିବ, ସମ୍ପର୍କୀୟ କେହି ନ ଥିବେ ବା ତାଙ୍କ କଥା ବୁଝିବାକୁ କେହି ଆଗ୍ରହ ପ୍ରକାଶ କରୁ ନ ଥିବେ ସେଭଳି ସ୍ଥଳେ ଶିଶୁଟି ଅନୁଷ୍ଠାନରୁ ଗଲା ପରେ ତାକୁ ଆର୍ଥିକ ହେଉ ବା ଅନ୍ୟ କିଛି ସହାୟତା ଯୋଗାଇ ଦେବା କଥା। କିନ୍ତୁ ଅସଲରେ ଶିଶୁ ଯତ୍ନ ଅନୁଷ୍ଠାନ ବା ବିକଳ୍ପ ଯତ୍ନ ବ୍ୟବସ୍ଥା ମାଧ୍ୟମରେ ଅନ୍ୟ ପରିବାରରେ ରହି ଅଠର ବର୍ଷରେ ପଦାର୍ପଣ କଲା ପରେ ସେ କ'ଣ କରୁଛି, କୁଆଡେ ଯାଉଛି ତା'ର ହିସାବ ସରକାରଙ୍କ ପାଖରେ ଅଛି ନା ଶିଶୁଗୃହ କର୍ତ୍ତୃପକ୍ଷଙ୍କ ପାଖରେ ଅଛି। ଏଭଳି କ୍ଷେତ୍ରରେ ଉପରଠାଉରିଆ ଭାବରେ ଦେଖିଲେ ସମଗ୍ର ଓଡ଼ିଶାରେ ତିରିଶ ଗୋଟି ଜିଲା ଥିବାବେଳେ ହାରାହାରି ହିସାବରେ ଗୋଟିଏ ଜିଲାରେ ଅନ୍ତତଃ ପକ୍ଷେ ତିନୋଟି କରି ଶିଶୁଗୃହ ଥିଲେ ଏବଂ ପ୍ରତ୍ୟେକଟି ଶିଶୁଗୃହରୁ ଅଠରରେ ପଦାର୍ପଣ କରି ବାହାରୁ ଥିବା ପିଲା ସଂଖ୍ୟା ଅତିକମ୍‌ରେ ପାଞ୍ଚ ହେଲେ ମଧ୍ୟ ପ୍ରତିବର୍ଷ ପାଖାପାଖି ଚାରିଶହ ଶିଶୁ ଅନୁଷ୍ଠାନ ଛାଡୁଛନ୍ତି। ଯଦି ବିଗତ ଦଶ ବର୍ଷର ଆମେ ଏକ ହିସାବ କରିବା ତେବେ ଏଭଳି ପିଲାଙ୍କ ସଂଖ୍ୟା ପାଖାପାଖି ପାଞ୍ଚ ହଜାର ହେବ, ଯାହାକି ଏକ ଛୋଟ ସଂଖ୍ୟା ନୁହେଁ। ଏତେ ସଂଖ୍ୟାରେ ପିଲାଙ୍କ ହିସାବ ନ ରହିବା ଶିଶୁ ଅଧିକାରର ସୁରକ୍ଷା ଭଳି ଏକ ସ୍ପର୍ଶକାତର ପ୍ରସଙ୍ଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଆଫ୍‌ଟର କେୟାର କଥା ଯାହା କୁହାଯାଉଛି ବାସ୍ତବରେ ସରକାର ଆଜି ପର୍ଯ୍ୟନ୍ତ ତାହା ବିଧିବଦ୍ଧ ଭାବରେ ଆରମ୍ଭ କରିପାରି ନାହାନ୍ତି। କାଁ ଭାଁ କେତୋଟି ଉଦାହରଣ ଛାଡିଦେଲେ ପିଲାମାନଙ୍କୁ ସେଭଳି କିଛି ବୃତ୍ତିଗତ ତାଲିମ/ ପ୍ରଶିକ୍ଷଣ ଦିଆଯାଇ ପାରିନାହିଁ। ଅବଶ୍ୟ ଦଶମ ପାସ୍ କଲା ପରେ କିଛି କିଛି ସ୍ଥାନରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନ୍ତରିକତା ଦେଖାଇ ଶିଶୁ ଗୃହରେ ରହୁଥିବା ପିଲାଙ୍କୁ ଆଇଟିଆଇ ବା ପଲିଟେକ୍ ଭଳି କିଛି ବୃତ୍ତିଗତ ତାଲିମ କେନ୍ଦ୍ରରେ ନାମ ଲେଖାଇବା ସକାଶେ ଯତ୍‌ପରୋନାସ୍ତି ଚେଷ୍ଟା କରୁଛି। କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ। ପିଲାମାନେ ଶିଶୁ ଯତ୍ନ ଅନୁଷ୍ଠାନରେ ଥିବାବେଳେ ମଧ୍ୟ କମ୍ପ୍ୟୁଟର୍, ସିଲେଇ ଇତ୍ୟାଦି ବିଷୟରେ ସ୍ୱଳ୍ପକାଳୀନ ତାଲିମ ଦିଆଯାଇପାରନ୍ତା ଯଦିଓ କିଛି ଜାଗାରେ ଏସବୁ ଜିନିଷ ରଖାଯାଇଛି, ହେଲେ ସେଠାରେ ପ୍ରଶିକ୍ଷକ ନାହାନ୍ତି। ତେଣୁ ଅନ୍ୟ କାମରେ ନିୟୋଜିତ କର୍ମଚାରୀ ଏହା ଶିଖାଇବାକୁ ଅନାଗ୍ରହ ପ୍ରକାଶ କରିବା ତ ଗୋଟିଏ କଥା, ସେମାନେ ମଧ୍ୟ ପୂର୍ଣ୍ଣ ମାତ୍ରାରେ ତାଲିମପ୍ରାପ୍ତ ନୁହନ୍ତି। କିଏ କେମିତି ନିଜ ଆଗ୍ରହକୁ ନେଇ ବିଷୟକୁ ଯାହା ଆୟତ୍ତ କରିଥିବେ ତାହା ଅନ୍ୟକୁ ତାଲିମ ଦେବା ପାଇଁ ଯଥେଷ୍ଟ ନୁହେଁ। ଆଫ୍‌ଟର କେୟାର ବ୍ୟବସ୍ଥା ଅନୁଯାୟୀ ଅନୁଷ୍ଠାନ ଛାଡ଼ିବାର ପରବର୍ତ୍ତୀ ସମୟରେ ପିଲାମାନଙ୍କ ଆଗ୍ରହ ଅନୁସାରେ କମ୍ପ୍ୟୁଟର,ସିଲେଇ ଭିନ୍ନ ମୋଟର ବାଇଣ୍ଡିଂ,ମୋଟରସାଇକେଲ ମରାମତି, ମୋବାଇଲ ଫୋନ୍ ମରାମତି ଭଳି ଅନେକ ସ୍ୱଳ୍ପକାଳୀନ ଏବଂ ଦୀର୍ଘକାଳୀନ ତାଲିମ ଦିଆଯାଇ ପାରନ୍ତା। ଜନ ଶିକ୍ଷଣ ସଂସ୍ଥା, ଆରସେଟି, ଡିଡିୟୁଜିକେଓୱାଇ ଭଳି ଅନେକ ଅନୁଷ୍ଠାନ ଏ ଦିଗରେ କାର୍ଯ୍ୟ କରୁଛନ୍ତି, ଯେଉଁମାନଙ୍କ ସହିତ ପିଲାଙ୍କୁ ଯୋଡାଯାଇ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦିଆଯାଇପାରନ୍ତା। କେନ୍ଦ୍ର ସରକାରଙ୍କ ଜାତୀୟ କୌଶଳ ବିକାଶ ମନ୍ତ୍ରଣାଳୟ ଆନୁକୂଲ୍ୟରେ କୌଶଳ ଭାରତ-କୁଶଳ ଭାରତ ବାର୍ତ୍ତା ନେଇ ସ୍କିଲ୍ ଇଣ୍ଡିଆ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉଛି, ଯେଉଁଥିରେ ଅନେକ ସଂଖ୍ୟାରେ ଯୁବତୀଯୁବକ ସାମିଲ ହୋଇ ନିଯୁକ୍ତି ପାଇପାରନ୍ତେ।



ପିଲାମାନେ ଅଠରରେ ପଦାର୍ପଣ କଲେ ତାଙ୍କ ସକାଶେ ଆୟର ପନ୍ଥା ଯୋଗାଇବା ନିମିତ୍ତ ଏଭଳି କିଛି ପ୍ରଶିକ୍ଷଣ ପ୍ରଦାନ ନ କରି ଶିଶୁ ଯତ୍ନ ଅନୁଷ୍ଠାନରୁ ଛାଡିଦେବା ଦ୍ୱାରା ଅନେକ ପିଲା କାମଧନ୍ଦା ଉଦ୍ଦେଶ୍ୟରେ ବାହାର ରାଜ୍ୟକୁ ଚାଲିଯାଉଥିବା ନଜିର ସାମ୍ନାକୁ ଆସୁଛି। ସମୟ ସମୟରେ ଏପରି କି ସେଠାରେ ନିର୍ଯାତନାର ଶିକାର ହେବା ଗଣମାଧ୍ୟମର ପୃଷ୍ଠାମଣ୍ଡନ କରୁଛି,ଯାହାକି ନୈରାଶ୍ୟର ବିଷୟ। ଏଭଳି କ୍ଷେତ୍ରରେ ଏତେଦିନଧରି ଦିଆଯାଇଥିବା ଯତ୍ନ ଓ ସୁରକ୍ଷା ପାଣିରେ ମିଳେଇଗଲା ଭଳି ହେଉଛି।

ଏଭଳି ପିଲାଙ୍କ ଉଚ୍ଚଶିକ୍ଷା ନିମିତ୍ତ ଓଡ଼ିଶା ସରକାର ଗ୍ରୀନ୍ ପାସେଜ୍, ବୈଷୟିକ ଶିକ୍ଷା ସ୍ଥଳେ ଗୋପବନ୍ଧୁ ଶିକ୍ଷା ସହାୟତା ଭଳି ଯୋଜନା ଆରମ୍ଭ କରିଥିବା ସ୍ୱାଗତଯୋଗ୍ୟ। ଠିକ୍ ସେହିପରି ପି.ଏମ୍.କେୟାରସ୍ ଫର୍ ଚିଲ୍‌ଡ୍ରେନ ଯୋଜନା ମାଧ୍ୟମରେ କୋଭିଡ୍‌ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିବିଶେଷଙ୍କ ସନ୍ତାନସନ୍ତତିଙ୍କୁ ୧୮ବର୍ଷରେ ପଦାର୍ପଣ କଲାଠାରୁ ମାସିକ ବୃତ୍ତି ପ୍ରଦାନ ତଥା ୨୩ବର୍ଷରେ ପଦାର୍ପଣ କଲା ପରେ ଏକକାଳୀନ ଦଶ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ ଅନେକ ଗୁରୁତ୍ୱ ବହନ କରେ। କିନ୍ତୁ ଯେଉଁମାନେ ଉଚ୍ଚ ଶିକ୍ଷା କରିବାରେ ଅନାଗ୍ରହ ବା ଅନ୍ୟ କୌଣସି କାରଣରୁ ବଞ୍ଚିତ ହେଉଛନ୍ତି ତାଙ୍କୁ ଯଦି ଧନ୍ଦାମୂଳକ ତାଲିମ ଯୋଗାଇ ଦିଆଯାଇ ପାରନ୍ତା ତା' ହେଲେ ସେମାନେ ରୋଜଗାରକ୍ଷମ ହୋଇପାରନ୍ତେ। ଶିଶୁ ଯତ୍ନ ଅନୁଷ୍ଠାନରେ ରହି ନବମ/ଦଶମ ଶ୍ରେଣୀରେ ପଢୁଥିବା ଶିଶୁମାନଙ୍କ ମଧ୍ୟରେ ଆହୁରି ମଧ୍ୟ ନିୟମିତ ଭାବରେ କ୍ୟାରିୟର କାଉନସେଲିଂର ବ୍ୟବସ୍ଥା କରାଯିବା ବାଞ୍ଛନୀୟ। ବର୍ତ୍ତମାନର ସମୟ ହେଉଛି ସୂଚନାର ସମୟ ଏବଂ ଯାହା ପାଖରେ ଯେତେ ଅଧିକ ସୂଚନା ରହୁଛି ସେ ସେତେ ଉନ୍ନତି କରୁଛି। ତେଣୁ ପିଲାମାନଙ୍କୁ ଅଧିକରୁ ଅଧିକ ସୂଚନା ଯୋଗାଇବା ଆମର କର୍ତ୍ତବ୍ୟ, ଯଦ୍ଦ୍ୱାରା ପିଲାଟିଏ କ'ଣ କରିବା ଉଚିତ, କ'ଣ ଅନୁଚିତ, ତା'ଦ୍ୱାରା କ'ଣ ହେବ, କ'ଣ ହେବ ନାହିଁ ନିଜକୁ ନିଜେ ପରଖିବ। ତା'ପାଖରେ ଅନେକ ବିକଳ୍ପ ବି ରହିବ ବାଛିବାକୁ, ଚିନ୍ତା କରିବାକୁ।

ତେଣୁ ସରକାର କାଳବିଳମ୍ବ ନ କରି ଅଗ୍ରାଧିକାର ଭିତ୍ତିରେ ଆଫ୍‌ଟର କେୟାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଆବଶ୍ୟକ। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବା ସେବା ପ୍ରଦାନକାରୀ ଅନୁଷ୍ଠାନ ଯେଉଁମାନଙ୍କର ଆଗ୍ରହ ଥିବ ଏବଂ ବୃତ୍ତିଗତ ତାଲିମ ସଂକ୍ରାନ୍ତରେ ଅଭିଜ୍ଞତା ଥିବ ସେମାନଙ୍କ ସହିତ ସରକାର ମିଳିତ ଭାବରେ ଏହି କାର୍ଯ୍ୟକ୍ରମକୁ ଆଗେଇ ନେଇ ପାରିବେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅଠର ବର୍ଷ ପର୍ଯ୍ୟନ୍ତ ସରକାର ଯେଭଳି ଭାବରେ ଶିଶୁ ଯତ୍ନ ନିମନ୍ତେ ପ୍ରଚେଷ୍ଟା ଜାରି ରଖିଛନ୍ତି, ୧୮ରୁ ୨୧ ବର୍ଷର ପିଲାମାନଙ୍କ ସକାଶେ ମଧ୍ୟ ସେହି ସମାନ ଆନ୍ତରିକତା ଦେଖାଇଲେ ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ବାଳକ ବାଳିକାଙ୍କ ଏକ ସୁନ୍ଦର ଭବିଷ୍ୟତ ଗଢ଼ାଯାଇପାରନ୍ତା।

**ପଦରପଡ଼ା, ବୌଦ୍ଧ**
**ମୋ: ୯୪୩୭୫୬୭୧୮୩୧**

# ଭଲମନ୍ଦର କଥା



ଡ. ବାସୁଦେବ ମିଶ୍ର

କବାଟ ଖୋଲିଲେ ବାହାରର ଧୂଳିମଳି ପଶିଆସେ ଘର ଭିତରକୁ। ଘରକୁ ଅସନା କରିଦିଏ। ତାକୁ ଝାଡୁର ସାହାଯ୍ୟ ନେଇ ସଫା କରିବାକୁ ପଡ଼େ। ସଫାସୁତୁରା ଲୁଗାପଟା ପିନ୍ଧି ବାହାରେ ଟିକିଏ ବୁଲି ଫେରିଆସିବା ବେଳକୁ ତାହା ମଇଳା ହୋଇଥାଏ। ପୁଣି ସଫା କରିବାକୁ ପଡ଼େ। ଦେବଦର୍ଶନ ପାଇଁ ମନ୍ଦିରକୁ ଯାଉଯାଉ କେମିତି କେଜାଣି ଆଖି ପଡ଼ିଯାଏ ପୁରୁଷ-ନାରୀ ଯୁଗଳ ମୂର୍ତ୍ତି ଉପରେ। କୌଣସି ମହାପୁରୁଷଙ୍କଠାରୁ ଉପଦେଶ ଗ୍ରହଣ କରିବାକୁ ଯାଉଥିବାବେଳେ ଆଖି ଲାଖିଯାଏ କୌଣସି ରୂପସୀ ତରୁଣୀର ସୁନ୍ଦର ମୁଖମଣ୍ଡଳରେ। କାନ ଡେରିଲେ ମନ ଓ ହୃଦୟ ଭିତରକୁ ପଶିଆସେ ନିକଟ ମନ୍ଦିରରେ ବାଜୁଥିବା ଶଙ୍ଖ ଓ ଘଣ୍ଟାଧ୍ୱନି, ବେଦମନ୍ତ୍ରର ଉଦାତ୍ତ ସ୍ୱର। ସେମିତି ତା' ସହିତ କିଛି ଅଶ୍ଳୀଳ ଆଦିମତାର ଶବ୍ଦ ମଧ୍ୟ ଶୁଣାଯାଏ। ଆଖି ଖୋଲିଲେ ଆଗରେ ଭାସିଉଠେ ବିଚିତ୍ରବର୍ଣ୍ଣା ପ୍ରକୃତିର ମନୋହର ରୂପଶ୍ରୀ; ଯେଉଁଥିରେ ରହିଛି ଈଶ୍ୱରଙ୍କର କଳାକୃତିର ମନୋରମ ସ୍ପର୍ଶ। ପୁଣି ଅନେକ ଅସ୍ୱଚ୍ଛ ଅବିବେକିତାର ଝଲକ। ଇଣ୍ଟରନେଟ୍ ଖୋଲି କିଛି ଜରୁରୀ କାମ କରୁକରୁ ଭିତରକୁ ପଶିଆସେ ଭାଇରସ୍।

ଏମିତି କିଛି ଗୋଟାଏ ଭଲ କରୁକରୁ ଭେଲଟିଏ ଆସି ବାଟ ଓଗାଳି ଛିଡ଼ାହୁଏ। ମନ ଦେଇ ପାଠ ପଢ଼, ସୁଶିକ୍ଷିତ ହୁଅ, ଜ୍ଞାନୀ ହୁଅ, ସଭ୍ୟ ସୁପଣ୍ଡିତ ହୁଅ, ନିଜେ ପରିଶ୍ରମ କରି ଧନ ଅର୍ଜନ କର ଅଥବା ଅନେକ ସୁକାର୍ଯ୍ୟ କରି ଯଶ ଅର୍ଜନ କର। ତୁମ ଅଜାଣତରେ ତା' ସହିତ ତୁମ ମନଭିତରେ ବସାବାନ୍ଧି ରହିଯିବ କିଛି ଗର୍ବ, ଅହଙ୍କାର। ଘରର ଛାତ କଣମାନଙ୍କରେ ଲାଗିଥିବା ଟିକିଏ ଅଳନ୍ଧୁ ସଫା ନ କରି ପକାଇ ରଖିଲେ, ଅଣଦେଖା କଲେ, ତାହା ଧୀରେ ଧୀରେ ଛାତର ଚାରିପଟକୁ ଘେରିଯିବା ପରି ତୁମ ମନରେ ବସା ବାନ୍ଧୁଥିବା ଗର୍ବର ସେହି ପତଳା ଆସ୍ତରଣଟି ଧୀରେ ଧୀରେ ଗୋଟାଏ ମୋଟା ଚାଦରରେ ପରିଣତ ହୋଇ କେବେ ଅହଙ୍କାରର ରୂପ ଧାରଣ କରେ, ତାହା ତୁମକୁ ଜଣା ନ ଥାଏ। ସମୟକ୍ରମେ ଜ୍ଞାନର ପରିସୀମା ବଢ଼ିବା ସଙ୍ଗେସଙ୍ଗେ ଅହଙ୍କାରର ସେହି ଚାଦରଟି ମୋଟା ଏବଂ ଟାଣ ହୋଇ ଗୋଟିଏ ଶକ୍ତ ପଥର ଚଟାଣରେ ପରିଣତ ହୋଇଯାଏ ; ଯାହାକୁ ହୁଏତ କୌଣସି ପରିସ୍ଥିତିରେ ମଧ୍ୟ ନଷ୍ଟ କରିବା କିମ୍ବା ବାହାରକୁ ଆଣିବା ସମ୍ଭବ ହୁଏନାହିଁ। ତା'ର ନାମ ହେଲା ଔଦ୍ଧତ୍ୟ।

ସୃଷ୍ଟିକ୍ରମର ନିୟମ ହେଲା ଭଲ ସହିତ ମନ୍ଦ ଟିକିଏ ମିଶିକରି ରହିବ। ଯେଉଁ ସୁନାଟିଆରି ମୁଦିଟି ତୁମ ଆଙ୍ଗୁଠିରେ ଅଛି, ତାହା ସମ୍ପୂର୍ଣ୍ଣ ସୁନାରେ ତିଆରି ହୋଇନାହିଁ। କଥାଟା ହେଲା କେବଳ ସୁନାରେ କୌଣସି ଅଳଙ୍କାର ତିଆରି ହୁଏନାହିଁ, ହୋଇପାରେ ନାହିଁ। ଔଷଧ ଆମର ଶରୀରକୁ ସୁସ୍ଥ କରେ ସତ, କିନ୍ତୁ ତା' ସହିତ ଥିବା କିଛି ଦୁର୍ଗୁଣର ପ୍ରଭାବରେ ଆମର କିଛି କ୍ଷତି ହୁଏ, ଏକଥା ମଧ୍ୟ ସତ। ତେବେ କ୍ଷତି ତୁଳନାରେ ଲାଭର ପରିମାଣ ବେଶି, ଏହି ହେତୁରୁ ଆମେ ତାକୁ ଗ୍ରହଣ କରୁ। ଗ୍ରହଣ କରିବାକୁ ବାଧ୍ୟ। ଠିକ୍ ସେମିତି ଯେଉଁ ପଦାର୍ଥଟିକୁ ଆମେ ମନ୍ଦ ବୋଲି କହି ଆମଠାରୁ ଦୂରେଇ ରଖୁ, ତା'ଠାରେ ଯେ ସୁଗୁଣ ନାହିଁ, ତାହା କହିବା ମଧ୍ୟ ଠିକ୍ ନୁହେଁ। ନିଶାଦ୍ରବ୍ୟ ନିଶ୍ଚୟ ଆମପାଇଁ କ୍ଷତିକାରକ।



କିନ୍ତୁ ତା'ର ସାହାଯ୍ୟ ନ ନେଲେ ଜଣେ ରୋଗୀ ସୁସ୍ଥହେବା ହୁଏତ ସମ୍ଭବ ହୁଏନାହିଁ। ଅନେକଗୁଡିଏ ଔଷଧ ନିଶାଦ୍ରବ୍ୟ ସମ୍ବଳିତ ହୋଇଥାଏ, ଯାହା ରୋଗୀ ପାଇଁ ନିତାନ୍ତ ଆବଶ୍ୟକ। ଅପରେଶନ କରିବା ପୂର୍ବରୁ ଡାକ୍ତରମାନେ ରୋଗୀକୁ ନିଶ୍ଚେତକର ସହାୟତା ନେଇ ତାକୁ ଅଚେତ କରିଦିଅନ୍ତି। ସେପରି କରା ନ ଗଲେ କୌଣସି ରୋଗୀର ଅପରେଶନ କରିବା ସମ୍ଭବ ହୁଅନ୍ତା ନାହିଁ? ସମସ୍ତେ ଅମୃତ ଚାହାନ୍ତି। ବିଷ କେହି ଚାହାନ୍ତି ନାହିଁ। ତେବେ ବିଷର କାର୍ଯ୍ୟକାରିତା ଏବଂ ଉପଯୋଗିତା ଯେ ନାହିଁ, ତାହା ନୁହେଁ। ବିଭିନ୍ନ ଉତ୍ସରୁ ବିଷ ସଂଗ୍ରହ କରାଯାଇ ସେଥିରେ ଔଷଧ ପ୍ରସ୍ତୁତ କରାଯାଇଥାଏ ବିଭିନ୍ନ ରୋଗର ନିବାରଣ ନିମିତ୍ତ, ଏହା ଆମମାନଙ୍କ ଭିତରେ ଅନେକଙ୍କୁ ଜଣା। ବିଭିନ୍ନ କୀଟ ସରୀସୃପ ଦଂଶନର ନିଦାନ ଏହି ବିଷରୁ ହିଁ ପ୍ରସ୍ତୁତ ହୋଇଥାଏ। ଖାଲି ଶରୀର ପାଇଁ ଔଷଧ ନୁହେଁ, କୃଷିକ୍ଷେତ୍ରରେ ମଧ୍ୟ ଏହାର ବହୁଳ ଉପଯୋଗ ଦେଖାଯାଏ। ବିଭିନ୍ନ ପୋକଯୋକରୁ ଫସଲକୁ ରକ୍ଷା କରିବା ପାଇଁ ଏହି ଉପାୟ ହିଁ ସର୍ବୋତ୍କୃଷ୍ଟ ବୋଲି ପ୍ରମାଣିତ ହୋଇଛି।

କେଉଁ କଥାଟିକୁ ନିର୍ଦ୍ଦିଷ୍ଟଭାବେ ଭଲ ବା ମନ୍ଦ ବୋଲି କହି ସାର୍ଟିଫିକେଟଟିଏ ଦେବା ହୁଏତ ଠିକ୍ ହୋଇ ନ ପାରେ। କାରଣ ଭଲ ଓ ମନ୍ଦ ଦୁଇଟିଯାକ କଥା ଆପେକ୍ଷିକ। ଅବସ୍ଥା ଓ ପରିସ୍ଥିତି ଭେଦରେ ଏ ଦୁହିଁଙ୍କର ସଂଜ୍ଞା ବଦଳିଯାଏ। କେଉଁଠି ବିଷ ଅମୃତତୁଲ୍ୟର ସୁରକ୍ଷାବଳୟ ପାଲଟିଯାଏ ତ ଅନ୍ୟକେଉଁଠି ଅମୃତ ବିଷବତ୍ କାର୍ଯ୍ୟ କରେ। ଅମୃତେପମ ଦୁଗ୍ଧ ଅଥବା ଦୁଗ୍ଧଜାତ ପଦାର୍ଥ ମାତ୍ରାଧିକ ସେବନ କରିବା ଦ୍ୱାରା ତାହା ଶରୀରକୁ ଅସୁସ୍ଥ କରିଦିଏ। ପିତାମାତାଙ୍କର ସ୍ନେହରୂପୀ ଅମୃତ ଆବଶ୍ୟକତାଠାରୁ ଅଧିକ ହେଲେ ତାହା ସନ୍ତାନର ଭବିଷ୍ୟତକୁ ବିଷମୟ କରିଦିଏ।

ଯାହା ବି ହେଉ, କବାଟ ଝରକା ଆମକୁ ଖୋଲିବାକୁ ତ ହେବ। ଧୂଳି ପଶିଯିବା ଭୟରେ ଆମେ ତାକୁ ବନ୍ଦ ରଖିବା ସମ୍ଭବ ନୁହେଁ। ଉଚିତ ମଧ୍ୟ ନୁହେଁ। ଧୂଳି ଲାଗିଯିବା ଭୟରେ ତ ଆଉ ଆମେ ପୋଷାକ ପିନ୍ଧିବା ଛାଡିପାରିବା ନାହିଁ। କବାଟ ଝରକା ଖୋଲା ରଖିବାଦ୍ୱାରା ବାହାରର ଧୂଳି ମଇଳା ଘରଭିତରକୁ ପଶିଆସି ଆମର ଯେତିକି କ୍ଷତି କରେ, ତା'ଠାରୁ ଆମେ ବହୁ ପରିମାଣର ଅଧିକ ଲାଭ ପାଉ। ଘର ଭିତରର ଅସନା ବାୟୁ ବାହାରକୁ ବାହାରି ଯାଏ। ବଗିଚାରେ ଫୁଟିଥିବା ଫୁଲର ବାସ୍ନା, ପକ୍ଷୀମାନଙ୍କର କିଚିରିମିଚିରି ଶବ୍ଦକୁ ନେଇ ବାହାରର ପବନ ଘର ଭିତରକୁ ପଶିଆସେ। ଘର ଭିତରେ ଥାଇ ଆମେ ବାହାରର ପ୍ରକୃତିକୁ ଦେଖି ଆମୋଦିତ ହେଉ। ଫୁଲର ସୁନ୍ଦରତା, ଆକାଶର ବିଶାଳତା, ପକ୍ଷୀର କାକଳି ଆମକୁ ଆନନ୍ଦ ଦିଏ। ଆମର ମନ ଏବଂ ଶରୀରକୁ ପ୍ରଫୁଲ୍ଲ ରଖେ। ସେହିପରି ଆମେ ଯଦି ଆମର ମନରୂପୀ କୋଠରିଟିର ଝରକା କବାଟ ସବୁ ଖୋଲି ଦେଇପାରୁ, ତେବେ ଆମେ ଅଶେଷ ଲାଭ ପାଉ। ଅନ୍ୟ ଅନେକଙ୍କର ଉତ୍ତମ ଚିନ୍ତା ଓ ଚେତନା ଆମର ମନକୁ ପ୍ରଭାବିତ କରେ। ବେଦରେ ଲେଖାଅଛି- 'ଆ ନୋ ଭଦ୍ରାଃ କ୍ରତବୋ ଯନ୍ତୁବିଶ୍ୱତଃ 'ଅର୍ଥାତ୍ ଚତୁର୍ଦ୍ଦିଗରୁ ଉତ୍ତମ ଚିନ୍ତା ଆମପାଖକୁ ଆସୁଥାଉ। ଏହା ସମ୍ଭବ ହେବ କିପରି ? ଆମ ମନ ଓ ହୃଦୟର ଝରକାଗୁଡ଼ିକୁ ଚତୁର୍ଦ୍ଦିଗକୁ ଖୋଲା ରଖିଲେ ସିନା !

**ଦଶରଥପୁର, ଯାଜପୁର**
**ମୋ-୯୪୩୮୩୨୮୭୫୫**

## ଏଇ ଭାରତରେ

ଦୁଇ ବନ୍ଧୁ ପ୍ଲାଷ୍ଟିକ୍ ବର୍ଜ୍ୟରୁ ଏଫ୍‌ଏମ୍‌ସିସି ବୋତଲ ତିଆରି କରି ବର୍ଜ୍ୟ ସମସ୍ୟା ସମାଧାନ କରିବାରେ ଅଣ୍ଟା ଭିଡ଼ିଛନ୍ତି। ହାଇଦ୍ରାବାଦର ମନି ବାଜପେୟୀ ଏବଂ ରାଜ ମଦନଗୋପାଳ 'ବାନିୟନ ନେଶନ' ଷ୍ଟାର୍ଟଅପ୍ ଗଠନ କରି ଏବେ ସୁଦ୍ଧା ୧ ଲକ୍ଷ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ରିସାଇକ୍ଲିଂ କରି ୩୦୦ ମିଲିୟନ (୩୦ କୋଟି) ଏଫ୍‌ଏମ୍‌ସିସି ବଟଲ ତିଆରି କରିସାରିଲେଣି। ମନି ବାଜପେୟୀ ଏମ୍‌ବିଏ କରିବା ସହ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ କାମ କରୁଥିଲେ। ସେ ବିଭିନ୍ନ ସ୍ଥାନରେ ଠୁଳ ହୋଇଥିବା ପ୍ଲାଷ୍ଟିକ ବର୍ଜ୍ୟ ଦେଖି ତାହାର ପୁନଃ ଉପଯୋଗ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ପରେ ସେ ସ୍କ୍ରାପ୍ ସଂଗ୍ରହକାରୀ, ବର୍ଜ୍ୟ ଗୋଟାଳି ଏବଂ କବାଡିଆଙ୍କ ସହ ଯୋଗାଯୋଗ କରି ଏ ଦିଗରେ ଆଗେଇଥିଲେ। ପରେ ତାଙ୍କ ସହ ଯୋଗ ଦେଇଥିଲେ ରାଜ ମଦନଗୋପାଳ। ଦୁହେଁ ୨୦୧୩ରେ ଆକର୍ଷଣୀୟ ଚାକିରି ଛାଡ଼ି ହାଇଦ୍ରାବାଦରେ ପ୍ଲାଷ୍ଟିକ ରିସାଇକ୍ଲିଂ କମ୍ପାନୀ ବାନିୟନ ନେଶନ ଆରମ୍ଭ କରିଥିଲେ। ସେମାନେ ତିଆରି କରୁଥିବା ଏଫ୍‌ଏମ୍‌ସିସି ବୋତଲରେ ଶାମ୍ପୁ, ଡିଟରଜେଣ୍ଟ ଓ ଲୋଶନ ପ୍ୟାକ୍ କରାଯାଉଛି। ମୁଖ୍ୟତଃ ଏହି ବୋତଲକୁ ହିନ୍ଦୁସ୍ଥାନ ୟୁନି ଲିଭର, ସେଲ୍, ଏଚ୍‌ପିସିଏଲ୍ ଏବଂ ରେକିଟ୍ ଆଦି କମ୍ପାନୀକୁ ଯୋଗାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଫେବୃୟାରୀ ୧୯୯୮

- ଶେୟାର ଟ୍ରେଡିଂ ଦୁର୍ନୀତି ମାମଲାରେ ଗିରଫ ପରୱାନାର ସମ୍ମୁଖୀନ ହୋଇ ଜାପାନ ଶାସକ ଦଳର ଏମ୍‌ପି ଶୋକେଇ ଆର୍.ଆଇ.ଙ୍କ ଆତ୍ମହତ୍ୟା।
- ପ୍ରଥମ ଥର ପାଇଁ ଜଣେ ୟୁରୋପୀୟ ନେତା ଭାବେ ଜର୍ମାନୀ ଚାନସେଲର ହେଲମୁଟ କୋଲଙ୍କୁ ସମ୍ମାନଜନକ 'ଫ୍ରିଡମ ଅଫ୍ ସିଟି ଅଫ୍ ଲଣ୍ଡନ' ପୁରସ୍କାର ପ୍ରଦାନ।
- ଜାତୀୟ ଫୁଟବଲ ଲିଗ୍‌ରେ ଉଲ୍ଲେଖନୀୟ ସଫଳତା ପାଇଁ ମୋହନବାଗାନ ଫୁଟବଲ ଟିମ ଏସିଆନ ଫୁଟବଲ କନ୍‌ଫେଡେରେଶନ ଦ୍ୱାରା 'ଦିଆଦୋରା ଶ୍ରେଷ୍ଠ ଦଳ' ଭାବେ ସମ୍ମାନିତ।

## ଚିରନ୍ତନୀ

ଆମ୍ର ବନ ବିଛାଏ ଛାୟା
ତାହାରି ତଳେ ଆସି
ନିଦାଘ ତାପ କରଇ ଦୂର
ସୁଦୂର ପରବାସୀ।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | 8 | | 9 | | 4 | |
| | | 4 | 6 | | | 5 | | |
| | | | | | 1 | 8 | | 7 |
| | | 5 | | | | | | |
| | | | | 5 | 7 | | | |
| 2 | 7 | | 9 | | 6 | | | |
| | | | | | | 7 | | |
| 1 | 2 | | | | | | | |
| 6 | 8 | | 1 | 3 | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 4 | 8 | 2 | 9 | 3 | 5 | 7 |
| 8 | 9 | 2 | 5 | 3 | 7 | 1 | 6 | 4 |
| 7 | 5 | 3 | 6 | 4 | 1 | 9 | 8 | 2 |
| 5 | 3 | 7 | 9 | 6 | 4 | 2 | 1 | 8 |
| 4 | 2 | 1 | 3 | 7 | 8 | 6 | 9 | 5 |
| 9 | 8 | 6 | 1 | 5 | 2 | 7 | 4 | 3 |
| 3 | 1 | 9 | 2 | 8 | 5 | 4 | 7 | 6 |
| 2 | 4 | 5 | 7 | 9 | 6 | 8 | 3 | 1 |
| 6 | 7 | 8 | 4 | 1 | 3 | 5 | 2 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଏସବୁ ସମ୍ଭବ ହେଉଛି କିପରି

ମହାଶୟ,

ଦୁର୍ନୀତିର ମୂଳୋତ୍ପାଟନ ପାଇଁ କୌଣସି ସରକାର ଏଯାବତ୍ ଉଦ୍ୟମ କରିନାହାନ୍ତି। ମନ୍ତ୍ରୀ, ନେତା, ସାଂସଦମାନେ ଶାସନର ଗଣ୍ଡି ଭିତରେ ରହି ତୋସରପାତ କରିବାର ପ୍ରମାଣ ମିଳୁଛି। ଦୁର୍ନୀତି ଏବେ ରକ୍ତର ଧମନୀରେ। ନେତା-ନେତା ମଧ୍ୟରେ ଆଜି ପ୍ରତିଦ୍ୱନ୍ଦ୍ୱିତା ଓ ସ୍ୱାର୍ଥ ଏତେ ବଢ଼ିଯାଇଛି ଯେ, ମାନବିକତା ହଜିଯାଇଛି। ଭାରତରେ ଲୋକମତ ପ୍ରକାଶିତ ହେବାରେ ବହୁ ପ୍ରତିବନ୍ଧକ। କେବଳ ଶାସକର ମତର ପ୍ରଚାର ପ୍ରସାର ଚାଲିଛି। ଅନ୍ୟ ଅନେକ ସଭ୍ୟ ଦେଶର ଆଇନ ଅନୁସାରେ ଆୟ ବହିର୍ଭୂତ ସମ୍ପତ୍ତିକୁ ପ୍ରଥମେ ବାଜ୍ୟାପ୍ତ କରାଯାଏ। ତାହା ରାଷ୍ଟ୍ରର ସମ୍ପତ୍ତି ହୋଇଯାଏ। ଭାରତ ମଧ୍ୟ ଅନ୍ୟ ଗଣତାନ୍ତ୍ରିକ ରାଷ୍ଟ୍ର ଭଳି ଏକ ରାଷ୍ଟ୍ର। କିନ୍ତୁ ଆମ ଦେଶର ଆଇନରେ କଳାଧନର ସୂତ୍ର ପ୍ରତି ଅଧିକ ଜୋର ଦିଆଯାଏ। ବହୁ ମକଦ୍ଦମା ଅଭିଯୁକ୍ତର ମୃତ୍ୟୁ ପର୍ଯ୍ୟନ୍ତ ଚାଲିଥାଏ। ସରକାର କ୍ଷତିଗ୍ରସ୍ତ ହୁଅନ୍ତି। ଲକ୍ଷ ଲକ୍ଷ ଟଙ୍କା ମକଦ୍ଦମା ପାଇଁ ବ୍ୟୟ ହୁଏ ରାଜକୋଷରୁ। ଭାରତର ନେତା, ଅଫିସର ଓ ବ୍ୟବସାୟୀଙ୍କର କୋଟି କୋଟି ଟଙ୍କା ବିଦେଶୀ ବ୍ୟାଙ୍କରେ ଜମା ରହିଥିବାର ଖବର ଜାତୀୟ ଗଣମାଧ୍ୟମରେ ପୂର୍ବରୁ ପ୍ରକାଶ କରାଯାଇଛି। ଏବେ ଏକ ବଡ଼ ପ୍ରଶ୍ନ ହେଉଛି ଭାରତରେ ଏସବୁ ସମ୍ଭବ ହେଉଛି କିପରି ? ଯେଉଁଦିନ ଲୋକେ ଏସବୁର ପ୍ରତିରୋଧ କରିବେ, ସେହିଦିନ ଗଣତନ୍ତ୍ର ସଫଳ ହେବ ; ନଚେତ୍ ଭାରତୀୟର ପରିଚୟ ଯେପରି ଧୀରେ ଧୀରେ ହଜିଯିବ।

**-ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କଂଗ୍ରେସ ବିନା ବିରୋଧୀ ମେଣ୍ଟ ହୋଇପାରିବ ନାହିଁ: ଜୟରାମ

## ୨୪ରୁ ରାୟପୁରରେ କଂଗ୍ରେସର ମହାସମ୍ମିଳନୀ

ନୂଆଦିଲ୍ଲୀ,୧୯।୨

କଂଗ୍ରେସ ବିନା ବିରୋଧୀ ମେଣ୍ଟ ହୋଇପାରିବ ନାହିଁ। କଂଗ୍ରେସକୁ ଛାଡ଼ି ଯେକୌଣସି ମେଣ୍ଟ ବିଫଳ ହେବ। ୨୦୨୪ ସାଧାରଣ ନିର୍ବାଚନ ସମେତ ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ନିମନ୍ତେ ମେଣ୍ଟ ଗଠନ ନେଇ ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା କଂଗ୍ରେସର ୩ ଦିନିଆ ମହାସମ୍ମିଳନୀରେ ଆଲୋଚନା କରାଯିବ ବୋଲି ଏକ ଖବରଦାତା ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଉଭୟ ପ୍ରାକ୍ ନିର୍ବାଚନୀ ମେଣ୍ଟ ଏବଂ ପରବର୍ତ୍ତୀ ମେଣ୍ଟ ସମ୍ପର୍କରେ ବିଚାର ବିମର୍ଶ କରାଯିବ ବୋଲି କଂଗ୍ରେସ ନେତା ସୂଚନା ଦେଇଛନ୍ତି।

ଛତିଶଗଡ଼ର ରାୟପୁରରେ ୨୪ ତାରିଖରୁ କଂଗ୍ରେସର ୮୫ତମ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ପାଖାପାଖି ୧୫,୦୦୦ ପ୍ରତିନିଧି ଯୋଗଦେବେ। ସମ୍ମିଳନୀରେ 'ହାଥ୍ ସେ ହାଥ୍ ଯୋଡ଼ୋ' ଲାଗି ଆହ୍ୱାନ ଦିଆଯିବ ବୋଲି ଦଳର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି। ସମ୍ମିଳନୀର ପ୍ରଥମ ଦିନରେ ଏକ ଷ୍ଟିୟରିଂ କମିଟି ବୈଠକ ଅନୁଷ୍ଠିତ ହେବ। ଦଳର ଶୀର୍ଷ ନୀତି ନିର୍ଦ୍ଧାରଣ ସଂସ୍ଥା କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ପାଇଁ ଭୋଟ ହେବ କି ନାହିଁ ସେ ନେଇ ଷ୍ଟିୟରିଂ କମିଟିରେ ନିଷ୍ପତ୍ତି ଗ୍ରହଣ କରାଯିବ। ସିଡବ୍ଲ୍ୟୁସି କାର୍ଯ୍ୟକର୍ତ୍ତା ନିର୍ବାଚନ ଲାଗି ସଂଗଠନର ଗୋଟିଏ ଗୋଷ୍ଠୀ ଦାବି କରିଆସୁଛନ୍ତି।

୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାସ୍ତ କରିବାକୁ ହେଲେ ବିରୋଧୀ ଦଳଗୁଡ଼ିକୁ ଏକାଠି କରି ମେଣ୍ଟ ଗଠନ କରିବାକୁ ପଡ଼ିବ ଏକଥା କଂଗ୍ରେସ ଜାଣେ। ଏଥିପାଇଁ ଦଳ ପକ୍ଷରୁ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ବିଭିନ୍ନ ଦଳର ନେତାମାନଙ୍କ ସହ ସମ୍ପର୍କ ରକ୍ଷା କରାଯାଇଛି। ୨୦୨୪ ନିର୍ବାଚନରେ ଭାଜପା ବିରୋଧରେ ସବୁ ବିରୋଧୀଙ୍କୁ ଏକାଠି କରିବୁ ବୋଲି ବେଣୁଗୋପାଳ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏନେଇ ଦଳର ମହାସମ୍ମିଳନୀରେ ନିଷ୍ପତ୍ତି ନିଆଯିବ। ୨୦୨୪ରେ ଭାଜପାକୁ ପରାସ୍ତ କରିବା ମୁଖ୍ୟ କାମ ବୋଲି ବେଣୁଗୋପାଳ କହିଛନ୍ତି। ଅନ୍ୟପକ୍ଷରେ ଜୟରାମ କହିଥିଲେ, ବିରୋଧୀ ମେଣ୍ଟର ନେତୃତ୍ୱ କଂଗ୍ରେସ ନେବା ଆବଶ୍ୟକ ବୋଲି କେହି ପ୍ରମାଣପତ୍ର ଦେବା ଆବଶ୍ୟକ ନାହିଁ। କାରଣ କଂଗ୍ରେସ ବିନା ବିରୋଧୀ ମେଣ୍ଟ ଅସଫଳ। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଆହ୍ୱାନକୁ ଆମେ ସ୍ୱାଗତ କରୁଛୁ ଏବଂ ସମ୍ମିଳନୀରେ ଏନେଇ ଆଲୋଚନା ହେବ ବୋଲି ଜୟରାମ କହିଛନ୍ତି।


ଖବରଦାତା ସମ୍ମିଳନୀରେ ପବନ କୁମାର ବଂଶଲ, କେ.ସି. ବେଣୁଗୋପାଳ ଓ ଜୟରାମ ରମେଶ।

# 'ନବ ଦାସ ହତ୍ୟାକାଣ୍ଡ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ବଳିଷ୍ଠ ଉଦାହରଣ'

## ଲେଖାଶ୍ରୀ ୨୦୨୪ରେ ପୁଣି ଲୁଚିକି ଆସି ଆମକୁ ଟିକେଟ ମାଗିବେ: ବିଜେଡି

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

ରାଜ୍ୟର ପ୍ରଭାବଶାଳୀ ମନ୍ତ୍ରୀ ନବ ଦାସଙ୍କୁ ସୁରକ୍ଷା ଦାୟିତ୍ୱରେ ଥିବା ଜଣେ କାର୍ଯ୍ୟରତ ପୋଲିସ ଅଧିକାରୀ ଦିନ ଦ୍ୱିପ୍ରହରରେ ଗୁଳିକରି ହତ୍ୟା କଲେ। ରାଜ୍ୟ ଇତିହାସରେ ଏହା ଏକ ବିରଳ ଘଟଣା ଏବଂ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାର ସର୍ବଶ୍ରେଷ୍ଠ ଉଦାହରଣ। ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ନୂଆ ନୂଆ ଗପ ଶୁଣାଇବାରେ ଧୁରନ୍ଧର। ଅଭିଯୁକ୍ତ ଗୋପାଳ ଦାସଙ୍କୁ ବାହାର ରାଜ୍ୟକୁ ନିଆଯାଇ କରାଯାଇଥିବା ଲାଏ ଡିଟେକ୍ସନ ଟେଷ୍ଟ, ନାର୍କୋ ଟେଷ୍ଟର ବୈଧତା କ'ଣ ବୋଲି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ଅନେକ ପ୍ରଶ୍ନର ଜବାବ ଦେବାରେ ବିଫଳ ହୋଇଥିବା କ୍ରାଇମବ୍ରାଞ୍ଚ ବର୍ତ୍ତମାନ ନୀରବ ସାଜିଛି। ନବ ଦାସ ହତ୍ୟାକାଣ୍ଡର ସତ୍ୟାସତ୍ୟର ପର୍ଦ୍ଦାଫାଶ ଭୟରେ ସରକାର ବିରୋଧୀ ଦଳ ନେତାଙ୍କ ଉପରେ ମାନସିକ ଓ ଶାରୀରିକ ଚାପ ପକାଇ ଘଟଣାକୁ ଅନ୍ୟ ମୋଡ଼ ଦେବାକୁ ଅପଚେଷ୍ଟା କରୁଛନ୍ତି। ରାଜ୍ୟ ସରକାର କଳ ଓ ବଳର ଅପବ୍ୟବହାର କରି ଘଟଣାର ପ୍ରମାଣ ଓ ତଥ୍ୟକୁ ନଷ୍ଟ କରୁଥିବାବେଳେ ବିଜେଡି ମୁଖ୍ୟ ପ୍ରସଙ୍ଗରୁ ବାହାରି ଯାଇ ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଛି। ନବ ଦାସ ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ସିବିଆଇ ଦ୍ୱାରା କରାଯାଉ। ବିରୋଧୀ ଦଳ ନେତାଙ୍କୁ ମାରିଦେବାର ଧମକ ଦେଇଥିବା ବିଜେଡି ନେତା ଅରୂପ ପଟ୍ଟନାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଅତୀତରେ ଅର୍ଥନୈତିକ କାରବାର ସମ୍ପର୍କିତ ମାମଲା ନେଇ ଅଭୟ ପାଠକଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ବ୍ୟବସାୟିକ ସହଯୋଗୀ ଅରୂପ ପଟ୍ଟନାୟକଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ତେଣୁ ବିଜେଡି ଦ୍ୱାରା ପୋଲିସ ଓ ପ୍ରଶାସନର ରାଜନୀତିକରଣ କରାଯାଉଛି ବୋଲି ଲେଖାଶ୍ରୀ କହିଛନ୍ତି। ଲେଖାଶ୍ରୀଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି, ଲେଖାଶ୍ରୀ ୨୦୧୪ରେ ଖୋଲାଖୋଲି ଭାବେ ନବୀନ ନିବାସକୁ ଆସି ବିଜେଡି ଟିକେଟ ମାଗିଥିଲେ। ୨୦୧୯ରେ ସେ ପୁନର୍ବାର ଲୁଚିଛପି ନବୀନ ନିବାସ ଆସି ବିଜେଡି ପାର୍ଟି ଟିକେଟ ମାଗିଲେ। ଆମେ ଜାଣୁ ସେ ପୁଣି ୨୦୨୪ରେ ଲୁଚିଛପି ଆସି ବିଜେଡି ପାର୍ଟି ଟିକେଟ ମାଗିବେ। ଲେଖାଶ୍ରୀ ଜଣେ ଆତ୍ମ-ଘୋଷିତ ତଦନ୍ତକାରୀ ଅଧିକାରୀ ଏବଂ ଫୋରେନ୍ସିକ୍ ବିଶେଷଜ୍ଞ, ଯାହାଙ୍କୁ ତାଙ୍କ ଦଳର କିଛି ଲୋକ ମାମଲାର ତଦନ୍ତ ଉପରେ ଆଲୋଚନା କରିବାକୁ ନିୟୋଜିତ କରନ୍ତି। ସେ ଘଟଣା ସଂକ୍ରାନ୍ତରେ କିଛି ନ ବୁଝି ନ ଶୁଝି ମତ ରଖନ୍ତି।



ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ଆଣିବା ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରବିବାର ଭୁବନେଶ୍ୱର ବରମୁଣ୍ଡାଠାରେ ବିକ୍ଷୋଭ ପ୍ରଦର୍ଶନ ସହ ତାଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

# ନିର୍ବାଚନ ବେଳର ପ୍ରତିଶ୍ରୁତିକୁ ନେଇ ଜୋର୍ ଧରିଲା ବିଜେଡି-ଭାଜପା ରାଜନୀତି

- ପଦ୍ମପୁରକୁ ଜିଲା ମାନ୍ୟତା ଏବେ ବି ଘୋଷଣାରେ ସୀମିତ: ଧର୍ମେନ୍ଦ୍ର
- ସ୍ମୃତି ସତେଜ ଲାଗି ନୃସିଂହନାଥଙ୍କ ନିକଟରେ ପ୍ରାର୍ଥନା କରୁଛି: ସସ୍ମିତ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

ପଦ୍ମପୁରକୁ ଜିଲା କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ଏବେ ବି ଘୋଷଣାରେ ସୀମିତ। ଜିଲା ଘୋଷଣା କରିବାର ନିର୍ଦ୍ଧାରିତ ତାରିଖ ନ କହିବା ପଦ୍ମପୁରବାସୀଙ୍କ ପାଇଁ ପ୍ରତାରଣା ସଦୃଶ ନୁହେଁ କି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁର ଗସ୍ତରେ ଯାଇ ନାଁ ନ ନେଇ କେନ୍ଦ୍ରମନ୍ତ୍ରୀମାନଙ୍କୁ ଟାର୍ଗେଟ କରିଛନ୍ତି। ଧର୍ମେନ୍ଦ୍ର ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ରବିବାର ପଦ୍ମପୁରଠାରେ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଦେଇଥିବା ମନ୍ତବ୍ୟ ଶୁଣିଛନ୍ତି। ତାଙ୍କ ମନ୍ତବ୍ୟରୁ ସ୍ପଷ୍ଟ ଜଣାପଡୁଛି, ସେ ନିଜ ମନ କଥା ନ କହି କାହା ହାତ ଲେଖା ପଢୁଛନ୍ତି। ୨୩ ବର୍ଷର ଶାସନ ଦାୟିତ୍ୱରେ ରହିବା ପରେ ପଦ୍ମପୁରର ପାଇକମାଳରେ ଥିବା ଗୋଟେ ପିଏଚ୍‌ସିକୁ ସିଏଚ୍‌ସିରେ ପରିଣତ କରି ଯାହା କହେ ତାହା କରେ ବୋଲି କହିବା କେତେ ଦୂର ଠିକ୍। ଏଥିରୁ ରାଜ୍ୟରେ ବିକାଶର ଚିତ୍ର ସ୍ପଷ୍ଟ ଅନୁମେୟ। ମୁଖ୍ୟମନ୍ତ୍ରୀ ବରଗଡ ଜିଲାରେ ୨ଟି ନିର୍ବାଚନମଣ୍ଡଳୀର ଦାୟିତ୍ୱ ନେଲା ପରେ ବି ବରଗଡ଼ ଜିଲାରୁ ବହୁ ଯୁବତୀ, ଯୁବକ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଓଡ଼ିଶା ରେଲ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଡେଭେଲପମେଣ୍ଟ ଲିମିଟେଡ ବରଗଡ ରୋଡ-ନୂଆପଡ଼ା ରେଳ ଲାଇନର ଦାୟିତ୍ୱ ଠିକ ଭାବେ ନିର୍ବାହ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହାର ସମୀକ୍ଷା କରନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଫସଲ ବୀମାରେ ଘରୋଇ କମ୍ପାନୀଙ୍କୁ ଆପଣ ସାମିଲ କରିଥିଲେ କି ନାହିଁ ଏବଂ ସୋହେଲାରେ ଚାଷୀଙ୍କ ପାଇଁ ଘୋଷଣା କରିଥିବା ୧୦୦ ଟଙ୍କା ବୋନସ ରାଜ୍ୟ ସରକାର ଦେଇଛନ୍ତି କି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ବରଗଡ଼ରେ ଜଳସେଚନ ପାଇଁ ଦେଇଥିବା ପ୍ରତିଶ୍ରୁତି କେବେ ପୂରଣ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଧର୍ମେନ୍ଦ୍ରଙ୍କ ଟୁଇଟ୍ ଉପରେ ପ୍ରତିକ୍ରିୟା ରଖି ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ଧର୍ମେନ୍ଦ୍ର ଭାଇ, ଓଡ଼ିଶା ପାଇଁ ସ୍ୱତନ୍ତ୍ର ପାହ୍ୟା ଏବେ କେଉଁଠାରେ ଅଛି। ୨୦୧୪ ଏପ୍ରିଲ ୫ରେ ଏହାକୁ ଆପଣ ନିଜ ଦଳର ନିର୍ବାଚନୀ ଇସ୍ତାହାରରେ ଉଲ୍ଲେଖ କରିଥିଲେ। ନିର୍ବାଚନ ପୂର୍ବରୁ ଆପଣ ପ୍ରତିଶ୍ରୁତି ଦେଇ ପରେ ଏହା ଭୁଲିଗଲେ। ପଦ୍ମପୁର ଉପନିର୍ବାଚନ ପୂର୍ବରୁ ଆପଣ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନିର୍ବାଚନ ପରେ ଆପଣ ଭୁଲିଗଲେ। ଆପଣଙ୍କ ସ୍ମୃତିକୁ ସତେଜ କରିବା ପାଇଁ ବରଗଡରେ ପ୍ରଭୁ ନୃସିଂହନାଥଙ୍କ ନିକଟରେ ପ୍ରାର୍ଥନା କରିଥିବା ସସ୍ମିତ କହିଛନ୍ତି। ସସ୍ମିତଙ୍କ ପ୍ରତିକ୍ରିୟାର ଜବାବରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ମୁଖ୍ୟମନ୍ତ୍ରୀ ଯେଉଁଠି ଉପନିର୍ବାଚନ ହୁଏ ସେଠାର ଦାୟିତ୍ୱ ସେ ନେଉଛନ୍ତି ବୋଲି କୁହନ୍ତି, ଧାମନଗରରେ ମଧ୍ୟ ସେମିତି କହିଥିଲେ। ସେହି ଦାୟିତ୍ୱର ସ୍ଥିତି ଏବେ କ'ଣ ବୋଲି ସୂର୍ଯ୍ୟବଂଶୀ ପ୍ରଶ୍ନ କରିଛନ୍ତି।

# ନ୍ୟାୟ ପାଇଁ ଜୟନାରାୟଣଙ୍କୁ ଭେଟିଲେ ସୋମାଲିକା

## ବିଧାୟକ ବିଜୟଶଙ୍କରଙ୍କ ପ୍ରେମ ସମ୍ପର୍କ, ବିବାହ ପ୍ରତିଶ୍ରୁତି ମାମଲା

- ବିଧାନସଭାରେ ପ୍ରସଙ୍ଗ ଉଠାଇବାକୁ ଅନୁରୋଧ କଲେ
- ବିଜୟଶଙ୍କର ବିଜେଡିର ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ହେଉନି: ସୋମାଲିକା

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କ ପ୍ରେମ ସମ୍ପର୍କ ଓ ବିବାହ ପ୍ରତିଶ୍ରୁତି ମାମଲାରେ ପୂର୍ଣ୍ଣଚ୍ଛେଦ ପଡୁନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତ ୬ ତାରିଖରୁ ଜଗତ୍‌ସିଂହପୁର ଥାନା ପୋଲିସ ବିଧାୟକ ଦାସଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏଭଳିସ୍ଥିତିରେ ନ୍ୟାୟ ପାଇଁ ପ୍ରେମିକା ସୋମାଲିକା ଦାଶ ରବିବାର ବିରୋଧୀ ଦଳ ନେତା ତଥା ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ଭେଟିଛନ୍ତି। ବିଜୟଶଙ୍କର ଦେଇଥିବା ନିର୍ଯାତନା ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏହି ପ୍ରସଙ୍ଗକୁ ବିଧାନସଭାରେ ଉଠାଇବାକୁ ସେ ତାଙ୍କୁ ଅନୁରୋଧ କରିଛନ୍ତି। ସୋମାଲିକାଙ୍କ କଥା ଶୁଣି ଜୟନାରାୟଣ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ସୋମାଲିକା ଗଣମାଧ୍ୟମକୁ କହିଛନ୍ତି, ସବୁ ପ୍ରମାଣ ସତ୍ତ୍ୱେ ବିଜୟଶଙ୍କର ଶାସକ ବିଜେଡିର ସଦସ୍ୟ ହୋଇଥିବାରୁ ତାଙ୍କୁ ଘଣ୍ଟ ଘୋଡ଼ାଯାଉଛି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ମୁଁ କେବଳ ପୋଲିସ ଓ କୋର୍ଟରେ ଚକର କାଟୁଛି। ଏତଲା ପଞ୍ଜୀକୃତ ହେବାକୁ ୯ ମାସ ସମୟ ଲାଗିଗଲା। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ହୋଇଥିବା ମାମଲାକୁ ୨୧ ଦିନ ପୂରିଥିଲେ ମଧ୍ୟ ପୋଲିସ ଏଯାଏ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନି। ବିଜେଡିରେ ତ ସମସ୍ତେ କ୍ଲିନ୍। ନ୍ୟାୟ ପାଇଁ ବିରୋଧୀ ଦଳ ନେତାଙ୍କୁ ଭେଟିବା ସହ ବିଧାନସଭାରେ ପ୍ରସଙ୍ଗ ଉଠାଇବାକୁ ଅନୁରୋଧ କରିଛି। ଜୟନାରାୟଣ ମୋତେ ନ୍ୟାୟ ଦେଇପାରିବେ ବୋଲି ଆଶା ରଖିଥିବା ସୋମାଲିକା କହିଛନ୍ତି।

ସୂଚନାଯୋଗ୍ୟ, ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଧାୟକ ଦାସଙ୍କ ସହ ସୋମାଲିକାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ପରେ ଉଭୟଙ୍କ ବିବାହ ସ୍ଥିର ହୋଇଥିଲା। ୨୦୨୨ ମେ ୧୭ରେ ଜଗତ୍‌ସିଂହପୁର ସ୍ୱତନ୍ତ୍ର ବିବାହ ଅଧିକାରୀ (ଡିଏସ୍‌ଆର୍)ଙ୍କ କୋର୍ଟରେ ସେମାନେ ବିବାହ ପାଇଁ ଆବେଦନ କରିଥିଲେ। କିନ୍ତୁ ନିର୍ଦ୍ଧାରିତ ତାରିଖରେ ସୋମାଲିକା ଡିଏସ୍‌ଆର୍‌ଙ୍କ କାର୍ଯ୍ୟାଳୟରେ ବିବାହ ପାଇଁ ପହଞ୍ଚିଥିଲେ। ସକାଳୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସେ ସେଠାରେ ଅପେକ୍ଷା କରିଥିଲେ ମଧ୍ୟ ବିଧାୟକ ବିଜୟଶଙ୍କର ଆସି ନ ଥିଲେ। ଏହାପରେ ସୋମାଲିକା ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ। ପୋଲିସ ମାମଲା ରୁଜୁ କରିବା ପରେ ସୋମାଲିକାଙ୍କ ବୟାନ ରେକର୍ଡ ସହ ଡାକ୍ତରୀମାଇନା କରି ତଦନ୍ତ ଜାରି ରଖିଛି।


ସୋମାଲିକା ଦାଶ ବିରୋଧୀ ଦଳ ନେତା ତଥା ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ଭେଟି ଆଲୋଚନା କରୁଛନ୍ତି।

TATA STEEL TATA

କର୍ମଚାରୀଙ୍କ ପେନ୍ସନ୍ ସ୍କିମ୍ 1995 ସମ୍ବନ୍ଧିତ ମାନ୍ୟବର ସୁପ୍ରିମକୋର୍ଟଙ୍କ ବିଚାର (ତାରିଖ 4.11.2022) କୁ ଲାଗୁ କରିବା ପାଇଁ କର୍ମଚାରୀ / ପୂର୍ବତନ କର୍ମଚାରୀ ମାନଙ୍କ ଠାରୁ, ସାମାନ୍ୟ ପ୍ରଶ୍ନ (FAQ) ଓ ସଂଯୁକ୍ତ ବିକଳ୍ପ ପତ୍ର (Joint Declaration Option) ଆମନ୍ତ୍ରଣ କରିବାକୁ, ଟାଟା ଷ୍ଟିଲ୍ ଲିମିଟେଡ୍ ଏକ ସର୍କୁଲାର୍ ଜାରି କରିଛି | କର୍ମଚାରୀ ଓ ପୂର୍ବତନ କର୍ମଚାରୀ ଯେଉଁମାନଙ୍କ ବୟସ 58 ବର୍ଷରୁ ଉର୍ଦ୍ଧ୍ୱ ଏବଂ ଇ.ପି.ଏସ (EPS) ପେନ୍ସନ୍ ଯୋଜନା ର ଲାଭ ନେଉଛନ୍ତି, ସେମାନେ "alumni.tatasteel.com" ପୋର୍ଟାଲ୍ ପରିଦର୍ଶନ କରି ଉପରୋକ୍ତ ବିବରଣୀଗୁଡିକ ପ୍ରାପ୍ତ କରିପାରିବେ | ବିବରଣୀ ପାଇଁ ଘୋଷଣା (Announcement) ଟ୍ୟାବ ତଳେ ଦିଆଯାଇଥିବା ତଥ୍ୟ କୁ ଦେଖନ୍ତୁ | ଅନ୍ୟ ସମସ୍ତ କାର୍ଯ୍ୟରତ (On-Roll) କର୍ମଚାରୀ ମାନେ ଟାଟାଷ୍ଟିଲ ଇନ୍ଟ୍ରାନେଟ ର SAP Fiori ମଧ୍ୟରେ ଥିବା ସ୍ୱୟଂ ସହାୟତା (Employee Self Help) କୁ ଯାଇ ପାରିବେ |

Registered Office: Bombay House,
24, Homi ModyStreet, Fort, Mumbai 400 001, India
Tel.: 022 66658282 Fax: 022 66657724
(CIN) –L27100MH1907PLC000260
Website: www.tatasteel.com

ଭାରତୀୟ ରିଜର୍ଭ ବ୍ୟାଙ୍କ
କେନ୍ଦ୍ରୀୟ ପ୍ରତିଷ୍ଠା ବିଭାଗ (ମା.ସଂ.ପ.ବି.)
ଭୁବନେଶ୍ୱର

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱରର ଅବସରପ୍ରାପ୍ତ ହିତାଧିକାରୀଙ୍କୁ ଡୋର୍‌ଷ୍ଟେପ୍ ଔଷଧ ବିତରଣ ପାଇଁ କେମିଷ୍ଟ/ଷ୍ଟକିଷ୍ଟ/ଡ୍ରଗିଷ୍ଟଙ୍କ ଚୟନ ପାଇଁ ଇ-ଟେଣ୍ଡର

ଭାରତୀୟ ରିଜର୍ଭ ବ୍ୟାଙ୍କ (ପରବର୍ତ୍ତୀ ସମୟରେ ''ବ୍ୟାଙ୍କ କୁହାଯାଇଛି'') ଭୁବନେଶ୍ୱର, ଖ୍ୟାତିସମ୍ପନ୍ନ ତଥା ଅଭିଜ୍ଞ କେମିଷ୍ଟ/ଷ୍ଟକିଷ୍ଟ/ଡ୍ରଗିଷ୍ଟଙ୍କଠାରୁ ଇ-ଟେଣ୍ଡର ପାଇଁ ଆବେଦନକୁ ଦୁଇ ଭାଗରେ (ଯାନ୍ତ୍ରିକ ଏବଂ ଆର୍ଥିକ ବିଡ୍) ଆମନ୍ତ୍ରଣ କରୁଅଛି । ସେମାନେ ବ୍ୟାଙ୍କର ଅବସରପ୍ରାପ୍ତ ହିତାଧିକାରୀଙ୍କୁ ଡୋର୍‌ଷ୍ଟେପ୍ ଔଷଧ ବିତରଣ ପାଇଁ ବ୍ୟାଙ୍କର ସମସ୍ତ ଯୋଗ୍ୟତା ମାନ ପୂରଣ କରିବା ଆବଶ୍ୟକ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ପାଇଁ, ଦୟାକରି ଆର୍‌ବିଆଇ ୱେବ୍‌ସାଇଟ୍ (https://www.rbi.org.in)ର ''ଟେଣ୍ଡର'' ବିଭାଗ ପରିଦର୍ଶନ କରନ୍ତୁ ଏବଂ ଟେଣ୍ଡର ଅପଲୋଡ୍ କରିବା ପାଇଁ ଦୟାକରି MSTC ଇ-ପୋର୍ଟାଲ (https://www.mstcecommerce.com)ରେ ପଞ୍ଜୀକରଣ କରନ୍ତୁ । ଚୁକ୍ତିନାମା ପାଇଁ ଫେରସ୍ତଯୋଗ୍ୟ EMD ବିବରଣୀ ନିମ୍ନରେ ଉଲ୍ଲେଖ କରାଯାଇଛି ।

| ୨୦୨୩-୨୦୨୪ ପାଇଁ କାର୍ଯ୍ୟର ଆନୁମାନିକ ମୂଲ୍ୟ | ସର୍ବଶ୍ରେଷ୍ଠ ଟଙ୍କା ଜମା |
|---|---|
| ₹୨,୦୦,୦୦,୦୦୦/- | ₹୪,୦୦,୦୦୦/- |

ଦୟାକରି ନୋଟ୍ କରନ୍ତୁ ଯେ ପରବର୍ତ୍ତୀ ଯୋଗ/କରିଜେଣ୍ଡମ୍ କେବଳ ଆର୍‌ବିଆଇ ୱେବ୍‌ସାଇଟ୍ / MSTC ଇ-ପୋର୍ଟାଲରେ ପ୍ରକାଶିତ ହେବ ।

ଆଞ୍ଚଳିକ ନିର୍ଦ୍ଦେଶକ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର

# ତେଲଙ୍ଗାନା ଆଫଗାନିସ୍ତାନ୍, କେସିଆର୍ ତାଲିବାନ୍

## ଆପତ୍ତିଜନକ ମନ୍ତବ୍ୟ ଦେଇ ଶର୍ମିଳା ଗିରଫ



ମହବୁବାବାଦ୍,୧୯।୨

ତେଲଙ୍ଗାନାକୁ ଆଫଗାନିସ୍ତାନ ଓ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର)ଙ୍କୁ ତାଲିବାନ ସହ ତୁଳନା କରି ବିବାଦୀୟ ହୋଇଛନ୍ତି ଯୁବଜନ ଶ୍ରମିକ ରାଇଥୁ ତେଲଙ୍ଗାନା ପାର୍ଟି (ୱାଇଏସ୍‌ଆର୍‌ଟିପି) ମୁଖ୍ୟ ୱାଇ.ଏସ୍. ଶର୍ମିଳା। ତେଲଙ୍ଗାନା ପୋଲିସ ତାଙ୍କୁ ଗିରଫ କରି ମାମଲା ରୁଜୁ କରିଛି। ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍ ଜଗନ୍‌ମୋହନ୍ ରେଡ୍ଡୀଙ୍କ ଭଉଣୀ ଶର୍ମିଳା ୱାଇଏସ୍‌ଆର୍‌ଟିପି ନାମରେ ଦଳ ଗଢ଼ି ତେଲଙ୍ଗାନାର ଶାସକ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ଠାରୁ କ୍ଷମତା ଛଡ଼ାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ଶର୍ମିଳା ରବିବାର ମହବୁବାବାଦରେ ପଦଯାତ୍ରା ବେଳେ ତେଲଙ୍ଗାନା ହେଉଛି ଭାରତର ଆଫଗାନିସ୍ତାନ୍ ଏବଂ ମୁଖ୍ୟମନ୍ତ୍ରୀ କେସିଆର୍ ଏହାର ତାଲିବାନ୍ ବୋଲି କହିଥିଲେ। କେସିଆର୍ ଜଣେ ଏକଚ୍ଛତ୍ରବାଦୀ, ସ୍ୱେଚ୍ଛାଚାରୀ ଶାସକ। ତେଲଙ୍ଗାନାରେ ଭାରତୀୟ ସମ୍ବିଧାନ କାମ କରୁନାହିଁ। ଏଠାରେ କେବଳ କେସିଆର୍‌ଙ୍କ ସମ୍ବିଧାନ ପ୍ରଚଳିତ। ମହବୁବାବାଦ ବିଧାୟକ ତଥା ବିଆର୍‌ଏସ୍ ନେତା ବନୋଥ ଶଙ୍କର ନାଏକ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ସ୍ଥାନୀୟ ବିଧାୟକ ଜଣେ ଛିନ୍ନ ମୁଣ୍ଡ। ଶର୍ମିଳାଙ୍କ ଏହି ଆପତ୍ତିଜନକ ମନ୍ତବ୍ୟ ପରେ ବିଆର୍‌ଏସ୍ ପକ୍ଷରୁ ଧାରଣା ଦିଆଯାଇଛି। ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାରେ ପୋଲିସ ଶର୍ମିଳାଙ୍କୁ ଗିରଫ କରି ହାଇଦ୍ରାବାଦକୁ ଉଠାଇନେଇଛି।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE CHIEF ENGINEER & BASIN MANAGER, TEL BASIN, BHAWANIPATNA
E-mail ID:cetelbasinbhp@gmail.com/ Phone No.06670-230209
NOTICE INVITING TENDER
e-Procurement Notice No.CE&BM, TEL-27/2022-23
Bid Identification No.CETEL-TID-07/2022-23

No.A-1177:The Chief Engineer & Basin Manager, Tel Basin, Bhawanipatna on behalf of Governor of Odisha invites online percentage rate tender through e-procurement in double cover system.

Table-1: Details of Critical Dates, details of work, Bid Security

| Pkg. No. | Name of Works | Approx. Tender Cost | Class of Contractor | Bid Security/ EMD-(online)-(in INR) | Cost of tender document- (on-line)-(in-INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of FPE on Nibrutijore right from Tarava to Thakapali RD 00 M. to 5000 M. | Rs.11,46,87,247/- (Excluding G.S.T.) | 'A' & 'Special' Class | Rs.11,46,873/- | Rs.10,000/- | 18 (Eighteen) Calendar Months |

Table-2 e-Procurement Details

| Procurement Officer | Bid Identification No. | Availability of tender online for bidding | | Date of Seeking tender clarification | Date & Time of opening of tender | | Place of opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Chief Engineer, & Basin Manager, Tel Basin, Bhawanipatna | CETEL-TID 07/2022-23 | Dt.21.02.2023 at 10.00 hours | Dt.09.03.2023 upto 17.30 hours | 21.02.2023 to 06.03.2023 at Office during office hours. | Dt.10.03.2023 at 11.00 Hours | To be intimated after evaluation of Technical Bid | Office of Chief Engineer & Basin Manager, Tel Basin, Bhawanipatna |

Further details can be seen from the Govt. website www.tendersodisha.gov.in.
Other Terms & Conditions can be seen from the Government website www.tendersodisha.gov.in.
The Corrigendum/cancellation of Tender, if any, will be uploaded and can be seen from the above website only.

Sd./- Chief Engineer & Basin Manager
Tel Basin, Bhawanipatna

OIPR-32317/11/0032/2223

## ସଂକ୍ଷେପରେ

### ହାତୁଡ଼ିରେ ହତ୍ୟା: ଅଭିଯୁକ୍ତ ଶ୍ରମିକ ଗିରଫ

ପୁରୀ ଅଫିସ, ୧୯।୨: ଲୁହା ହାତୁଡ଼ିରେ ଆକ୍ରମଣ ଦ୍ୱାରା ହତ୍ୟା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ରବିବାର ଅଭିଯୁକ୍ତ ଶ୍ରମିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ ତାଳବଣିଆ ଥାନା ଅନ୍ତର୍ଗତ ମଧୁବନରେ ରହୁଥିବା ବ୍ରହ୍ମଗିରି ଅଞ୍ଚଳର ଜଗନ୍ନାଥ କାଣ୍ଡି (୩୮)। ପୋଲିସ ତାଙ୍କଠାରୁ ଲୁହାହାତୁଡି ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୪୦/୨୩) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୧୬ ତାରିଖରେ ପି .ସେକ୍ ଥାନାକୁ ଆସି ଅଭିଯୋଗ କରିଥିଲେ ଯେ, ତାଙ୍କର ସମ୍ପର୍କୀୟ କମଲ ସେକ୍ ପଶ୍ଚିମବଙ୍ଗ ବାସିନ୍ଦା ହୋଇଥିବା ବେଳେ ସେ ପୁରୀ ମଧୁବନ ଲେନ୍‌ରେ ରହୁଛନ୍ତି। ସେ ସମୁଦ୍ରକୂଳ ଅଞ୍ଚଳରେ କାମ କରୁଥିବା ସମୟରେ ତାଙ୍କର ଓ ଅଭିଯୁକ୍ତ ଜଗନ୍ନାଥଙ୍କ ମଧ୍ୟରେ କୌଣସି କଥାକୁ ନେଇ କଥା କଟାକଟି ହୋଇଥିଲା। ଜଗନ୍ନାଥ ରାଗିଯାଇ ଏକ ହାତୁଡ଼ିରେ ତାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଏଥିରେ କମଲ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ରେଭେନ୍‌ସା ଇତିହାସ ବିଭାଗର ଆଲୁମ୍‌ନି ମିଟ୍

କଟକ ଅଫିସ,୧୯।୨: ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ଆଲୁମ୍‌ନି ମିଟ୍ ରବିବାର ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ଉମାକାନ୍ତ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଫେସର ତୀର୍ଥ ପ୍ରକାଶ ଜେନା, ଲକ୍ଷ୍ମୀକାନ୍ତ ମିଶ୍ର, ଚଣ୍ଡୀ ପ୍ରସାଦ ନନ୍ଦ, ପ୍ରିୟଦର୍ଶୀ କର, ପ୍ରଫେସର ହେମନ୍ତ କୁମାର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୁଳପତି ନାୟକଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ବିଭାଗର ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୦୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଇତିହାସ ଆଲୁମ୍‌ନି ସଂଘର ସଭାପତି ଭାବେ ଡ. ବିକ୍ରମ କେଶରୀ ଜେନା, ଉପ ସଭାପତି ଡ. ସାମୁଏଲ୍ ଲିମା, ଡ. ବିପ୍ଳବ ଶିଳାଦିତ୍ୟ, ରଜତ କାନ୍ତ ଦାଶ, ସମ୍ପାଦକ ଭାବେ ଡ. କମଳ ପ୍ରସାଦ ମହାନ୍ତି, ଯୁଗ୍ମ ସମ୍ପାଦକ ଭୋଳନାଥ ନାୟକ, ପୂଜାରାଣୀ ପରିଡ଼ା, କୋଷାଧକ୍ଷ ଭାବେ ପ୍ରଫେସର ଉମାକାନ୍ତ ମିଶ୍ରଙ୍କ ସମେତ ପ୍ରତ୍ୟେକ ବ୍ୟାଚ୍ ପାଇଁ ଜଣେ ଲେଖାଏ ସଂଯୋଜକ ନିର୍ବାଚିତ ହୋଇଥିଲେ। ଆଲୁମ୍‌ନି ସଂଘ ଦ୍ୱାରା ବର୍ଷତମାମ ହେବାକୁ ଥିବା ବିଭିନ୍ନ ସେମିନାର, ଜର୍ନାଲ ଓ କର୍ପସ ଫଣ୍ଡ ସମ୍ପର୍କରେ ଆଲୋଚନା ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଭବିଷ୍ୟତରେ ରେଭେନ୍‌ସା ଇତିହାସ ଆଲୁମ୍‌ନି ସଂଘ ଗବେଷଣା ଧର୍ମୀ କାର୍ଯ୍ୟକ୍ରମ କରିବ ବୋଲି ରୁଦ୍ର ନାରାୟଣ ଦାଶ ସୂଚନା ଦେଇଛନ୍ତି।

# ୱାନ୍ ର୍‍ୟାଙ୍କ୍ ୱାନ୍ ପେନ୍‌ସନ-୨କୁ ଏଓଭିଏସ୍‌ଏର ବିରୋଧ

### ମାର୍ଚ୍ଚ ୧୨ରେ ଭୁବନେଶ୍ୱର ଓ ଦିଲ୍ଲୀରେ ଧାରଣା

ଭୁବନେଶ୍ୱର, ୧୯।୨ (ବ୍ୟୁରୋ)


ବୈଠକରେ ଅଲ୍ ଓଡ଼ିଶା ଭେଟେରାନ ସୋଲ୍‌ଜର୍ସ ଆସୋସିଏଶନର କର୍ମକର୍ତ୍ତା ଓ ଅନ୍ୟମାନେ।

କେନ୍ଦ୍ର ସରକାରଙ୍କ ୱାନ୍ ର୍‍ୟାଙ୍କ୍ ୱାନ୍ ପେନ୍‌ସନ (ଓଆର୍‌ଓପି-୨) ଯୋଜନାକୁ ଅଲ୍ ଓଡ଼ିଶା ଭେଟେରାନ ସୋଲ୍‌ଜର୍ସ ଆସୋସିଏଶନ (ଏଓଭିଏସ୍‌ଏ) ଜୋର୍‌ଦାର ବିରୋଧ କରୁଛି। ଏନେଇ ରବିବାର ଅଶୋକ ନଗରସ୍ଥିତ ଆର୍ଯ୍ୟ ସଂସ୍କୃତି ମନ୍ଦିର ପରିସରରେ ଏକ ପ୍ରତିବାଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉକ୍ତ ଯୋଜନା ସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଓଆର୍‌ଓପି-୨ କେନ୍ଦ୍ର ସରକାରଙ୍କର ଯବାନଙ୍କ ପ୍ରତି ବୈମାତୃକ ମନୋଭାବର ପରିଚୟ। ଏହାଦ୍ୱାରା ବଡ ବଡ ଅଧିକାରୀମାନେ ପେନ୍‌ସନ ସମ୍ବନ୍ଧୀୟ ସୁବିଧା ପାଇବେ, ମାତ୍ର ଯବାନ୍ ଓ ବୀରନାରୀ (ଯବାନଙ୍କ ବିଧବା ସ୍ତ୍ରୀ)ମାନେ ବହୁ ସମସ୍ୟାର ସମ୍ମୁଖୀନ ହେବେ। ତେଣୁ ଏହାକୁ ବିରୋଧ କରାଯିବା ସହ ଆଗାମୀ ଦିନରେ ଏକ ବୃହତ୍ତର ଆନ୍ଦୋଳନ ହେବ। ଆସନ୍ତା ମାର୍ଚ୍ଚ ୧୨ରେ ରାଜ୍ୟସ୍ତରରେ ପିଏମଜି ଛକଠାରେ ଏବଂ ଜାତୀୟ ସ୍ତରରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ପ୍ରତିବାଦ କରାଯିବ ବୋଲି ଏଓଭିଏସ୍‌ଏ ସଭାପତି ଭେଟେରାନ ମହେଶ୍ୱର ବେହେରା ସୂଚନା ଦେଇଛନ୍ତି। ସେହିପରି ବୈଠକରେ ଏଓଭିଏସ୍‌ଏ ଏବଂ ଇଣ୍ଡିଆନ ଭେଟେରାନ ଅର୍ଗାନାଇଜେଶନ (ଆଇଭିଓ) ଓଡ଼ିଶାର ଏକ ଷ୍ଟିୟରିଙ୍ଗ୍ କମିଟି ଗଠନ କରାଯାଇଛି। ଏହି କମିଟି ଆଗାମୀ ଦିନରେ ମିଳିତ ଭାବେ ଓଡ଼ିଶାର ଯବାନଙ୍କ ଅଧିକାର ପାଇଁ ସଂଗ୍ରାମ କରିବ ବୋଲି ସୂଚନା ଦିଆଯାଇଛି। ଦେଶର ସୁରକ୍ଷା ପାଇଁ ଯବାନମାନେ ସର୍ବଦା ରଣଭୂମିକୁ ଓହ୍ଲାଇବା ସହ ଅନେକ ସମୟରେ ନିଜ ଜୀବନ ବି ଦେଉଛନ୍ତି। ଏଭଳି କ୍ଷେତ୍ରରେ ଯବାନ ଓ ସେମାନଙ୍କ ପରିବାରର ରକ୍ଷଣାବେକ୍ଷଣ ପାଇଁ ଯଥାସାଧ୍ୟ ପଦକ୍ଷେପ ନେବା ପରିବର୍ତ୍ତେ ଓଆର୍‌ଓପି-୨ ଲାଗୁ କରାଇବା ନିହାତି ପକ୍ଷେ ନିନ୍ଦନୀୟ ବୋଲି ଏଓଭିଏସ୍‌ଏ ପକ୍ଷରୁ ଅଭିଯୋଗ କରାଯାଇଛି। ବୈଠକରେ ଏଓଭିଏସ୍‌ଏ ସମ୍ପାଦକ ଭେଟେରାନ ଉମେଶ କୁମାର ଚଇନି, ଭେଟେରାନ ଜିତେନ୍ଦ୍ର କୁମାର ସାହୁ, ଭେଟେରାନ ନରସିଂହ ଶତପଥୀ, ଭେଟେରାନ ରାଜକିଶୋର ସ୍ୱାଇଁ, ଆଇଭିଓ ଓଡ଼ିଶାର ରାଜ୍ୟ ସଭାପତି ଭେଟେରାନ ଅଶୋକ କୁମାର ଜେନା, ସମ୍ପାଦକ ବନବିହାରୀ ମିଶ୍ର, ଏଓଭିଏସ୍‌ଏ ଭୁବନେଶ୍ୱର ଓ ଖୋର୍ଦ୍ଧାର ସଦସ୍ୟମାନେ ଯୋଗଦେଇଥିଲେ।

# ଅପହରଣ ମାମଲାରେ ନାବାଳିକା ସହ ୪ ଯୁବକଙ୍କୁ ନେଲା ପଶ୍ଚିମବଙ୍ଗ ପୋଲିସ

### ନମ୍ବରବିହୀନ କାର୍‌ରୁ ସମସ୍ତଙ୍କୁ ଧରିଥିଲା ମଞ୍ଚେଶ୍ୱର ପୋଲିସ

- ୬ ମାସ ତଳେ ନାବାଳିକାଙ୍କୁ ଅପହରଣ କରାଯାଇଥିଲା
- ଅଭିଯୁକ୍ତଙ୍କୁ ପଚରାଉଚରା ପରେ ଘଟଣା ଜଣାପଡ଼ିଥିଲା

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ଭୁବନେଶ୍ୱର ରସୁଲଗଡ଼ ଅଞ୍ଚଳରେ ଥିବା ଏକ ନମ୍ବର ବିହୀନ କାର୍‌ରୁ ଜଣେ ନାବାଳିକାଙ୍କ ସହ ୪ ଯୁବକଙ୍କୁ ଶନିବାର ମଞ୍ଚେଶ୍ୱର ଥାନା ପୋଲିସ ଧରିଥିଲା। ସେମାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବାବେଳେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଉକ୍ତ ନାବାଳିକା ଜଣକ ୬ ମାସ ତଳେ ଅପହରଣ ହୋଇଥିଲେ। ପୋଲିସ ଧରିଥିବା ୪ଜଣଙ୍କ ମଧ୍ୟରୁ ଅଶୋକ ଚାଣ୍ଡେଲିଆ ନାମକ ଜଣେ ଯୁବକ ତାଙ୍କୁ ଅପହରଣ କରି ଭୁବନେଶ୍ୱର ନେଇ ଆସିଥିଲେ। ଏନେଇ ପଶ୍ଚିମବଙ୍ଗ ଲୁଟିପଡ଼ା ଥାନାରେ ଏନେଇ ଅପହରଣ ମାମଲା ରୁଜୁ ହୋଇଥିବା ପୋଲିସ ଜାଣିବା ପରେ ଉକ୍ତ ରାଜ୍ୟର ପୋଲିସ ବିଭାଗ ସହ ଯୋଗାଯୋଗ କରିଥିଲା। ରବିବାର ପଶ୍ଚିମବଙ୍ଗ ପୋଲିସ ଭୁବନେଶ୍ୱରରେ ପହଞ୍ଚି ସମସ୍ତଙ୍କୁ ପଚରାଉଚରା କରିବା ପରେ ଉକ୍ତ ନାବାଳିକାଙ୍କ ସହ ୪ ଯୁବକଙ୍କୁ ସାଙ୍ଗରେ ନେଇଯାଇଛି। ତେବେ ଅନ୍ୟ ୩ ଯୁବକ ଅଶୋକଙ୍କ ସାଙ୍ଗ ବୋଲି ଜଣାପଡ଼ିଛି। ଅଭିଯୁକ୍ତ ଅଶୋକ ୨୦୨୨ ଅଗଷ୍ଟରୁ ଉକ୍ତ ନାବାଳିକାଙ୍କୁ ଭୁବନେଶ୍ୱର ଆଣିବା ପରେ ଉଭୟ ଏକ ଭଡାଘର ନେଇ ରହୁଥିଲେ। ଅନ୍ୟପକ୍ଷରେ ନାବାଳିକା ଜଣକ ନିଜ ଇଚ୍ଛାରେ ଅଶୋକଙ୍କ ସହ ପଳାଇ ଆସିଥିଲେ ବୋଲି ପୋଲିସକୁ କହିଛନ୍ତି। ସୂଚନାଯୋଗ୍ୟ, ଶନିବାର ରାତି ପ୍ରାୟ ୧୦ଟା ୩୦ରେ ନାବାଳିକାଙ୍କ ସହ ୪ଜଣ ଯୁବକ ଏକ ନମ୍ବରବିହୀନ କାର୍‌ରେ ରସୁଲଗଡ଼ରୁ କଟକରୋଡ୍ ଆଡ଼େ ଯାଉଥିଲେ। ସେମାନେ କାର୍‌ର ଡୋର୍ ଖୋଲି ଗାଳିଗୁଲଜ କରୁଥିବାରୁ ଲୋକମାନେ ପୋଲିସକୁ ଖବର ଦେଇଥିଲେ। ୩ଟି ପିସିଆର୍ ଭ୍ୟାନ କାର୍‌କୁ ପିଛା କରି ବମିଖାଲ ନିକଟରେ ସେମାନଙ୍କୁ ଅଟକାଇ ଥାନାକୁ ନେଇଥିଲା।

# ଅଣଧାନ ଫସଲ, କୃଷି ବନୀକରଣକୁ ଗୁରୁତ୍ୱ



ଓୟୁଏଟି ପୁରାତନ ଛାତ୍ରସଂଘ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ।

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

### ଓୟୁଏଟି ପୁରାତନ ଛାତ୍ରସଂଘ ସମ୍ମିଳନୀ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ପୁରାତନ ଛାତ୍ରସଂଘ ସମ୍ମିଳନୀ ରବିବାର ବିଶ୍ୱବିଦ୍ୟାଳୟ ପରିସର ସ୍ୱାମୀନାଥନ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର କୃଷି ବିକାଶର ଉତ୍କର୍ଷତା ସମ୍ପର୍କରେ କହିଥିଲେ। ଅଣଧାନ ଫସଲ, ମୃତ୍ତିକାର ସ୍ୱଚ୍ଛତା ରକ୍ଷା, ଜଳ ପରିଚାଳନା, କୃଷି ଯନ୍ତ୍ରପାତିର ବ୍ୟବହାର ବୃଦ୍ଧି, କୃଷି ବନୀକରଣ ଆଦି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବିଗତ ୬ ଦଶନ୍ଧି ମଧ୍ୟରେ ଓୟୁଏଟିର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟଧାରାକୁ ଅଧିକ ପ୍ରଭାବଶାଳୀ କରିବା ସହିତ ଏହାକୁ ଅଧିକ ଉପଯୋଗୀ କରାଯିବ ବୋଲି କୁଳପତି କହିଥିଲେ। ପୁରାତନ ଛାତ୍ରସଂଘ ସଭାପତି ପ୍ରଫେସର ବାସୁଦେବ ମିଶ୍ର ସ୍ୱାଗତ ଭାଷଣ ଏବଂ ପଶୁଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ ଡିନ୍ ଡା. ସୁଶେନ କୁମାର ପଣ୍ଡା ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ଦେଇଥିଲେ। ଏହି ଅବସରରେ ଓୟୁଏଟି ଅଲଉମ୍‌ନି ଆସୋସିଏଶନର ୱେବ୍ ପୋର୍ଟାଲ ଉନ୍ମୋଚନ ହୋଇଥିଲା। ସମସ୍ତ ପୁରାତନ ଛାତ୍ରୀଛାତ୍ର ଓୟୁଏଟି ସହିତ ଯୋଡ଼ିହେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ ଡିନ୍ ଡ. ସଞ୍ଜୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ଓୟୁଏଟିର ପୂର୍ବତନ କୁଳପତି, ଅଧ୍ୟକ୍ଷ, ବୈଜ୍ଞାନିକଙ୍କ ସମେତ ବିଭିନ୍ନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ, ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ।

### କିଶୋର ନଗର କଲେଜରେ ବାଣିଜ୍ୟ ବିଭାଗ ଖୋଲିବାକୁ ଦାବି

କଟକ ସଦର,୧୯।୨(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର କଲେଜରେ ଯୁକ୍ତ ୨ ଛାତ୍ରୀଛାତ୍ର କଳା ଓ ବିଜ୍ଞାନରେ ପଢୁଥିବାବେଳେ ବାଣିଜ୍ୟ ବିଷୟରେ ପାଠ ପଢ଼ିବାର ସୁଯୋଗ ନାହିଁ। ତେଣୁ ଏଠାରେ ବାଣିଜ୍ୟ ବିଭାଗ ଶୀଘ୍ର ଖୋଲିବା ପାଇଁ ଉତ୍କଳ ବିକାଶ ପରିଷଦ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ଏକ ଦାବିପତ୍ର ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। ଦୀର୍ଘ ୪୦ ବର୍ଷର ଏହି କଲେଜରେ ଉକ୍ତ ବିଭାଗ ନ ଖୋଲିବା ଦୁର୍ଭାଗ୍ୟଜନକ ବୋଲି ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ କହିଛନ୍ତି। ଏହାଛଡା ଡିଗ୍ରୀ ସ୍ତରରେ ମଧ୍ୟ ଅଧ୍ୟାପକ ପଦବୀ ପୂରଣ ପାଇଁ ଦାବି ହେଉଛି।

# ଗ୍ଲୋବାଲ ରାଇଜିଂ ଷ୍ଟାର ଚାମ୍ପିୟନ୍

ବାରଙ୍ଗ,୧୯।୨(ଡି.ଏନ୍.ଏ.)

ଭୁବନେଶ୍ୱରବ୍ଲକ ଅର୍ନ୍ତଗତ ଦାରୁଠେଙ୍ଗ ପିଣ୍ଡିକି ପଡ଼ିଆରେ ଚାଲିଥିବା ୭ମ ବାର୍ଷିକ ଶହୀଦ ପିଣ୍ଡିକି ପ୍ରିମିୟମ ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବାବାବ୍ଲାଷ୍ଟରକୁ ହରାଇ ଗ୍ଲୋବାଲ ରାଇଜିଂ ଷ୍ଟାର ଚାମ୍ପିୟନ୍ ହୋଇଛି। ଟସ୍ ଜିତି ବାବା ବ୍ଲାଷ୍ଟର ଫିଲ୍ଡିଂ ନିଷ୍ପତି ନେଇଥିଲା। ଗ୍ଲୋବାଲ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୧୭୭ ରନ ସଂଗ୍ରହ କରିଥିଲା। ଦଳର ସୁରଜ ୬ଟି ଛକା ମାରି ୬୬ ରନ କରିଥିଲେ। ବାବାବ୍ଲାଷ୍ଟର ୧୬ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୪ ରନ୍ କରି ପରାସ୍ତ ହୋଇଥିଲା। ରାଇଜିଂ ଷ୍ଟାର ୭ମ ବାର୍ଷିକ ଶହୀଦ ପିଣ୍ଡିକି ପ୍ରିମିୟମ୍ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଥିଲା। ମୁଖ୍ୟ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ଚାମ୍ପିୟନ ଦଳକୁ ୨୦ ହଜାର ଟଙ୍କା, ଚାମ୍ପିୟନ୍ ଟ୍ରଫି ଓ ରନରସପ୍ ଦଳକୁ ୧୫ ହଜାର ଟଙ୍କା, କପ୍ ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟରେ ଦାରୁଠେଙ୍ଗ ପଞ୍ଚାୟତର ନିଉ ଭିଲେଜ ଫାଇଟର, ବ୍ଲାକବୁଲ, ବଜରଙ୍ଗି, ଏସ୍‌ଏସ୍ ସୁପରକିଙ୍ଗ, ଗ୍ଲୋବାଲ, ବାବାବ୍ଲାଷ୍ଟର ଆଦି ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଶହୀଦ ପିଣ୍ଡିକି ବାହୁବଳେନ୍ଦ୍ର କ୍ଲବସମ୍ପାଦକ ପବିତ୍ରମୋହନ ବଳିଆରସିଂ, ଅଧାପକ ମାନସ ପାତ୍ର, ମନୋଜ ବେଉରା, ସୁଶାନ୍ତ ସାମନ୍ତସିଂହାର, ଉମାଶଙ୍କର ପାଟସାହାଣି, ବିଜୟ ପାହାଡ଼ାସିଂ ପ୍ରମୁଖ ଏହି ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ଜୟନାରାୟଣଙ୍କ ଘର ଆଗରେ ଛାତ୍ର ସଙ୍ଗଠନର ବିକ୍ଷୋଭ

ଭୁବନେଶ୍ୱର(ବ୍ୟୁରୋ),୧୯।୨



ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏବଂ ମହିଳା ଆଇଆଇସି ଠେଲାପେଲା ପ୍ରସଙ୍ଗକୁ ନେଇ ପ୍ରତିବାଦ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଜୟନାରାୟଣ ମିଶ୍ରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଉଛନ୍ତି ବିଭିନ୍ନ ସଙ୍ଗଠନ। ରବିବାର ଅଲ୍ ଓଡ଼ିଶା ଷ୍ଟୁଡେଣ୍ଟସ ଭଏସ ପକ୍ଷରୁ ଜୟନାରାୟଣ ମିଶ୍ରଙ୍କ ଭୁବନେଶ୍ୱରସ୍ଥିତ ବାସଭବନ ଘେରାଉ କରାଯାଇଥିଲା। ଏକ ଶୋଭାଯାତ୍ରାରେ ଆସି ଏହି ଛାତ୍ର ସଙ୍ଗଠନ କର୍ମୀ ଜୟନାରାୟଣଙ୍କ ବାସଭବନ ଆଗରେ ନାରାବାଜି କରିଥିଲେ। ଜୟନାରାୟଣ କ୍ଷମା ନ ମାଗିଲେ ଅଣ୍ଡାମାଡ଼ କରାଯିବ ବୋଲି ଚେତାବନୀ ଦେଇଥିଲେ। ନିଜ ଦଳର ବିଧାୟକଙ୍କ ଏଭଳି ଅଶୋଭନୀୟ ଆଚରଣ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଭାଜାପା ସଭାପତି ସମୀର ମହାନ୍ତି କାହିଁକି ଚୁପ୍ ବୋଲି ପ୍ରଶ୍ନ କରିଛି ଛାତ୍ର ସଙ୍ଗଠନ।

# ପୁରୁଣା ଦିନର ସ୍ମୃତିକୁ ମନେ ପକାଇଲେ ଛାତ୍ରୀଛାତ୍ର

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

ୟୁନିଟ-୮ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ୨୫ତମ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଝୁମୁକା ଡ୍ୟାମ ନିକଟ ଏକ ପ୍ରାକୃତିକ ପରିବେଶ ମଧ୍ୟରେ ଏହି ବନ୍ଧୁମିଳନ ଉତ୍ସବରେ ବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ପୁରାତନ ବିଦ୍ୟାର୍ଥୀ ଯୋଗ ଦେଇଥିଲେ । ଦୀର୍ଘ ଦିନ ପରେ ପୁରୁଣା ବନ୍ଧୁଙ୍କୁ ପାଖରେ ପାଇ ବିଦ୍ୟାର୍ଥୀମାନେ ବେଶ ଖୁସି ଅନୁଭବ କରିବା ସହ ସେତେବେଳର ବିଦ୍ୟାଳୟ ପରିବେଶ, ପାଠପଢ଼ା ଏବଂ ପୁରୁଣା ଦିନର ସ୍ମୃତିକୁ ମନେ ପକାଇଥିଲେ । ବିଦ୍ୟାଳୟ ପାଠ ଶେଷ କରିବାର ୨୫ବର୍ଷ ପୂର୍ତ୍ତି ଅବସରରେ ପୁରାତନ ବିଦ୍ୟାର୍ଥୀମାନେ ଏକାଠି ହୋଇଥିଲେ।

# ଅବକ୍ଷୟ ସମାଜକୁ ସଜାଡ଼ି ଥାଏ ଗଣମାଧ୍ୟମ

ଭୁବନେଶ୍ୱର, ୧୯।୨ (ବ୍ୟୁରୋ)

### 'ପ୍ରବାହ'ର ୧୬ତମ ସ୍ୱନକ୍ଷତ୍ର ଉତ୍ସବ

ଗଣମାଧ୍ୟମ ସର୍ବଦା ଅବକ୍ଷୟ ସମାଜକୁ ସଜାଡ଼ି ଥାଏ। ସାମ୍ବାଦିକ ତା'ର କଲମ ମାଧ୍ୟମରେ ସମାଜକୁ ଦିଗଦର୍ଶନ ଦେଇଥାଏ। ସେହିପରି କଲମ ମାଧ୍ୟମରେ ହିଁ ଜଣେ ସାମ୍ବାଦିକ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାରେ ସଫଳ ହୁଏ। ଯେଉଁମାନେ ନିଷ୍ଠାର ସହ ସାମ୍ବାଦିକତା କରନ୍ତି, ସେମାନେ କେବେ ହେଲେ ହାରନ୍ତି ନାହିଁ। ଯେତେ ବାଧାବିଘ୍ନ ଆସିଲେ ବି ତାଙ୍କୁ ସଫଳତା ମିଳିଥାଏ। ତେଣୁ ସର୍ବଦା ନିର୍ଭିକତା ଓ ନିରପେକ୍ଷତା ଅବଲମ୍ବନ କରିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରବିବାର ସୂଚନାଭବନଠାରେ ସାପ୍ତାହିକ ଖବରକାଗଜ 'ପ୍ରବାହ'ର ୧୬ତମ ସ୍ୱନକ୍ଷତ୍ର ଉତ୍ସବରେ ଯୋଗଦେଇ ଅତିଥିମାନେ ଏହା କହିବା ସହ ନିରନ୍ତର ଭାବେ ନିରପେକ୍ଷ ଖବର ପ୍ରସାର କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥିଭାବେ ବାଲିକୁଦା-ଏରସମା ବିଧାୟକ ତଥା ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ଲ'କଲେଜ ଅଧକ୍ଷ ତଥା ଅଧିକାର ଲ'ଏକାଡେମୀର ନିର୍ଦ୍ଦେଶକ ଗିରିଶ ରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଏମର୍ଜିଂ ସାଇନ୍ସର ସମ୍ପାଦକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ବାୟୋଟେକ୍ନୋଲୋଜି ବିଭାଗର ପୂର୍ବତନ ପ୍ରାଧ୍ୟାପକ ଡ. ଗୌରାଙ୍ଗ ଚରଣ ସ୍ୱାଇଁ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ସମାଜସେବୀ ରବି ସାମଲ, 'ପ୍ରବାହ'ର ପରିଚାଳନା ସମ୍ପାଦକ ସିଦ୍ଧାର୍ଥ ସ୍ୱରୂପ ଦାଶ, ସମ୍ପାଦକ ଅଭିମନ୍ୟୁ ମହାପାତ୍ର ଯୋଗଦେଇ ଥିଲେ। ଏହି ଅବସରରେ 'ପ୍ରବାହ'ର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ଲାଗି ବହୁ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ତଥା କବି ଚନ୍ଦ୍ର ବିଜୟୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।



ସ୍ୱନକ୍ଷତ୍ର ଉତ୍ସବରେ ଅତିଥିମାନେ 'ପ୍ରବାହ'ର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।

# ତମାଣ୍ଡୋ ଗୋହିରା ଛକରେ ସିରିଜ୍ ଦୁର୍ଘଟଣା




ଦୁର୍ଘଟଣାଗ୍ରସ୍ତ ଟ୍ରକରୁ ଉଦ୍ଧାର କାର୍ଯ୍ୟ ଚାଲିଛି। ଅଗ୍ନିଶମବାହିନୀ ଟ୍ରକ୍ କାଟି ଫସି ରହିଥିବା ଆହତ ଡ୍ରାଇଭରଙ୍କୁ ବାହାର କରୁଛନ୍ତି।

ଭୁବନେଶ୍ୱର,୧୯।୨(ବ୍ୟୁରୋ)

- ଟ୍ରକ୍ କାଟି ଡ୍ରାଇଭରଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ
- ହେଲପର ମଧ୍ୟ ଆହତ

ରାଜଧାନୀ ଉପକଣ୍ଠ ତମାଣ୍ଡୋ ଥାନା ଅନ୍ତର୍ଗତ ଗୋହିରା ଛକ ନିକଟ ବେହେରା ଢାବା ସାମ୍ନାରେ ଶନିବାର ବିଳମ୍ବିତ ରାତିରେ ଏକ ସିରିଜ୍ ଦୁର୍ଘଟଣା ଘଟିଛି। ଢାବା ସାମ୍ନାରେ ଛିଡା ହୋଇଥିବା ଟ୍ରକ୍ (ନଂ.ଓଡି୩୪ଏମ୍୭୧୩୬)କୁ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ (ନଂ.ଓଡି୦୨କ୍ୟୁ୫୧୧୪) ଧକ୍କା ଦେଇଥିଲା। ଫଳରେ ଧାଡ଼ିରେ ଅଟକି ରହିଥିବା ଟ୍ରକ୍‌ଗୁଡିକ ପରସ୍ପର ପଛରେ ପିଟି ହୋଇଯାଇଥିଲା। ତେବେ ପ୍ରଥମେ ଧକ୍କା ଦେଇଥିବା ଟ୍ରକଟିର ଆଗ ଭାଗ ଛିଡା ହୋଇଥିବା ଟ୍ରକର ଡାଲାରେ ପଶିଯାଇଥିଲା। ଫଳରେ ଡ୍ରାଇଭର କ୍ୟାବିନ୍‌ରେ ଚାପି ରହିଥିବାବେଳେ ହେଲ୍‌ପର ଆହତ ଅବସ୍ଥାରେ ବହୁ କଷ୍ଟରେ ବାହାରକୁ ଚାଲି ଆସିଥିଲେ। ସ୍ଥାନୀୟ ଅଞ୍ଚଳର ଲୋକେ ଏନେଇ ତମାଣ୍ଡୋ ଥାନା ଓ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କଟର ମେସିନ ସାହାଯ୍ୟରେ ପ୍ରାୟ ଅଧଘଣ୍ଟା ଧରି ଟ୍ରକ୍‌କୁ କାଟି ଡ୍ରାଇଭରଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ହସ୍ପିଟାଲ ପଠାଇଥିଲେ। ଆହତ ଡ୍ରାଇଭର ହେଲେ ଭଦ୍ରକର ମାନସ କୁମାର ଦାସ ଓ ହେଲପର କନ୍ଦା ବେଗମ୍। ଅନ୍ୟପଟେ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଓ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# କଚ୍ଛପ ଗତିରେ ଚାଲିଛି ଅଙ୍ଗନୱାଡି ଗୃହ ନିର୍ମାଣ

- ପାଠପଢ଼ା ବାଧାପ୍ରାପ୍ତ ହେଉଛି
- ୨୫୯ କେନ୍ଦ୍ରରୁ ୧୪୧ କେନ୍ଦ୍ରର ରହିଛି ସ୍ଥାୟୀ ଗୃହ
- ଭଡ଼ାଘରେ ୨୭, ସ୍କୁଲରେ ୭୯, ଅନ୍ୟାନ୍ୟ ସ୍ଥାନରେ ଚାଲିଛି ୧୨ କେନ୍ଦ୍ର

ନିଶ୍ଚିନ୍ତକୋଇଲି,୧୯।୨(ସ୍ୱ.ପ୍ର)

କୋମଳମତି ଶିଶୁମାନଙ୍କୁ ପ୍ରାରମ୍ଭିକ ଶିକ୍ଷା ଦେବା ପାଇଁ ସରକାର ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିଛନ୍ତି। କିନ୍ତୁ ଭିତ୍ତିଭୂମିର ଅଭାବ କାରଣରୁ ଶିଶୁମାନଙ୍କର ଶୈକ୍ଷିକ ବାତାବରଣ ଉପଯୋଗୀ ହୋଇପାରୁନାହିଁ। ଫଳରେ ପ୍ରୟୋଗିକ ଶିକ୍ଷାର ସଫଳ ରୁପାୟନ ହୋଇପାରୁନାହିଁ। ସରକାର ଅଙ୍ଗନୱାଡି କେନ୍ଦ୍ରର ସ୍ଥାୟୀ ଗୃହ ନିର୍ମାଣ ପାଇଁ ବ୍ୟୟବରାଦ କରିଥିଲେ ହେଁ ଦୂରଦୃଷ୍ଟିର ଅଭାବ ଓ ବିଭାଗୀୟ ଅଧିକାରୀଙ୍କ ଦାୟୀତ୍ୱହୀନତା ପାଇଁ ଏହା ପ୍ରହସନରେ ପାଲଟିଛି। ଫଳରେ ସମନ୍ୱିତ ଶିଶୁ ବିକାଶ ଏବେ ବିନାଶମୁଖୀ ହେବା ଚର୍ଚ୍ଚା ହେଉଛି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ୪୦ ପଞ୍ଚାୟତରେ ୨୫୯ ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିରୁ ୨୩୪ ପୂର୍ଣ୍ଣ ଅଙ୍ଗନୱାଡି କେନ୍ଦ୍ର ଥିବା ବେଳେ ୨୫ ମିନି ଅଙ୍ଗନୱାଡି କେନ୍ଦ୍ର ରହିଛି। ସରକାର ୧୪୧ ଅଙ୍ଗନୱାଡି କେନ୍ଦ୍ର ପାଇଁ ସ୍ଥାୟୀ ଗୃହ ନିର୍ମାଣ କରିଛନ୍ତି। ଅପରପକ୍ଷରେ ଏବେବି ୭୯ ଅଙ୍ଗନୱାଡି କେନ୍ଦ୍ର ବିଭିନ୍ନ ବିଦ୍ୟାଳୟରେ ଚାଲୁଛି। ବିଦ୍ୟାଳୟରେ ଏହି କେନ୍ଦ୍ରଗୁଡ଼ିକ ଚାଲୁଥିବାରୁ ୧୦ଟା ବେଳେ ସ୍କୁଲ ପିଲା ଆସିଲେ ଓ ଖରାଦିନେ ବିଦ୍ୟାଳୟ ସକାଳୁଆ ଚାଲିଲେ ଅଙ୍ଗନୱାଡି କେନ୍ଦ୍ର ଚଲାଇବା କଷ୍ଟସାଧ ହେଉଛି। ଅପରପକ୍ଷରେ ୨୭ଟି କେନ୍ଦ୍ର ଭଡା ଘରେ ଚାଲୁଛି। ଭଡା ଘରେ ଚାଲୁଥିବା କେନ୍ଦ୍ରଗୁଡ଼ିକ ମୁଖ୍ୟତଃ ବ୍ୟକ୍ତିଗତ ହେପାଜତରେ ରହୁଥିବାରୁ ଏଠାରେ କେନ୍ଦ୍ର ଚଲାଇବା ଅନୁକୂଳ ହେଉନାହିଁ। ସେଭଳି ୧୨ କେନ୍ଦ୍ର ଅନ୍ୟାନ୍ୟ ସ୍ଥାନରେ ଚାଲୁଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ମୋଟାମୋଟିଭାବେ କହିବାକୁ ଗଲେ ସ୍ଥାୟୀ ଗୃହ ନଥିବାରୁ ବହୁ କେନ୍ଦ୍ର ଠିକ୍‌ଭାବେ ଚାଲିପାରୁନାହିଁ। ଉଦାହରଣ ସ୍ୱରୂପ ଏହି ବ୍ଲକ ଅଧୀନ ନତକାଇ ପଞ୍ଚାୟତର ମୁକୁନ୍ଦପୁର-୧ ଅଙ୍ଗନୱାଡି କେନ୍ଦ୍ର ଜଣେ ଅଙ୍ଗନୱାଡି କର୍ମୀଙ୍କ ଘରେ ଚାଲୁଛି। ୯ ବର୍ଷ ତଳେ ତତ୍କାଳୀନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନା ଅଙ୍ଗନୱାଡି କେନ୍ଦ୍ର ଗୃହର ଶିଳାନ୍ୟାସ କରିଥିଲେ। ତେବେ ଉକ୍ତ ସ୍ଥାନଟି ଜଳ ସେଚନ ବିଭାଗ ଅଧୀନରେ ଥିବାରୁ ଏଠାରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରିବା ସମ୍ଭବ ହୋଇପାରି ନ ଥିଲା। ଏହି କେନ୍ଦ୍ରରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ କେନ୍ଦ୍ର ଠିକ୍ ଢଙ୍ଗରେ ଚାଲୁ ନଥିବା ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଥିଲେ। କେବଳ ଏହି ଗୋଟିଏ କେନ୍ଦ୍ର ନୁହେଁ ବ୍ଲକର ଅନେକ ଅସ୍ଥାୟୀ କେନ୍ଦ୍ରରେ ଏଭଳି ସମସ୍ୟା ରହିଥିବା କୁହାଯାଉଛି। ଅପରପକ୍ଷେ ସ୍ଥାୟୀ ଗୃହ ନେଇ କେଉଁଠି ବ୍ଲକ ଉନ୍ନୟନ ବିଭାଗ ଆସିଡିଏସର ଅଧିକାରୀଙ୍କ ଦୋଷ ଦେଉଥିଲା ବେଳେ ଆଇସିଡିଏସ ଅଧିକାରୀ ବ୍ଲକର ଦୋଷ ଦେଉଛନ୍ତି। କେଉଁଠି ଜମି ଅଧିଗ୍ରହଣ ତ କେଉଁଠି ରାଜନୈତିକ ଛକାପଞ୍ଝା ପାଇଁ ଅଙ୍ଗନୱାଡି ସ୍ଥାୟୀ ଗୃହ ନିର୍ମାଣ ହୋଇପାରୁନାହିଁ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ଏସମ୍ପର୍କରେ ସିଡିପିଓ ଲୀଳାବତୀ ସେଠୀ କୁହନ୍ତି, ବ୍ୟୟ ବରାଦ ହେବା ପରେ ଉନ୍ନୟନ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ବ୍ଲକ ଉନ୍ନୟନ ବିଭାଗର। ସେମାନେ ଅଙ୍ଗନୱାଡି କେନ୍ଦ୍ର ପୂର୍ଣ୍ଣାଙ୍ଗ କରିବା ପରେ ଆମକୁ ହସ୍ତାନ୍ତର କରିବା କଥା। ସ୍ଥାୟୀ ଗୃହ ନ ଥିବାରୁ କେନ୍ଦ୍ରଗୁଡିକ ଠିକ୍ ଭାବେ ପରିଚାଳନା ହୋଇପାରୁନାହିଁ।। ଏ ସମ୍ପର୍କରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ କୁହନ୍ତି, ଅଙ୍ଗନୱାଡି କେନ୍ଦ୍ର ପାଇଁ ସ୍ଥାନ ନିରୂପଣ କରାଇ ବ୍ୟୟ ବରାଦ ଅନୁଯାୟୀ କାମ କରିବା ଦାୟିତ୍ୱ ବ୍ଲକ କାର୍ଯ୍ୟାଳୟର। କିନ୍ତୁ ବିଭିନ୍ନ ସ୍ଥାନରେ ଆବଶ୍ୟକ ଜମି ଓ କେନ୍ଦ୍ର ଉପଯୋଗି ସ୍ଥାନ ନ ଥିବାରୁ ଅଙ୍ଗୱାଡିକେନ୍ଦ୍ରର ସ୍ଥାୟୀ ଗୃହ ନିର୍ମାଣ ହୋଇପାରୁନାହିଁ। ଯେଉଁ ଜାଗାରେ ଜମି ସ୍ଥିରକୃତ ହୋଇଛି ଓ ବିବାଦ ମୁକ୍ତ ହୋଇଛି ସେଠାରେ ଗୃହ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି।


ଭଡ଼ାଘରେ ଚାଲିଥିବା ଅଙ୍ଗନୱାଡି କେନ୍ଦ୍ର।

## ସଂକ୍ଷେପରେ

### ମଧ୍ୟସ୍ଥତା କରିବାକୁ ଆସି ଗଣ୍ଡଗୋଳ ଅଭିଯୋଗ

ମାହାଙ୍ଗା, ୧୯।୨(ସ୍ୱ.ପ୍ର.) ମାହାଙ୍ଗା ଥାନା ଅନ୍ତର୍ଗତ ଯଶୁଆପୁର ଗ୍ରାମରେ ସରକାରୀ ପାଣି ପାଇପରୁ ପାଣି ନେବାକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ବିବାଦ ଉପୁଜିବା ସହ ଗଣ୍ଡଗୋଳ ହୋଇଥିଲା। ଏହି ବିବାଦକୁ ସମାଧାନ କରିବାକୁ ଯାଇଥିବା ଜଣେ ଲୋକ ପ୍ରତିନିଧିଙ୍କ ସ୍ୱାମୀଙ୍କ ନାମରେ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଯଶୁଆପୁର ଗ୍ରାମର ଥିବା ଏକ ସରକାରୀ ଟ୍ୟାପରୁ ପାଣି ବ୍ୟବହାର କରିବାକୁ ନେଇ ଅନନ୍ତ ନାୟକ ଓ ବୃଷ କବାଟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ବିବାଦର ସମାଧାନ କରିବାକୁ ଯାଇ ସ୍ଥାନୀୟ ଅଞ୍ଚଳର ଜଣେ ଲୋକ ପ୍ରତିନିଧିଙ୍କ ସ୍ୱାମୀ ଅନନ୍ତଙ୍କ ପରିବାରର ମହିଳା ସଦସ୍ୟଙ୍କୁ ଅଶାଳୀନ ବ୍ୟବହାର କରିଥିବା ଓ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ଥାନାରେ ପୃଥକ୍ ଭାବେ ୩ ଟି ଅଭିଯୋଗ ହୋଇଥିବା ଥାନା ଅଧିକାରୀ ବିଜୟ କୁମାର ମଲିକ କହିଛନ୍ତି। ଏ ସମ୍ପର୍କରେ ଗଣମାଧ୍ୟମର ପ୍ରତିନିଧିମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିଥିଲେ ମଧ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

### ୨ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିସଭା

କଟକ ଅଫିସ, ୧୯।୨: ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସ ଓ ଶଶିଭୂଷଣ ଦାସ ସ୍ମୃତିସଭା କଟକସ୍ଥିତ ସ୍ୱରାଜ ଆଶ୍ରମଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଗ୍ରାମୀ ଫୋରମ୍ ଆନୁକୂଲ୍ୟରେ ଆୟୋଜିତ ସ୍ମୃତିସଭାରେ ସାମ୍ବାଦିକ ଡ. ସତ୍ୟ ରାୟ ପୌରୋହିତ୍ୟ କରିଥିଲେ। ପ୍ରଫେସର ପାବକ କାନୁନ୍‌ଗୋ, ସିଏମ୍‌ସି ମେୟର ସୁବାସ ସିଂ, ଗାନ୍ଧୀବାଦୀ ପ୍ରବକ୍ତା ପ୍ରହଲ୍ଲାଦ ସିଂ, ବୈଜ୍ଞାନିକ ଜ୍ଞାନଦେବ ମହାରଣା, ସମତା ମଞ୍ଚ ସଭାପତି ଚିତ୍ତରଞ୍ଜନ ମହାନ୍ତି, ଗାନ୍ଧୀ ପ୍ରତିଷ୍ଠାନର ସଭାପତି ମନୋରଞ୍ଜନ ମହାନ୍ତି, ଇସ୍କଫ୍‌ର ସମ୍ପାଦକ ବିଜୟ ପଡିଆରୀ, ଏସ୍‌ୟୁସିଆଇ (ସି) ନେତା ବିଶ୍ୱାବସୁ ଦାସ, ସାମାଜିକ କର୍ମୀ ଅକ୍ଷୟ ଦାସ, ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଧୀନତା ପରେ ମଧ କୃଷକଙ୍କ ସମସ୍ୟର ଅନ୍ତ ହୋଇନାହିଁ। ସାମ୍ପ୍ରଦାୟିକ ସଦ୍‌ଭାବ, ସୁସ୍ଥ ସମାଜ ଗଠନ ଆଦି ସ୍ୱାଧୀନତା ସଂଗ୍ରାମର ମୂଲ୍ୟବୋଧକୁ ବଜାୟ ରଖିଲେ ତାହାହିଁ ଉଭୟ ସଂଗ୍ରାମୀଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତାମାନେ କହିଥିଲେ। ରାଧାମୋହନ ସାହୁ ଧନ୍ୟବାଦ ଦେଇଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

ବାଙ୍କୀ,୧୯।୨(ସ୍ୱ.ପ୍ର.): ବାଙ୍କୀ ବ୍ଲକ ଅନ୍ତର୍ଗତ ବନ୍ଦାଳ ପଞ୍ଚାୟତରେ ମର୍ଡନ ଆଇକେୟାର ଓ ଶ୍ରୀଗୁରୁ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବରପାଟଣା ଜନକଲ୍ୟାଣ ଯୁବକ ସଂଘ ପରିସରରେ ଆୟୋଜିତ ଏହି ଶିବିରକୁ ସାମାଜିକକର୍ମୀ ବିକ୍ରମ ସାମନ୍ତସିଂହାର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ୫୦ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିରୁ ୧୦ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରପଚାର ନିମନ୍ତେ କଟକ ପଠାଯାଇଛି। ଶ୍ରୀଗୁରୁ ଫାଉଣ୍ଡେସନ ଚେୟାରମ୍ୟାନ ସୁଧୀର କୁମାର ବେଉରା, ସମ୍ପାଦକ ପ୍ରଶାନ୍ତ କୁମାର ନନ୍ଦ ଓ କୋଷାଧକ୍ଷ ପ୍ରତାପରୁଦ୍ର ସାମନ୍ତସିଂହାର ଶିବିରକୁ ପରିଚାଳନ କରିଥିଲେ। ଏହି ଅବସରରେ ମର୍ଡନ ଆଇକେୟାର ହସ୍ପିଟାଲର ସଂଯୋଜକ ଶୁଭେନ୍ଦୁ କୁମାର ମହାପାତ୍ର ଓ ମୁଖ୍ୟ ଅତିଥି ସାମନ୍ତ ସିଂହାରକୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ପାନଦୋକାନରେ ବ୍ରାଉନ୍‌ସୁଗାର ବେପାର, ଦୋକାନୀ ଗିରଫ

ଭୁବନେଶ୍ୱର,୧୯।୨(ବ୍ୟୁରୋ) : ପାନ ଦୋକାନରେ ଚାଲିଥିଲା ବ୍ରାଉନସୁଗାର ବେପାର। ଖବର ମିଳିବା ପରେ ତମାଣ୍ଡୋ ଥାନା ପୋଲିସ କେନ୍ଦ୍ରୀୟବିହାର ରାସ୍ତା ପାର୍ଶ୍ୱରେ ଥିବା ଉକ୍ତ ଦୋକାନ ଉପରେ ଚଡାଉ କରି ସଂପୃକ୍ତ ଦୋକାନୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦୋକାନୀ ହେଲେ ଗଞ୍ଜାମ ଜିଲାର ଧନୁ ଗୌଡ। ତାଙ୍କଠାରୁ ୧୫ ଗ୍ରାମର ବ୍ରାଉନସୁଗାର ଜବତ କରିଛି ପୋଲିସ। ଜବତ ବ୍ରାଉନସୁଗାର ମୂଲ୍ୟ ଦେଡ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତ ଧନୁଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଟ୍ରାକ୍ଟର ଓଲଟି ଜଣେ ମୃତ, ୬ ଆହତ

ବାଙ୍କୀ,୧୯।୨(ସ୍ୱ.ପ୍ର.):

ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ବିଟ ହାଉସ ନିକଟବର୍ତ୍ତୀ ସୁବର୍ଣ୍ଣପୁର-ଆଠଗଡ଼ ମୁଖ୍ୟ ରାସ୍ତାରେ ଏକ ଟ୍ରାକ୍ଟର ଓଲଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୬ଜଣ ଆହତ ହୋଇଛନ୍ତି। ମୃତ ଶ୍ରମିକ ପଶ୍ଚିମବଙ୍ଗର ସାଧନ ପାଠକ (୫୨) ବୋଲି ଜଣାପଡିଛି। ନିକଟସ୍ଥ ମେଗା ଜଳ ପ୍ରକଳ୍ପର ଏକ ଠିକା କମ୍ପାନୀରେ କାର୍ଯ୍ୟରତ ଶ୍ରମିକମାନେ ନମ୍ବର ବିହୀନ ଟ୍ରାକ୍ଟରରେ ଲୁହା ଛଡ ନେଇ ବାଉଁଶପୁଟ ଯାଉଥିବା ସମୟରେ ସୁବର୍ଣ୍ଣପୁର ମଙ୍ଗଳା ମନ୍ଦିର ନିକଟ ରାସ୍ତାରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଗାଡ଼ି ବୋଝେଇ ହୋଇଥିବା ଲୁହା ଛଡ଼ ପଡ଼ିଯିବାରୁ ଜଣେ ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟଶ୍ରମିକମାନେ ତଳେ ପଡି ଆହତ ହୋଇଥିଲେ। ଘଟଣାସ୍ଥଳରୁ ଗାଡ଼ି ଚାଳକ ଫେରାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ, ଦମକଳବାହିନୀ ଓ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚିଥିଲା। ବାଙ୍କୀ ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଓ ମୃତକଙ୍କୁ ଆମ୍ବୁଲାନ୍ସ ଯୋଗେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ସମସ୍ତ ଶ୍ରମିକ ପଶ୍ଚିମବଙ୍ଗର ବୋଲି ସୂଚନା ମିଳିଛି। ଆହତ ଶ୍ରମିକଙ୍କ ପରିଚୟ ମିଳି ପାରିନାହିଁ।


ପଦନେଶ୍ୱର ମହାଦେବଙ୍କ ପୀଠରେ ମା' ପାର୍ବତୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ବାହାରିଥିବା କଳସ ଶୋଭାଯାତ୍ରା।

## ମା'ପାର୍ବତୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ସାଲେପୁର,୧୯।୨(ଡି.ଏନ୍.ଏ.)

ସାଲେପୁର ବ୍ଲକ ତେନ୍ତୋଳ ପଞ୍ଚାୟତ ପଦନେଶ୍ୱର ମହାଦେବଙ୍କ ପୀଠରେ ମା' ପାର୍ବତୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସ ଶୋଭାଯାତ୍ରା, ମନ୍ଦିର ପ୍ରତିଷ୍ଠା ଯଜ୍ଞର ଅଙ୍କୁରାରୋପଣ, ସୂର୍ଯ୍ୟ ପୂଜା, ଗୋପୂଜା ଆଦି ବିଧି ଓ ରୀତିନୀତି କରାଯାଇଥିଲା। ଯୁବ ସମାଜିକ କର୍ମୀ ଗୋଲଖ ପରିଡ଼ା ଓ ତାଙ୍କ ସ୍ତ୍ରୀ ଉର୍ମିଳ ଚୌଧୁରୀଙ୍କ ନିଜସ୍ୱ ସହାୟତାରେ ଏହି ମନ୍ଦିର ନିର୍ମାଣ କରିବା ସହ ପ୍ରତିଷ୍ଠା ମଧ କରାଇଥିଲେ। ପବିତ୍ର ଜାଗର ଉତ୍ସବ ଦିନ ମନ୍ଦିର ପ୍ରତିଷ୍ଠା ଯଜ୍ଞର ପୂର୍ଣ୍ଣାହୁତି ହୋଇଯାଇଛି। ଯଜ୍ଞ ଉତ୍ସବକୁ ଅଲେଖ ନାରାୟଣ ପଣ୍ଡା, ନାରାୟଣ ପଣ୍ଡା, ରାଜେଶ ଦାସଙ୍କ ସମେତ ପୂଜକ ମଣ୍ଡଳୀମାନେ ସମ୍ପାଦନ କରିଥିଲେ। ଏହି ଅବସରରେ ପ୍ରସାଦ ସେବନ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ପୂର୍ବତନ ଭାଜପା ମିଡିଆ ସେଲ୍‌ର ଅଧ୍ୟକ୍ଷଙ୍କୁ ଉଠାଇନେଲା ମଧ୍ୟପ୍ରଦେଶ ପୋଲିସ

ସାଲେପୁର,୧୯।୨(ଡି.ଏନ୍.ଏ.)

**ଠକେଇ ଅଭିଯୋଗ**

ବିଭିନ୍ନ ରାଜ୍ୟରୁ ଠକେଇ କରି ନିଜ ଗ୍ରାମକୁ ପଳାଇଆସିଥିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ମଧ୍ୟପ୍ରଦେଶ ପୋଲିସ ସୋମବାର ଉଠାଇନେଇଛି। ସେ ହେଲେ ସାଲେପୁର ଥାନା ଅନ୍ତର୍ଗତ ସଉରୀ ଗ୍ରାମର ତାପସ କୁମାର ଜେନା। ପୋଲିସ ସୂଚନା ଅନୁଯାୟୀ, ତାପସ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରେ ବିଭିନ୍ନ ବ୍ୟକ୍ତିଙ୍କୁ ବ୍ଲାଙ୍କ ଚେକ୍ ଦେଇ ଠକେଇ କରି ନିଜ ଗ୍ରାମକୁ ପଳାଇ ଆସିଥିଲେ। ଏନେଇ ତାଙ୍କ ନାମରେ ଏକାଧିକ ଥାନାରେ ଚେକ୍ ବାଉନ୍ସ ଓ ଠକେଇ ମାମଲା ରୁଜୁ ହୋଇଛି। ସେ ଓଡ଼ିଶା ବାହାରୁ ବିଭିନ୍ନ ସ୍ଥାନରୁ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇ ଥିବା ପୋଲିସ କହିଛି। ପ୍ରକାଶ ଯେ, ତାପସ ପୂର୍ବରୁ ସାଲେପୁର ଭାଜପା ମିଡିଆ ସେଲ୍‌ର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ।


ତାପସ କୁମାର ଜେନା

## ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ବାଙ୍କୀ,୧୯।୨(ସ୍ୱ.ପ୍ର.)

ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ପଞ୍ଚାୟତସ୍ଥିତ ଧୂଳିଆ ଷଣ୍ଢ ମନ୍ଦିର ପ୍ରାଙ୍ଗଣରେ ସୁବୁଦ୍ଧେଶ୍ୱର ସାହିତ୍ୟ ସଂସଦର ୭ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ସଭାପତି ପ୍ରଶାନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଗୌରାଙ୍ଗ ଚରଣ ରାଉତଙ୍କ ଦ୍ୱାରା ଅୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ, ମୁଖ୍ୟ ବକ୍ତାଭାବେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଓ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ସୁଧାକର ମହାନ୍ତି, କବି ବିପ୍ଳବ, ସାହିତ୍ୟିକ କୌଶିକ ନାୟକ, ସମାଲୋଚକ ନକୁଳ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବାଙ୍କୀର ବରିଷ୍ଠ ଖବରଦତା ତଥା ସାମାଜିକ କର୍ମୀ ଶୁଭେନ୍ଦୁ କୁମାର ମହାପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।


ସାମାଜିକ କର୍ମୀ ଶୁଭେନ୍ଦୁ କୁମାର ମହାପାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ଷଣ୍ଢ ସତ୍କାର କଲେ ଯୁବକ ସଂଘ

ମାହାଙ୍ଗା,୧୯।୨(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତସ୍ଥିତ ମା'ବରୁଣାଇ ପୀଠରେ ଏକ ଷଣ୍ଢର ମୃତ୍ୟୁ ଘଟିଥିଲା। ଖବରପାଇ ମା'ବରୁଣାଇ ସ୍ୱେଚ୍ଛାସେବୀ ଯୁବକ ସଂଘ ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ଜେସିବି ସାହାଯ୍ୟରେ ଗାତ ଖୋଳି ନିତି ନିୟମ ଅନୁଯାୟୀ ହରିନାମ କୀର୍ତ୍ତନ କରି ତାକୁ ସମାଧି ଦେଇଥିଲେ। ଏହି ଅବସରରେ ସଂଘର ସଦସ୍ୟ ହେମନ୍ତ କୁମାର ସାହୁ ,ଦୟାନିଧି ସାହୁ, ବ୍ରଜବନ୍ଧୁ ସାହୁ, ଶରତ କୁମାର ସାହୁ ,ଶତ୍ରୁଘ୍ନ ସାହୁ ,ଉମେଶ ଚନ୍ଦ୍ର ସାହୁ ,ଅନିଲ ସାହୁ,ସୁନିଲ ସାହୁ ,ଭିକାରୀ ଚରଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଯୁବକ ସଂଘର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।



## ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଗଠନର ନୂତନ କର୍ମକର୍ତ୍ତା ଚୟନ

ବଡ଼ମ୍ବା,୧୯।୨(ଡି. ଏନ. ଏ. )

ବଡ଼ମ୍ବା ବ୍ଲକ ଶିକ୍ଷକ ସଙ୍ଗଠନର ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିଭାବେ ଚିତ୍ତରଞ୍ଜନ ପ୍ରଧାନ, ଉପସଭାପତି ଶ୍ରୀକାନ୍ତ ମିଶ୍ର, ଉପସଭାନେତ୍ରୀ ଦୀପ୍ତିରାଣୀ ଦେଈ, ସାଧାରଣ ସମ୍ପାଦକ ବିଜୟ କୁମାର ମଲ୍ଲିକ, କୋଷାଧକ୍ଷ ରାଧା ମୋହନ ଜୟସିଂହ, ଆଞ୍ଚଳିକ ସମ୍ପାଦକ ପ୍ରସନ୍ନ କୁମାର ଦେହୁରୀ, ସୁଶାନ୍ତ କୁମାର ରଥ, ପ୍ରଶାନ୍ତ କୁମାର ରଥ ଓ ସଂଯୋଜକ ଭାବେ ଚିତ୍ତରଞ୍ଜନ ପ୍ରହରାଜ ନିର୍ବାଚିତ ହୋଇଥିବାବେଳେ ନରେନ୍ଦ୍ର କୁମାର ରଥ, ସରୋଜ କୁମାର ରଥଶର୍ମା, ମନୋଜ କୁମାର ରଥ ଓ ରମେଶ ଚନ୍ଦ୍ର ସ୍ୱାଇଁ ଉପଦେଷ୍ଟା କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଶିକ୍ଷକ ରଥଶର୍ମା ଏଥିରେ ସଭାପତିତ୍ୱ କରିଥିବାବେଳେ ନିର୍ବାଚନ ତତ୍ତ୍ୱାବଧାରକ ଭାବେ ବିଜୟ କୁମାର ଭୂୟାଁ ଓ ଭୋଳେଶ୍ୱର ଗଡ଼ନାୟକ ଯୋଗ ଦେଇଥିଲେ। ଶିକ୍ଷକ ଶିବ ପ୍ରସାଦ ବ୍ରମ୍ହା ଏଥିରେ ସଂଯୋଜନା କରିଥିବାବେଳେ ନୀଳକଣ୍ଠ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।


କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷକମାନେ।

## ମାର୍ଚ୍ଚ ୧୫ ଆନ୍ଦୋଳନ ସଫଳ କରିବାକୁ ଆହ୍ୱାନ

**ଡ୍ରାଇଭର ମହାସଂଘ ସମ୍ମିଳନୀ**

ବାଙ୍କୀ,୧୯।୨(ସ୍ୱ.ପ୍ର.):

ବାଙ୍କୀ ବ୍ଲକ ଅଧୀନ କଳାପଥର ଓ ଧଳାପଥର ପଞ୍ଚାୟତ ଡ୍ରାଇଭର ମହାସଂଘର ଏକ ମହାସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲା ସଂଘ ସଭାପତି ରଞ୍ଜନ କୁମାର ଜେନା ସଭାପତିତ୍ୱ କରିଥିଲେ। ପୂର୍ବରୁ ସରକାରଙ୍କ ପାଖରେ ଡ୍ରାଇଭରମାନଙ୍କ ସମସ୍ୟା ସମାଧାନ କରିବାକୁ ଯେଉଁ ଦାବି ହୋଇ ଆସୁଥିଲା ସରକାର ତାହାକୁ ଉପେକ୍ଷା କରିଆସୁଛନ୍ତି। କରୋନା ସଂକ୍ରମଣ ସମୟରେ ଯେଉଁଭଳି ଅବସ୍ଥାରେ ଡ୍ରାଇଭରମାନେ କାଳାତିପାତ କରୁଥିଲେ ସେତେବେଳେ ସରକାର କୌଣସି ପଦକ୍ଷେପ ନେଇ ନ ଥିଲେ। ପରେ ସଂଘ ପକ୍ଷରୁ ୧୦ଦଫା ସମ୍ୱଳିତ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ ସରକାର ପଦକ୍ଷେପ ନେଲେନାହିଁ। ବୃଦ୍ଧ ସମୟରେ ପେନସନ, କରୋନା ସଂକ୍ରମଣ ସମୟରେ ପରିବାର ପ୍ରତିପୋଷଣ ପାଇଁ କିଛି ଦିନର ଖାଦ୍ୟ ଯୋଗାଣ, ବୀମା ଭଳି ୧୦ଦଫା ଦାବି ହୋଇ ଆସୁଥିଲେ ମଧ ସରକାର କୌଣସି କଥା ଶୁଣି ନାହାନ୍ତି। ସେଥିପାଇଁ ଆସନ୍ତା ମାର୍ଚ୍ଚ ୧୫ରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବା ପାଇଁ କଟକ ଜିଲା ସଭାପତି ଜେନା ସମସ୍ତ ଡ୍ରାଇଭରଙ୍କୁ ଆହ୍ୱାନ କରିଛନ୍ତି। ସରକାରଙ୍କ ଏଭଳି ଘୃଣା ଭାବ କ'ଣ ପାଇଁ ବୋଲି ବାଙ୍କୀ ଡ୍ରାଇଭର ସଂଘ ସଭାପତି ସୋନୁ ରାଉତ ନିଜ ବକ୍ତବ୍ୟରେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଅଞ୍ଚଳରୁ ନୂତନ ଭାବେ ଯୋଗଦେଇଥିବା ଡ୍ରାଇଭର ଭାଇମାନଙ୍କୁ ସ୍ୱାଗତ କରାଯାଇଥିଲା। ବାଙ୍କୀ ଡ୍ରାଇଭର ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଠଗଡ଼ ବ୍ଲକ ଉପସଭାପତି ଶ୍ରୀମନ୍ତ ପ୍ରଧାନ, ନୟାଗଡ଼ ଜିଲା ଭାପୁର ସଭାପତି ସନ୍ତୋଷ କୁମାର ଜେନା, କଟକ ଜିଲା କୋଷାଧକ୍ଷ ସନ୍ତୋଷ କୁମାର କାଣ୍ଡି ଏବଂ ଖୋର୍ଦ୍ଧା ଜିଲା ବୋଲଗଡ ସଭାପତି ସୁକାନ୍ତ କୁମାର ବେହେରାଙ୍କ ସମେତ ବହୁ ଡ୍ରାଇଭର ଯୋଗଦେଇ ଆଲୋଚନାରେ ଗ୍ରହଣ କରିଥିଲେ। ଶେଷରେ ଖବରଦାତା ପ୍ରତାପ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଡ୍ରାଇଭର ମହାସଂଘର ସମ୍ମିଳନୀରେ ଯୋଗଦେଇଥିବା ନେତୃବୃନ୍ଦ।

## ସଂକ୍ଷେପରେ

### ଦୁଇ କାର୍‌ରୁ ୧୮୫ କେଜି ଗଞ୍ଜେଇ ଜବତ, ୨ ଗିରଫ

ଭୁବନେଶ୍ୱର,୧୯।୨(ବ୍ୟୁରୋ): ଦୁଇ କାର୍‌ରେ ଗଞ୍ଜେଇ ଧରି ବିକ୍ରି ପାଇଁ ଭୁବନେଶ୍ୱରକୁ ଆସିଥିଲେ। ଭରତପୁର ଥାନା ଅନ୍ତର୍ଗତ ଘାଟିକିଆସ୍ଥିତ ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ ସେଣ୍ଟର ନିକଟରେ ବେପାରୀଙ୍କୁ ଅପେକ୍ଷା କରିଥିଲେ। ଖବର ପାଇ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଓ କମିଶନରେଟ ପୋଲିସର ଏକ ମିଳିତ ଟିମ୍ ଶନିବାର ସନ୍ଧ୍ୟାରେ ସେଠାରେ ଚଢ଼ାଉ କରି ୨ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛି। ଏଥିସହ ୨ କାର୍ ସହ ୧୮୫ କେଜି ଗଞ୍ଜେଇ, ୨ ମୋବାଇଲ୍ ଫୋନ୍ ଆଦି ଜବତ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ରହୁଥିବା ଉତ୍ତରପ୍ରଦେଶ ଗୋରଖପୁର ଜିଲାର ମାନସିଂ ଯାଦବ (୨୫) ଓ ବିହାରର ମୁକେଶ କୁମାର ଯାଦବ (୨୪)। ଏନେଇ ଭରତପୁର ଥାନା ପୋଲିସ ଏକ ମାମଲା (ନଂ.୭୯/୨୦୨୩) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ରବିବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୮ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ମୋଟ ୧୮୫ କେଜି ଗଞ୍ଜେଇରୁ ଗୋଟିଏ କାର୍‌ରେ ୧୧୫ କେଜି ଓ ଅନ୍ୟଏକ କାର୍‌ରେ ୭୦ କେଜି ରହିଥିଲା। ପୋଲିସ ଉଭୟଙ୍କଠାରୁ ଜବତ କରିଥିବା ୨ ମୋବାଇଲ ଫୋନ୍‌କୁ ଅଧିକ ଯାଞ୍ଚ କରୁଛି। ସେଥିରୁ ମିଳିଥିବା ତଥ୍ୟ ଓ ଉଭୟଙ୍କ ବୟାନ ଆଧାରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ପ୍ରୟାସ କରୁଛି।

### ପାନଦୋକାନରେ ବ୍ରାଉନ୍‌ସୁଗାର ବେପାର, ଦୋକାନୀ ଗିରଫ

ଭୁବନେଶ୍ୱର,୧୯।୨(ବ୍ୟୁରୋ) : ପାନ ଦୋକାନରେ ଚାଲିଥିଲା ବ୍ରାଉନସୁଗାର ବେପାର। ଖବର ମିଳିବା ପରେ ତମାଣ୍ଡୋ ଥାନା ପୋଲିସ କେନ୍ଦ୍ରୀୟବିହାର ରାସ୍ତା ପାର୍ଶ୍ୱରେ ଥିବା ଉକ୍ତ ଦୋକାନ ଉପରେ ଚଢ଼ାଉ କରି ସଂପୃକ୍ତ ଦୋକାନୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦୋକାନୀ ହେଲେ ଗଞ୍ଜାମ ଜିଲାର ଧନୁ ଗୌଡ। ତାଙ୍କଠାରୁ ୧୫ ଗ୍ରାମର ବ୍ରାଉନସୁଗାର ଜବତ କରିଛି ପୋଲିସ। ଜବତ ବ୍ରାଉନସୁଗାର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତ ଧନୁଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି

**କୃଷ୍ଣପ୍ରସାଦ,୧୯।୨(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଉଠାଣିକୁଦା ଗ୍ରାମଠାରେ ଅଧିଷ୍ଠାତ୍ରୀ ବୁଢ଼ୀ ଠାକୁରାଣୀଙ୍କ ନୂତନ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପ୍ରତିଷ୍ଠା ଉତ୍ସବ ପରିଚାଳନା ନିମନ୍ତେ ଗ୍ରାମ୍ୟ କମିଟି ସଭାପତି ମେଘନାଦ ପ୍ରଧାନ, ସମ୍ପାଦକ ବିଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି। ଉତ୍ସବ ପରିଚାଳନା ପାଇଁ କମିଟି ସଦସ୍ୟଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି। ସୋମବାର ମନ୍ଦିର ପ୍ରତିଷ୍ଠା ଉତ୍ସବ ନିମନ୍ତେ ଇଶ୍ୱାନେଶ୍ୱର ଦେବଙ୍କ ପୋଖରୀରୁ ଜଳଯାତ୍ରା ଅନୁଷ୍ଠିତ ହେବ।

## ୱାନ୍ ର୍ୟାଙ୍କ୍ ୱାନ୍ ପେନ୍‌ସନ-୨କୁ ଏଓଭିଏସ୍‌ଏର ବିରୋଧ

**ମାର୍ଚ୍ଚ ୧୨ରେ ଭୁବନେଶ୍ୱର ଓ ଦିଲ୍ଲୀରେ ଧାରଣା**

ଭୁବନେଶ୍ୱର, ୧୯।୨ (ବ୍ୟୁରୋ)



ବୈଠକରେ ଆସୋସିଏଶନର କର୍ମକର୍ତ୍ତାମାନେ।

କେନ୍ଦ୍ର ସରକାରଙ୍କ ୱାନ୍ ର୍ୟାଙ୍କ୍ ୱାନ୍ ପେନ୍‌ସନ (ଓଆର୍‌ଓପି-୨) ଯୋଜନାକୁ ଅଲ୍ ଓଡ଼ିଶା ଭେଟେରାନ ସୋଲ୍‌ଜର୍ସ ଆସୋସିଏଶନ (ଏଓଭିଏସ୍‌ଏ) ଜୋର୍‌ଦାର ବିରୋଧ କରୁଛି। ଏନେଇ ରବିବାର ଅଶୋକ ନଗରସ୍ଥିତ ଆର୍ଯ୍ୟ ସଂସ୍କୃତି ମନ୍ଦିର ପରିସରରେ ଏକ ପ୍ରତିବାଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉକ୍ତ ଯୋଜନା ସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଓଆର୍‌ଓପି-୨ କେନ୍ଦ୍ର ସରକାରଙ୍କର ଯବାନଙ୍କ ପ୍ରତି ବୈମାତୃକ ମନୋଭାବର ପରିଚୟ। ଏହାଦ୍ୱାରା ବଡ ବଡ ଅଧିକାରୀମାନେ ପେନ୍‌ସନ ସମ୍ବନ୍ଧୀୟ ସୁବିଧା ପାଇବେ, ମାତ୍ର ଯବାନ୍ ଓ ବୀରନାରୀ (ଯବାନଙ୍କ ବିଧବା ସ୍ତ୍ରୀ)ମାନେ ବହୁ ସମସ୍ୟାର ସମ୍ମୁଖୀନ ହେବେ। ତେଣୁ ଏହାକୁ ବିରୋଧ କରାଯିବା ସହ ଆଗାମୀ ଦିନରେ ଏକ ବୃହତ୍ତର ଆନ୍ଦୋଳନ ହେବ। ଆସନ୍ତା ମାର୍ଚ୍ଚ ୧୨ରେ ରାଜ୍ୟସ୍ତରରେ ପିଏମଜି ଛକଠାରେ ଏବଂ ଜାତୀୟ ସ୍ତରରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ପ୍ରତିବାଦ କରାଯିବ ବୋଲି ଏଓଭିଏସ୍‌ଏ ସଭାପତି ଭେଟେରାନ ମହେଶ୍ୱର ବେହେରା ସୂଚନା ଦେଇଛନ୍ତି। ସେହିପରି ବୈଠକରେ ଏଓଭିଏସ୍‌ଏ ଏବଂ ଇଣ୍ଡିଆନ ଭେଟେରାନ ଅର୍ଗାନାଇଜେଶନ (ଆଇଭିଓ) ଓଡ଼ିଶାର ଏକ ଷ୍ଟିୟରିଙ୍ଗ୍ କମିଟି ଗଠନ କରାଯାଇଛି। ଏହି କମିଟି ଆଗାମୀ ଦିନରେ ମିଳିତ ଭାବେ ଓଡ଼ିଶାର ଯବାନଙ୍କ ଅଧିକାର ପାଇଁ ସଂଗ୍ରାମ କରିବ ବୋଲି ସୂଚନା ଦିଆଯାଇଛି। ଦେଶର ସୁରକ୍ଷା ପାଇଁ ଯବାନମାନେ ସର୍ବଦା ରଣଭୂମିକୁ ଓହ୍ଲାଇବା ସହ ଅନେକ ସମୟରେ ନିଜ ଜୀବନ ବି ଦେଉଛନ୍ତି। ଏଭଳି କ୍ଷେତ୍ରରେ ଯବାନ ଓ ସେମାନଙ୍କ ପରିବାରର ରକ୍ଷଣାବେକ୍ଷଣ ପାଇଁ ଯଥାସାଧ୍ୟ ପଦକ୍ଷେପ ନେବା ପରିବର୍ତ୍ତେ ଓଆର୍‌ଓପି-୨ ଲାଗୁ କରାଇବା ନିହାତି ପକ୍ଷେ ନିନ୍ଦନୀୟ ବୋଲି ଏଓଭିଏସ୍‌ଏ ପକ୍ଷରୁ ଅଭିଯୋଗ କରାଯାଇଛି। ବୈଠକରେ ଏଓଭିଏସ୍‌ଏ ସମ୍ପାଦକ ଭେଟେରାନ ଉମେଶ କୁମାର ଚଇନି, ଭେଟେରାନ ଜିତେନ୍ଦ୍ର କୁମାର ସାହୁ, ଭେଟେରାନ ନରସିଂହ ଶତପଥୀ, ଭେଟେରାନ ରାଜକିଶୋର ସ୍ୱାଇଁ, ଆଇଭିଓ ଓଡ଼ିଶାର ରାଜ୍ୟ ସଭାପତି ଭେଟେରାନ ଅଶୋକ କୁମାର ଜେନା, ସମ୍ପାଦକ ବନବିହାରୀ ମିଶ୍ର, ଏଓଭିଏସ୍‌ଏ ଭୁବନେଶ୍ୱର ଓ ଖୋର୍ଦ୍ଧାର ସଦସ୍ୟମାନେ ଯୋଗଦେଇଥିଲେ।

## ଅପହରଣ ମାମଲାରେ ନାବାଳିକା ସହ ୪ ଯୁବକଙ୍କୁ ନେଲା ପଶ୍ଚିମବଙ୍ଗ ପୋଲିସ

**ନମ୍ବରବିହୀନ କାର୍‌ରୁ ସମସ୍ତଙ୍କୁ ଧରିଥିଲା ମଞ୍ଚେଶ୍ୱର ପୋଲିସ**

- ୬ ମାସ ତଳେ ନାବାଳିକାଙ୍କୁ ଅପହରଣ କରାଯାଇଥିଲା
- ଅଭିଯୁକ୍ତଙ୍କୁ ପଚରାଉଚରା ପରେ ଘଟଣା ଜଣାପଡିଥିଲା

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ଭୁବନେଶ୍ୱର ରସୁଲଗଡ଼ ଅଞ୍ଚଳରେ ଥିବା ଏକ ନମ୍ବର ବିହୀନ କାର୍‌ରୁ ଜଣେ ନାବାଳାକିଙ୍କ ସହ ୪ ଯୁବକଙ୍କୁ ଶନିବାର ମଞ୍ଚେଶ୍ୱର ଥାନା ପୋଲିସ ଧରିଥିଲା। ସେମାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବାବେଳେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଉକ୍ତ ନାବାଳିକା ଜଣକ ୬ ମାସ ତଳେ ଅପହରଣ ହୋଇଥିଲେ। ପୋଲିସ ଧରିଥିବା ୪ଜଣଙ୍କ ମଧ୍ୟରୁ ଅଶୋକ ଚାଣ୍ଡେଲିଆ ନାମକ ଜଣେ ଯୁବକ ତାଙ୍କୁ ଅପରହଣ କରି ଭୁବନେଶ୍ୱର ନେଇ ଆସିଥିଲେ। ଏନେଇ ପଶ୍ଚିମବଙ୍ଗ ଲୁଚିପଡ଼ା ଥାନାରେ ଏନେଇ ଅପହରଣ ମାମଲା ରୁଜୁ ହୋଇଥିବା ପୋଲିସ ଜାଣିବା ପରେ ପରେ ଉକ୍ତ ରାଜ୍ୟର ପୋଲିସ ବିଭାଗ ସହ ଯୋଗାଯୋଗ କରିଥିଲା। ରବିବାର ପଶ୍ଚିମବଙ୍ଗ ପୋଲିସ ଭୁବନେଶ୍ୱର ପହଞ୍ଚି ସମସ୍ତଙ୍କୁ ପଚରାଉଚରା କରିବା ପରେ ଉକ୍ତ ନାବାଳିକାଙ୍କ ସହ ୪ ଯୁବକଙ୍କୁ ସାଙ୍ଗରେ ନେଇଯାଇଛି। ତେବେ ଅନ୍ୟ ୩ ଯୁବକ ଅଶୋକଙ୍କ ସାଙ୍ଗ ବୋଲି ଜଣାପଡ଼ିଛି। ଅଭିଯୁକ୍ତ ଅଶୋକ ୨୦୨୨ ଅଗଷ୍ଟରୁ ଉକ୍ତ ନାବାଳିକାଙ୍କୁ ଭୁବନେଶ୍ୱର ଆଣିବା ପରେ ଉଭୟ ଏକ ଭଡାଘର ନେଇ ରହୁଥିଲେ। ଅନ୍ୟପକ୍ଷରେ ନାବାଳିକା ଜଣକ ନିଜ ଇଚ୍ଛାରେ ଅଶୋକଙ୍କ ସହ ପଳାଇ ଆସିଥିଲେ ବୋଲି ପୋଲିସକୁ କହିଛି। ସୂଚନାଯୋଗ୍ୟ, ଶନିବାର ରାତି ପ୍ରାୟ ୧୦ଟା ୩୦ରେ ନାବାଳିକାଙ୍କ ସହ ୪ଜଣ ଯୁବକ ଏକ ନମ୍ବରବିହୀନ କାର୍‌ରେ ରସୁଲଗଡ଼ରୁ କଟକରୋଡ଼ ଆଡ଼େ ଯାଉଥିଲେ। ସେମାନେ କାର୍‌ର ଡୋର୍ ଖୋଲି ଗାଳିଗୁଲଜ କରୁଥିବାରୁ ଲୋକମାନେ ପୋଲିସକୁ ଖବର ଦେଇଥିଲେ। ୩ଟି ପିସିଆର୍ ଭ୍ୟାନ କାର୍‌କୁ ପିଛା କରି ବମିଖାଲ ନିକଟରେ ସେମାନଙ୍କୁ ଅଟକାଇ ଥାନାକୁ ନେଇଥିଲା।

## ଅଣଧାନ ଫସଲ, କୃଷି ବନୀକରଣକୁ ଗୁରୁତ୍ୱ



ଓୟୁଏଟି ପୁରାତନ ଛାତ୍ରସଂଘ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

**ଓୟୁଏଟି ପୁରାତନ ଛାତ୍ରସଂଘ ସମ୍ମିଳନୀ**

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ପୁରାତନ ଛାତ୍ରସଂଘ ସମ୍ମିଳନୀ ରବିବାର ବିଶ୍ୱବିଦ୍ୟାଳୟ ପରିସର ସ୍ୱାମୀନାଥନ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର କୃଷି ବିକାଶର ଉତ୍କର୍ଷତା ସମ୍ପର୍କରେ କହିଥିଲେ। ଅଣଧାନ ଫସଲ, ମୃତ୍ତିକାର ସ୍ୱଚ୍ଛତା ରକ୍ଷା, ଜଳ ପରିଚାଳନା, କୃଷି ଯନ୍ତ୍ରପାତିର ବ୍ୟବହାର ବୃଦ୍ଧି, କୃଷି ବନୀକରଣ ଆଦି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବିଗତ ୬ ଦଶନ୍ଧି ମଧ୍ୟରେ ଓୟୁଏଟିର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟଧାରାକୁ ଅଧିକ ପ୍ରଭାବଶାଳୀ କରିବା ସହିତ ଏହାକୁ ଅଧିକ ଉପଯୋଗୀ କରାଯିବ ବୋଲି କୁଳପତି କହିଥିଲେ। ପୁରାତନ ଛାତ୍ରସଂଘ ସଭାପତି ପ୍ରଫେସର ବାସୁଦେବ ମିଶ୍ର ସ୍ୱାଗତ ଭାଷଣ ଏବଂ ପଶୁଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ ଡିନ୍ ଡା. ସୁଶେନ କୁମାର ପଣ୍ଡା ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ଦେଇଥିଲେ। ଏହି ଅବସରରେ ଓୟୁଏଟି ଅଲଉମ୍ନି ଆସୋସିଏଶନର ୱେବ୍ ପୋର୍ଟାଲ ଉନ୍ମୋଚନ ହୋଇଥିଲା। ସମସ୍ତ ପୁରାତନ ଛାତ୍ରୀଛାତ୍ର ଓୟୁଏଟି ସହିତ ଯୋଡ଼ିହେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ ଡିନ୍ ଡ. ସଞ୍ଜୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ଓୟୁଏଟିର ପୂର୍ବତନ କୁଳପତି, ଅଧ୍ୟକ୍ଷ, ବୈଜ୍ଞାନିକଙ୍କ ସମେତ ବିଭିନ୍ନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ, ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ସୂର୍ଯ୍ୟ ମିଶ୍ରଙ୍କୁ 'ଏକା ଏକା ସାହିତ୍ୟ ସମ୍ମାନ'

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ସାହିତ୍ୟ ପତ୍ରିକା ଏକା ଏକା ପକ୍ଷରୁ ରବିବାର ପାନ୍ଥନିବାସ ସମ୍ମିଳନୀ କକ୍ଷରେ 'ଏକା ଏକା କାବ୍ୟୋତ୍ସବ' ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପଦ୍ମବିଭୂଷଣ ଡ. ସୀତାକାନ୍ତ ମହାପାତ୍ର, ଡ. ସୌଭାଗ୍ୟ କୁମାର ମିଶ୍ର, କବି ଡ. ରାଜେନ୍ଦ୍ର କିଶୋର ପଣ୍ଡା, କବି ଅମରେଶ ପଟ୍ଟନାୟକ ଓ ରୋହିଣୀକାନ୍ତ ମୁଖାର୍ଜୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ରଙ୍କୁ 'ଏକା ଏକା ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ପତ୍ରିକାର ସମ୍ପାଦକ ଡ. ହିମାଂଶୁ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ସଞ୍ଚାଳନ ଓ ଆବାହକ ଅଧ୍ୟାପକ ଆଭାସ ବରାଳ ସଂଯୋଜନା କରି ଉପସ୍ଥିତ କବି-ସାହିତ୍ୟିକଙ୍କୁ ସ୍ୱାଗତ ଜଣାଇଥିଲେ।

## ଫାଇନାଲରେ ଶରଧାପୁର



ନିରାକାରପୁର,୧୯।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆ ପଞ୍ଚାୟତସ୍ଥିତ ମୁଣ୍ଡାଆମ୍ବ ଖେଳପଡ଼ିଆରେ ବାବା ଆମ୍ବେଡ୍‌କର କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ରବିବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ବାବା ଆମ୍ବେଡ୍‌କର କ୍ଲବ ବାଲିଗାଡ଼ିଆ ଓ ଶରଧାପୁର ଫୁଟ୍‌ବଲ ଆସୋସିଏଶନ ଖୋର୍ଦ୍ଧା ମଧ୍ୟରେ ମ୍ୟାଚ୍ ହୋଇଥିଲା। ଶରଧାପୁର ୧-୦ ଗୋଲରେ ବାଲିଗାଡ଼ିଆକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଶରତ ଛୋଟରାୟ, ସୁକାନ୍ତ କୁମାର ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ସୋମବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଗଡ଼ମାଣତିର ମଙ୍ଗଳା କ୍ଲବ୍ ଓ ତ୍ରିନାଥ କ୍ଲବ୍‌ଡିହପୁର ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।

## ଜୟନାରାୟଣଙ୍କ ଘର ଆଗରେ ଛାତ୍ର ସଙ୍ଗଠନର ବିକ୍ଷୋଭ

ଭୁବନେଶ୍ୱର(ବ୍ୟୁରୋ),୧୯।୨



ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏବଂ ମହିଳା ଆଇଆଇସି ଠେଲାପେଲା ପ୍ରସଙ୍ଗକୁ ନେଇ ପ୍ରତିବାଦ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଜୟନାରାୟଣ ମିଶ୍ରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଉଛନ୍ତି ବିଭିନ୍ନ ସଙ୍ଗଠନ। ରବିବାର ଅଲ୍ ଓଡ଼ିଶା ଷ୍ଟୁଡେଣ୍ଟସ ଭଏସ ପକ୍ଷରୁ ଜୟନାରାୟଣ ମିଶ୍ରଙ୍କ ଭୁବନେଶ୍ୱରସ୍ଥିତ ବାସଭବନ ଘେରାଉ କରାଯାଇଥିଲା। ଏକ ଶୋଭାଯାତ୍ରାରେ ଆସି ଏହି ଛାତ୍ର ସଙ୍ଗଠନ କର୍ମୀ ଜୟନାରାୟଣଙ୍କ ବାସଭବନ ଆଗରେ ନାରାବାଜି କରିଥିଲେ। ଜୟନାରାୟଣ କ୍ଷମା ନ ମାଗିଲେ ଅଣ୍ଡାମାଡ଼ କରାଯିବ ବୋଲି ଚେତାବନୀ ଦେଇଥିଲେ। ନିଜ ଦଳର ବିଧାୟକଙ୍କ ଏଭଳି ଅଶୋଭନୀୟ ଆଚରଣ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି କାହିଁକି ଚୁପ୍ ବୋଲି ପ୍ରଶ୍ନ କରିଛି ଛାତ୍ର ସଙ୍ଗଠନ।

## ଅବକ୍ଷୟ ସମାଜକୁ ସଜାଡ଼ି ଥାଏ ଗଣମାଧ୍ୟମ

ଭୁବନେଶ୍ୱର, ୧୯।୨ (ବ୍ୟୁରୋ)

**'ପ୍ରବାହ'ର ୧୬ତମ ସ୍ୱନକ୍ଷତ୍ର ଉତ୍ସବ**

ଗଣମାଧ୍ୟମ ସର୍ବଦା ଅବକ୍ଷୟ ସମାଜକୁ ସଜାଡ଼ି ଥାଏ। କଲମ ମାଧ୍ୟମରେ ହିଁ ଜଣେ ସାମ୍ବାଦିକ ସାଧାରଣ ଲୋକକୁ ନ୍ୟାୟ ପ୍ରଦାନ କରିବାରେ ସଫଳ ହୁଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରବିବାର ସୂଚନାଭବନଠାରେ ସାପ୍ତାହିକ ଖବରକାଗଜ 'ପ୍ରବାହ'ର ୧୬ତମ ସ୍ୱନକ୍ଷତ୍ର ଉତ୍ସବରେ ଯୋଗଦେଇ ଅତିଥିମାନେ ଏହା କହିଥିଲେ। ମୁଖ୍ୟ ଅତିଥିଭାବେ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି, ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ଲ'କଲେଜ ଅଧ୍ୟକ୍ଷ ଗିରିଶ ରଞ୍ଜନ ସାହୁ, ଅତିଥି ଭାବେ ଏମର୍ଜିଂ ସାଇବ୍ରର ସମ୍ପାଦକ ଗୌରାଙ୍ଗ ଚରଣ ସ୍ୱାଇଁ, ରବି ସାମଲ, ସିଦ୍ଧାର୍ଥ ସ୍ୱରୂପ ଦାଶ, ଅଭିମନ୍ୟୁ ମହାପାତ୍ର ଯୋଗଦେଇ ଥିଲେ। ଏହି ଅବସରରେ 'ପ୍ରବାହ'ର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଜୟୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## କଳିଙ୍ଗ ସ୍ପୋର୍ଟିଂ କ୍ଲବ ବିଜୟୀ

ଖୋର୍ଦ୍ଧା ଅଫିସ,୧୯।୨

**ରାଧାକୃଷ୍ଣ ମେମୋରିଆଲ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ**

ଖୋର୍ଦ୍ଧା ବ୍ଲକ ମଲ୍ଲିପୁର ପଞ୍ଚାୟତ ଅନ୍ତର୍ଗତ ନିଆଳ ଗ୍ରାମରେ ରବିବାରଠାରୁ ରାଜ୍ୟସ୍ତରୀୟ ରାଧାକୃଷ୍ଣ ମେମୋରିଆଲ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୨୬ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ମୁକ୍ତେଶ୍ୱର କ୍ଲବର ସଭାପତି ବିଜୟ ଦାସ ସୂଚନା ଦେଇଛନ୍ତି। ଆଜିର ପ୍ରଥମ ମ୍ୟାଚ ଅରଗୁଳର ଗୋଲଡେନ କ୍ଲବ ଓ ଭୁବନେଶ୍ୱର କଳିଙ୍ଗ ସ୍ପୋର୍ଟିଂ ମଧ୍ୟରେ ଆୟୋଜିତ ହୋଇଥିଲା। ପ୍ରଥମାର୍ଦ୍ଧରେ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଖେଳର ୨ମିନିଟ୍‌ରେ କଳିଙ୍ଗ ସ୍ପୋର୍ଟିଂର ଚନ୍ଦନ ନାୟକ ପ୍ରଥମ ଗୋଲ ଦେଇଥିଲେ। ବିପକ୍ଷ ଦଳ ଜବାବରେ ଗୋଲ୍ କରିପାରି ନ ଥିଲା। ଫଳରେ କଳିଙ୍ଗ ସ୍ପୋର୍ଟିଂ ୧-୦ ବ୍ୟବଧାନରେ ବିଜୟୀ ହୋଇଥିଲା। ମ୍ୟାଚକୁ ରବିନାରାୟଣ ରଣା ପରିଚାଳନା କରିଥିବା ବେଳେ ଲାଇନ୍ସମ୍ୟାନ ଭାବେ ମନୋରଞ୍ଜନ ଖୁଣ୍ଟିଆ ଏବଂ ଅଶୋକ ବେହେରା ଦାୟିତ୍ୱ ତୁଲାଇଥିଲେ।

ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ସଦସ୍ୟ ପ୍ରଫୁଲ୍ଲ କୁମାର ଦଳାଇ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରସାହି ସରପଞ୍ଚ ଶରତ ଚନ୍ଦ୍ର ବେହେରା, ଖବରଦାତା ବଳରାମ ଲେଙ୍କା, ସୂର୍ଯ୍ୟନାରାୟଣ ମହାନ୍ତି, କେରଙ୍ଗ ପୂର୍ବତନ ସରପଞ୍ଚ ମୁନିରୁଦ୍ଦିନ ଖାନ୍, ଶୋଭନ ସାହୁ ପ୍ରମୁଖ ଯୋଗଦେଇଥିଲେ। ମ୍ୟାଚ ଶେଷରେ ଗ୍ରାମ କମିଟି ସଭାପତି ରାଧେଶ୍ୟାମ ବ୍ରହ୍ମା ଓ ପୂର୍ବତନ ରାଜ୍ୟସ୍ତରୀୟ ଫୁଟବଲ ତାରକା ଯୋଗେଶ୍ୱର ସାହୁ ଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ଖେଳାଳି ଭାବେ ଚନ୍ଦନ ନାୟକଙ୍କୁ ପୁରସ୍କୃତ କରିଥିଲେ। ସୋମବାର ମ୍ୟାଚ ନୀଳଚକ୍ର ସ୍ପୋର୍ଟିଂ ପୁରୀ ଓ ଅହମଦିଆ ସ୍ପୋର୍ଟିଂ କେରଙ୍ଗ ମଧ୍ୟରେ ହେବ ବୋଲି ଆୟୋଜକ କମିଟି ସୂଚନା ଦେଇଛି।



## ତମାଣ୍ଡୋ ଗୋହିରା ଛକରେ ସିରିଜ୍ ଦୁର୍ଘଟଣା




ଦୁର୍ଘଟଣାଗ୍ରସ୍ତ ଟ୍ରକ।



ଆହତଙ୍କୁ ଉଦ୍ଧାର କରାଯାଉଛି।

- ଟ୍ରକ୍ କାଟି ଡ୍ରାଇଭରଙ୍କୁ ଉଦ୍ଧାର କଲେ ଅଗ୍ନିଶମ ବାହିନୀ
- ହେଲ୍‌ପର ମଧ୍ୟ ଆହତ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ରାଜଧାନୀ ଉପକଣ୍ଠ ତମାଣ୍ଡୋ ଥାନା ଅନ୍ତର୍ଗତ ଗୋହିରା ଛକ ନିକଟ ବେହେରା ଢାବା ସାମ୍ନାରେ ଶନିବାର ବିଳମ୍ବିତ ରାତିରେ ଏକ ସିରିଜ୍ ଦୁର୍ଘଟଣା ଘଟିଛି। ଢାବା ସାମ୍ନାରେ ଛିଡା ହୋଇଥିବା ଟ୍ରକ୍ (ନଂ.ଓଡି୩୪ଏମ୍୭୧୩୬)କୁ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ (ନଂ.ଓଡି୦୨କ୍ୟୁ୫୧୧୪) ଧକ୍କା ଦେଇଥିଲା। ଫଳରେ ଧାଡ଼ିରେ ଅଟକି ରହିଥିବା ଟ୍ରକ୍‌ଗୁଡିକୁ ପରସ୍ପର ପଛରେ ପିଟି ହୋଇଯାଇଥିଲା। ତେବେ ପ୍ରଥମେ ଧକ୍କା ଦେଇଥିବା ଟ୍ରକଟିର ଆଗ ଭାଗ ଛିଡା ହୋଇଥିବା ଟ୍ରକର ଡାଲାରେ ପଶିଯାଇଥିଲା। ଫଳରେ ଡ୍ରାଇଭର କ୍ୟାବିନ୍‌ରେ ଚାପି ରହିଥିବାବେଳେ ହେଲ୍‌ପର ଆହତ ଅବସ୍ଥାରେ ବହୁ କଷ୍ଟରେ ବାହାରକୁ ଚାଲି ଆସିଥିଲେ। ସ୍ଥାନୀୟ ଅଞ୍ଚଳର ଲୋକେ ଏନେଇ ତମାଣ୍ଡୋ ଥାନା ଓ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କଟର ମେସିନ ସାହାଯ୍ୟରେ ପ୍ରାୟ ଅଧଘଣ୍ଟା ଧରି ଟ୍ରକ୍‌କୁ କାଟି ଡ୍ରାଇଭରଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ହସ୍ପିଟାଲ ପଠାଇଥିଲେ। ଆହତ ଡ୍ରାଇଭର ହେଲେ ଭଦ୍ରକର ମାନସ କୁମାର ଦାସ ଓ ହେଲପର କନ୍ଦା ବେଗମ୍। ଅନ୍ୟପଟେ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଓ ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୦ ଫେବୃୟାରୀ, ୨୦୨୩



## ସଂକ୍ଷେପରେ

### ଗତୀଶ୍ୱର ମନ୍ଦିରରେ ରାତି ୧୨ଟା ୨୦ରେ ଉଠିଲା ମହାଦୀପ

ପିପିଲି,୧୯।୨(ଡି.ଏନ୍.ଏ.): ପିପିଲି ଗୋବର୍ଦ୍ଧନପୁରସ୍ଥିତ ଶ୍ରୀଶ୍ରୀ ଗତୀଶ୍ୱରଦେବ ମନ୍ଦିରରେ ଶନିବାର ଜାଗର ଯାତ୍ରା ଉପଲକ୍ଷେ ହଜାର ହଜାର ଶ୍ରଦ୍ଧାଳୁ ଠାକୁରଙ୍କ ସମ୍ମୁଖରେ ଦୀପ ଜାଳି ଜାଗର ପାଳିଥିଲେ। ଏଥିପାଇଁ ମନ୍ଦିରକୁ ବିଭିନ୍ନ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିବାବେଳେ ସକାଳୁ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ଲାଗି ରହିଥିଲା। ମନ୍ଦିର କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ପୂଜାନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମ୍ବଲପୁରୀ ଓ ଘୁମୁରା ନୃତ୍ୟର ଆୟୋଜନ ହୋଇଥିଲା। ପ୍ରବଚକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପ୍ରବଚନ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ବେଶ ଆକୃଷ୍ଟ କରିଥିଲା। ରାତି ୧୨ଟା ୨୦ମିନିଟ୍‌ରେ ଗତୀଶ୍ୱର ମହାଦେବଙ୍କ ମହାଦୀପ ଉଠିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପିପିଲି ପୋଲିସ ମୁତୟନ ସହିତ ଗ୍ରାମ ଯୁବକ ସହଯୋଗ କରିଥିଲେ। ମନ୍ଦିର କମିଟି ପକ୍ଷରୁ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

### ଭାଜପା ନେତା ପ୍ରତାପ ମଲ୍ଲିକଙ୍କ ବିୟୋଗ

ନିମାପଡ଼ା,୧୯।୨(ଡି.ଏନ୍.ଏ.): ନିମାପଡ଼ା ନିର୍ବାଚନମଣ୍ଡଳୀର ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ(୫୩)ଙ୍କ ଶନିବାର ରାତିରେ କଟକ ବଡ଼ ମେଡିକାଲରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ରବିବାର ତାଙ୍କ ମୃତଦେହ ନିମାପଡ଼ା ବ୍ଲକ ଅଧୀନ ଛଣିଜଙ୍ଗ ପଞ୍ଚାୟତ ଅନ୍ତର୍ଗତ ଆମ୍ବୋରୋ ଗ୍ରାମରେ ପହଞ୍ଚିଥିଲା। ପରେ ନିମାପଡ଼ା, ଚାରିଛକ, ଛଣିଜଙ୍ଗ ଅଞ୍ଚଳର ବହୁ ଭାଜପା ନେତା, କର୍ମୀ, ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ସେଠାରେ ପହଞ୍ଚି ପୁଷ୍ପ ମାଲ୍ୟାର୍ପଣ ସ୍ୱରୂପ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ କରାଯାଇଥିଲା। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବା ପରେ ନିମାପଡ଼ା, ଚାରିଛକ, ଛଣିଜଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ବରିଷ୍ଠ ନେତା ଦିଲ୍ଲୀପ ନାୟକ, ପୂର୍ଣ୍ଣଚନ୍ଦ୍ର ଓଝା, କୃଷ୍ଣଚନ୍ଦ୍ର ସ୍ୱାଇଁ, ବିମଳେନ୍ଦୁ ସ୍ୱାଇଁ, ବିଜୟ ପଣ୍ଡା, ଅଜୟ ଭୋଇ, ସରପଞ୍ଚ ଅଜୟ ପରିଡ଼ା, ମାନସ ପ୍ରଧାନ, ରବୀନ୍ଦ୍ର ମଲ୍ଲିକଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଉପସ୍ଥିତ ରହି ସ୍ୱର୍ଗତ ମଲ୍ଲିକଙ୍କ ବିୟୋଗରେ ଶୋକବ୍ୟକ୍ତ କରିଥିଲେ। ସ୍ୱର୍ଗତ ମଲ୍ଲିକ ସରଳ, ମେଳାପି, ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଥିଲେ।

### ସେଣ୍ଟ୍ରାଲ୍ ରେଡକ୍ରସ ବ୍ଲଡ୍ ସେଣ୍ଟର ପକ୍ଷରୁ ରକ୍ତଦାନ ଶିବିର

#### ୫୦ ୟୁନିଟ୍ ରକ୍ତ ସଂଗ୍ରହ

ନିମାପଡ଼ା,୧୯।୨(ଡି.ଏନ୍.ଏ.) କଟକସ୍ଥିତ ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ନିମାପଡ଼ା ବ୍ଲକ ଅଧୀନ ଅଂଶାଲୋ ଗ୍ରାମସ୍ଥିତ ବାବା ସିଦ୍ଧେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ରକ୍ତଦାନ ମହାସଂଘ ନିଆଳି, ବୁନ୍ ସଂଗଠନ ଭୁବନେଶ୍ୱର, ଅଂଶାଲୋ ଗ୍ରାମର ସିଦ୍ଧେଶ୍ୱର ଡ୍ରାମାଟିକ୍ କ୍ଲବ ସହାୟତାରେ ଏହି ଶିବିର ଆୟୋଜିତ ହୋଇଥିଲା। ଶୀତତାପ ନିୟନ୍ତ୍ରିତ ଏକ ଅତ୍ୟାଧୁନିକ ବସ୍ ଭିତରେ ରକ୍ତଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥି ଭାବେ ସେଣ୍ଟ୍ରାଲ ରେଡ୍‌କ୍ରସ ବ୍ଲକ ସେଣ୍ଟରର ଡ. ରାମ ପ୍ରସାଦ ରାୟ, ଭାଗ୍ୟଧର ସାହୁ, ପ୍ରକାଶ ଜେନା, ଅଭିମନ୍ୟୁ ଜେନା, ରାଜ୍ୟ ରକ୍ତଦାନ ମହାସଂଘ (ନିଆଳି)ର ସଭାପତି ସନ୍ତୋଷ ମଲ୍ଲିକ, ଭୁବନେଶ୍ୱର ବୁନ୍ ସଙ୍ଗଠନ ସଭାପତି ତୋଫାନ ସ୍ୱାଇଁ, ସିଦ୍ଧେଶ୍ୱର ଡ୍ରାମାଟିକ୍ କ୍ଲବର କର୍ମକର୍ତ୍ତା ଦେବବ୍ରତ ଲେଙ୍କା, ରାକେଶ ନାୟକ, ଶିବରାଜ ଲେଙ୍କା, ସତ୍ୟା ବଡ଼ଲେଙ୍କା, ଆଲୋକ ଦାସ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ରକ୍ତଦାନ ମହାପୁଣ୍ୟ, ରକ୍ତଦାନ କରି ଅନ୍ୟମାନଙ୍କ ଜୀବନ ବଞ୍ଚାଇବା ପାଇଁ ଆଜିର ଯୁବ ଛାତ୍ର ସମାଜ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଶିବିରରେ ୫୦ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶିବିରରୁ ମୋଟ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଦାତାଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରମାଣପତ୍ର ଓ କାର୍ଡ ପ୍ରଦାନ କରାଯାଇଥିଲା।

# 'ବସନ୍ତ ରାସର ଶାଶ୍ୱତୀୟ ଲୀଳାକ୍ଷେତ୍ର ଶ୍ରୀକ୍ଷେତ୍ର'

ପୁରୀ ଅଫିସ, ୧୯।୨

ଶରଧାବାଲିସ୍ଥିତ ରାଣୀସତୀ ଭବନରେ ରବିବାର ରାଜ୍ୟସ୍ତରୀୟ ସମ୍ମିଳିତ ଲେଖକ ମଞ୍ଚ ପୁରୀ ପକ୍ଷରୁ ବସନ୍ତ ଉତ୍ସବ ଅବସରରେ 'ଓଡ଼ିଆ ସାହିତ୍ୟରେ ବସନ୍ତର ବର୍ଣ୍ଣନା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ଐତିହାସିକ ମଦନ ମୋହନ ମହାପାତ୍ର ଯୋଗଦେଇ କହିଥିଲେ, ପୁରୀର ପ୍ରାଚୀନ କବି ବନମାଳୀ ଦାସଙ୍କ ରଚନାରେ କୃଷ୍ଣ ପ୍ରେମ ରସ ସହ ଭାଷା ତତ୍ତ୍ୱର ମୌଳିକ ଉତ୍ସ ନିରୁପିତ ହୋଇଛି। ଯଥା ଶୁକ, ପିକ, ପାକ ଓ କୁକ୍କୁଟର ଡାକ ସହ ଯଶୋଦା କୃଷ୍ଣଙ୍କୁ ପ୍ରାତଃରେ ନିଦ୍ରାରୁ ଉଠାଇବା ପ୍ରସଙ୍ଗରେ ଭାଷା ତତ୍ତ୍ୱର ମୌଳିକ ସ୍ରୋତ ଶ୍ରୀକ୍ଷେତ୍ର ଓ ପ୍ରାଚ୍ୟ ସଂସ୍କୃତି ବୋଲି ଅନୁଭବ କରିଛନ୍ତି। ଆତ୍ମା ପରମାତ୍ମାଙ୍କ ରାସ ଶାଶ୍ୱତ ପ୍ରେମ ତତ୍ତ୍ୱର ନିର୍ଝରଣୀ ଯାହା ଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ଅଧ୍ୟାପକ ଡ. ପ୍ରମୋଦ କୁମାର ଦଳେଇ ଯୋଗଦେଇ କହିଥିଲେ ରସକଲ୍ଲୋଳ, ବିଦଗ୍ଧ ଚିନ୍ତାମଣି ଓ ଉପେନ୍ଦ୍ର ଭଞ୍ଜଙ୍କ ରଚନାରେ ବସନ୍ତ ବର୍ଣ୍ଣନା ସହ ଅପ୍ରାକୃତ ପ୍ରେମର ସ୍ୱରୂପ ସମ୍ବନ୍ଧରେ କହିଥିଲେ। ବିଶିଷ୍ଟ ଅତିଥି ଭାବେ କାକଟପୁର ବାଙ୍ଗୁରୀ ଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦିଲ୍ଲୀପ ସେନାପତି ଯୋଗଦେଇ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଏବଂ ମାୟାଧର ମାନସିଂହଙ୍କ ସାହିତ୍ୟରେ ବସନ୍ତ ଋତୁର ପ୍ରାକୃତିକ ବର୍ଣ୍ଣନା ସମ୍ବନ୍ଧରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗ ଦେଇ ଷଡ଼ଋତୁ ସମ୍ପର୍କରେ କହିଥିଲେ, ବର୍ତ୍ତମାନ ଖରା, ବର୍ଷା ବ୍ୟତୀତ ଅନ୍ୟାନ୍ୟ ଋତୁ ଅପ୍ରାସଙ୍ଗିକ ହୋଇଗଲାଣି। ଚାରାରୋପଣ ଓ ପରିବେଶ ସୁରକ୍ଷା ଦ୍ୱାରା ଆମେ ବସନ୍ତ ଋତୁର ସୌନ୍ଦର୍ଯ୍ୟ ଫେରାଇ ଆଣିପାରିବା। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ କାଶୀନାଥ ଖୁଣ୍ଟିଆ ଓ ଲେଖିକା ମଞ୍ଜୁଶ୍ରୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଉତ୍ସବର ମୁଖ୍ୟ ସଂଯୋଜକ ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରି କହିଥିଲେ। ମିଶ୍ର କହିଥିଲେ, ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥ ଏକ ଓ ଅଭିନ୍ନ। ରାଧା ତତ୍ତ୍ୱ ଆତ୍ମା ସ୍ୱରୂପ ଥିବାବେଳେ ପରମାତ୍ମା ଶ୍ରୀକୃଷ୍ଣ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହରିଶଙ୍କର ମିଶ୍ର, ଆର୍ତ୍ତତ୍ରାଣ ମାନସିଂହ, ସୁବାସ ଚନ୍ଦ୍ର ମିଶ୍ର, ସଦାଶିବ ମିଶ୍ର, ସୁଚରିତା ପ୍ରତିହାରୀ, ଭାରତୀ ଭୂଷଣ ଦାସ, ଡ. ରାନୁ ମିଶ୍ର, ସୁଦୀପ୍ତ ମିଶ୍ର, ସୁରେଶ କୁମାର ପଟ୍ଟନାୟକ, ଅଧ୍ୟାପିକା ସୁଚିସ୍ମିତା ମହାନ୍ତି, ଦୁର୍ଗାମାଧବ କର, ସୂର୍ଯ୍ୟକାନ୍ତ ଦାସରାୟ, ସୁଭାସିନୀ ଶତପଥୀ, ଅଧିବକ୍ତା ରତିକାନ୍ତ ପ୍ରତିହାରୀ, ମିନତୀ ମିଶ୍ର, ଲବଙ୍ଗ ମହାପାତ୍ର ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଉତ୍ସବ ଅବସରରେ ସାମ୍ବାଦିକ ସତ୍ୟନାରାୟଣ ରାଉତରାୟଙ୍କୁ କର୍ମବୀର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଯୋଗେନ୍ଦ୍ରନାଥ ସାହୁ, ପ୍ରଦୀପ କୁମାର ନାୟକ, ଭବାନୀପ୍ରସାଦ ବଳିଆରସିଂ, ସୌମ୍ୟ ରଞ୍ଜନ ମଲ୍ଲିକ ଓ କୁମାର ବାଳକୃଷ୍ଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



ରାଜ୍ୟସ୍ତରୀୟ ସମ୍ମିଳିତ ଲେଖକ ମଞ୍ଚ ପୁରୀ ପକ୍ଷରୁ ବସନ୍ତ ଉତ୍ସବରେ ମଞ୍ଚାସୀନ ଅତିଥି।

# ଅଢ଼େଇ ଘଣ୍ଟା ବିଳମ୍ବରେ ଉଠିଲା ମହାଦୀପ


ଶ୍ରୀଲୋକନାଥଙ୍କ ମନ୍ଦିରରେ ମହାଦୀପ ଉଠୁଛି।

## ଶ୍ରୀଲୋକନାଥ ମନ୍ଦିର

ପୁରୀ ଅଫିସ, ୧୯।୨

ମହାଶିବରାତ୍ରୀ ପାଇଁ ଶନିବାର ପୁରୀର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା। ମନ୍ଦିର ଚାରିପାଖରେ ଶ୍ରଦ୍ଧାଳୁମାନେ ବସି ରାତି ଉଜାଗର ରହି ଓଁ ନମଃ ଶିବାୟ ମନ୍ତ୍ର ଜପି ଜାଗର ଦୀପ ଜାଳିଥିଲେ। ତେବେ ଚଳିତ ବର୍ଷ ନିର୍ଦ୍ଧାରିତ ସମୟଠାରୁ ବହୁ ବିଳମ୍ବରେ ମହାଦୀପ ଉଠିଥିଲା। ଶ୍ରୀଲୋକନାଥ ଟ୍ରଷ୍ଟ ବୋର୍ଡ ଏବଂ ପ୍ରଶାସନ ମଧ୍ୟରେ ଆଲୋଚନା ଅନୁଯାୟୀ, ରାତି ୧୨ଟାରୁ ଦର୍ଶନ ବନ୍ଦ କରାଯାଇ ହରିହର ଭେଟ ସହ ବିଭିନ୍ନ ନୀତି ସମ୍ପନ୍ନ ପରେ ୩ଟାରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବା ନିମନ୍ତେ ସ୍ଥିର କରାଯାଇଥିଲା। ତେବେ ପାଖାପାଖି ଅଢ଼େଇ ଘଣ୍ଟା ବିଳମ୍ବରେ ଅର୍ଥାତ ଭୋର ୫ଟା ୨୮ମିନିଟ୍‌ରେ ମହାଦୀପ ଉଠିଥିଲା। ଏହି ବିଳମ୍ବକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରଶାସନ ଏବଂ ସେବାୟତଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ନୀତିରେ ବିଳମ୍ବ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ପ୍ରଗତିଶୀଳ ଛାତ୍ର ଓ ଶିକ୍ଷକ ଫୋରମ୍ ପକ୍ଷରୁ ବିକ୍ଷୋଭ



ପୁରୀ ବଡ଼ଶଙ୍ଖଠାରେ ସିଟିଜେନ୍ ଫୋରମ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ପୁରୀ ଅଫିସ, ୧୯।୨

ଉତ୍କଳ ବିଶ୍ୱବିଦ୍ୟାଳୟରେ ସିଟିଜେନ୍ ଫୋରମ ପକ୍ଷରୁ ସମ୍ବିଧାନ ଓ ଶିକ୍ଷା ଉପରେ ଆଲୋଚନା ଚାଲିଥିବାବେଳେ ଆକ୍ରମଣ ଘଟଣାକୁ ନିନ୍ଦା କରିବା ସହ ଜାତୀୟ ଶିକ୍ଷା ନୀତି ୨୦୨୦ ବାତିଲ କରିବା ପାଇଁ ଏସ୍‌ଏଫଆଇ ସିଟିଜେନ୍ ଫୋରମ ପୁରୀ ଏବଂ ପ୍ରଗତଶୀଳ ଶିକ୍ଷକ ଫୋରମ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଏହି ଦୁଇ ସଙ୍ଗଠନ ପକ୍ଷରୁ ମିଳିତ ଭାବେ ରବିବାର ପୁରୀ ବଡ଼ଶଙ୍ଖଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରାଥମିକ ଶିକ୍ଷକ ନେତା ବ୍ରହ୍ମାନନ୍ଦ ମହାରଣାଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।

ସଭାରେ ସିଟିଜେନ୍ ଫୋରମ ଭୁବନେଶ୍ୱରର ଆବାହକ ପ୍ରଦୀପ୍ତ ନାୟକ, ଏସ୍‌ଏଫ ଆଇ ରାଜ୍ୟ ସମ୍ପାଦକ ଷ୍ଟାଲିନ୍ ଲେଙ୍କା, ଛାତ୍ର ନେତା ସ୍ମୃତି ସୁରଜ, ଶୁଭ୍ରାଂଶୁ ଉଦ୍‌ଗାତା, ମାନସ ରଞ୍ଜନ ଦଳବେହେରା, ରାକ୍ଷୀ ସ୍ୱାଇଁ, ଶ୍ରମିକ ନେତା ପ୍ରତାପ ଚିନାରା, ଜଗନ୍ନାଥ ଦେଓ, ଶରତ କୁମାର ରାୟଗୁରୁ, ଆଇନଜୀବୀ ପୁଷ୍କର ମହାପାତ୍ର, ପ୍ରଧାପକ ସୁରେନ୍ଦ୍ର କୁମାର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ତୁରନ୍ତ ଆକ୍ରମଣକାରୀଙ୍କୁ ଗିରଫ, ଶିକ୍ଷାନୁଷ୍ଠାନର ଅଣଛାତ୍ରଙ୍କୁ ପ୍ରବେଶ ନିଷେଧ ଜାତୀୟ ଶିକ୍ଷା ନୀତି-୨୦୨୦କୁ ବାତିଲ ଏବଂ ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣ ବନ୍ଦ କରିବା ପାଇଁ ଦାବି କରାଯାଇଥିଲା। ଦେଶର ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ସାମ୍ପ୍ରଦାୟିକ ଏବଂ ଫାଶୀବାଦ ବିରୋଧୀଶକ୍ତିମାନେ ଏକଜୁଟ ହେବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ସେହିପରି ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁରଜିତ ମଜୁମଦାରଙ୍କୁ ଦୁର୍ବ୍ୟବହାର, ପ୍ରଧାପକ ସୁରେନ୍ଦ୍ର କୁମାର ଜେନା ଓ ଫୋରମ ଆବାହକ ପ୍ରଦୀପ ନାୟକଙ୍କୁ ମାଡ ମରାଯିବା ଘଟଣାକୁ ସଭାରେ ତୀବ୍ର ନିନ୍ଦା କରାଯାଇଥିଲା।

### ପୂର୍ବାଞ୍ଚଳ ଯୁବ ମହୋତ୍ସବ ଉଦ୍‌ଯାପିତ

ପୁରୀ ଅଫିସ, ୧୯।୨

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀ ଆନୁକୁଲ୍ୟରେ ୧୨ତମ ପୂର୍ବାଞ୍ଚଳ ଯୁବ ମହୋତ୍ସବ ଶୁକ୍ରବାର ଶ୍ରୀସଦାଶିବ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାରାଣସୀ ସ୍ୱାମୀ କରପତ୍ରୀ ଧର୍ମସଂଘର ସ୍ୱାମୀ ଅଭିଷେକ ବ୍ରହ୍ମଚାରୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୂଆଦିଲ୍ଲୀ ଯୁବଚେତନା ରାଷ୍ଟ୍ରୀୟ ସଂଯୋଜକ ରୋହିତ କୁମାର ସିଂହ ଏବଂ ଅଗରତାଲା ଏକଲବ୍ୟ ପରିସରର ପ୍ରଫେସର ସୁକାନ୍ତ କୁମାର ସେନାପତି ମଞ୍ଚାସୀନ ଥିଲେ। ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ଖଗେଶ୍ୱର ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ପ୍ରଫେସର ଅତୁଲ କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ତିନିଦିନ ବ୍ୟାପୀ ବିଭିନ୍ନ ଖେଳକୁଦ ଓ ସାଂସ୍କୃତିକ ପ୍ରତିଯୋଗିତା ହୋଇଥିଲା। ଶ୍ରୀସଦାଶିବ ପରିସର ପ୍ରଥମ, ଏକଲବ୍ୟ ପରିସର ଦ୍ୱିତୀୟ, ସୀତାରାମ ବୈଦିକ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଫେସର ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଡ. ଗୌତମ ଚୌଧୁରୀ ଏବଂ ଅଧ୍ୟାପକ ବିଶ୍ୱନାଥ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

# ବାଣୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ପିପିଲି,୧୯।୨(ଡି.ଏନ୍.ଏ.)

ଜଇସପାଟଣା ନିକଟସ୍ଥ ବାଣୀ ବିଦ୍ୟାମନ୍ଦିର ସ୍କୁଲର ୧୭ତମ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉତ୍ତମ ଭବିଷ୍ୟତ କାମନା କରିଥିଲେ। ଦୀର୍ଘ ବର୍ଷ ଧରି ସଫଳତାର ସହିତ ଶୃଙ୍ଖଳିତ ଭାବେ ସ୍କୁଲ ଆଗେଇ ଚାଲି ଥିବାରୁ ଖୁସି ପ୍ରକଟ କରିବା ସହିତ ଆଗାମୀ ଦିନରେ ସମସ୍ତ ସହଯୋଗ ଜାରି ରହିବ ବୋଲି ବିଧାୟକ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ରାଜ୍ୟ ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ, ପୁରୀ-ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ସରପଞ୍ଚ ସୌଦାମିନୀ ଦାସ, ସମିତିସଭ୍ୟା କବିତା ଖଟେଇ, ସାମାଜିକ କର୍ମୀ ସୁଧୀର କୁମାର ନାୟକ, ଈଶ୍ୱର ମାହୁନ୍ତ, ଶିକ୍ଷକ ଜୟପ୍ରକାଶ ପ୍ରଧାନ ଓ ବିକ୍ରମ ରଥ ଯୋଗଦେଇଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା କୁନି କୁନି ପ୍ରତିଭାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଗିରିଶ ସ୍ୱାଇଁଙ୍କ ସହିତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍କୁଲ ପରିଚାଳନା କମିଟି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ସମ୍ପାଦକ ସୁଧୀର ପ୍ରଧାନ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ବାଣୀ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

### ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି

କୃଷ୍ଣପ୍ରସାଦ,୧୯।୨(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଉଠାଣିକୁଦା ଗ୍ରାମଠାରେ ଅଧିଷ୍ଠାତ୍ରୀ ବୁଢ଼ୀ ଠାକୁରାଣୀଙ୍କ ନୂତନ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପ୍ରତିଷ୍ଠା ଉତ୍ସବ ପରିଚାଳନା ନିମନ୍ତେ ଗ୍ରାମ୍ୟ କମିଟି ସଭାପତି ମେଘନାଦ ପ୍ରଧାନ, ସମ୍ପାଦକ ବିଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି। ଉତ୍ସବ ପରିଚାଳନା ପାଇଁ କମିଟି ସଦସ୍ୟଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି। ସୋମବାର ମନ୍ଦିର ପ୍ରତିଷ୍ଠା ଉତ୍ସବ ନିମନ୍ତେ ଇଶ୍ୱାନେଶ୍ୱର ଦେବଙ୍କ ପୋଖରୀରୁ ଜଳଯାତ୍ରା ଅନୁଷ୍ଠିତ ହେବ।

# ଗ୍ରାମୀଣ କବିତାରେ ରହିଛି ଗାଁ ମାଟି, ପାଣି ପବନର ବାସ୍ନା

ସାକ୍ଷୀଗୋପାଳ, ୧୯।୨ (ସ୍ୱ.ପ୍ର./ଡି.ଏନ୍.ଏ.)

## ଗ୍ରାମୀଣ କବିତା ଆସର

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଶାସନ ବୀରରାମଚନ୍ଦ୍ରପୁର ଗ୍ରାମରେ ରବିବାର ଏକ ଗ୍ରାମୀଣ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ଡ. ବସନ୍ତ ରଥ ଏଥିରେ ସଭାପତିତ୍ୱ କରିଥିଲେ। ତାଙ୍କ ଆୟୋଜିତ ସଭାରେ ୨୫ ଜଣ କବୟିତ୍ରୀ ଓ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ସୁଜାତା ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ବୃନ୍ଦାବନ ରଥ, ରବୀନ୍ଦ୍ରନାଥ ଷଡ଼ଙ୍ଗୀ, ଭୀମସେନ ମହାପାତ୍ର, ଅନାମ ମଲ୍ଲିକ ପ୍ରମୁଖ ପ୍ରତ୍ୟେକଟି କବିତାର ସମୀକ୍ଷା କରିଥିଲେ। କବୟିତ୍ରୀ ବନ୍ଦନା ମହାପାତ୍ର, ସୁଜାତା ମିଶ୍ର, ଜ୍ୟୋତିର୍ମୟୀ ଦେବୀ, ବିଶାଖା ଦେବୀ, ସୁନନ୍ଦା ମହାନ୍ତି, ଲିପି ମହାପାତ୍ର, ବୃନ୍ଦାବନ ରଥ, ରବୀନ୍ଦ୍ରନାଥ ଷଡ଼ଙ୍ଗୀ, ଭୀମସେନ ମହାପାତ୍ର, ଦିଗମ୍ବର ରଥ, ଲକ୍ଷ୍ମୀପ୍ରସାଦ ପାଣି, ବିଭୂତି ଭୂଷଣ ହୋତା, ଅନାମ ମଲ୍ଲିକ, ସମ୍ପୂର୍ଣ୍ଣାନନ୍ଦ ମିଶ୍ର ପ୍ରମୁଖ କବିତା ପାଠ କରିଥିଲେ। ଗ୍ରାମୀଣ କବିତାରେ ଗାଁ ମାଟି, ପାଣି, ପବନର ଏକ ସ୍ୱତନ୍ତ୍ର ବାସ୍ନା ରହିଥାଏ। ଗ୍ରାମୀଣ ଯୁବ ପ୍ରତିଭାର ବିକାଶ, କବି ପ୍ରତିଭାର ବୀଜ ବପନ କରିବ ବୋଲି ପ୍ରାଧ୍ୟାପକ ଡ. ରଥ ପ୍ରକାଶ କରିଥିଲେ। ଦିଗମ୍ବର ରଥ ଧନ୍ୟବାଦ ଦେଇଥିଲେ।

# ୨୮ରେ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଅସ୍ତରଙ୍ଗ,୧୯।୨(ଡି.ଏନ୍.ଏ.)

ଆସନ୍ତା ୨୮ ତାରିଖରେ ମା' ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ୨୫ତମ ରାଜ୍ୟସ୍ତରୀୟ ମନୋଜ, ଆଶିଷ, ରନି ମେମୋରିଆଲ କର୍କ ବଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାକୁ ଯାଉଛି। ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୮ ଗୋଟି ଟିମ ଅଂଶଗ୍ରହଣ କରିବେ। ଏହି ଟୁର୍ଣ୍ଣାମେଣ୍ଟ ୧୭ ଦିନ ଧରି ଚାଲିବାକୁ ଥିବାବେଳେ ବିଜେତା ଦଳକୁ ଆକର୍ଷଣୀୟ ଟ୍ରଫି ସହ ୩୧ ହଜାର ୧୧୧ ଟଙ୍କା ଏବଂ ରନର୍ସ ଅପ୍ ଦଳରୁ ଟ୍ରଫି ସହ ୨୧ ହଜାର ୧୧୧ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ଏନେଇ ମା' ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ଥିର କରାଯାଇଛି। କ୍ଲବ ସଭାପତି ମନୋଜ ବିଶ୍ୱାଳ, ସମ୍ପାଦକ ଦୀପକ ଦାସ, କ୍ରୀଡ଼ା ସମ୍ପାଦକ ସମୀର କର, ସଂଯୋଜକ ସୁଦୀପ୍ତ ରାଉତ, ସହ ସଂଯୋଜକ ସରୋଜ ପ୍ରଧାନ, ମିଡିଆ ସମ୍ପାଦକ ରମାରଞ୍ଜନ ମହାନ୍ତି, ଉପଦେଷ୍ଟା ନଟକିଶୋର ମହାନ୍ତି, ନିରଞ୍ଜନ ଦାସ, ପ୍ରମୋଦ ଦାସ, ସୁରେଶ ତ୍ରିପାଠୀ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ମା' ମଙ୍ଗଳା ଇଂଲିଶ ମିଡିୟମ ସ୍କୁଲର ବାର୍ଷିକୋତ୍ସବ

ପିପିଲି,୧୯।୨(ଡି.ଏନ୍.ଏ.)

ପିପିଲି ପଣ୍ଡା ବଜାରସ୍ଥିତ ମା' ମଙ୍ଗଳା ଇଂଲିଶ ମିଡିୟମ ସ୍କୁଲର ବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ସୁକାନ୍ତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ପିପିଲି ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ନାଥ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ରମେଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ବକ୍ତା, ଡ. ରଘୁନାଥ ମିଶ୍ର ଏବଂ ସ୍କୁଲ ସମ୍ପାଦକ ଗୋଲକ ବିହାରୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହୋଇ ଅଞ୍ଚଳ ତଥା ସ୍କୁଲର ନାଁ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନ ପକ୍ଷରୁ ସ୍କୁଲର ବେଷ୍ଟ ଷ୍ଟୁଡେଣ୍ଟ ଆୱାର୍ଡ ଛାତ୍ର ଉଦୟ ମହାନ୍ତିଙ୍କୁ ପ୍ରଦାନ କରିବା ସହ ପୂର୍ବରୁ ଅନୁଷ୍ଠିତ ହୋଇଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସେକ ଅବଦୁଲ ସଲିମ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ବିଦ୍ୟାଳୟର ବାର୍ଷିକୋତ୍ସବରେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ଉନ୍ନୟନ କାର୍ଯ୍ୟ ବୁଲି ଦେଖିଲେ ୭ ରାଜ୍ୟର ପ୍ରତିନିଧି ଦଳ

ଗୋପ,୧୯।୨(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ସମୟରେ ଓଡ଼ିଶା ବିକାଶ କ୍ଷେତ୍ରରେ ଆଗକୁ ଯାଇଛି। କିନ୍ତୁ ପୁରୀ ଜିଲାର ଗୋପ ବ୍ଲକରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ନିଶ୍ଚିତ ଭାବରେ ଆମ ରାଜ୍ୟ, ଆମ ବ୍ଲକ ଓ ବିଶେଷକରି ଆମମାନଙ୍କୁ ବାଟ ଦେଖାଇ ପାରିଛି। ରବିବାର ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିବା ପରେ ୭ ଗୋଟି ରାଜ୍ୟର ପ୍ରତିନିଧି ଦଳର ମୁଖ୍ୟ ରଞ୍ଜିତ୍ ମୟୂର ଏହା କହିଛନ୍ତି।

ପ୍ରକାଶ ଯେ, ଆସାମ, ଆନ୍ଧ୍ରପ୍ରଦେଶ, ମଣିପୁର, କର୍ଣ୍ଣାଟକ, ପଞ୍ଜାବ, ତାମିଲନାଡୁ ସହିତ ୭ ଗୋଟି ରାଜ୍ୟର ଏକ ୯୫ ଜଣିଆ ପ୍ରତିନିଧି ଦଳ ରବିବାର ପୂର୍ବାହ୍ନରେ ଗୋପ ବ୍ଲକରେ ପହଞ୍ଚିଥିଲେ। ପ୍ରତିନିଧି ଦଳରେ ଜିଲା ପରିଷଦ ଅଧ୍ୟକ୍ଷ, ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ପ୍ରଥମେ ଏହି ପ୍ରତିନିଧି ଦଳକୁ ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟିଙ୍କ ସହିତ ଶତାଧିକ ମହିଳା ଗୋଷ୍ଠୀ ସଦସ୍ୟା ଫୁଲ ଦେଇ ସ୍ୱାଗତ କରିଥିଲେ। ଗୋପ ବ୍ଲକ ବିଡିଓ ଦୀପ୍ତିରାଣୀ ଦାସ, ବ୍ଲକ ନିର୍ବାହୀ ଯନ୍ତ୍ରୀ ଅଶୋକ ପୃଷ୍ଟି, ଶ୍ୱେତା ନାୟକ, ଭବାନୀ ଶଙ୍କର ପୋଥାଳ, ସୁଦିପ୍ତ ବେସ୍ରା, କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ସେମାନଙ୍କୁ ବୈଠକ ଗୃହକୁ ନେଇଥିଲେ। ପଞ୍ଚାୟତିରାଜ ବିଭାଗର ପ୍ରସନ୍ନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ବିଡିଓ ଦାସ ସମସ୍ତ ଜନପ୍ରତିନିଧି ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଗୋପ ଭୌଗୋଳିକ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ସରକାରଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ ଯୋଜନା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ପରେ ଏହି ପ୍ରତିନିଧି ଦଳ ୨ ଭାଗରେ ବିଭକ୍ତ ହୋଇ ଗୋପ ବ୍ଲକର ଏରବଙ୍ଗ, ନାଗପୁର, ବେଦପୁର ପଞ୍ଚାୟତ ସହିତ କୋଣାର୍କ ବିଜ୍ଞାପିତ ଅଞ୍ଚଳ ବିଭିନ୍ନ ସରକାରୀ ଯୋଜନାର ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ବୁଲି ଦେଖିଥିଲେ। ଏଥିସହ ମହିଳା ସଶକ୍ତୀକରଣ ନିମନ୍ତେ ଚାଲିଥିବା କେତେକ ବିକାଶମୂଳକ ପ୍ରକଳ୍ପ ବୁଲି ଦେଖିଥିଲେ। ଗ୍ରାମ ପଞ୍ଚାୟତ ଅଧିକାରୀ ଜୟଶ୍ରୀ ମିଶ୍ର, ବ୍ଲକ କାର୍ଯ୍ୟନିର୍ବାହୀ ଅଧିକାରୀ ମାର୍କଣ୍ଡ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଗୋପ ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରତିନିଧି ଦଳର ସଦସ୍ୟାମାନେ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ବଣିକ ସଂଘ ସମ୍ପାଦକଙ୍କ ବିୟୋଗରେ ବଜାର ବନ୍ଦ

**ନିରାକାରପୁର,୧୯।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ବଣିକ ସଂଘ ପକ୍ଷରୁ ରବିବାର ସ୍ଥାନୀୟ ଗଣେଶ ପଡ଼ିଆସ୍ଥିତ ସଂଘ କାର୍ଯ୍ୟାଳୟରେ ସମ୍ପାଦକ ପବିତ୍ର ମୋହନ ସାହୁଙ୍କ ବିୟୋଗରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ବଜାର ବନ୍ଦ ରହିଥିଲା। ବଣିକ ସଂଘର ପୂର୍ବତନ ସଭାପତି କେଶବ ଚନ୍ଦ୍ର ରାଉତରାୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ସୁକାନ୍ତ ସାହୁ, ସୁଶାନ୍ତ ସାହୁ, ପ୍ରଶାନ୍ତ ସାହୁ, ବିପିନ ରାଉତରାୟ, ଆର୍ତ୍ତତ୍ରାଣ ସାହୁ, ଅମିୟ ପାଇକରାୟ, ଭାସ୍କର ପ୍ରଧାନ, ରଞ୍ଜନ ରାଉତରାୟ, ସଞ୍ଜୟ ସାହୁ, ବୀରବର ସାହୁ, ଗୋବର୍ଦ୍ଧନ ଅଗ୍ରୱାଲ, ସନ୍ତୋଷ ସାହୁ, ଜନ୍ମେଜୟ ସାହୁ, ରଜନୀକାନ୍ତ ପରିଡ଼ା, ବସୁ ବାରିକ, ଲିଟୁ ଷଡ଼ଙ୍ଗୀ, ଠିକିରି ବେହେରା, ମୁକ୍ତିକାନ୍ତ ସାହୁଙ୍କ ସମେତ ସଂଘର ସମସ୍ତ ବ୍ୟବସାୟୀ ଉପସ୍ଥିତ ଥିଲେ। ପବିତ୍ର ସଂଘ ସମ୍ପାଦକ ସହିତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଭ୍ୟ, ଭାଜପାର ପୂର୍ବତନ ମଣ୍ଡଳ ସଭାପତି ଓ ସାମାଜିକ କର୍ମୀ ଥିଲେ।

### କନ୍ଦାଖାଇ କଲେଜର ବାର୍ଷିକୋତ୍ସବ

**କୃଷ୍ଣପ୍ରସାଦ,୧୯।୨(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କନ୍ଦାଖାଇ ମହାବିଦ୍ୟାଳୟର ସାଂସ୍କୃତିକ ଓ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ୨୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧକ୍ଷ ନୃସିଂହାନନ୍ଦ ପଣ୍ଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ଅଧକ୍ଷ ନୀଳକଣ୍ଠ ତ୍ରିପାଠୀ, ଅଧାପକ ମଧୁସୂଦନ ସାହୁ, କୈଳାସ ଚନ୍ଦ୍ର ବାରିକ, ଚନ୍ଦନା ନାୟକ, ରମେଶ ଚନ୍ଦ୍ର ବିଶ୍ୱାଳ, ଦିଲୀପ କୁମାର ଦଳେଇ, ଗ୍ରନ୍ଥାକାର ରମାନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର କ୍ରୀଡ଼ା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ ଉପସଭାପତି ପ୍ରାଧାପକ ଚନ୍ଦ୍ରଶେଖର ମହାନ୍ତି ଉତ୍ସବ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଉପସଭାପତି ପ୍ରାଧାପକ ପ୍ରଭାତ କୁମାର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

### ସ୍ୱାଧୀନତା ସଂଗ୍ରାମୀ ରାଧାନାଥ ନାୟକଙ୍କ ପରଲୋକ



**ଗମ୍ଭାରୀମୁଣ୍ଡା, ୧୯।୨ (ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ରାଧାନାଥ ନାୟକଙ୍କ ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୧୦୭ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ସେ ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ଦେଶ ସ୍ୱାଧୀନ ନିମନ୍ତେ ବିଭିନ୍ନ ଆନ୍ଦୋଳନରେ ଯୋଗଦେଇଥିଲେ। ବିଦେଶ ସାମଗ୍ରୀକୁ ବର୍ଜନ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସାନହନ୍ତୁଆଡ଼ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ଉମାକାନ୍ତ ମୁଖାଗ୍ନି ଦେଇଥିଲେ।

### ନୌସେନା ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ

**ବାଲୁଗାଁ,୧୯।୨(ଡି.ଏନ୍.ଏ.):** ଭାରତୀୟ ନୌସେନା ଚିଲିକା ପକ୍ଷରୁ ରବିବାର ତାଲିମ କେନ୍ଦ୍ର ପରିସରରେ ସାମ୍ବାଦିକଙ୍କୁ ନେଇ ଏକ ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା, ଟାଙ୍ଗୀ, ଚଣ୍ଡେଶ୍ୱର, ବାଲୁଗାଁ ଓ ବାଣପୁର ଅଞ୍ଚଳର ୩୫ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ନୌସେନା ତାଲିମ କେନ୍ଦ୍ର ପରିସରଭୁକ୍ତ ବିଭିନ୍ନ ପ୍ରଶିକ୍ଷଣ ସ୍ଥାନ ପରିଦର୍ଶନ କରାଇବା ସହ ସ୍ୱତନ୍ତ୍ର ବୋଟରେ ମା'କାଳିଜାଈଙ୍କ ମନ୍ଦିର ଭ୍ରମଣରେ ନେଇଥିଲେ। ଏହାପରେ ଆଇଏନଏସ୍ ଅଫିସରଙ୍କ ସମ୍ମିଳନୀ ଗୃହରେ ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମାଣ୍ଡିଂ ଅଫିସର କମୋଡର ଭିଏସଏମ୍ ଏନ୍.ପି. ପ୍ରଦୀପ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ଗତ ଏକ ବର୍ଷ ମଧରେ ଆଇଏନଏସ ଚିଲିକା ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ଦିଆଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରକାଶିତ କରିଥିବାରୁ କମୋଡର ଏନ୍.ପି. ପ୍ରଦୀପ କୃତଜ୍ଞତା ଜଣାଇଥିଲେ। କ୍ୟାପଟେନ ବାସୁଦେବନ୍, କ୍ୟାପଟେନ ସଞ୍ଜୟ ତ୍ରିପାଠୀ, ପିଆରଓ ପରିଚୟ କାଲରା, ଡେପୁଟି ପିଆରଓ ବିନୋଦ ଚନ୍ଦ୍ର ମିଶ୍ର, ଲ୍ୟୁଟ୍‌ନାଣ୍ଟ କମାଣ୍ଡର ଅକ୍ଷୟ ସାହୁ, ସବ୍ ଲ୍ୟୁଟ୍‌ନାଣ୍ଟ ଜୁହି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ସ୍ୱାର୍ଥ ତ୍ୟାଗ କଲେ ଭାରତ ବିଶ୍ୱଗୁରୁ ହେବ'

**ଖୋର୍ଦ୍ଧା ଅଫିସ,୧୯।୨**



କାର୍ଯ୍ୟକ୍ରମରେ ହିନ୍ଦୁ ଜାଗରଣ ମଞ୍ଚର କର୍ମକର୍ତ୍ତା ଏବଂ ଅନ୍ୟମାନେ।

ଖୋର୍ଦ୍ଧା ହିନ୍ଦୁ ଜାଗରଣ ମଞ୍ଚ ଆନୁକୂଲ୍ୟରେ ଛତ୍ରପତି ଶିବାଜୀ ମହାରାଜାଙ୍କ ଜୟନ୍ତୀ ଉତ୍ସବ ରବିବାର ଗୁରୁଜଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପରିଛଳ ଦୟାନନ୍ଦ ଗୁରୁକୁଳର ମୁଖ୍ୟ ପରିଚାଳକ ଆଚାର୍ଯ୍ୟ ଧର୍ମରାଜ ଶାସ୍ତ୍ରୀ ମୁଖ୍ୟ ଅତିଥି ଏବଂ ମଞ୍ଚର ଓଡ଼ିଶା ପୂର୍ବ ପ୍ରାନ୍ତ ସଙ୍ଗଠନ ସମ୍ପାଦକ ତନ୍ମୟ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୁରୀ ବିଭାଗ ସେବା ପ୍ରମୁଖ ପ୍ରଭାତ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିବାଜୀ ମହାରାଜାଙ୍କ ସଂଘର୍ଷମୟ କାହାଣୀ, ଆଦର୍ଶ ଜୀବନୀ ଚରିତ୍ର ସମ୍ପର୍କରେ କହିଥିଲେ। ଭାରତବର୍ଷରୁ ମୋଗଲଙ୍କୁ ହଟାଇବା ପାଇଁ ଶିବାଜୀ ମହାରାଜା ଆପ୍ରାଣ ଉଦ୍ୟମ କରିଥିଲେ। ତାଙ୍କ ଦେଶପ୍ରୀତି, ମାତୃତ୍ୱ ପ୍ରତି ସମର୍ପିତ ଭାବ, ନିଷ୍ଠା, ଯୁଦ୍ଧର ରଣକୌଶଳ ସଂକ୍ରାନ୍ତରେ କହିଥିଲେ। ଶିବାଜୀ ହେଉଛନ୍ତି ଅଗଣିତ ଭାରତୀୟଙ୍କ ହୃଦୟର ସମ୍ରାଟ। ଯାହାଙ୍କ ଏକମାତ୍ର ଲକ୍ଷ୍ୟ ରହିଥିଲା ଭାରତ ମାତାକୁ ମୋଗଲ ଶାସକଙ୍କଠାରୁ ମୁକ୍ତ କରିବା। ଯୁଦ୍ଧରେ ନୈପୁଣ୍ୟତା ଆଗରେ ଔରଙ୍ଗଜେବ ପରି ଅତ୍ୟାଚାରୀ ଶାସକ ମଥାନତ ହୋଇଥିଲା ବୋଲି ସେ କହିଥିଲେ।

ମଞ୍ଚ ସଙ୍ଗଠନ ସମ୍ପାଦକ ଦାସ କହିଥିଲେ, ଭାରତ ବର୍ଷ ଅନେକ ବିଦେଶୀ ଶାସକଙ୍କ ଦ୍ୱାରା ଶାସିତ ହେବା ସତ୍ତ୍ୱେ ଏହାର ଅଖଣ୍ଡତା ବଜାୟ ରହିଛି। ବିଭିନ୍ନତା ମଧରେ ଏକତା, ଭାରତୀୟତା, ରାଷ୍ଟ୍ରୀୟତା ହେଉଛି ଆମର ପରିଚୟ। ଭାରତୀୟ ସଂସ୍କୃତି ବିଶ୍ୱକୁ ମାର୍ଗଦର୍ଶନ କରୁଛି। ପରସ୍ପର ମଧରେ ମନୋମାଳିନ୍ୟ, ଏକାଠି ହୋଇ ନ ଲଢିବା ଯୋଗୁ ଆମକୁ ଅନେକ ଥର ଯୁଦ୍ଧ କ୍ଷେତ୍ରରେ ପରାଜୟର ଶିକାର ହେବାକୁ ପଡ଼ିଛି। ଏବେ ଭାରତ ବର୍ଷ ସମୃଦ୍ଧି, ବିକାଶ ପଥରେ ଆଗେଇ ଚାଲିଛି। ସମୟ ଆସିଛି, ପରସ୍ପର ମଧରେ ରହିଥିବା ଦ୍ୱେଷ ଭୁଲି ରାଷ୍ଟ୍ରର କଲ୍ୟାଣ ଲାଗି ସମସ୍ତେ ଏକ ମନରେ ଗଠନମୂଳକ ଦିଗରେ ଅଗ୍ରସର ହେବାକୁ ଆହ୍ୱାନ ଦେଇଥିଲେ। ପୁଣି ଭାରତକୁ ବିଶ୍ୱ ଗୁରୁ ଆସନରେ ଆସିତ ହେବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତି ନିଜ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ସ୍ୱାର୍ଥକୁ ପ୍ରାଧାନ୍ୟତା ଦେଲେ, ଭାରତ ପୁଣି ଥରେ ସ୍ୱର୍ଣ୍ଣପ୍ରସବନୀ ହେବା ସହ ଗୌରବ ଅକ୍ଷୁର୍ଣ୍ଣ ରହିବ ବୋଲି ଦାସ କହିଥିଲେ। ଏହି ଅବସରରେ ମଞ୍ଚର ବିଭିନ୍ନ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ନଗର ସଂଯୋଜକ ଭାବେ ଉଦିତ୍ୟ ପ୍ରହରାଜ ଏବଂ ସହସଂଯୋଜକ ଭାବେ ଶୁଭମ ପ୍ରସାଦ ରାମ ଓ ପ୍ରତାପ ପ୍ରଧାନ ମନୋନୀତ ହୋଇଛନ୍ତି। ସୁଜିତ ବିଶ୍ୱାଳ ଗୁରୁଜଙ୍ଗ ବସତି ପ୍ରମୁଖ, ସ୍ୱାଗତ ରଞ୍ଜନ ପାତ୍ର, ଗଡ଼ଖୋର୍ଦ୍ଧା, ନାରାୟଣ ପ୍ରଧାନ ମୁକୁନ୍ଦପ୍ରସାଦ ଓ ଅନଙ୍ଗଙ୍କୁ ପାନବରଜ ବସ୍ତି ପ୍ରମୁଖ ଭାବେ ମନୋନୀତ କରାଯାଇଛି। ସେହିପରି ଅନ୍ୟ ବିଭାଗର ପ୍ରମୁଖମାନଙ୍କ ଦାୟିତ୍ୱ ଘୋଷଣା କରାଯାଇଛି।

## ବେଗୁନିଆରେ ସ୍ଥାପନ ହେବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି

**ବେଗୁନିଆ,୧୯।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ସ୍ଥାପନ ହେବ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି। ଏନେଇ ଗାନ୍ଧୀ ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଆଦର୍ଶ କ୍ଲବ ପରିସରରେ ରବିବାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗାନ୍ଧିଜୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ବୈଠକର ଆବାହକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ପୂଜ୍ୟପୂଜାର ସମ୍ମାନର ପ୍ରତୀକସ୍ୱରୂପ ବେଗୁନିଆରେ ଏକ ଗାନ୍ଧୀ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ପ୍ରସ୍ତାବ ଦେଇଥିଲେ। ପ୍ରସ୍ତାବିତ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ କିଭଳି ପ୍ରକ୍ରିୟା ଜାରି ରହିବ ସେନେଇ ଏକ ସଂସଦ ଗଠନ କରାଯାଇଥିଲା। ଡ.ହରିପ୍ରସାଦ ଦାସ ସଭାପତି, ଶିକ୍ଷାବିତ୍ ଶରତ କୁମାର ପଣ୍ଡାଙ୍କୁ କୋଷାଧକ୍ଷ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ବେଗୁନିଆ ସଦର ମହକୁମାର ଆକ୍ସିସ୍ ବ୍ୟାଙ୍କ ନିକଟରେ ଥିବା ସରକାରୀ ଜାଗାରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେବେ ସରକାରୀ ଆଦେଶନାମା ପ୍ରଦାନ ନିମନ୍ତେ ପ୍ରଶାସନର ସହମତି ଲୋଡ଼ାଯିବ। ଏ ନେଇ ଖୋର୍ଦ୍ଧା ଉପଜିଲାପାଳ ଓ ବେଗୁନିଆ ତହସିଲଦାରଙ୍କ ନିକଟରେ ଆବେଦନ କରାଯିବ। ଶିଳ୍ପୀ କଳ୍ପତରୁ ପଣ୍ଡା ଗାନ୍ଧୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ନିର୍ମାଣରେ ଆନୁମାନିକ ବ୍ୟୟ ଅଟକଳ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ବୈଠକରେ ସୁଧାକର ସାମନ୍ତରାୟ, ଡା. ଅମରେନ୍ଦ୍ର ନାଥ ମହାପାତ୍ର, ଇଂ. ଦେବାଶିଷ ସାହୁ, ଭଗବାନ ପଣ୍ଡା, ସୁରେନ୍ଦ୍ର ସୁବୁଦ୍ଧି, ସଂଘମିତ୍ରା ରଥ, ପ୍ରତିମା ପ୍ରଧାନ, ବନ୍ଦିତାରାଣୀ ଦାସ, ରାଜକିଶୋର ସାହୁ, ବ୍ରଜବନ୍ଧୁ ପଣ୍ଡା, କାଳନ୍ଦୀ ଚରଣ ମହାପାତ୍ର, ଅଶ୍ୱିନୀ ପଟ୍ଟନାୟକ, ଉପେନ୍ଦ୍ର ନାଥ ସାହୁ, ଖଗେଶ୍ୱର ମାର୍ଥା, ବିଜୟ ମହାପାତ୍ର, ବିଭୁଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାମାଜିକ କର୍ମୀ ଅକ୍ଷୟ ରଥ ଧନ୍ୟବାଦ ଦେଇଥିଲେ।

## ଉନ୍ନୟନ କାର୍ଯ୍ୟ ଦେଖିଲେ ଗଞ୍ଜାମର ୨୨ ପଞ୍ଚାୟତ ପ୍ରତିନିଧି



**ଗମ୍ଭାରୀମୁଣ୍ଡା,୧୯।୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲାର ୨୨ଜଣ ପଞ୍ଚାୟତ ପ୍ରତିନିଧି ସରପଞ୍ଚ, ପଞ୍ଚାୟତ ସମିତି ଅଧକ୍ଷ ଓ ଉପାଧକ୍ଷ ରବିବାର ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଗସ୍ତ କରିଥିଲେ। ସେମାନଙ୍କୁ ଗମ୍ଭାରୀମୁଣ୍ଡା ପଞ୍ଚାୟତଠାରେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ମିନତୀ ପ୍ରଧାନ, ଜିଲାପରିଷଦ ଉପାଧକ୍ଷ ଗୋପୀନାଥ ମହାରଣା, ବିଡିଓ ବୁଲବୁଲ ବେହେରା ଓ ବ୍ଲକର କର୍ମଚାରୀମାନେ ସ୍ୱାଗତ କରିଥିଲେ। ଗମ୍ଭାରୀମୁଣ୍ଡା ପଞ୍ଚାୟତର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଦେଖିବା ସହିତ ପଙ୍କାଳଠାରେ କୃଷି ଉଦ୍ୟାନର ଛତୁ ଚାଷ, କୁକୁଡ଼ା ଓ ବତକ ଚାଷ ଏବଂ ବିଭିନ୍ନ ଫଳ ଗଛ ବୁଲି ଦେଖିବା ସହିତ ପରାମର୍ଶ ଦେଇଥିଲେ। ନରେନ୍ଦ୍ରପୁର ସ୍ଥିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମିଶନ ଶକ୍ତି ଘର ଦେଖିବା ସହିତ ଭେଟେଶ୍ୱର ପଞ୍ଚାୟତ ବାଂଲେଇ ଗ୍ରାମରେ ଥିବା ଆଦର୍ଶ ପୋଖରୀ ପରିଦର୍ଶନ କରିଥିଲେ। ସେଠାରେ ତାଙ୍କୁ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟ ସ୍ୱାଗତ କରିଥିଲେ। ଏହାପରେ ମା'ଭଗବତୀଙ୍କ ଦର୍ଶନ କରି ଗଞ୍ଜାମ ଅଭିମୁଖେ ଫେରିଯାଇଥିଲେ।



**ଖୋର୍ଦ୍ଧା:** ଶ୍ରୀଚୈତନ୍ୟ ବିହାର ପରିସରରେ ରବିବାର ଅତିଥିମାନେ 'ଗୌରାଙ୍ଗ ଭାଗବତ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ଗୌରାଙ୍ଗ ଭାଗବତ ପୁସ୍ତକ ଲୋକାର୍ପିତ

**ଖୋର୍ଦ୍ଧା ଅଫିସ,୧୯।୨**

ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ ଆନୁକୂଲ୍ୟରେ ଶ୍ରୀଚୈତନ୍ୟ ବିହାର ପରିସରରେ ରବିବାର ଶିବତତ୍ତ୍ୱ ଶୀର୍ଷକ ଆଲୋଚନାଚକ୍ର ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଗୋପବନ୍ଧୁ ପଣ୍ଡା ଅତିଥି ଭାବେ ଯୋଗଦେଇ ବୈଷ୍ଣବୀୟ ମତରେ ଶିବଙ୍କ ଆରାଧନା ସମ୍ପର୍କରେ କହିଥିଲେ। ଶିବ ହେଉଛନ୍ତି ପରମ ବୈଷ୍ଣବ। ସେ ସଦାସର୍ବଦା ହରିନାମ ଜପ କରନ୍ତି। ବୈଷ୍ଣବମାନେ ଅତି ନିଷ୍ଠାର ସହ ମହାଶିବରାତ୍ରୀ ପାଳନ କରନ୍ତି। ଦିନସାରା ଉପବାସ, ଜାଗର ଦୀପ ଜାଳି ଶିବ ପଞ୍ଚାକ୍ଷର, ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରନ୍ତି। ହିନ୍ଦୁ ସଂସ୍କୃତି ପରମ୍ପରାରେ ମହାଶିବରାତ୍ରୀର ବିଶେଷ ମହାତ୍ମ୍ୟ ରହିଛି। ଶିବ ହେଉଛନ୍ତି ମଙ୍ଗଳମୟ। ସେ ସତ୍ୟ, ଶିବ ସୁନ୍ଦର। ଏଣୁ ଶିବଙ୍କୁ ପୂଜା କଲେ ସକଳ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଶ୍ରୀଚୈତନ୍ୟ ଦେବ ଓଡ଼ିଶାର ଶ୍ରୀଲିଙ୍ଗରାଜ ସମେତ ପ୍ରତିଷ୍ଠିତ ଶୈବପୀଠ ଭ୍ରମଣ କରିଛନ୍ତି ବୋଲି ସେ କହିଥିଲେ। ଏହି ଅବସରରେ କବି ଭଗବାନ ଦାସଙ୍କ ରଚିତ 'ଗୌରାଙ୍ଗ ଭାଗବତ' ପୁନଃ ମୁଦ୍ରିତ ହୋଇ ଲୋକାର୍ପିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ଜୟନାରାୟଣ ପଟ୍ଟନାୟକ ପରିଚାଳନା କାର୍ଯ୍ୟକ୍ରମ କରିଥିଲେ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା, ନୟାଗଡ଼, ଭୁବନେଶ୍ୱରରୁ ଭକ୍ତମାନେ ଯୋଗଦେଇଥିଲେ।

# ପ୍ରଶାସନକୁ ଦାୟୀ କଲେ ସେବାୟତ

**ପୁରୁଣା ଭୁବନେଶ୍ୱର, ୧୯।୨ (ଡି.ଏନ୍.ଏ.)**

### ଶ୍ରୀଲିଙ୍ଗରାଜ ମନ୍ଦିର: ବିଳମ୍ବରେ ମହାଦୀପ ଉଠିବା ପ୍ରସଙ୍ଗ



ଶନିବାର ଏକାମ୍ର କ୍ଷେତ୍ରର ଆରାଧ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜାଗରଯାତ୍ରା ସମ୍ପନ୍ନ ହୋଇଛି। ଚଳିତବର୍ଷ ମନ୍ଦିର ପ୍ରଶାସନ ପକ୍ଷରୁ ରାତି ୧୦ଟାରେ ମହାଦୀପ ଉଠିବା ନେଇ ସ୍ଥିର କରାଯାଇଥିଲା। ତେବେ ୩ ଘଣ୍ଟା ୮ ମିନିଟ୍ ବିଳମ୍ବ ଅର୍ଥାତ୍ ରାତି ୧ଟା ୮ରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠାଯାଇଥିଲା। ଏନେଇ ଶ୍ରଦ୍ଧାଳୁଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ମହାଦୀପ ଉଠିବା ବିଳମ୍ବ ନେଇ କେତେଜଣ ସେବାୟତ ମନ୍ଦିର ପ୍ରଶାସନକୁ ଦାୟୀ କରିଛନ୍ତି। ଶ୍ରୀଲିଙ୍ଗରାଜ ମନ୍ଦିରକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବାକୁ ରାଜ୍ୟ ସରକାର ୯୦୦ କୋଟି ଟଙ୍କାର ମେଗା ପ୍ରକଳ୍ପ କାର୍ଯ୍ୟ ଜାରି ରଖିଛନ୍ତି। ତେବେ ଏହି ପୀଠରେ ନୀତିନିର୍ଘଣ୍ଟର ବ୍ୟତିକ୍ରମକୁ ନେଇ କେତେଜଣ ମନ୍ଦିର ପ୍ରଶାସନକୁ ଦାୟୀ କରୁଥିବାବେଳେ ଅନେକେ ସେବାୟତଙ୍କୁ ଦାୟୀ କରିଛନ୍ତି।

ଏ ସମ୍ପର୍କରେ ବଡୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ କୁହନ୍ତି, ଉକ୍ତ ଦିନର ପାଳିଆ ପୂଜାପଣ୍ଡା ନୀତିନିର୍ଘଣ୍ଟ ପରିଚାଳନା କରିବାରେ ମନ୍ଥରତା କରିବାରୁ ଏହି ବିଳମ୍ବ ଘଟିଛି। ଯଦି ସେମାନଙ୍କର କୌଣସି ସମସ୍ୟା ଥିଲା ସେମାନେ ସବ୍ କମିଟିକୁ ନ ମାନିବା ଏବଂ ବୈଠକକୁ ନ ଆସିବା ବଡ଼ କାରଣ ପାଲଟିଛି। ସେହିପରି ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି, ଜାଗରଯାତ୍ରାରେ ଜଣେ ପାଳିଆ ସେବାୟତ ଠାକୁରଙ୍କ କାର୍ଯ୍ୟ ସମ୍ପାଦନ କରିବା ସମ୍ଭବ ନୁହେଁ। ଏଥିପାଇଁ ନିଯୋଗର ଅନ୍ୟ ସେବାୟତଙ୍କ ସହଯୋଗ ରହିବା ଦରକାର। ବର୍ଷ ବର୍ଷ ଧରି ଭେଟ ଆଳତି, ଡାଲା ଭୋଗ, ପଇତାଲାଗି, ଭିଆଇପି ଦର୍ଶନ ପରମ୍ପରା ଭଳି ସ୍ୱତ୍ତ୍ୱାଧିକାରରୁ ବଞ୍ଚିତ ଥିଲେ ହେଁ ପ୍ରଶାସନ ଏଥିରେ ଦିନ ଗଡ଼ାଇ ଚାଲିଛି। ଓଏଚ୍‌ଆରଇ ଆକ୍ଟ ଅନୁଯାୟୀ ସମସ୍ତ ସମସ୍ୟା ସମାଧାନ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଦେବୋତ୍ତର କମିଶନରଙ୍କ ଦ୍ୱାରା ବେଞ୍ଚ୍ ପ୍ରତିଷ୍ଠା କରାଯାଇ ପକ୍ଷମାନଙ୍କ ଶୁଣାଣି କରାଗଲେ ଏହାର ସ୍ଥାୟୀ ସମାଧାନ ହୋଇପାରିବ। ସେହିପରି ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି କୁହନ୍ତି, ଏଥିପାଇଁ ପ୍ରଶାସନ ସମ୍ପୂର୍ଣ୍ଣଭାବେ ଦାୟୀ। ବାରମ୍ବାର ଅଭିଯୋଗକୁ ସମାଧାନ ନ କରି ନୀରବ ରହିବା ପ୍ରଭାବ ଜାଗର ଯାତ୍ରାରେ ପଡ଼ିଥିଲା। ମନ୍ଦିର ପ୍ରଶାସନର ସମନ୍ୱୟ ରକ୍ଷା କରିବାରେ ଆନ୍ତରିକତା ନ ଥିବାରୁ ଏହି ଘଟଣା ଘଟୁଛି। ଅନ୍ୟପକ୍ଷରେ ବିଳମ୍ବରେ ମହାଦୀପ ଉଠିବା ପ୍ରସଙ୍ଗରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ପ୍ରସାଦ ମିଶ୍ରଙ୍କୁ ପଚାରିବାରୁ ସେ ଘଟଣାକୁ ଏଡ଼ାଇ ଦେଇଥିଲେ।

## 'ପରିବେଶ ସୁରକ୍ଷା ପାଇଁ ଗଛ ଲଗାଅ'

**ବେଗୁନିଆ,୧୯।୨(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଅଞ୍ଚଳର ପ୍ରମୁଖ ଅନୁଷ୍ଠାନ 'ଆସ୍ଥା'ର ୧୦ମ ବାର୍ଷିକୋତ୍ସବ ରବିବାର କଣ୍ଟାବାଡ ଗ୍ରାମ ସ୍ଥିତ ଆସ୍ଥା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଧାତ୍ମିକ ଚିନ୍ତନ ଓ ଲୋକକଳା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପରିବେଶବିତ୍ ଡ. ଦିଲୀପ ଶ୍ରୀଚନ୍ଦନ ଯୋଗଦେଇଥିଲେ। ବକ୍ତାଭାବେ ପରିବେଶବିତ୍ ରାଜ କିଶୋର ପାଣିଗ୍ରାହୀ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରଶାନ୍ତ ବେହେରା, ସୁଶାନ୍ତ ମହାପାତ୍ର, ସନ୍ତୋଷ ଖମାରୀ ପ୍ରମୁଖ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। 'ପରିବେଶ ପାଇଁ ବର ଓ ଓସ୍ତ ଗଛର ଭୂମିକା' ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରିବେଶ ସୁରକ୍ଷା ପାଇଁ ବର ଏବଂ ଓସ୍ତ ଗଛର ଆବଶ୍ୟକ ରହିଛି ବୋଲି ଅତିଥିମାନେ କହିଥିଲେ। ଗଛଟିଏ ପାଇଁ କବିତାଟିଏ ଶୀର୍ଷକ କବିତା ପାଠ କରାଯାଇଥିଲା। ଗଛ ଲଗାଇ ଯତ୍ନ ନେଉଥିବା ରାଜ୍ୟର ୧୫ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସନ୍ତୋଷ କୁମାର ଦାଶ ଓ ଅଖିଳେଶ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନର ଆବାହକ ପ୍ରଭାତ ପଣ୍ଡା ଓ ସମ୍ପାଦକ ସୁରେନ୍ଦ୍ର ପଣ୍ଡା ସହଯୋଗ କରିଥିଲେ। ଏହି ଅବସରରେ ଚାରାରୋପଣ କରାଯାଇଥିଲା। ପ୍ରକାଶ ଯେ, ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହି ଅନୁଷ୍ଠାନ ପକ୍ଷରୁ ୧୦ବର୍ଷ ମଧରେ ୬ଶହରୁ ଊର୍ଦ୍ଧ୍ୱ ବର ଏବଂ ଓସ୍ତ ଗଛ ଲଗାଯାଇଛି।

## ବଜରଙ୍ଗବାଲୀ ସ୍ପୋର୍ଟିଂ କ୍ଲବ ଘାଟିକିଆ ସେମିରେ



ଅତିଥିଙ୍କ ଗହଣରେ ଖେଳାଳିଙ୍କ ସହ ଅନ୍ୟମାନେ।

**ବେଗୁନିଆ,୧୯।୨(ଡି.ଏନ୍.ଏ.)**

### କୁଶପଲ୍ଲା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ଗ୍ରାମସ୍ଥିତ ମିନି ଷ୍ଟାଡିୟମରେ ୩୬ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି। ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ଗ୍ରାମ ସଭାପତି ମହମ୍ମଦ ମହିୟୁଦ୍ଦିନ ଅହମ୍ମଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱରସ୍ଥିତ ଘାଟିକିଆ ବଜରଙ୍ଗବାଲୀ ସ୍ପୋର୍ଟିଂ କ୍ଲବ ଓ ଢେଙ୍କାନାଳ ପପୁଲାର କ୍ଲବ ମଧରେ ଉଦ୍‌ଘାଟନୀ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ମଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଟାଇବ୍ରେକରରେ ବଜରଙ୍ଗବାଲୀ ସ୍ପୋର୍ଟିଂ କ୍ଲବ ୩-୧ ଗୋଲରେ ପପୁଲାର କ୍ଲବକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଅଶୋକ କୁମାର କଂହର ମ୍ୟାଚ୍ ପରିଚାଳକ ଏବଂ ରମେଶ ଚନ୍ଦ୍ର ପାଇକରାୟ, ସଗିର ଅହମ୍ମଦ ସହପରିଚାଳକ ଦାୟିତ୍ୱ ତୁଲାଇଥିଲେ। ଟୁନୁ ଓ ମିହିର ରଞ୍ଜନ ମହାପାତ୍ର ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଧିରେନ୍ଦ୍ର ପାତ୍ର, ଶ୍ରୀନିବାସ ପାଇକରାୟ, ଲଡୁ କିଶୋର ମହାପାତ୍ର, ଅଯମତ ଖାଁ, ନୀଳମଣି ମାଝୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ଉପଦେଷ୍ଟା ଦୟାନ୍ ଖାଁ ଧନ୍ୟବାଦ ଦେଇଥିଲେ।

# ଗୁରୁଜଙ୍ଗ କପ୍ ଜିତିଲା ସୁଆଁଗ

**ଖୋର୍ଦ୍ଧା ଅଫିସ,୧୯।୨**



ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ଗୁରୁଜଙ୍ଗ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା ଗୁରୁଜଙ୍ଗ କପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ପଳାସପୁର ଟିମ୍‌କୁ ୩୮ ରନ୍‌ରେ ହରାଇ ଭୁବନେଶ୍ୱରର ସୁଆଁଗ ଟିମ୍ ଚାମ୍ପିୟନ ହୋଇଛି। ପଳାସପୁର ଟିମ୍ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା।

ସୁଆଁଗ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୮୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅନିଲ ବଡ଼ଜେନା ୨୦ ବଲ୍‌ରେ ୪୦ ଓ ସୂର୍ଯ୍ୟକାନ୍ତ ବଡ଼ଜେନା ୨୦ ବଲ୍‌ରେ ୩୪ ରନ୍ କରିଥିଲେ। ବିପକ୍ଷ ଟିମ୍‌ର ବିଶ୍ୱରଞ୍ଜନ ସାହୁ ୩ଟି ଉଇକେଟ ନେଇଥିଲେ। ଜବାବରେ ପଳାସପୁର ଟିମ୍ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୪୪ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ସୋମନାଥ ସାହୁ ୩୯ ବଲ୍‌ରେ ୫୧ ଓ ରାଜେଶ ମହାରଣା ୨୩ ବଲରେ ୨୬ ରନ୍ କରିଥିଲେ। ବିପକ୍ଷ ଟିମ୍‌ର ପ୍ରକାଶ ମାର୍ଥା ୩ଟି ଉଇକେଟ ନେଇଥିଲେ। ଉଦ୍‌ଯାପନୀ ଦିବସରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂସାମନ୍ତ, ଖବରଦାତା ବଳରାମ ଲେଙ୍କା, ସୂର୍ଯ୍ୟନାରାରଣ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ଏବଂ ଅର୍ଥରାଶି ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ସୁଆଁଗ ଟିମ୍‌ର ସୂର୍ଯ୍ୟକାନ୍ତ ବଡ଼ଜେନା, ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପଳାସପୁର ଟିମ୍‌ର ବିଶ୍ୱରଞ୍ଜନ ସାହୁ ଓ ଶନିବାର ଅନୁଷ୍ଠିତ ପ୍ରଦର୍ଶନୀ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ମନୋଜ କୁମାର ସାହୁଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରଶାନ୍ତ ବେହେରା, ଅସିତ୍ ଶତପଥୀ, ଅସିତ୍ ପରିଡ଼ା ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଯୁବ କ୍ରୀଡ଼ା ସଙ୍ଗଠକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ମ୍ୟାଚ୍ ଉଦ୍‌ଘୋଷକ ଓ ମଞ୍ଚ ସଂଯୋଜନା କରିଥିଲେ।

**ସଂକ୍ଷେପରେ**

## ସୂର୍ଯ୍ୟ ମିଶ୍ରଙ୍କୁ 'ଏକା ଏକା ସାହିତ୍ୟ ସମ୍ମାନ'

ଭୁବନେଶ୍ୱର,୧୯।୨(ବ୍ୟୁରୋ) - ସାହିତ୍ୟ ପତ୍ରିକା ଏକା ଏକା ପକ୍ଷରୁ ରବିବାର ପାନ୍ଥନିବାସ ସମ୍ମିଳନୀ କକ୍ଷରେ 'ଏକା ଏକା କାବ୍ୟୋତ୍ସବ' ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପଦ୍ମବିଭୂଷଣ ଡ. ସୀତାକାନ୍ତ ମହାପାତ୍ର, ଡ. ସୌଭାଗ୍ୟ କୁମାର ମିଶ୍ର, କବି ଡ. ରାଜେନ୍ଦ୍ର କିଶୋର ପଣ୍ଡା, କବି ଅମରେଶ ପଟ୍ଟନାୟକ ଓ ରୋହିଣୀକାନ୍ତ ମୁଖାର୍ଜୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ରଙ୍କୁ 'ଏକା ଏକା ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ୧୦ ହଜାର ଟଙ୍କା ଅର୍ଥରାଶି ସହିତ ଉପାୟନ ଓ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ କବି ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପତ୍ରିକାର ସମ୍ପାଦକ ଡ. ହିମାଂଶୁ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ସଞ୍ଚାଳନ ଓ ଆବାହକ ଅଧ୍ୟାପକ ଆଭାସ ବରାଳ ସଂଯୋଜନା କରି ଉପସ୍ଥିତ କବି-ସାହିତ୍ୟିକଙ୍କୁ ସ୍ୱାଗତ ଜଣାଇଥିଲେ। କବି ପ୍ରବାସିନୀ ମହାକୁଡ଼, ରକ୍ଷକ ନାୟକ, ଅମରେନ୍ଦ୍ର ମାଧବ ଦାଶ, ଡ. ଅଶୋକ ସିଂହ, ବିଭୂତି ପାଣିଗ୍ରାହୀ, ଡ. ଜୟଶ୍ରୀ ପଟ୍ଟନାୟକ, କେଦାର ମିଶ୍ର, ଅଧ୍ୟାପିକା ମାନିନି ଜେନା ପ୍ରମୁଖ ସ୍ୱରଚିତ କବିକତା ପାଠ କରିଥିଲେ।

## ପାନଦୋକାନରେ ବ୍ରାଉନ୍‌ସୁଗାର ବେପାର, ଦୋକାନୀ ଗିରଫ

ଭୁବନେଶ୍ୱର,୧୯।୨(ବ୍ୟୁରୋ) : ପାନ ଦୋକାନରେ ଚାଲିଥିଲା ବ୍ରାଉନସୁଗାର ବେପାର। ଖବର ମିଳିବା ପରେ ତମାଣ୍ଡୋ ଥାନା ପୋଲିସ କେନ୍ଦ୍ରୀୟବିହାର ରାସ୍ତା ପାର୍ଶ୍ୱରେ ଥିବା ଉକ୍ତ ଦୋକାନ ଉପରେ ଚଢାଉ କରି ସଂପୃକ୍ତ ଦୋକାନୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦୋକାନୀ ହେଲେ ଗଞ୍ଜାମ ଜିଲାର ଧନୁ ଗୌଡ। ତାଙ୍କଠାରୁ ୧୫ ଗ୍ରାମର ବ୍ରାଉନସୁଗାର ଜବତ କରିଛି ପୋଲିସ। ଜବତ ବ୍ରାଉନସୁଗାର ମୂଲ୍ୟ ଦେଢ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତ ଧନୁଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଠକେଇ ଅଭିଯୋଗ: ପୂର୍ବତନ ଭାଜପା ମିଡିଆ ସେଲ୍‌ର ଅଧ୍ୟକ୍ଷଙ୍କୁ ଉଠାଇନେଲା ମଧ୍ୟପ୍ରଦେଶ ପୋଲିସ



ସାଲେପୁର,୧୯।୨ (ଡି.ଏନ୍.ଏ.)- ବିଭିନ୍ନ ରାଜ୍ୟରୁ ଠକେଇ କରି ନିଜ ଗ୍ରାମକୁ ପଳାଇଆସିଥିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ମଧ୍ୟପ୍ରଦେଶ ପୋଲିସ ସୋମବାର ଉଠାଇନେଇଛି। ସେ ହେଲେ ସାଲେପୁର ଥାନା ଅନ୍ତର୍ଗତ ସଉରୀ ଗ୍ରାମର ତାପସ କୁମାର ଜେନା। ପୋଲିସ ସୂଚନା ଅନୁଯାୟୀ, ତାପସ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରେ ବିଭିନ୍ନ ବ୍ୟକ୍ତିଙ୍କୁ ବ୍ଲାଙ୍କ ଚେକ୍ ଦେଇ ଠକେଇ କରି ନିଜ ଗ୍ରାମକୁ ପଳାଇ ଆସିଥିଲେ। ଏନେଇ ତାଙ୍କ ନାମରେ ଏକାଧିକ ଥାନାରେ ଚେକ୍ ବାଉନ୍‌ସ ଓ ଠକେଇ ମାମଲା ରୁଜୁ ହୋଇଛି। ସେ ଓଡ଼ିଶା ବାହାରୁ ବିଭିନ୍ନ ସ୍ଥାନରୁ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇ ଥିବା ପୋଲିସ କହିଛି। ପ୍ରକାଶ ଯେ, ତାପସ ପୂର୍ବରୁ ସାଲେପୁର ଭାଜପା ମିଡିଆ ସେଲ୍‌ର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ।

# ଟ୍ରାଏଲ୍ ରନ୍‌ରେ ସୀମିତ 'ସଫା ବାଇକର' ଯୋଜନା

ଭୁବନେଶ୍ୱର, ୧୯।୨ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରର ସବୁ ଗଳିକନ୍ଦି ସ୍ୱଚ୍ଛ ରହିବ। ସଫେଇ ଗାଡ଼ି ପଶିପାରୁ ନ ଥିବା ଅଞ୍ଚଳଗୁଡିକରୁ ବାଇକ୍ ଯୋଗେ ଅଳିଆ ଉଠାଯିବ। ପରେ ସେହି ଅଳିଆକୁ ନେଇ ବାଇକ୍ ଚାଳକ ସଫେଇ ଗାଡ଼ିରେ ଦେବେ। ପ୍ରତ୍ୟେକ ବାଇକ୍‌ରେ ୧ କୁଇଣ୍ଟାଲ ପର୍ଯ୍ୟନ୍ତ ଆବର୍ଜନା ନେବାର କ୍ଷମତା ରହିବ। ବିଏମ୍‌ସି ପକ୍ଷରୁ ରାଜଧାନୀରେ ଏହି ଅଭିନବ ବ୍ୟବସ୍ଥା ଲାଗୁ କରିବାକୁ ଯୋଜନା ହୋଇଥିଲା। ଏଥିପାଇଁ ନଭେମ୍ବର ୨୭ରେ ଟ୍ରାଏଲ୍ ରନ୍ ମଧ୍ୟ ହୋଇଥିଲା। ୱାର୍ଡ ନଂ.୧ରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ନିଜେ ବାଇକ୍‌ରେ ଆବର୍ଜନା ବୋହି ଟ୍ରାଏଲ୍ ରନ୍‌ର ଶୁଭାରମ୍ଭ କରିଥିଲେ। ପର୍ଯ୍ୟାୟକ୍ରମେ ଏହା ଅନ୍ୟ ୱାର୍ଡରେ କାର୍ଯ୍ୟକାରୀ ହେବ ବୋଲି ସୂଚନା ଦିଆଯାଇଥିଲା। ମାତ୍ର ଇତିମଧ୍ୟରେ ପ୍ରାୟ ୩ ମାସ ବିତିଯାଇଥିଲେ ମଧ୍ୟ 'ସଫା ବାଇକର୍' ଯୋଜନା ଆରମ୍ଭ ହୋଇ ପାରୁନାହିଁ। ସେହିପରି ସହରରେ କେତେ ସଂକୀର୍ଣ୍ଣ ଗଳିକନ୍ଦି ରହିଛି, ସେଥିପାଇଁ କେତେ ବାଇକ୍ ଆବଶ୍ୟକ ତାହାର ଠିକ୍ ତଥ୍ୟ ବିଏମ୍‌ସି ପାଖରେ ନାହିଁ। ତେଣୁ ବିଏମ୍‌ସିର ଏହି ଯୋଜନା କେବେ କାର୍ଯ୍ୟକାରୀ ହେବ ଏବଂ ସହରର ଗଳିକନ୍ଦି ପରିଷ୍କାର ରହିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ବିଏମ୍‌ସି କମିଶନର 'ସଫା ବାଇକର ଯୋଜନା'ର ଟ୍ରାଏଲରନ୍ ସମୟର ଫଟୋ।

ଏ ସମ୍ପର୍କରେ ବିଏମ୍‌ସି ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ

**୩ ମାସ ପରେ ବି ଆରମ୍ଭ ହୋଇପାରୁନାହିଁ**

କହିଛନ୍ତି, ସଫା ବାଇକର୍ ଯୋଜନା ପାଇଁ ପଦକ୍ଷେପ ନିଆଯାଉଛି। ଅଳିଆ ଉଠାଇବା ପାଇଁ ଏବେ ଗୋଟେ ବାଇକ୍ ଆସିଛି। ତାହା ମାସରୁ ଦୁଇ ମାସ ଟ୍ରାଏଲ ହେବ। ସଫଳତା ମିଳିବା ପରେ ହିଁ କେଉଁ ଅଞ୍ଚଳରେ ଗାଡ଼ି ପଶିପାରୁନି ତାହାକୁ ଦୃଷ୍ଟିରେ ରଖି ଗାଡ଼ି କିଣାଯିବାକୁ ଚିନ୍ତା କରାଯିବ। ତେବେ ସଫଳତା ମିଳିଲେ ପ୍ରଥମ ପର୍ଯ୍ୟାୟରେ ୩୦ଟି ବାଇକ୍ କିଣାଯିବ। ସେହିପରି ବାଇକ୍‌ଗୁଡିକ ପଛରେ ଡାଲା ରହିବ, ଯେମିତି ସେଥିରେ ଓଦା ଓ ଶୁଖିଲା ଅଳିଆ ଅଲଗା ଅଲଗା ରଖାଯିବ। ଭୁବନେଶ୍ୱର ଉପକଣ୍ଠରେ ଥିବା ଏକ ସପ୍ଲାୟର୍ସ ଗାଡ଼ି ଯୋଗାଇବା ନେଇ ସ୍ଥିର ହୋଇଛି ବୋଲି ଶୁଭେନ୍ଦୁ କହିଛନ୍ତି। ତେବେ ବାଇକ୍‌ରେ ଆବର୍ଜନା ବୋହିବା ପରେ ସେଗୁଡିକୁ ସଫେଇଗାଡ଼ିକୁ ଦିଆଯିବ। ଏହି ସମୟରେ ବ୍ୟାରେଲ୍‌କୁ ଉଠା ପକା କରିବାରେ ସମସ୍ୟା ହେବାର ଯଥେଷ୍ଟ ଆଶଙ୍କା ରହିଛି। ସେହିପରି କୁଇଣ୍ଟାଲ ଓଜନର ଆବର୍ଜନା ବାଇକ୍ ପଛରେ ବୋହି ସଂକୀର୍ଣ୍ଣ ରାସ୍ତାରେ ଯିବା ଆସିବା କରିବାରେ ମଧ୍ୟ ସମସ୍ୟା ହୋଇପାରେ। ତେଣୁ ଏସବୁକୁ ଦୃଷ୍ଟିରେ ରଖି ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ସହରର ଅନେକ ଗଳିକନ୍ଦି ଏବଂ ସଂକୀର୍ଣ୍ଣ ରାସ୍ତାରେ ବିଏମ୍‌ସି ଅଳିଆ ଗାଡ଼ି ପଶିପାରୁନାହିଁ। ଫଳରେ ଅଞ୍ଚଳବାସୀ ରାସ୍ତାକଡ଼, ଡ୍ରେନ୍ ପାଖରେ ନେଇ ଅଳିଆ ଗଦାଇ ଦେଉଛନ୍ତି। ସଫେଇ ଗାଡ଼ି ଯାଉ ନ ଥିବାରୁ ସେହିଠାରେ ଅଳିଆ ପଡିରହି ପଚି ଗନ୍ଧାଉଛି। ପୁଣି ବୁଲା ଗାଈଗୋରୁ ଓ କୁକୁରମାନେ ଖାଦ୍ୟ ଅନ୍ୱେଷଣରେ ଆବର୍ଜନାକୁ ଏଣେତେଣେ ପକାଉଛନ୍ତି। ବିଶେଷକରି ବସ୍ତି ଅଞ୍ଚଳରେ ଏହିସମସ୍ୟା ଅଧିକ ଦେଖିବାକୁ ମିଳୁଛି। ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ବିଏମ୍‌ସି ସଫା ବାଇକ୍‌ର ଯୋଜନା କରିଥିଲେ ମଧ୍ୟ ଶୀଘ୍ର କାର୍ଯ୍ୟକାରିତାର ଆବଶ୍ୟକତା ରହିଛି।



ଶତାବ୍ଦୀର କଳାକାର ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ରବିବାର ଆରମ୍ଭ ହୋଇଥିବା ଜାତୀୟ ବହୁଭାଷୀ '୨୫ତମ କଳିଙ୍ଗ ନାଟ୍ୟ ମହୋତ୍ସବ'ର ପ୍ରଥମ ସନ୍ଧ୍ୟାରେ ପରିବେଷିତ ହିନ୍ଦୀ ନାଟକ 'କୋର୍ଟ ମାର୍ଶାଲ'ର ଏକ ଦୃଶ୍ୟ ।

# ୨୫ତମ କଳିଙ୍ଗ ନାଟ୍ୟ ମହୋତ୍ସବ ଆରମ୍ଭ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

- ବ୍ରଜକିଶୋରଙ୍କୁ 'ସୁମିତ୍ରା ସମ୍ମାନ', ନିବେଦିତାଙ୍କୁ 'ପ୍ରମିଳା ପ୍ରତିଭା ସମ୍ମାନ'
- ନାଟକ କୋର୍ଟ ମାର୍ଶାଲ ମଞ୍ଚସ୍ଥ

ଶତାବ୍ଦୀର କଳାକାର ପକ୍ଷରୁ ଜାତୀୟ ବହୁଭାଷୀ '୨୫ତମ କଳିଙ୍ଗ ନାଟ୍ୟ ମହୋତ୍ସବ' ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି। ରବିବାର ସନ୍ଧ୍ୟାରେ ଏମ୍‌ପି ମୁନ୍ନା ଖାନ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଉପସଭାପତି ମନ୍ମଥ ଶତପଥୀ, ପୂର୍ବତନ ମୁଖ୍ୟ ଶାସନ ସଚିବ ଶହଦେବ ସାହୁ, ମନୋଜ ମହାନ୍ତି ପ୍ରମୁଖ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଡ. ଗୌରହରି ଦାସ ଓ ସମ୍ପାଦକ ଧୀର ମଲ୍ଲିକ ଉପସ୍ଥିତ ଥିଲେ। ଏହି ଅବସରରେ ନାଟ୍ୟକାର ବ୍ରଜକିଶୋର ମହାନ୍ତିଙ୍କୁ 'ସୁମିତ୍ରା ସମ୍ମାନ', ନାଟ୍ୟ ନିର୍ଦ୍ଦେଶିକା ତଥା ଅଭିନେତ୍ରୀ ଡ. ନିବେଦିତା ଜେନାଙ୍କୁ 'ପ୍ରମିଳା ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା।

ଉଦ୍‌ଘାଟନୀ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ହିନ୍ଦୀଭାଷୀ ନାଟକ 'କୋର୍ଟ ମାର୍ଶାଲ'। ସେନା ଅଦାଲତ ଶୁଣାଣିକୁ ନେଇ କାହାଣୀ ଗତିଶୀଳ ହୋଇଛି। ଉପରିସ୍ଥ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ ତଥା ଜଣେ ଅଧିକାରୀଙ୍କୁ ହତ୍ୟା ଅଭିଯୋଗରେ ମୁଖ୍ୟ ଚରିତ୍ର ରାମଚନ୍ଦରଙ୍କ ଉପରେ ଶୁଣାଣି କରାଯାଉଛି। ସେନାବାହିନୀ ତରଫରୁ କ୍ୟାପ୍‌ଟେନ ବିକାଶ ରାୟଙ୍କୁ ଡିଫେନ୍ସ କାଉନ୍‌ସେଲ ତଥା ମେଜର ପୁରୀଙ୍କ ସରକାରୀ ସକିଲଭାବେ ନିଯୁକ୍ତି କରାଯାଇଥାଏ। ନ୍ୟାୟର ଏହି ଲଢେଇରେ ଶେଷରେ କ୍ୟାପ୍‌ଟେନ ବିକାଶ ରାୟ ସତ୍ୟକୁ ପ୍ରମାଣ କରିବାରେ ସଫଳ ହୁଅନ୍ତି ଯେ, ରାମଚନ୍ଦର ହତ୍ୟା କରିବା ଉଦ୍ଦେଶ୍ୟରେ କୌଣସି ଅଧିକାରୀଙ୍କ ଉପରକୁ ଗୁଳି ଚଳେଇନାହାନ୍ତି ବରଂ ଦୁଇ ଅଧିକାରୀଙ୍କ ଦ୍ୱାରା ଦିଆଯାଉଥିବା ମାନସିକ ଯାତନା ତାଙ୍କୁ ଏହି ସ୍ଥିତିକୁ ନେଇଯାଇଥିଲା। ଶେଷରେ ସମାଜରେ ଥିବା ଭେଦଭାବ, ଉଚ୍ଚନୀଚ ଓ ଜାତିଗତ ବିଷମତାର ଏକ ଘୃଣ୍ୟରୂପ ସାମ୍ନାକୁ ଆସିଥିଲା। ମଧ୍ୟପ୍ରଦେଶ ଅଭିନବ ରଙ୍ଗମଣ୍ଡଳର କଳାକାରମାନେ ଏଥିରେ ନିଖୁଣ ଅଭିନୟ କରିଥିବାବେଳେ ବିଭିନ୍ନ ଭୂମିକାରେ ଗିରିଜେନ୍ଦ୍ର, ସଞ୍ଜୟ, ଯଶ, ଅଜୟ, ସୁଧା ଶର୍ମା ପ୍ରମୁଖ ରହିଥିଲେ। ସ୍ୱଦେଶ ଦୀପକ ନାଟକର ରଚନା କରିଥିବାବେଳେ ନିର୍ଦ୍ଦେଶନା ଦେଇଥିଲେ ଶରଦ ଶର୍ମା।

## ଆଜି ବିଏମ୍‌ସି କର୍ପୋରେଶନ ବୈଠକ

### ବଜେଟ୍ ଉପରେ ବାଜିବ ମୋହର

ଭୁବନେଶ୍ୱର, ୧୯।୨ (ବ୍ୟୁରୋ)

ବିଏମ୍‌ସିର କର୍ପୋରେଶନ୍ ବୈଠକ ସୋମବାର ସତ୍ୟନଗରସ୍ଥିତ ନୂଆ କାର୍ଯ୍ୟାଳୟ ବିଏମ୍‌ସି ଆଇସିଓଏମ୍‌ସି ଟାୱାରରେ ବସିବ। ଉଦ୍‌ଘାଟନ ପରେ ଏହି କୋଠାରେ ପ୍ରଥମକରି ବୈଠକ ହେବାକୁ ଥିବାରୁ ସମସ୍ତଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ବୈଠକରେ ବିଏମ୍‌ସିର ଚିଠା ବଜେଟ୍‌କୁ ନେଇ ଆଲୋଚନା କରାଯିବ। ପୂର୍ବ ବୈଠକରେ କେବଳ ଚିଠା ବଜେଟ୍ ପ୍ରସ୍ତାବ ଦିଆଯାଇଥିବାବେଳେ ସୋମବାର ଏହା ଉପରେ ମୋହର ବାଜିବ ବୋଲି କୁହାଯାଉଛି। ପୁଣି ମେୟର ଓ ବିଏମ୍‌ସିର ଅଧିକାଂଶ କର୍ପୋରେଟରଙ୍କ ପାଇଁ ଏହା ପ୍ରଥମ ବଜେଟ୍ ହୋଇଥିବାରୁ ଚଳିତ କର୍ପୋରେଶନ ବୈଠକର ଗୁରୁତ୍ୱ ଅଧିକ ରହିଛି। ଅପରପକ୍ଷେ ୬୯୦ କୋଟିର ଚିଠା ବଜେଟ୍‌ରେ ଅନେକ ତ୍ରୁଟି ଥିବା ଦର୍ଶାଇ କିଛି କର୍ପୋରେଟର ପ୍ରଶ୍ନ କରିବେ ବୋଲି ଅଣ୍ଟା ଭିଡିଛନ୍ତି। ସେହିପରି ବୈଠକରେ ମୋ ସାଇକେଲ ପ୍ରସଙ୍ଗ ମଧ୍ୟ ଉଠିବାର ସମ୍ଭାବନା ରହିଛି। ମୋ ସାଇକେଲଗୁଡିକ ଏଠିସେଠି ପଡି ଖତ ଖାଉଥିବାବେଳେ ଅଧିକାଂଶ ଅଚଳ ଅବସ୍ଥାରେ ପଡିଛି। ତେଣୁ ଏଗୁଡିକୁ ବସ୍ତି ତଥା ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ବାଣ୍ଟି ଦେବାକୁ କର୍ପୋରେଟର ନୃପେଶ ନାୟକ ପ୍ରସ୍ତାବ ଦେଇଥିଲେ। କର୍ପୋରେଶନରେ ଏହି ପ୍ରସଙ୍ଗ ପାସ୍ ହୋଇଥିବାବେଳେ ପରେ ସ୍ମାର୍ଟସିଟି ଏହାକୁ ମନା କରି ଦେଇଛି। ଏଭଳି ଅନେକଥର କର୍ପୋରେଶନ ପ୍ରସ୍ତାବକୁ ଅଧିକାରୀମାନେ ମାନୁ ନାହାନ୍ତି। ଫଳରେ କର୍ପୋରେଶନ ତା'ର ଗୁରୁତ୍ୱ ହରାଉଛି। ତେଣୁ କର୍ପୋରେଶନରେ ପାସ୍ ହେଉଥିବା ସମସ୍ତ ପ୍ରସ୍ତାବକୁ ଅଧିକାରୀମାନେ କିପରି କାର୍ଯ୍ୟକାରୀ କରିବେ ସେ ନେଇ ପଦକ୍ଷେପ ନେବାକୁ ଦାବି କରାଯିବ।

# ଦୁଇ କାର୍‌ରୁ ୧୮୫ କେଜି ଗଞ୍ଜେଇ ଜବତ, ୨ ଗିରଫ







ଭୁବନେଶ୍ୱର,୧୯।୨(ବ୍ୟୁରୋ):

ଦୁଇ କାର୍‌ରେ ଗଞ୍ଜେଇ ଧରି ବିକ୍ରି ପାଇଁ ଭୁବନେଶ୍ୱରକୁ ଆସିଥିଲେ। ଭରତପୁର ଥାନା ଅନ୍ତର୍ଗତ ଘାଟିକିଆସ୍ଥିତ ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ରିସର୍ଚ୍ଚ ସେଣ୍ଟର ନିକଟରେ ବେପାରୀଙ୍କୁ ଅପେକ୍ଷା କରିଥିଲେ। ଖବର ପାଇ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଓ କମିଶନରେଟ ପୋଲିସର ଏକ ମିଳିତ ଟିମ୍ ଶନିବାର ସନ୍ଧ୍ୟାରେ ସେଠାରେ ଚଢ଼ାଉ କରି ୨ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛି। ଏଥିସହ ୨ କାର୍ ସହ ୧୮୫ କେଜି ଗଞ୍ଜେଇ, ୨ ମୋବାଇଲ୍ ଫୋନ୍ ଆଦି ଜବତ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ରହୁଥିବା ଉତ୍ତରପ୍ରଦେଶ ଗୋରଖପୁର ଜିଲାର ମାନସିଂ ଯାଦବ (୨୫) ଓ ବିହାରର ମୁକେଶ କୁମାର ଯାଦବ (୨୪)।

**ଏସ୍‌ଟିଏଫ୍, କମିଶନରେଟ ପୋଲିସର ମିଳିତ ଚଢ଼ାଉ**

ଏନେଇ ଭରତପୁର ଥାନା ପୋଲିସ ଏକ ମାମଲା (ନଂ.୭୯/୨୦୨୩) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ରବିବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୮ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ମୋଟ ୧୮୫ କେଜି ଗଞ୍ଜେଇରୁ ଗୋଟିଏ କାର୍‌ରେ ୧୧୫ କେଜି ଓ ଅନ୍ୟଏକ କାର୍‌ରେ ୭୦ କେଜି ରହିଥିଲା। ପୋଲିସ ଉଭୟଙ୍କଠାରୁ ଜବତ କରିଥିବା ୨ ମୋବାଇଲ ଫୋନ୍‌କୁ ଅଧିକ ଯାଞ୍ଚ କରୁଛି। ସେଥିରୁ ମିଳିଥିବା ତଥ୍ୟ ଓ ଉଭୟଙ୍କ ବୟାନ ଆଧାରରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ପ୍ରୟାସ କରୁଛି।

## ଶ୍ରମିକଙ୍କୁ ଚାପଡରେ ହାଣିଲେ ଯୁବକ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ମଦ ପିଇବା ପରେ କୌଣସି କଥାକୁ ନେଇ ୨ ଶ୍ରମିକଙ୍କୁ ଚାପଡରେ ହାଣିଛନ୍ତି ଜଣେ ଯୁବକ। ଖଣ୍ଡଗିରି ଥାନା ଅନ୍ତର୍ଗତ ଆଇଗିଣିଆ ଛକରେ ଜାଗର ରାତିରେ ଏହି ଘଟଣା ଘଟିଛି। ଯୁବକଙ୍କ ଆକ୍ରମଣରେ ୨ଜଣ ଶ୍ରମିକ ଗୁରୁତର ଅବସ୍ଥାରେ ଏମ୍ସରେ ଭର୍ତ୍ତି ହୋଇଛନ୍ତି। ଆହତଦ୍ୱୟ ହେଲେ ଗଞ୍ଜାମ ଜିଲାର ମନୋଜ କୋଥିଆ ଓରଫ ବାୟା ଓ ସନ୍ତୋଷ ଡାକୁଆ। ଅଭିଯୋଗ ପରେ ପୋଲିସ ଏକ ହତ୍ୟା ଉଦ୍ୟମ ଦଫାରେ ମାମଲା ରୁଜୁ କରି ଆକ୍ରମଣକାରୀ ଯୁବକ କିଶୋର ବେହେରାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁସାରେ, ଆଇଗିଣିଆ ଛକରେ ସେକ୍ ଅସ୍‌ରଫ୍‌ଙ୍କ ଏକ ଚିକେନ ଦୋକାନ ରହିଛି। ଉକ୍ତ ଦୋକାନରେ କାମ ସରିଲା ପରେ ଆହତ ଶ୍ରମିକ ଦ୍ୱୟ ରାତିରେ ଶୋଇଥାନ୍ତି। ଅଭିଯୁକ୍ତ କିଶୋର ସାତଦିନ ହେବ ସେଠାରେ ଚିକେନ କଟା କାମ କରୁଥିଲେ। ଜାଗର ଦିନ ଦୋକାନ ବନ୍ଦ ଥିବାରୁ ମାଲିକଙ୍କ ଅନୁପସ୍ଥିତରେ

**ଫେରାରବେଳେ ଅଭିଯୁକ୍ତଙ୍କୁ କାବୁ କଲା ପୋଲିସ**

ଆହତ ଶ୍ରମିକଦ୍ୱୟ ଓ ଅଭିଯୁକ୍ତ ମିଶି ମଦ ପିଇଥିଲେ। ପରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଭିଯୁକ୍ତ କିଶୋର ଦୋକାନରେ ଥିବା ଚାପଡ ଆଣି ରାତି ସାଢେ ୧୦ଟାରେ ଶ୍ରମିକ ମନୋଜ ଓ ସନ୍ତୋଷଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏଥିରେ ଉଭୟଙ୍କ ମୁଣ୍ଡ ଓ କାନମୁଣ୍ଡାରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସେମାନଙ୍କ ଚିତ୍କାର ଶୁଣି ଆଖପାଖରେ ଥିବା ଲୋକେ ଘଟଣାସ୍ଥଳରେ ପହଞ୍ଚି ଆହତଦ୍ୱୟଙ୍କୁ ଉଦ୍ଧାର କରି ଏମ୍ସରେ ଭର୍ତ୍ତି କରିଥିଲେ। ଦୋକାନ ମାଲିକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ( ନଂ.୮୨/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଦ୍ୱୟ ବସ୍‌ରେ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସେମାନଙ୍କୁ ପାତ୍ରପଡା ଅଞ୍ଚଳରୁ କାବୁ କରିବାରେ ସକ୍ଷମ ହୋଇଥିଲା।

# 'ସମାଜ କଲ୍ୟାଣରେ ଦର୍ଶନଶାସ୍ତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଭୁବନେଶ୍ୱର,୧୯।୨:

ଆଇସିପିଆର୍ ଓ ଆଇସିୱାଇଆର୍‌ର ମିଳିତ ସହଯୋଗରେ ଉତ୍କଳ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗ ସମ୍ମିଳନୀ କକ୍ଷରେ ଏକ ୩ ଦିନିଆ ଅନ୍ତର୍ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଯୋଗ ଏବଂ ସାମାଜିକ ଦର୍ଶନ ଶୀର୍ଷକ ବିଷୟବସ୍ତୁ ଉପରେ ଉକ୍ତ କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ ବିଭିନ୍ନ ଅଧିବେଶନରେ ବର୍ତ୍ତମାନର ପରିବେଶ, ପରିସ୍ଥିତି ଓ

**ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ କର୍ମଶାଳା**

ଭୌଗୋଳିକ କାର୍ଯ୍ୟକଳାପ ସମ୍ପର୍କରେ ଆମନ୍ତ୍ରିତ ଅତିଥି ଓ ବକ୍ତାମାନେ ବିସ୍ତୃତ ଆଲୋକପାତ କରାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ସମେତ ସମ୍ମିଳନୀର ପ୍ରତିଷ୍ଠାତା ସଭାପତି ପ୍ରଫେସର ବାସବରାଜ ସିଦ୍ଧଶର୍ମା, ଜେନେରାଲ ପ୍ରେସିଡେଣ୍ଟ ପ୍ରଫେସର ଗଣେଶ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବର୍ତ୍ତମାନ ସମୟରେ ଦର୍ଶନ ଓ ଯୋଗ ଏବଂ ଆଧ୍ୟାତ୍ମିକତା କିଭଳି ସମାଜ କଲ୍ୟାଣ ପାଇଁ ନିତାନ୍ତ ଆବଶ୍ୟକ ସେ ସମ୍ପର୍କରେ ପ୍ରଫେସର ଆଚାର୍ଯ୍ୟ ବିସ୍ତୃତଭାବେ ବର୍ଣ୍ଣନା କରିଥିଲେ। ସେହିଭଳି ସମାଜ କଲ୍ୟାଣରେ ଦର୍ଶନଶାସ୍ତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସବିତା କହିଛନ୍ତି। ଅପରପକ୍ଷରେ ସମ୍ମିଳନୀର ସଂଯୋଜିକା ଡ. ନନ୍ଦିନୀ ମିଶ୍ର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ ସମ୍ମିଳନୀରେ ଶତାଧିକ ଛାତ୍ରୀଛାତ୍ର ଓ ଶିକ୍ଷାବିତ୍ ଅଂଶ ଗ୍ରହଣ କରିଥିଲେ।



ଉତ୍କଳ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଅନ୍ତର୍ଜାତୀୟ କର୍ମଶାଳାରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

# ପ୍ରଶାସନକୁ ଦାୟୀ କଲେ ସେବାୟତ

ପୁରୁଣା ଭୁବନେଶ୍ୱର, ୧୯।୨(ଡି.ଏନ୍.ଏ.):

ଶନିବାର ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜାଗରଯାତ୍ରା ସମ୍ପନ୍ନ ହୋଇଛି। ଚଳିତବର୍ଷ ମନ୍ଦିର ପ୍ରଶାସନ ପକ୍ଷରୁ ରାତି ୧୦ଟାରେ ମହାଦୀପ ଉଠିବା ନେଇ ସ୍ଥିର କରାଯାଇଥିଲା। ତେବେ ୩ ଘଣ୍ଟା ୮ ମିନିଟ୍ ବିଳମ୍ବ ଅର୍ଥାତ୍ ରାତି ୧ଟା ୮ରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠାଯାଇଥିଲା। ଏନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ମହାଦୀପ ଉଠିବା ବିଳମ୍ବ ନେଇ କେତେଜଣ ସେବାୟତ ମନ୍ଦିର ପ୍ରଶାସନକୁ ଦାୟୀ କରିଛନ୍ତି। ଶ୍ରୀଲିଙ୍ଗରାଜ ମନ୍ଦିରକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବାକୁ ରାଜ୍ୟ ସରକାର ୯୦୦ କୋଟି ଟଙ୍କାର ମେଗା ପ୍ରକଳ୍ପ କାର୍ଯ୍ୟ ଜାରି ରଖିଛନ୍ତି। ତେବେ ଏହି ପୀଠରେ ନୀତିନିର୍ଘଣ୍ଟର ବ୍ୟତିକ୍ରମକୁ ନେଇ କେତେଜଣ ମନ୍ଦିର ପ୍ରଶାସନକୁ ଦାୟୀ କରୁଥିବାବେଳେ ଅନେକେ ସେବାୟତଙ୍କୁ ଦାୟୀ କରିଛନ୍ତି।

ଏ ସମ୍ପର୍କରେ ବଡୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ କୁହନ୍ତି, ଉକ୍ତ ଦିନର ପାଳିଆ ପୂଜାପଣ୍ଡା ନୀତିନିର୍ଘଣ୍ଟ ପରିଚାଳନା

**ଲିଙ୍ଗରାଜ ମନ୍ଦିରରେ ବିଳମ୍ବରେ ମହାଦୀପ ଉଠିବା ପ୍ରସଙ୍ଗ**



କରିବାରେ ମନ୍ଥରତା କରିବାରୁ ଏହି ବିଳମ୍ବ ଘଟିଛି। ଯଦି ସେମାନଙ୍କର କୌଣସି ସମସ୍ୟା ଥିଲା ସେମାନେ ସବ୍ କମିଟିକୁ ନ ମାନିବା ଏବଂ ବୈଠକକୁ ନ ଆସିବା ବଡ଼ କାରଣ ପାଲଟିଛି। ସେହିପରି ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି, ଜାଗରଯାତ୍ରାରେ ଜଣେ ପାଳିଆ ସେବାୟତ ଠାକୁରଙ୍କ କାର୍ଯ୍ୟ ସମ୍ପାଦନ କରିବା ସମ୍ଭବ ନୁହେଁ। ଏଥିପାଇଁ ନିଯୋଗର ଅନ୍ୟ ସେବାୟତଙ୍କ ସହଯୋଗ ରହିବା ଦରକାର। ବର୍ଷ ବର୍ଷ ଧରି ଭେଟ ଆଳତି, ଡାଲା ଭୋଗ, ପଇତାଲାଗି, ଭିଆଇପି ଦର୍ଶନ ପରମ୍ପରା ଭଳି ସ୍ୱତ୍ତ୍ୱାଧିକାରରୁ ବଞ୍ଚିତ ଥିଲେ ହେଁ ପ୍ରଶାସନ ଏଥିରେ ଦିନ ଗଡ଼ାଇ ଚାଲିଛି। ଓଏଚ୍‌ଆରଇ ଆକ୍ଟ ଅନୁଯାୟୀ ସମସ୍ତ ସମସ୍ୟା ସମାଧାନ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଦେବୋତ୍ତର କମିଶନରଙ୍କ ଦ୍ୱାରା ବେଞ୍ଚ୍ ପ୍ରତିଷ୍ଠା କରାଯାଇ ପକ୍ଷମାନଙ୍କ ଶୁଣାଣି କରାଗଲେ ଏହାର ସ୍ଥାୟୀ ସମାଧାନ ହୋଇପାରିବ। ସେହିପରି ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି କୁହନ୍ତି, ଏଥିପାଇଁ ପ୍ରଶାସନ ସମ୍ପୂର୍ଣ୍ଣଭାବେ ଦାୟୀ। ବାରମ୍ବାର ଅଭିଯୋଗକୁ ସମାଧାନ ନ କରି ନୀରବ ରହିବା ପ୍ରଭାବ ଜାଗର ଯାତ୍ରାରେ ପଡ଼ିଥିଲା। ମନ୍ଦିର ପ୍ରଶାସନର ସମନ୍ୱୟ ରକ୍ଷା କରିବାରେ ଆନ୍ତରିକତା ନ ଥିବାରୁ ଏହି ଘଟଣା ଘଟୁଛି। ଅନ୍ୟପକ୍ଷରେ ବିଳମ୍ବରେ ମହାଦୀପ ଉଠିବା ପ୍ରସଙ୍ଗରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ପ୍ରସାଦ ମିଶ୍ରଙ୍କୁ ପଚାରିବାରୁ ସେ ଘଟଣାକୁ ଏଡ଼ାଇ ଦେଇଥିଲେ।

## ବୁଢ଼ୀ ମଙ୍ଗଳା କ୍ଲବ୍‌ର ସାଧାରଣ ସଭା

କଟକ ଅଫିସ: ମଙ୍ଗଳାବାଗ ଥାନା ଅଧୀନ ମଲାସାହିସ୍ଥିତ ପୁରୁଣା ଗଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବୁଢ଼ୀ ମଙ୍ଗଳା କ୍ଲବର ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷ୍ଣ ଦାସ ବୋଷ, ସିରିଧର ମାଝୀ, ଆଡ୍‌ଭୋକେଟ ଅଶ୍ୱିନୀ ମହାରଣା, ଅଶୋକ ମହାରଣା, ଚନ୍ଦ୍ରଶେଖର ବେହେରା, ସୁବାସ ତ୍ରିପାଠୀ, ଦୋଲଗୋବିନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କ୍ଲବ୍‌ର ସଭାପତି ଭାବେ ଆଡଭୋକେଟ ସଞ୍ଜୟ କୁମାର ସାହୁ, ସମ୍ପାଦକ ଭାବେ ସଞ୍ଜୟ ସାହୁ ଓ କୋଷାଧ୍ୟକ୍ଷ ଭାବେ ସରୋଜ କାହାଳିଙ୍କୁ ଚୟନ କରାଯାଇଥିଲା। ଦେବେନ୍ଦ୍ର ଦଳାଇ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### କିଶୋର ନଗର କଲେଜରେ ବାଣିଜ୍ୟ ବିଭାଗ ଖୋଲିବା ପାଇଁ ଦାବି

**କଟକ ସଦର,୧୯।୨(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର କଲେଜରେ ଯୁକ୍ତ ୨ ଶ୍ରେଣୀରେ ବାଣିଜ୍ୟ ବିଭାଗ ଖୋଲିବା ପାଇଁ ଦାବି ହେଉଛି। ଏହି କଲେଜରେ ଛାତ୍ରୀଛାତ୍ରମାନେ କଳା ଓ ବିଜ୍ଞାନରେ ପଢୁଥିବାବେଳେ ବାଣିଜ୍ୟ ବିଷୟରେ ପାଠ ପଢ଼ିବାର ସୁଯୋଗ ନାହିଁ। ତେଣୁ ଏଠାରେ ବାଣିଜ୍ୟ ବିଭାଗ ଶୀଘ୍ର ଖୋଲିବା ପାଇଁ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍କଳ ବିକାଶ ପରିଷଦ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ଏକ ଦାବିପତ୍ର ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। ଦୀର୍ଘ ୪୦ ବର୍ଷର ଏହି କଲେଜରେ ଉକ୍ତ ବିଭାଗ ନ ଖୋଲିବା ଦୁର୍ଭାଗ୍ୟଜନକ ବୋଲି ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ କହିଛନ୍ତି। ଏହାଛଡା ଡିଗ୍ରୀ ସ୍ତରରେ ମଧ ଅଧାପକ ପଦବୀ ଖାଲି ରହିଛି। ଓଡ଼ିଆ, ଶିକ୍ଷା, ଇଂଲିଶ, ରାଜନୀତି ବିଜ୍ଞାନ ବିଭାଗରେ ଅଧାପକ ପଦବୀ ଖାଲି ରହିଛି। ଏପରି କି ୨ଟି କିରାଣି ପଦବୀ ମଧ ଖାଲି ପଡିଛି। ପାଠପଢ଼ା ଜାରି ରଖିବା ପାଇଁ କଲେଜ ପରିଚାଳନା ମଣ୍ଡଳୀ ପକ୍ଷରୁ ଚୁକ୍ତିଭିତ୍ତିକ ଅଧାପକଙ୍କୁ ନିଯୁକ୍ତି ଦିଆଯାଇଛି। ତେଣୁ ଉଚ୍ଚଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

### ବଟେଶ୍ୱର ପୀଠରେ ଜାଗର ଯାତ୍ରା

**ଫୁଲନଖରା,୧୯।୨(ଡି.ଏନ୍.ଏ.):** ପାହାଳ ଥାନା ଅନ୍ତର୍ଗତ ପଞ୍ଚବଟୀସ୍ଥିତ ବଟେଶ୍ୱର ପୀଠରେ ଜାଗରଯାତ୍ରା ପାଳିତ ହୋଇଯାଇଛି। ଏଠାରେ ରାତି ୧୧ରେ ମହାଦୀପ ଉଠିଥିଲା। ଏହି ଉପଲକ୍ଷେ ମନ୍ଦିର କମିଟି ପକ୍ଷରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ମାଗୁଣି ସାହୁ, ମହେଶ୍ୱର ଦାଶ, ଧୀରେନ ସାହୁ, ମୁରଲୀଧର ସାହୁ, ଗଣେଶ ଚନ୍ଦ୍ର ସାହୁ, ସୁଦର୍ଶନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗ୍ରାମ କମିଟି ସଦସ୍ୟଙ୍କ ପରଲୋକ

**ଖୁଣ୍ଟୁଣୀ,୧୯।୨(ଡି.ଏନ.ଏ):** ଖୁଣ୍ଟୁଣୀସ୍ଥିତ ରାଧାଦାମୋଦରପୁର(କଣ୍ଟାବନ୍ଧ) ଧବଳେଶ୍ୱର ପଲିଟେକ୍‌ନିକ୍ ଓ ଶିଳ୍ପ ତାଲିମ କେନ୍ଦ୍ରର ବରିଷ୍ଠ ସଂଯୋଜକ ତଥା ରାଧାଦାମୋଦରପୁର ଗ୍ରାମ କମିଟି ସଦସ୍ୟ ଶରତ କୁମାର ରାଉତ(୫୭)ଙ୍କ ସୋମବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସକାଳେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଧବଳେଶ୍ୱର ପଲିଟେକ୍‌ନିକ୍ ଅନୁଷ୍ଠାନର ଅଧକ୍ଷ ସୁବ୍ରତ କୁମାର ଦାସଙ୍କ ସହଯୋଗରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କ ମରଶରୀରକୁ ରାଧାଦାମୋଦରପୁରସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ଡିଆଇପି ଓ ଡିଆଇଟିସି ପରିଚାଳନା ଟ୍ରଷ୍ଟର ଅଧକ୍ଷ ଇଂ. ସୁବ୍ରତ ଦାସ, ପ୍ରିନ୍ସିପାଲ ଦେବକୀ ନନ୍ଦନ ମହାନ୍ତି, ପ୍ରଶାସନିକ ଅଧିକାରୀ ରମଣୀ ରଞ୍ଜନ ନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ବସନ୍ତ ନାୟକ, ସୁନୀଲ କୁମାର ମହାନ୍ତି, ସରପଞ୍ଚ ବିନୋଦ କୁମାର ମାଝୀ, ସମିତିସଭ୍ୟ ବିଧାନ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ପୁତ୍ର ସ୍ୱପ୍ନଜିତ ରାଉତ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ରାଉତ ଡିଆଇଟିସି ଓ ଡିଆଇପିର ଲୋକ ସମ୍ପର୍କ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଏଥିସହ ସେ ଜଣେ ମିଷ୍ଟଭାଷୀ ଓ ସ୍ପଷ୍ଟବାଦୀ ବ୍ୟକ୍ତି ଥିଲେ।

# ‘ମିନି ବାଲିଯାତ୍ରାର ରୂପ ନେବ ଶିଶିର ମେଳା’

**କଟକ ଅଫିସ, ୧୯।୨**

କଟକର ନୂଆ ପରିଚୟ ସୃଷ୍ଟି କରିବ ବାରବାଟୀ ଶିଶିର ମେଳା। ଏଠାରେ ଅନେକ ସମୟରେ ଯାନିଯାତ୍ରା ଲାଗି ରହିଥାଏ। ଶିଶିର ମେଳା ଏବେ ସେଥିରେ ଯୋଡ଼ି ହୋଇଯାଇଛି। ଆଗାମୀ ଦିନରେ ଏହା ମିନି ବାଲିଯାତ୍ରାର ରୂପ ନେବ ବୋଲି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ କହିଛନ୍ତି। କଟକ ବାଲିଯାତ୍ରା ଉପର ପଡ଼ିଆରେ ବାରବାଟୀ ଶିଶିର ମେଳା ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମେୟର ସିଂ ଯୋଗଦେଇ କହିଥିଲେ, ହକି ବିଶ୍ୱକପ୍ ଉଦ୍‌ଘାଟନୀ ସମାରୋହ କଟକକୁ ବିଶ୍ୱରେ ପରିଚିତ କରିଛି। ଆଗାମୀ ଦିନରେ ରାଜ୍ୟ ସରକାର କଟକବାସୀଙ୍କୁ ଅନେକ ପ୍ରକଳ୍ପ ଭେଟିଦେବାକୁ ଯାଉଛନ୍ତି। ଜାଇକା, ନୂଆ ବସଷ୍ଟାଣ୍ଡ, ତାଳଦଣ୍ଡା ସମ୍ପ୍ରସାରଣ ଓ ବୋଟିଂ ବ୍ୟବସ୍ଥା, କାଠଯୋଡ଼ିରେ ନୂଆ ସେତୁ, ରିଂରୋଡ ସମ୍ପ୍ରସାରଣ, ୪୨୩ ଏକର ଜାଗାରେ ଉନ୍ନତୀକରଣଠାରୁ ଆରମ୍ଭ କରି ଅନେକ ପ୍ରକଳ୍ପ ସହରର ରୂପ ବଦଳାଇବ। ନୌବାଣିଜ୍ୟ ପରମ୍ପରା ସ୍ମୃତିକୁ ନେଇ ବାଲିଯାତ୍ରା ଅନୁଷ୍ଠିତ ହେଉଛି। ଶିଶିର ମେଳାରେ ବାଣିଜ୍ୟ ପସରା ନିଶ୍ଚିତ ଭାବେ ଆଗକୁ ବଢ଼ିବ। ଏଥିପାଇଁ ଉଦ୍ୟୋକ୍ତାମାନଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ସେ କହିଥିଲେ।


ବାରବାଟୀ ଶିଶିର ମେଳାର ଉଦ୍‌ଘାଟନୀ ସଭାରେ ଉପସ୍ଥିତ ଅତିଥିବୃନ୍ଦ।


ବାଲିଯାତ୍ରା ପଡିଆରେ ଖୋଲିଥିବା ଷ୍ଟଲରୁ ଲୋକମାନେ ଖାଦ୍ୟ ସାମଗ୍ରୀ କିଣୁଛନ୍ତି।

ଶିଶିର ମେଳା କମିଟି ସଭାପତି ତଥା ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ କହିଥିଲେ, ବାରବାଟୀ ଶିଶିର ମେଳା ବ୍ୟବସାୟୀଙ୍କ ପାଇଁ ସୁଯୋଗ ଆଣିଦେଇଛି। ଏଭଳି ମେଳା ହେବା ଦ୍ୱାରା କଟକବାସୀ ବୁଲାବୁଲିର ସୁଯୋଗ ପାଉଛନ୍ତି। ସେହିପରି ଅନ୍ୟତମ ଅତିଥି ଭାବେ ଡିସିପି ପିନାକ ମିଶ୍ର ଯୋଗଦେଇ କହିଥିଲେ, ପ୍ରତ୍ୟେକ ମାସରେ କଟକରେ ମେଳା ଲାଗି ରହିଥାଏ। ଏହି ମେଳା ନିଶ୍ଚିତ ଭାବେ ମହାଦ୍ରୁମରେ ପରିଣତ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

### ବାରବାଟୀ ଶିଶିର ମେଳା ଉଦ୍‌ଘାଟିତ

ଓସ୍‌ମେର ସାଧାରଣ ସମ୍ପାଦକ ସାତ୍ତ୍ୱିକ ସ୍ୱାଇଁ କହିଥିଲେ, ଏହି ମେଳା ଦ୍ୱାରା ଗ୍ରାହକ ଓ ବ୍ୟବସାୟୀ ଲାଭବାନ୍ ହେବେ। ବାଲିଯାତ୍ରା ଉପର ପଡ଼ିଆରେ ଏକ ସ୍ଥାୟୀ ଏକ୍ସପୋଜର କରିବାକୁ ସେ ସିଏମ୍‌ସିକୁ ପ୍ରସ୍ତାବ ଦେଇଥିଲେ। ମେଳାର ମୁଖ୍ୟ ସଂଯୋଜକ ନୀହାର ପଟ୍ଟନାୟକ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ମେଳାକୁ ସଫଳ କରିବାକୁ ସହରବାସୀଙ୍କୁ ନିବେଦନ କରିଥିଲେ। ସାମାଜିକ କର୍ମୀ ତଥା ମେଳାର ଉପଦେଷ୍ଟା ପ୍ରଫୁଲ୍ଲ ସିଂ ସ୍ୱାଗତ ଭାଷଣ ଦେଇଥିଲେ। ଉଦ୍ୟୋଗପତି ପରେଶ ସାହୁ, ମେଳା ଆୟୋଜନ କମିଟିର ଅନ୍ୟତମ ସଂଯୋଜକ ତ୍ରିଲୋଚନ ମହାନ୍ତି, ଦୀପକ ଦେଓ, ରାନା ରଏ ପ୍ରମୁଖ ଉପସ୍ଥିତ ଥିଲେ। ନେକ୍ସସ୍‌ର ଏମ୍‌ଡି ପୀୟୂଷ ମହାନ୍ତି ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ଏହି ମେଳା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ୩୦୦ ଷ୍ଟଲ ପଡ଼ିଛି। ରାଜ୍ୟର କୋଣଅନୁକୋଣର ବ୍ୟବସାୟୀମାନେ ଏଥିରେ ଯୋଗଦେଇଛନ୍ତି।

## ପ୍ରାଇଭେଟ୍ ହୋମିଓପାଥିକ ପ୍ରାକ୍ଟିଶନର ଆସୋସିଏଶନର୍ ସମ୍ମିଳନୀ

**କଟକ ଅଫିସ,୧୯।୨**

ପ୍ରାଇଭେଟ୍ ହୋମିଓପାଥିକ ପ୍ରାକ୍ଟିଶନର ଆସୋସିଏଶନ ପକ୍ଷରୁ ବଜ୍ରକବାଟି ରୋଡ୍‌ସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ନେତ୍ରାନନ୍ଦ ଭୋଇ ଅଧ୍ୟକ୍ଷତା କରି ଓଡ଼ିଶାର ଗ୍ରାମାଞ୍ଚଳରେ କାର୍ଯ୍ୟରତ ହୋମିଓପାଥିକ ପ୍ରାକ୍ଟିଶନରମାନଙ୍କ ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ବରୁ ହୋମିଓପାଥିକ ପ୍ରାକ୍ଟିଶନରମାନେ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ହୋଇ ନିରବଚ୍ଛିନ୍ନ ଭାବେ ଜନସାଧାରଣଙ୍କୁ ସେବା ଯୋଗାଇ ଆସୁଥିଲେ। ଏହି ପ୍ରକ୍ରିୟା ଅନ୍ୟ ରାଜ୍ୟରେ ପ୍ରଚଳିତ ରହିଛି। ହେଲେ ଆମ ରାଜ୍ୟରେ ତାହାକୁ ୨୦୧୪ରୁ ନିଷେଧ ଘୋଷଣା କରାଯାଇଛି। ଫଳରେ ସେବା କାର୍ଯ୍ୟରେ ନିୟୋଜିତ ଚିକିତ୍ସକମାନେ ସେମାନଙ୍କର ଜୀବିକା ହରାଇ ପରିବାର ପ୍ରତିପୋଷଣ କରିପାରୁନାହାନ୍ତି। ସରକାର ଏ ଦିଗରେ ଦୃଷ୍ଟିଦେଇ ସେମାନଙ୍କୁ ପୁନର୍ବାର ସେବା କରିବାର ଅନୁମତି ଦେବାକୁ ସଂଘ ପକ୍ଷରୁ ଦାବି ହୋଇଛି। ଏଥିରେ ସଂଘ ଉପସଭାପତି ଜଗନ୍ନାଥ ଦାଶ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ବାରିକ, କୋଷାଧ୍ୟକ୍ଷ ମହିନ୍ଦ୍ର କୁମାର ସାହୁ, ମୁଖ୍ୟ ଉପଦେଷ୍ଟା ଡା. ପ୍ରଦୀପ ରାଓ, ଆଇନ ଉପଦେଷ୍ଟା ରମଣୀକାନ୍ତ ପଟ୍ଟନାୟକ ଓ ଉପଦେଷ୍ଟା ନିହାର ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।



କଟକ ଶ୍ରୀରାମଚନ୍ଦ୍ର ଭବନରେ କବି ମନ୍ମଥ ନାଥ ବରାଳଙ୍କ ରଚିତ କବିତା ପୁସ୍ତକ ‘ତଟ ବୃନ୍ଦାବନ’କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

## ଦୋକାନ ଜଳିଗଲା

**ମଙ୍ଗୁଳି–ଜଗତପୁର,୧୯।୨(ଡି.ଏନ.ଏ.)**

ଟାଙ୍ଗୀ ଥାନା ଅଧୀନ ବନ୍ଦଳାଗଡା ନିକଟରେ ଥିବା ସ୍ଥାନୀୟ ଅଞ୍ଚଳର ବୀରବର ରାଉତଙ୍କ ଦୋକାନ ଶନିବାର ରାତିରେ ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ଦୋକାନରେ ଥିବା ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ବୀରବର ରାତିରେ ଦୋକାନ ବନ୍ଦ କରିବାବେଳେ ହଠାତ୍ ଭିତରେ ନିଆଁ ଲାଗି ଯାଇଥିଲା। ଖବରପାଇ ଟାଙ୍ଗୀ ପୋଲିସ ଓ ଚୌଦ୍ୱାର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ରେଭେନ୍‌ଶା ଇତିହାସ ବିଭାଗର ଆଲୁମ୍‌ନି ମିଟ୍

**କଟକ ଅଫିସ,୧୯।୨**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ଆଲୁମ୍‌ନି ମିଟ୍ ରବିବାର ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ଉମାକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଫେସର ତୀର୍ଥ ପ୍ରକାଶ ଜେନା, ଲକ୍ଷ୍ମୀକାନ୍ତ ମିଶ୍ର, ଚଣ୍ଡୀ ପ୍ରସାଦ ନନ୍ଦ, ପ୍ରିୟଦର୍ଶୀ କର, ପ୍ରଫେସର ହେମନ୍ତ କୁମାର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୁଳପତି ନାୟକଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ବିଭାଗର ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୦୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଇତିହାସ ଆଲୁମ୍‌ନି ସଂଘର ସଭାପତି ଭାବେ ଡ. ବିକ୍ରମ କେଶରୀ ଜେନା, ଉପ ସଭାପତି ଡ. ସାମୁଏଲ୍ ଲିମା, ଡ. ବିପ୍ଳବ ଶିଳାଦିତ୍ୟ, ରଜତ କାନ୍ତ ଦାଶ, ସମ୍ପାଦକ ଭାବେ ଡ. କମଳ ପ୍ରସାଦ ମହାନ୍ତି, ଯୁଗ୍ମ ସମ୍ପାଦକ ଭୋଳନାଥ ନାୟକ, ପୂଜାରାଣୀ ପରିଡ଼ା, କୋଷାଧ୍ୟକ୍ଷ ଭାବେ ପ୍ରଫେସର ଉମାକାନ୍ତ ମିଶ୍ରଙ୍କ ସମେତ ପ୍ରତ୍ୟେକ ବ୍ୟାଚ୍ ପାଇଁ ଜଣେ ଲେଖାଏ ସଂଯୋଜକ ନିର୍ବାଚିତ ହୋଇଥିଲେ। ଆଲୁମ୍‌ନି ସଂଘ ଦ୍ୱାରା ବର୍ଷତମାମ ହେବାକୁ ଥିବା ବିଭିନ୍ନ ସେମିନାର, ଜର୍ନାଲ ଓ କର୍ପସ ଫଣ୍ଡ ସମ୍ପର୍କରେ ଆଲୋଚନା ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଭବିଷ୍ୟତରେ ରେଭେନ୍‌ଶା ଇତିହାସ ଆଲୁମ୍‌ନି ସଂଘ ଗବେଷଣା ଧର୍ମୀ କାର୍ଯ୍ୟକ୍ରମ କରିବ ବୋଲି ରୁଦ୍ର ନାରାୟଣ ଦାଶ ସୂଚନା ଦେଇଛନ୍ତି।



କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ୧୯୮୫ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ

**ଫୁଲନଖରା,୧୯।୨(ଡି.ଏନ୍.ଏ.)**

କଟକ ସଦର ଥାନା ଅନ୍ତର୍ଗତ ଶଙ୍ଖତ୍ରାସ ହାଇସ୍କୁଲ ୧୯୮୫ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ଏହି ଅବସରରେ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟ ଅତିଥି ଭାବେ କଟକ ଶିଶୁଭବନର ପ୍ରଫେସର କେଦାର ନାଥ ଦାସ ଯୋଗଦେଇ ଛାତ୍ରୀଛାତ୍ର ଭାଗବତ ଗୀତାର ସାରାଂଶ ବୁଝାଇଥିଲେ। କଣ୍ଠଶିଳ୍ପୀ ପ୍ରମୋଦ ରାଉତରାୟ, ଚିନୁ ରାଉତ, ସୌମ୍ୟଶ୍ରୀ ରାଉତ ଯୋଗ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ରବୀନ୍ଦ୍ର ନାଥ ରାଉତ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସନ୍ତୋଷ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରମୋଦ ଲେଙ୍କା, କୈଳାସ ମୁଦୁଲି, ଗଜେନ୍ଦ୍ର ଜେନା, ଅଜୟ ମୂଳିଆ, ନିରଞ୍ଜନ ସାହୁ, ଅରବିନ୍ଦ ଜେନା ସହଯୋଗ କରିଥିଲେ।

## ‘ପୃଥିବୀରେ ମାନବିକ ମୂଲ୍ୟବୋଧ ଅବକ୍ଷୟ ହେଉଛି’

**କଟକ ଅଫିସ,୧୯।୨**

ମଧୁପାଟଣାସ୍ଥିତ ଲିଙ୍କ୍ ଆଇ ହସ୍ପିଟାଲ ଆଣ୍ଡ୍ ରିସର୍ଚ୍ଚ ସେଣ୍ଟର ପରିସରରେ ବସୁଧୈବ କୁଟୁମ୍ବକମ୍ ମିଶନର ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଭାଗୀରଥି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଡ. ସତ୍ୟ ରାୟ ଉଦ୍‌ଘାଟନ କରି କହିଲେ, ସମଗ୍ର ପୃଥିବୀରେ ମାନବିକ ମୂଲ୍ୟବୋଧର ଅବକ୍ଷୟ ହୋଇ ଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି। ମୁଖ୍ୟ ଅତିଥି ଭାବେ ଉତ୍କଳ ଗାନ୍ଧୀ ସ୍ମାରକନିଧିର ସମ୍ପାଦକ ଜୟନ୍ତ କୁମାର ଦାସ କହିଥିଲେ, ପୁରାଣ ଯୁଗରୁ ଆଧୁନିକ ସଭ୍ୟତା ପର୍ଯ୍ୟନ୍ତ ମଣିଷ ସମାଜ କ୍ରମେ କଳୁଷିତ ହୋଇଚାଲିଛି। ସମ୍ମାନିତ ଅତିଥି ଡ. ସେକ୍ ଫଜଲ ଅଲ୍ଲି କହିଥିଲେ, ମଣିଷ ପ୍ରଥମେ ଅହଂଭାବକୁ ପରିହାର କରିବା ଅପରିହାର୍ଯ୍ୟ। ଅନୁଷ୍ଠାନର ସମ୍ପାଦକ ଶରତ ଚନ୍ଦ୍ର ରଥ ଅତିଥି ପରିଚୟ ଓ ଡ. ବିଦ୍ୟୁତ୍‌ପ୍ରଭା ମିଶ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଅକ୍ଷୟ କୁମାର ମିଶ୍ର, ମହେନ୍ଦ୍ର କୁମାର କାୟସ୍ଥ, ବିଜୟ କୁମାର ପଣ୍ଡା, ଆଲୋକ କୁମାର ସାହୁ, ନୀହାର ରଞ୍ଜନ ପରିଡ଼ା, ଲୋପାମୁଦ୍ରା ମେର୍କାପ ଉପସ୍ଥିତ ଥିଲେ।



ବସୁଧୈବ କୁଟୁମ୍ବକମ୍ ମିଶନ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ପାୟୋନିୟର ଟିମ୍ ବିଜୟୀ

**ଚୌଦ୍ୱାର,୧୯।୨(ଡି.ଏନ୍.ଏ.)**

ଟାଙ୍ଗୀ–ଚୌଦ୍ୱାର ବ୍ଲକ୍ ଅଧୀନ ଶଙ୍କରପୁର ଗ୍ରାମ ଖେଳପଡ଼ିଆରେ ୧୨ତମ ଆନ୍ତଃଜିଲ୍ଲା ବିଜୁ ପଟ୍ଟନାୟକ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରମୋଦିନୀ ଖଟୁଆ ଓ ଶିକ୍ଷାବିତ୍ ବୈଷ୍ଣବ ଚରଣ ମହାରଣା ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ଢେଙ୍କାନାଳର କସ୍‌ମସ୍ ଟିମ୍ ଓ ପୁରୀର ପାୟୋନିୟର ଟିମ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ହୋଇଥିଲା। କସ୍‌ମସ୍ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଳାସ ରାଉତ ସର୍ବାଧିକ ୩୪ ରନ୍ ସଂଗ୍ରହ କରିଥିଲେ। ଜବାବରେ ପାୟୋନିୟର ଟିମ୍ ୬ ଉଇକେଟ ହରାଇ ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ରାଜେଶ ବେହେରା ସର୍ବାଧିକ ୪୧ ରନ୍ କରିଥିଲେ। ସେହିପରି ସୁମିତ୍ ମିଶ୍ର ୩୧ ରନ୍ ସଂଗ୍ରହ କରିବା ସହିତ ୩ଟି ଉଇକେଟ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ସୁନୀଲ ଚନ୍ଦ୍ର ରାଉତ, କାମଦେବ ପ୍ରଧାନ, ଜାଫର ଅଲ୍ଲୀ ସାହା, ଶୀର୍ଷାନନ୍ଦ ବେହେରା, ରଞ୍ଜନ ପରିଡା, କାହ୍ନୁ ଚରଣ ଓଝା, ଅଭିରାମ ଲେଙ୍କା, ରମେଶ ହାତୀ, ପ୍ରକାଶ ମାଝୀ ଓ ପି. ଜିତେନ୍ଦ୍ର କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରବିବାର କଟକ ଟାଉନ୍ ହଲ୍‌ରେ ଓଡ଼ିଶା ମୋସନ ପିକ୍‌ଚର୍ ଟେକ୍‌ନିସିଆନସ୍ ଆଣ୍ଡ୍ ୱାର୍କର୍ସ ଆସୋସିଏଶନର ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିବୃନ୍ଦ।

## ‘ପୂଜ୍ୟପୂଜା ଭାରତୀୟ ସଂସ୍କୃତି, ପରମ୍ପରାର ପ୍ରତୀକ’

**କଟକ ଅଫିସ,୧୯।୨**

ଗୁରୁ ଗୋପୀନାଥ ବେହେରା ଫାଉଣ୍ଡେଶନ ପକ୍ଷରୁ ପୂଜ୍ୟପୂଜା ଉତ୍ସବ କଟକ କଳାବିକାଶ କେନ୍ଦ୍ରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ ଏହାକୁ ଉଦ୍‌ଘାଟନ କରି ପୂଜ୍ୟପୂଜା ଭାରତୀୟ ସଂସ୍କୃତି ଓ ପରମ୍ପରାର ପ୍ରତୀକ ବୋଲି କହିଥିଲେ। ସମ୍ମାନିତ ଅତିଥି ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ଅତିରିକ୍ତ ସଚିବ ମଧୁସୂଦନ ଦାସ ଯୋଗଦେଇ କହିଥିଲେ, ଗୁରୁଙ୍କୁ ଉପଯୁକ୍ତ ସମ୍ମାନ ଦେବା ଶିଷ୍ୟଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ। ଅନ୍ୟତମ ଅତିଥି ଆଇନଜୀବୀ ଭାଗିରଥି ଦାସ, ତବଲା ଗୁରୁ ଗୋପୀନାଥ ବେହେରା, ଡ. ଅରୁଣ କୁମାର ସାହୁ ଗୁରୁଶିଷ୍ୟ ପରମ୍ପରାରେ ପୂଜ୍ୟପୂଜାର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ତବଲା ବାଦକ କିଶୋର କୁମାର ସାହୁଙ୍କୁ ଜୟକୃଷ୍ଣ କାହାଳି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ବିଶ୍ୱନାଥ ମିଶ୍ର ସ୍ୱାଗତ ଭାଷଣ ଓ ସର୍ବେଶ୍ୱର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଷ୍ଟେଟ୍‌ବ୍ୟାଙ୍କର ପୂର୍ବତନ ସାଧାରଣ ସମ୍ପାଦକ ଜ୍ୟୋତିଭୂଷଣ ମହାପାତ୍ରଙ୍କ ସମେତ ଅତିଥିମାନେ ପୁରସ୍କୃତ କରିଥିଲେ। ଗୁରୁ ଗୋପୀନାଥ ବେହେରାଙ୍କ ଜୟନ୍ତୀ ଅବସରରେ ତାଙ୍କ ଛାତ୍ରମାନେ ଗୁରୁ ପୂଜନ କରିଥିଲେ। ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀ ଶାନ୍ତନୁ ଭଟ୍ଟାଚାର୍ଯ୍ୟ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ।



ପୂଜ୍ୟପୂଜା ଉତ୍ସବରେ ତବଲା ବାଦକ କିଶୋର କୁମାର ସାହୁଙ୍କୁ ଜୟକୃଷ୍ଣ କାହାଳି ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

### ଗୁରୁ ଗୋପୀନାଥ ବେହେରା ଫାଉଣ୍ଡେଶନର ପୂଜ୍ୟପୂଜା ଉତ୍ସବ

## ସଂକ୍ଷେପରେ

### ହାତୁଡ଼ିରେ ହତ୍ୟା: ଅଭିଯୁକ୍ତ ଶ୍ରମିକ ଗିରଫ

**ପୁରୀ ଅଫିସ, ୧୯।୨:** ଲୁହା ହାତୁଡ଼ିରେ ଆକ୍ରମଣ ଦ୍ୱାରା ହତ୍ୟା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ରବିବାର ଅଭିଯୁକ୍ତ ଶ୍ରମିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ ତାଳବଣିଆ ଥାନା ଅନ୍ତର୍ଗତ ମଧୁବନରେ ରହୁଥିବା ବ୍ରହ୍ମଗିରି ଅଞ୍ଚଳର ଜଗନ୍ନାଥ କାଣ୍ଡି (୩୮)। ପୋଲିସ ତାଙ୍କଠାରୁ ଲୁହାହାତୁଡି ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୪୦/୨୩) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ୧୬ ତାରିଖରେ ପି .ସେକ୍ ଥାନାକୁ ଆସି ଅଭିଯୋଗ କରିଥିଲେ ଯେ, ତାଙ୍କର ସମ୍ପର୍କୀୟ କମଲ ସେକ୍ ପଶ୍ଚିମବଙ୍ଗ ବାସିନ୍ଦା ହୋଇଥିବା ବେଳେ ସେ ପୁରୀ ମଧୁବନ ଲେନ୍‌ରେ ରହୁଛନ୍ତି। ସେ ସମୁଦ୍ରକୂଳ ଅଞ୍ଚଳରେ କାମ କରୁଥିବା ସମୟରେ ତାଙ୍କର ଓ ଅଭିଯୁକ୍ତ ଜଗନ୍ନାଥଙ୍କ ମଧ୍ୟରେ କୌଣସି କଥାକୁ ନେଇ କଥା କଟକଟି ହୋଇଥିଲା। ଜଗନ୍ନାଥ ରାଗିଯାଇ ଏକ ହାତୁଡ଼ିରେ ତାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଏଥିରେ କମଲ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ରାମଚରିତ ମାନସ ପାରାୟଣ ଉଦ୍‌ଯାପିତ

**କଣାସ,୧୯।୨(ସ୍ୱ.ପ୍ର):** କଣାସ ବ୍ଲକର କଣାସ ଗ୍ରାମର ପ୍ରତିଷ୍ଠିତ ଆରାଧ ଠାକୁର ବାବା ଲୋକନାଥ ଦେବଙ୍କ ପୀଠରେ ୫ଦିନ ଧରି ଶ୍ରୀରାମ ଚରିତମାନସ ପାରାୟଣ, ଘୃତଆହୂତି, ଦେବଯଜ୍ଞ ଓ ସନ୍ଧ୍ୟା ପ୍ରବଚନ ଅନୁଷ୍ଠିତ ହୋଇଯାଇଛି। ୫ ଦିନ ଧରି ସୁବାଧିବାସ, କଳସଯାତ୍ରା, ପାରାୟଣ ଆରମ୍ଭ, ଶ୍ରୀବିଗ୍ରହ ପ୍ରାଣ ପ୍ରତିଷ୍ଠା, ଷୋଡ଼ଶହ ଉପଚାର ପୂଜା, ପୂର୍ଣ୍ଣାହୁତି କାର୍ଯ୍ୟ ସହିତ ହନୁମାନ ଚାଳିଶା ପାଠ, ଏକାଦଶସ୍କନ୍ଧ ପାଟ, ଲକ୍ଷ୍ମୀପୁରାଣ ପାଠ, ମହାମୃତ୍ୟୁଞ୍ଜୟ ପାଠ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ନାରାୟଣ ଦାଶ, ପଣ୍ଡିତ ପ୍ରଦୀପ୍ତ ଦାଶ, ପଣ୍ଡିତ ପ୍ରମୋଦ ନାୟକ, ପ୍ରଶାନ୍ତ ଚାନ୍ଦ ଖୋର୍ଦ୍ଧା ପ୍ରବକ୍ତା ଭାବେ ଯୋଗଦେଇ ପ୍ରବଚନ ପାଠ କରିଥିଲେ। ବ୍ୟାସ ଭାବେ ବିରଞ୍ଚି ଦାଶ ଓ ମୁଖ୍ୟ ପୁରୋଧା ଭାବେ ପ୍ରକାଶ ଚନ୍ଦ୍ର ପ୍ରହରାଜ ଯୋଗଦେଇଥିବା ବେଳେ ଲୋକନାଥ ସେବା ପରିଷଦର କର୍ମକର୍ତ୍ତା ଓ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଗୋଚର ଜମି ଜବରଦଖଲ: ସଙ୍କଟରେ ପ୍ରାଣୀ ସମ୍ପଦ

**କଣାସ,୧୯।୨(ସ୍ୱ.ପ୍ର.)**

ପୁରୀ ଜିଲା ଚିଲିକା ଉପକୂଳରେ ଅବସ୍ଥିତ କଣାସ ବ୍ଲକରେ ଗୋଚରଜମି ଜବରଦଖଲ ହୋଇଥିବାବେଳେ ପଶୁଙ୍କ ପାଇଁ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ଫଳରେ ବ୍ଲକରେ ଦିନକୁ ଦିନ ପ୍ରାଣୀଙ୍କ ମୃତ୍ୟୁ ଘଟୁଛି ଏବଂ ପ୍ରାଣୀ ସମ୍ପଦ କମି ଯାଉଥିବାରୁ ଘୋର ସଙ୍କଟ ଦେଖାଦେଇଛି। ଅନୁସନ୍ଧାନରୁ ଜଣାପଡିଛି, କଣାସ ବ୍ଲକର ୨୮ଟି ପଞ୍ଚାୟତରେ ୧୩୯ଟି ରାଜସ୍ୱ ଗ୍ରାମ ଓ ୧୦୮ପଡାଗ୍ରାମରେ ୪୫୪୩ ହେକ୍ଟର ପୂର୍ବରୁ ଅନାବାଦୀ ଓ ଗୋଚରଜମି ପ୍ରାଣୀମାନଙ୍କ ଚରିବା ପାଇଁ ଥିଲା। ହେଲେ ପ୍ରଶାସନର ଉଦାସୀନତା ଯୋଗୁଁ ଏହି ଗୋଚରଜମିକୁ ବିଭିନ୍ନ ପ୍ରଭାବଶାଳୀ ବ୍ୟକ୍ତିମାନେ ଜବରଦଖଲ କରି ସେଥିରେ



ବଗିଚା, ପୋଖରୀ, କୋଠାବାଡି ନିର୍ମାଣ କରିଛନ୍ତି। ଗୋଚରଜମି ଅଭାବରୁ ଅନେକ ଚାଷୀ ଗୋ ପାଳନ କରିବା ପାଇଁ ଆଉ ଆଗଭର ହେଉନାହାନ୍ତି। ସେଥିଯାଗୁ ଗୋରୁ ଘାସ ଖାଇବା କଷ୍ଟକର ବ୍ୟାପାର ହୋଇପଡିଛି। ଅନ୍ୟ ଏକ ପ୍ରମୁଖ ସମସ୍ୟା ହେଉଛି ଏହି ବ୍ଲକ ଚିଲିକା ଉପକୂଳରେ ଥିବାରୁ ଏଠାରେ ପ୍ରତିବର୍ଷ ଗୋରୁ, ମଇଁଷିଙ୍କୁ ବଜବଜିଆ, ସାହାଣ ରୋଗ ହେଉଛି ଏବଂ ଅନେକ ଗୋରୁ ମୃତ୍ୟୁମୁଖରେ ପଡୁଛନ୍ତି। ବ୍ଲକର କଣାସଠାରେ ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ର ଏବଂ ବ୍ଲକର ବିଭିନ୍ନ ପଞ୍ଚାୟତରେ ୧୧ଟି ସହାୟକ ପ୍ରାଣୀଚିକିତ୍ସା କେନ୍ଦ୍ର ରହିଛି। ହେଲେ ଆବଶ୍ୟକ କର୍ମଚାରୀ ଅଭାବରୁ ପ୍ରାଣୀମାନେ ଠିକ୍ ଚିକିତ୍ସା ପାଇପାରୁନାହାନ୍ତି। ଫଳରେ ସେମାନଙ୍କ ମୃତ୍ୟୁ ହେଉଛି। ଏଥିନେଇ ଚାଷୀ ଗୋ ପାଳନ କରିବାକୁ ମନ ବଳାଉ ନାହାନ୍ତି। ଏକ ସର୍ଭେରୁ ଜଣାପଡିଛି, ବ୍ଲକରେ ବର୍ତ୍ତମାନ ଗାଈ, ବଳଦ, ମଇଁଷିଙ୍କ ସଂଖ୍ୟା ୪୩ ହଜାର ୬୦୬ ରହିଥିବାବେଳେ ୫୮୧୧ ମେଣ୍ଢା, ୪୫୩୮ ଛେଳି, ୮୩୫୪ କୁକୁଡ଼ା ଓ ବତକ ଏବଂ ୩୧୪୧ କୁକୁର ଥିବା ଜଣାପଡିଛି। ପ୍ରାଣୀ ସମ୍ପଦ ସୁରକ୍ଷା ଓ ଜନସାଧାରଣଙ୍କ ଅର୍ଥନୈତିକ ବିକାଶ ପାଇଁ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବା ଆବଶ୍ୟକ ହୋଇପଡିଛି। ଜବରଦଖଲ ଗୋଚର ଓ ଅନାବାଦୀ ଜମି ଉଦ୍ଧାର କରିବାକୁ ପ୍ରଶାସନ ପକ୍ଷରୁ ଉଦ୍ୟମ ହେବା ଆବଶ୍ୟକ ବୋଲି କଣାସ ଅଞ୍ଚଳର ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଏଥିସହ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଖାଲିଥିବା ପଦବୀଗୁଡିକ ପୂରଣ କରିବାକୁ ଦାବି ହୋଇଛି।

# ଲୋକକଳା ମହୋତ୍ସବ ଉଦ୍‌ଯାପିତ




ଲୋକକଳା ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**କୋଣାର୍କ,୧୯।୨(ଡି.ଏନ୍.ଏ.)**

କୋଣାର୍କସ୍ଥିତ ରାଜାରାମ ମଠ ପ୍ରାଙ୍ଗଣରେ ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପ ଆନୁକୂଲ୍ୟରେ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ, ସଂସ୍କୃତି ମନ୍ତ୍ରଣାଳୟ, ରାଜ୍ୟ ସଂସ୍କୃତି ବିଭାଗ ଏବଂ ଓମ୍‌ଫେଡ୍ ସହଯୋଗରେ ଚାଲିଥିବା ୫ ଦିନିଆ ଲୋକକଳା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏମ୍‌ପିଙ୍କ ପ୍ରତିନିଧି ପଦ୍ମଚରଣ ବେଉରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ନାଟ୍ୟଦୀପର ନିର୍ଦ୍ଦେଶକ କାଳନ୍ଦୀ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଭାବେ କୋଣାର୍କ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ଲୋକକଳାର ପୁନରୁଦ୍ଧାର ଓ ପ୍ରଚାର ପ୍ରସାର କରି ଜନମାନସରେ ଏହାର ଲୋକପ୍ରିୟତା ବୃଦ୍ଧି କରିବା ଏକାନ୍ତ ଅପରିହାର୍ଯ୍ୟ ବୋଲି ଅତିଥିମାନେ କହିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାର ପ୍ରଥମାର୍ଦ୍ଧରେ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଝିଅଟିଏ ବାହାହୋଇ ଶାଶୁଘରକୁ ଯିବା ବେଳେ ବାପା, ମା', ଭାଇ, ଭଉଣୀ, ନିଜର କୁଣିଆ ଓ ସାଙ୍ଗସାଥିଙ୍କୁ କିପରି ଛାଡ଼ି ନିଜ ସ୍ୱାମୀ ସହ ଘରସଂସାର କରୁଛି ପରିବେଷଣ କରାଯାଇଥିଲା। ଏହାପରେ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। କଟକର ଲୋକଶାସ୍ତ୍ର କଳା ପରିଷଦର ଗୁରୁ ଗଙ୍ଗାଧର ଦାସଙ୍କ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା। ନାଟ୍ୟଦୀପର ନିର୍ଦ୍ଦେଶକ କାଳନ୍ଦୀ ଚରଣ ସ୍ୱାଇଁ, ସହନିର୍ଦ୍ଦେଶକ ନିତ୍ୟାନନ୍ଦ ମହାରଣା ଓ ମାନସ ପ୍ରଧାନ ପରିଚାଳନା କରିଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରତାପ କୁମାର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## 'ଯଶସ୍ୱୀ ଭାରତ' ପୁସ୍ତକ ଉନ୍ମୋଚିତ

**ପୁରୀ ଅଫିସ, ୧୯।୨**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘ ଚାଳକ ମୋହନ ରାଓ ଭାଗବତଙ୍କ ରାଷ୍ଟ୍ରୀୟ ପ୍ରସଙ୍ଗ ଉପରେ ଉଦ୍‌ବୋଧନର ସଙ୍କଳିତ ସମ୍ବଳିତ 'ଯଶସ୍ୱୀ ଭାରତ' ପୁସ୍ତକ ଉନ୍ମୋଚିତ ହୋଇଛି। ରବିବାର ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏକ ବୁଦ୍ଧିଜୀବୀ ସମ୍ମିଳନୀରେ ଉକ୍ତ ପୁସ୍ତକ ଉନ୍ମୋଚନ କରାଯାଇଛି। ଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ପୁରୀ ତରଫରୁ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଆଇନଜୀବୀ ସର୍ବେଶ୍ୱର ବେହେରା ଯୋଗଦେଇ କହିଥିଲେ, ଭାରତୀୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟତା ଭାବ ଜାଗରଣ ହେବା ଆବଶ୍ୟକ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ହରିହର ହୋତା ଯୋଗଦେଇ ଏହି ପୁସ୍ତକ ପାଠ କଲେ ସଂଘ ସମ୍ବନ୍ଧରେ ସମସ୍ତ ଭ୍ରମ ଦୂର ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରଫେସର ଦେବ ପ୍ରସାଦ ଦାସ ମଞ୍ଚାସୀନ ଥିଲେ। ତପନ କୁମାର ସାମଲ ମଞ୍ଚ ପରିଚାଳନା କରିଥିଲେ। ବାମଦେବ ନାୟକ, ଶ୍ୟାମସୁନ୍ଦର ସାମଲ, ସର୍ବେଶ୍ୱର ବିଶୋଇ, ସତ୍ୟ ନାୟକ, ସ୍ନେହାଶିଷ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶିକ୍ଷାରେ ଅଭିବୃଦ୍ଧି ଦ୍ୱାରା ସୁସ୍ଥ ସମାଜ ଗଠନ ସମ୍ଭବ




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**କୋଣାର୍କ,୧୯।୨(ଡି.ଏନ୍.ଏ.)**

**ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ**

କୋଣାର୍କସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ କଲ୍ୟାଣ ବିଭାଗ ପକ୍ଷରୁ ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ସମାରୋହ ପାଳିତ ହୋଇଯାଇଛି। ପ୍ରକାଶ ଯେ ପୁରୀ ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥି ଭାବରେ କୋଣାର୍କ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ନୃସିଂହଚରଣ କର, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଚମ୍ପାହାର ଅଗ୍ନିଶମ କେନ୍ଦ୍ରର ଅଧିକାରୀ ଜ୍ୟୋତିପ୍ରକାଶ ରଥ, ଶିକ୍ଷାବିତ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି କରିବାରେ ସାଂସ୍କୃତିକ, କ୍ରୀଡ଼ା ଓ କଳାର ଅଭିବୃଦ୍ଧି ହେବା ଦରକାର। ଏଥିସହ ସେମାନଙ୍କ ଶାରୀରିକ ଓ ମାନସିକ ମୂଲ୍ୟବୋଧର ବିକାଶ ଦ୍ୱାରା ଏକ ସୁସ୍ଥ ସମାଜ ଗଠନ ସମ୍ଭବପର ବୋଲି ଆଲୋକପାତ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ପଣ୍ଡା ସମ୍ପାଦକୀୟ ବିବରଣୀ ଓ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟଧାରା ଉପରେ କହିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ସମାରୋହରେ ବାର୍ଷିକ କ୍ରୀଡା ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅଭୟ ମଲ୍ଲ, ଶିକ୍ଷକ ସୂର୍ଯ୍ୟ ନାରାୟଣ ମିଶ୍ର, ଶିକ୍ଷୟିତ୍ରୀ ନୟନା ଶତପଥୀ, ବନଜା ମହାନ୍ତି, ଲିନୁ ଜେନା, ଦୀପିକା ଜେନା ଓ ଶିକ୍ଷକ ଭାଗୀରଥି ପାଇକରାୟ ପ୍ରମୁଖ ପରିଚାଳନା କରିଥିଲେ।




ପୁରୀ ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀରେ 'ଯଶସ୍ୱୀ ଭାରତ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ଆଜିଠୁ 'ଗାନ୍ଧୀ ଶିଳ୍ପ ବଜାର'

**ପୁରୀ ଅଫିସ, ୧୯।୨**

**ପୂର୍ବାହ୍ନ ୧୧ରୁ ରାତି ୧୦ ଯାଏ ଖୋଲା**

- ୧୦ ଦିନ ପର୍ଯ୍ୟନ୍ତ ସ୍ୱର୍ଗଦ୍ୱାର ବେଳାଭୂମିରେ ଚାଲିବ
- ଯୋଗଦେବେ ବିଭିନ୍ନ ରାଜ୍ୟର ହସ୍ତଶିଳ୍ପ କାରିଗର

ପୁରୀ ମହୋଦଧି ନିବାସ ସମ୍ମୁଖସ୍ଥ ସ୍ୱର୍ଗଦ୍ୱାର ବେଳାଭୂମିରେ ଚଳିତ ମାସ ୨୦ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଦଶଦିନବ୍ୟାପୀ ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ–'ଗାନ୍ଧୀ ଶିଳ୍ପ ବଜାର' ଅନୁଷ୍ଠିତ ହେବ। ପ୍ରତିଦିନ ପୂର୍ବାହ୍ନ ୧୧ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ଏହା ଖୋଲା ରହିବ। ସୋମବାର ସନ୍ଧ୍ୟା ୭ଟାରେ ଜିଲାର ପ୍ରଶାସନିକ ଅଧିକାରୀ ଓ ହୋଟେଲ ଶିଳ୍ପର ମୁଖ୍ୟ ମାନଙ୍କ ଉପସ୍ଥିତିରେ ରାଜ୍ୟ ହସ୍ତଶିଳ୍ପ ଓ ବୟନଶିଳ୍ପ ମନ୍ତ୍ରୀ ଏହାକୁ ଉଦଘାଟନ କରିବେ। ଏହି ପ୍ରଦର୍ଶନୀକୁ ହସ୍ତଶିଳ୍ପ ଆୟୁକ୍ତ, ଭାରତ ସରକାର ଏବଂ ବସ୍ତ୍ର ମନ୍ତ୍ରଣାଳୟ, ନୂଆଦିଲ୍ଲୀ ପ୍ରାୟୋଜିତ କରୁଥିବାବେଳେ ପୁରୀର 'ଶ୍ରୀ ଶ୍ରୀକ୍ଷେତ୍ର ସୂଚନା' ସାଂସ୍କୃତିକ ଅନୁଷ୍ଠାନ ଆୟୋଜନ କରୁଛି। ଗାନ୍ଧୀ ବଜାରରେ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ଦିଲ୍ଲୀ, କର୍ଣ୍ଣାଟକ, ତେଲଙ୍ଗାନା, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ ଏବଂ ଓଡ଼ିଶା ପ୍ରଭୃତି ରାଜ୍ୟରୁ ୧୦୦ଜଣ ହସ୍ତଶିଳ୍ପ କାରିଗର ଭାଗନେବେ। ପ୍ରତି ସନ୍ଧ୍ୟାରେ ଏହି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପର୍ଯ୍ୟଟକ ଓ ଜନସାଧାରଣ ନିଜ ମନ ପସନ୍ଦ ତଥା ଉନ୍ନତମାନର ହସ୍ତଶିଳ୍ପ ସାମଗ୍ରୀ କିଣିପାରିବେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

# ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା: ସଦର ବ୍ଲକ ଚାମ୍ପିୟନ

**ପୁରୀ ଅଫିସ, ୧୯।୨**

ନେହେରୁ ଯୁବ କେନ୍ଦ୍ର ଏବଂ ଜଙ୍ଗଲି କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ରବିବାର ପୁରୀ ଜିଲାସ୍ତରୀୟ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ସଦର, ବ୍ରହ୍ମଗିରି, ଗୋପ, କଣାସ ବ୍ଲକ୍‌ର ଭଲିବଲ ଦଳ ଅଂଶଗ୍ରହଣ କରିଥିଲେ। ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ଜୟଶଙ୍କର ଯୋଶୀଙ୍କ ଅଧ୍ୟକ୍ଷତା କରିଥିଲେ। ପ୍ରତିଯୋଗିତାରେ ପୁରୀ ସଦର ବ୍ଲକ୍ ଚାମ୍ପିୟନ ଓ ଗୋପ ବ୍ଲକ୍ ରନର୍ସ ଅପ୍ ହୋଇଥିଲା। ବେଷ୍ଟ ଆଟାକର ଭାବେ ସଦର ବ୍ଲକ୍‌ର ମଧୁସୂଦନ ଦାସ, ବେଷ୍ଟ ଅଲରାଉଣ୍ଡର ଗୋପ ବ୍ଲକ୍‌ର ବସନ୍ତ ବେହେରା ଓ ବେଷ୍ଟ ସେଟର ବିକାଶ ବେହେରା, ସଦର ବ୍ଲକ୍‌ର ବେଷ୍ଟ ଲିବ୍ରୋ ପିଣ୍ଟୁ ପ୍ରଧାନଙ୍କୁ ବିବେଚିତ କରାଯାଇଥିଲା। ରେଫରି ଭାବେ ବିଭୂତି ରାଉତ ଓ ଶରତ ମହାନ୍ତି ପ୍ରତିଯୋଗିତା ପରିଚାଳନା କରିଥିଲେ। ଜଙ୍ଗଲି କ୍ଲବ୍‌ର ସଭାପତି ରବିନ୍ଦ୍ର ଦାସ, ସମ୍ପାଦକ ପ୍ରକାଶ ବେହେରା, ବି.ଏସ୍.ପାତ୍ର, କୈଳାଶ ଚନ୍ଦ୍ର ସୁନ୍ଦରାୟ, ରମେଶ ଚନ୍ଦ୍ର ମହାପାତ୍ର, ରାଜ ରଞ୍ଜନ ଦାସ, ବାସୁଦେବ ସେନାପତି, ରାକେଶ ସେଠୀ , ଆଲୋକ ପୂଜାରୀ ଏବଂ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ୧୪୧ ପଞ୍ଚାୟତିରାଜ ପ୍ରତିନିଧିଙ୍କ ପିପିଲି ବ୍ଲକ ପରିଦର୍ଶନ

**ପିପିଲି,୧୯।୨(ଡି.ଏନ୍.ଏ./ସ୍ୱ.ପ୍ର.)**

**ସରକାରଙ୍କ ମିଲେଟ୍ ମିଶନକୁ ପ୍ରଶଂସା କଲେ**

ଦେଶର ୧୧ଟି ରାଜ୍ୟର ୧୪୧ ଜଣ ପିଆର୍‌ଆଇ ମେମ୍ବର ରବିବାର ପିପିଲି ବ୍ଲକ ପରିଦର୍ଶନ କରି ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାର ସଫଳତାକୁ ଅନୁଧାନ କରିଛନ୍ତି। ବ୍ଲକର ୩ଟି ପଞ୍ଚାୟତ ବୁଲି ବିଭିନ୍ନ ପ୍ରକଳ୍ପ ଦେଖିବା ସହ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ। ପିପିଲି ବିଡ଼ିଓ ରଶ୍ମିତା ନାଥ ଅନ୍ୟ ରାଜ୍ୟରୁ ଆସିଥିବା ଏହି ପ୍ରତିନିଧିଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବୁଲାଇ ଦେଖାଇଥିଲେ। ୩ ଦିନ ଗ୍ରାମ୍ୟ ପଞ୍ଚାୟତ ଜାତୀୟ କର୍ମଶାଳାର ପରେ ୧୬୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଦଳ ପୁରୀ ଜିଲାର ୫ଟି ବ୍ଲକ ପରିଦର୍ଶନ କରିଛନ୍ତି। ୭ଟି ଟିମରେ ଆସିଥିବା ଏହି ପ୍ରତିନିଧି ପିପିଲି, ଗୋପ, ସତ୍ୟବାଦୀ, ପୁରୀ ସଦର ଗସ୍ତ କରି ଓଡ଼ିଶା ସରକାରଙ୍କର ଜନହିତକାରୀ ଯୋଜନା ସବୁ ବୁଲି ଦେଖିଥିଲେ। ପିପିଲି ଗସ୍ତରେ ଗୋଆ, ହିମାଚଳ ପ୍ରଦେଶ, ଅରୁଣାଚଳ ପ୍ରଦେଶ, ବିହାର, ଛତିଶଗଡ଼, ହରିଆନା, କେରଳ, ଝାଡ଼ଖଣ୍ଡର ୧୪୧ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ପିପିଲି ବ୍ଲକରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସେମାନଙ୍କ ସ୍ୱାଗତ କରିଥିଲେ। ପରେ ଦଳ ବ୍ଲକ ପରିସରରେ ଥିବା ମିଶନ ଶକ୍ତି କାଫେ ଓ ମିଲେଟ ଡିଲେଟସ ବୁଲି କାର୍ଯ୍ୟରତ ମହିଳାଙ୍କୁ ପ୍ରଶଂସା କରିଥିଲେ। ପରେ ଗ୍ରାମୀଣ ଉଦ୍ୟାନ, ୫ଟି ସ୍କୁଲ, ଜିମ୍, ପଞ୍ଚାୟତ କାର୍ଯ୍ୟାଳୟ, ପାଠାଗାର, ମାର୍କେଟ୍ କମ୍ପ୍ଲେକ୍ସ, ଗ୍ରାମୀଣ ହାଟ ବୁଲି ଦେଖିଥିଲେ। ସରକାରଙ୍କ ୫ଟି ସ୍କୁଲ, ଗ୍ରାମୀଣ ଉଦ୍ୟାନ ପ୍ରତିନିଧି ଦଳକୁ ବେଶ ଆକୃଷ୍ଟ କରିଥିଲା। ମିଶନ ଶକ୍ତି ମହିଳା କିଭଳି ସ୍ୱାବଲମ୍ବୀ ହୋଇ ଆତ୍ମ ନିର୍ଭରଶୀଳ ହୋଇ ପାରିଛନ୍ତି ତାକୁ ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରତିନିଧିମାନଙ୍କ ସହ ଏହି ଗସ୍ତରେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୁଚିସ୍ମିତା ବେହେରା, ଏବିଡିଓ ଶୈଳବାଳା ତ୍ରିପାଠୀ, ଜିପିଓ ଗାୟତ୍ରୀ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ବସନ୍ତ ସାହୁ, ଯନ୍ତ୍ରୀ ପ୍ରଣବ ପ୍ରକାଶ ସାହୁ, ବିଶ୍ୱଜିତ୍ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲା ପରିଷଦ ସଦସ୍ୟ ଧରଣୀଧର ସାହୁ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ଦେବାଶିଷ ନନ୍ଦ ପିପିଲି ବିଡ଼ିଓ ରଶ୍ମିତା ନାଥ ପ୍ରମୁଖ ସାମିଲ ହୋଇଥିଲେ।




ପିପିଲି ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରତିନିଧି ମଣ୍ଡଳୀ।

# 'ଶ୍ରୀପୁରୁଷୋତ୍ତମ ମାହାତ୍ମ୍ୟରେ ବହୁ ରୋଚକ ଉପାଖ୍ୟାନ ରହିଛି'

- ନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ବାର୍ଷିକ ଉତ୍ସବ
- ମଥୁରେନ୍ଦ୍ର ପୃଷ୍ଟି, ବାସନ୍ତୀ ଦେବୀ, ସତ୍ୟ ମିଶ୍ରଙ୍କୁ ତତ୍ତ୍ୱଦର୍ଶୀ ସମ୍ମାନ

**ପୁରୀ ଅଫିସ, ୧୯।୨**




ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଦ୍ୱାବିଂଶତମ ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଦ୍ୱାବିଂଶତମ ବାର୍ଷିକ ଉତ୍ସବ ରବିବାର ପୁରୀ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ପ୍ରଥମ ଅଧିବେଶନକୁ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ଗଣେଶ୍ୱର ମିଶ୍ର, ସଭାପତି ପ୍ରଫେସର ଗୋପାଳକୃଷ୍ଣ ଦାସ ଏବଂ ଆଧାର ପୁରୁଷ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପକ ସୁନିଲ ରଥଙ୍କ ଆୟୋଜନରେ ଡ. ଶ୍ରୀନିବାସ ଆଚାର୍ଯ୍ୟ ଭିତ୍ତିପ୍ରବନ୍ଧ ଉପସ୍ଥାପନ କଲାପରେ ୨୦ ଜଣ ଆଲୋଚକ ପ୍ରବନ୍ଧ ପାଠ କରିଥିଲେ।

ଆଲୋଚକମାନେ କହିଥିଲେ, ସ୍କନ୍ଦ ପୁରାଣର ଶ୍ରୀପୁରୁଷୋତ୍ତମ ମାହାତ୍ମ୍ୟରେ ଯେପରି ଶ୍ରୀଜଗନ୍ନାଥ ଓ ତାଙ୍କ କ୍ଷେତ୍ର ମାହାତ୍ମ୍ୟର ବିସ୍ତୃତ ବିବେଚନା ରହିଛି, ତାହା ଅନ୍ୟତ୍ର ତାହା ବିରଳ। ଗ୍ରନ୍ଥରେ ଲୋକ ମଙ୍ଗଳ ତତ୍ତ୍ୱର ଅବତାରଣା ଲକ୍ଷ୍ୟ କରାଯାଏ। ଏଥିରେ ଶ୍ରୀକ୍ଷେତ୍ରର ପ୍ରାଚୀନ ଇତିହାସ ସହ ବହୁ ରୋଚକ ଉପାଖ୍ୟାନ ଓ ତଥ୍ୟ ରହିଛି। ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ, ଡ. ଉମେଶ ଚନ୍ଦ୍ର ଚିନେରା, ଡ. ନରେଶ ଚନ୍ଦ୍ର ଦାଶ, ଡ. ଭାସ୍କର ମିଶ୍ର, ଡ. ନୃସିଂହ ଚରଣ ସାହୁ, ଡ. କାଦମ୍ବିନୀ ଦାଶ, ଡ. କଲ୍ୟାଣୀ ନନ୍ଦୀ, ଡ. ପ୍ରମୋଦ କୁମାର ଦଳେଇ, ଡ. ବିଶ୍ୱରଞ୍ଜନ ପତି, ଡ. ଚକ୍ରଧର କର, ଲକ୍ଷ୍ମୀଧର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ନାରାୟଣ ନନ୍ଦ, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ।

ସନ୍ଧ୍ୟାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିଲେ। ଉତ୍ସବରେ ପ୍ରଫେସର ଗୋପାଳକୃଷ୍ଣ ଦାଶ ସଭାପତିତ୍ୱ କରିଥିଲେ। ଡ. ଶ୍ରୀନିବାସ ଆଚାର୍ଯ୍ୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ଡ. ଉମେଶ ଚନ୍ଦ୍ର ଚିନେରା, ଉପସଭାପତି ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଯୁଗ୍ମ ସମ୍ପାଦକ ନାରାୟଣ ନନ୍ଦ, ସଙ୍ଗଠନ ସମ୍ପାଦକ ଅନାମ ଚନ୍ଦ୍ର ସାହୁ ଏବଂ କୋଷାଧ୍ୟକ୍ଷା କଲ୍ୟାଣୀ ନନ୍ଦୀ ମଞ୍ଚାସୀନ ଥିଲେ। ପରିଷଦର ମୁଖପତ୍ର ତତ୍ତ୍ୱଦର୍ଶୀ ଉନ୍ମୋଚନ, ଆଲୋଚନା ସହ ସତ୍ୟନାରାୟଣ ମିଶ୍ରଙ୍କ ରଚିତ 'ଉତ୍କଳମଣି' ପୁସ୍ତକ ଲୋକାର୍ପିତ ହୋଇଥିଲା। ପଣ୍ଡିତ ଗଣେଶ୍ୱର ଦାସଙ୍କ ସ୍ମୃତିରେ ପ୍ରଦତ୍ତ ତତ୍ତ୍ୱଦର୍ଶୀ ଗବେଷକ ସମ୍ମାନରେ ପ୍ରାଧ୍ୟାପକ ମଥୁରେନ୍ଦ୍ର ପୃଷ୍ଟି, ମହାମହୋପାଧ୍ୟାୟ ପଣ୍ଡିତ ହରିହର ମହାପାତ୍ରଙ୍କ ସ୍ମୃତିରେ ପ୍ରଦତ୍ତ ତତ୍ତ୍ୱଦର୍ଶୀ ପ୍ରାବନ୍ଧିକ ସମ୍ମାନରେ ପ୍ରାଧ୍ୟାପିକା ବାସନ୍ତୀ ଦେବୀ ଏବଂ ତତ୍ତ୍ୱଦର୍ଶୀ ସାହିତ୍ୟିକ ସମ୍ମାନରେ ଗବେଷକ ଜଗବନ୍ଧୁ ପାଢ଼ୀଙ୍କ ସ୍ମୃତିରେ ସତ୍ୟ ନାରାୟଣ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଆଲୋଚନାଚକ୍ରରେ ଅଂଶଗ୍ରହଣକାରୀ ପ୍ରାବନ୍ଧିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନାମ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ରାଜପଥ ଦୁରବସ୍ଥା ବଢ଼ାଉଛି ଟ୍ରାଫିକ୍ ସମସ୍ୟା

କଟକ ଅଫିସ,୧୯।୨

କାଠଯୋଡ଼ି ପୋଲଠାରୁ ପଳାଶୁଣୀ ଯାଏ ୧୬ ନମ୍ବର ଜାତୀୟ ରାଜପଥର ଦୁରବସ୍ଥା କହିଲେ ନସରେ। ଗମନାଗମନ ଦୃଷ୍ଟିରୁ ଏହି ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ରାଜପଥରେ ରହିଥିବା ବିଭିନ୍ନ ସମସ୍ୟା କମିଶନରେଟ୍ ପୋଲିସ ପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟିର ଅନ୍ୟତମ କାରଣ ପାଲଟିଛି। କମିଶନରେଟ୍ ପୋଲିସ ପକ୍ଷରୁ ସୁପ୍ରିମକୋର୍ଟ କମିଟି ଅନ୍ ରୋଡ୍ ସେଫ୍ଟି ସଦସ୍ୟଙ୍କ ନିକଟରେ ରବିବାର ଦାଖଲ କରାଯାଇଥିବା ରିପୋର୍ଟରୁ ଏହା ଜଣାପଡ଼ିଛି।

କାଠଯୋଡ଼ିରୁ ପଳାଶୁଣୀ ପର୍ଯ୍ୟନ୍ତ ରାଜପଥର ଉଭୟ ପାର୍ଶ୍ୱର ଅନେକ ସ୍ଥାନରେ ପିଚୁ ଉଠି ଖାଲଖମା ସୃଷ୍ଟି ହୋଇଛି। ଏହାକୁ ମରାମତି କରିବା ଏବେ ଜରୁରୀ ହୋଇପଡ଼ିଛି। ରାସ୍ତା ମଝିରେ ଥିବା ବୃକ୍ଷକୁ ତାରବାଡ଼ ବା ଲୁହା ରେଲିଂ ଦ୍ୱାରା ଆବଦ୍ଧ କରାଯିବା ଆବଶ୍ୟକତା ରହିଛି। ରାସ୍ତାର ବାଙ୍କସ୍ଥାନ ଏବଂ ରାସ୍ତାପାର୍ଶ୍ୱ ସିମେଣ୍ଟ କାନ୍ଥର ପେଣ୍ଟିଂ ଓ ଷ୍ଟିକରିଂ ଭଲ ଭାବେ ଦେଖାଯିବା ଦରକାର। ରାଜପଥରେ ଖରାପ ହୋଇଥିବା ଲାଇଟ୍ ମରାମତି ସହିତ ନୂତନ ଲାଇଟ୍ ଲଗାଇବା, ରାସ୍ତାପାର୍ଶ୍ୱରୁ ପୁରୁଣା ଓ ନଷ୍ଟ ହୋଇଥିବା ଟ୍ରାଫିକ ସଙ୍କେତଗୁଡ଼ିକୁ ହଟାଇବା ମଧ୍ୟ ଦରକାର। ରାଜପଥର ଏହି ଅଂଶରେ ଥିବା ଗୁରୁତ୍ୱପୂର୍ଣ୍ଣ ଜଙ୍କସନ୍ ଯଥା- ପୁରୀ ବାଇପାସ୍ ଛକ, ହଂସପାଳ ଛକ, ହାଇୱେ ହୋଣ୍ଡା ଛକ, ବାଲିକୁଦା ଛକ, ଉରାଳି ଛକ ସମେତ ରାଜପଥକୁ ସଂଯୋଗ କରୁଥିବା ସମସ୍ତ ସର୍ଭିସ ରୋଡ୍‌ରେ ସ୍ପିଡ୍ ବ୍ରେକର ଓ ରମ୍ବଲର ଲଗାଗଲେ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିବ। ବାଲିକୁଦା ଓ ଉରାଳିଠାରେ ଥିବା ଟ୍ରାଫିକ ପୋଲିସ ଏଡ୍ ପୋଷ୍ଟ ବହୁତ ପୁରୁଣା ହୋଇଥିବାରୁ ସେଠାରେ ନୂଆ ଏଡ୍ ପୋଷ୍ଟ ସ୍ଥାପନ ସହ ଟ୍ରାଫିକ ସିଗ୍ନାଲ ବ୍ୟବସ୍ଥା କରାଗଲେ ଟ୍ରାଫିକ ନିୟନ୍ତ୍ରଣ ସହଜ ହୋଇପାରିବ। ରାଜପଥ ସମ୍ପ୍ରସାରଣ ସତ୍ତ୍ୱେ ବି ଅନେକ ସ୍ଥାନରେ ବେଆଇନ ଅବରୋଧ ରହିଛି। ସେଗୁଡ଼ିକୁ ଜଏଣ୍ଟ ଏନ୍‌ଫୋର୍ସମେଣ୍ଟ ଟିମ୍ ଦ୍ୱାରା ହଟାଇବା ମଧ୍ୟ ଅନ୍ୟ ଏକ ପ୍ରମୁଖ କାର୍ଯ୍ୟ ହୋଇଛି। ଏହାବାଦ୍ ବାଲିକୁଦା, ଗୋପାଳପୁର, ନୂଆଗଡ଼, ପ୍ରତାପନଗରୀ ଓ ହଂସପାଳ ନିକଟରେ ରାସ୍ତା ଅବସ୍ଥା ଅତ୍ୟନ୍ତ ଖରାପ ହୋଇପଡ଼ିଥିବାରୁ ତୁରନ୍ତ ମରାମତି ଦରକାର। ରାଜପଥରେ




କୌଣସି ସମୟରେ ଯାନବାହନ ଦୁର୍ଘଟଣାଜନିତ ଟ୍ରାଫିକକୁ ସାମ୍ନା କରିବା ପାଇଁ ନଖରାଛକରେ ଏକ ହାଇଡ୍ରା କ୍ରେନ୍ ରଖାଯିବାର ଆବଶ୍ୟକତା ରହିଛି। କଟକ-ଭୁବନେଶ୍ୱର ଦ୍ୱୈତନଗରୀ ମଧ୍ୟରେ ସୁବ୍ୟବସ୍ଥିତ ଢଙ୍ଗରେ ଗାଡ଼ି ଚଳାଚଳ ପାଇଁ କାଠଯୋଡ଼ି ପୋଲଠାରୁ ପଳାଶୁଣୀ ପର୍ଯ୍ୟନ୍ତ ରାଜପଥରେ ଆବଶ୍ୟକ ଧଳାଚିହ୍ନ ସାଙ୍ଗକୁ ଷ୍ଟଡ୍ ଲାଇଟ୍ ଲଗାଯିବା ନିହାତି ଦରକାର ବୋଲି କମିଶନରେଟ୍ ପୋଲିସ ପକ୍ଷରୁ ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ସେହିପରି ସଡ଼କ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବା

**କମିଶନରେଟ୍ ପୋଲିସକୁ ସଡ଼କ ସୁରକ୍ଷା ଚିନ୍ତା**

- ପୁରୁଣା ହେଲାଣି ବାଲିକୁଦା, ଉରାଳି ପୋଲିସ ପୋଷ୍ଟ
- ରାଜପଥ ସଂଯୋଗୀ ରାସ୍ତାରେ ଲାଗିବ ସ୍ପିଡ୍ ବ୍ରେକର
- ବାଲିକୁଦା, ଗୋପାଳପୁର, ନୂଆଗଡ଼, ପ୍ରତାପନଗରୀ, ହଂସପାଳ ରାସ୍ତା ଶୋଚନୀୟ

ନିମନ୍ତେ ସହରର ବିଭିନ୍ନ ସ୍ଥାନରେ ଏଲ୍‌ସିଡି ମାଧ୍ୟମରେ ସଚେତନତା ଭିଡିଓ ପ୍ରଦର୍ଶନ, ଜନସାଧାରଣ ଓ ଟ୍ରାଫିକ ସ୍ୱେଚ୍ଛାସେବୀଙ୍କୁ ତାଲିମ ଦେବା ପାଇଁ ଦକ୍ଷ ପୋଲିସ ଅଧିକାରୀ ନିଯୁକ୍ତି, ସଚେତନତା ବୃଦ୍ଧି ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଜନସାଧାରଣ ଓ ଛାତ୍ରୀଛାତ୍ରଙ୍କୁ ସାମିଲ କରାଇବା, ଲାଇଟ୍ ସିଗ୍ନାଲ୍ ବ୍ୟବସ୍ଥା ରକ୍ଷଣାବେକ୍ଷଣ, ଜବରଦଖଲକାରୀଙ୍କୁ ହଟାଇବା ପାଇଁ ନିୟମିତ ଚଢ଼ାଉ ଅଭିଯାନ, ସହର ଭିତର ଜେବ୍ରାକ୍ରସିଂରେ ରଙ୍ଗ ଲଗାଇବା, ୱାନ୍ ୱେ ଟ୍ରାଫିକ ବ୍ୟବସ୍ଥା ପ୍ରଚଳନ ସହ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଶେଷ କରାଯିବା ଆଦିକୁ ମଧ୍ୟ ସୁପ୍ରିମକୋର୍ଟ କମିଟି ଅନ୍ ରୋଡ୍ ସେଫ୍ଟି ସଦସ୍ୟଙ୍କ ଆଗରେ ଉପସ୍ଥାପନ କରାଯାଇଛି।

ସୂଚନାଯୋଗ୍ୟ, ସୁପ୍ରିମକୋର୍ଟ କମିଟି ଅନ୍ ରୋଡ୍ ସେଫ୍ଟିର ସଦସ୍ୟ ୧୫ ତାରିଖରୁ ଓଡ଼ିଶା ଗସ୍ତରେ ଆସି ୧୯ରେ କାର୍ଯ୍ୟକ୍ରମ ଶେଷ କରି ଦିଲ୍ଲୀ ଫେରିଯାଇଛନ୍ତି। ଉକ୍ତ କମିଟି ଏହି ୫ ଦିନ ମଧ୍ୟରେ ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର, ଗୋପାଳପୁର ଆଦି ଅଞ୍ଚଳ ଗସ୍ତ କରି ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବୈଠକ ଓ ଆଲୋଚନା କରିଥିଲେ। ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟ ଅଧିକାରୀ, ପରିବହନ ଓ ପୋଲିସ ଅଧିକାରୀ, ପୁରୀରେ ଜାତୀୟ ରାଜପଥ ପ୍ରାଧୀକରଣ କର୍ତ୍ତୃପକ୍ଷ, ଜିଲାପାଳ, ଏସ୍‌ପି, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ କମିଟି ସଦସ୍ୟମାନେ ଆଲୋଚନା କରିବା ସହ ବ୍ରହ୍ମପୁରରେ ଏମ୍‌କେସିଜି ହସ୍ପିଟାଲରେ ଟ୍ରମା କେୟାର ସେଣ୍ଟରର କାର୍ଯ୍ୟକାରିତା ନେଇ ଗଞ୍ଜାମ ଜିଲାପାଳ, ଏସ୍‌ପି ଓ ହସ୍ପିଟାଲ ଅଧୀକ୍ଷକଙ୍କ ସହ ଅନୁଧ୍ୟାନ କରିଥିବା ଜଣାପଡ଼ିଛି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୯।୨।୨୦୨୩

| ୫,୦୧,୯୧୬ ଟଙ୍କା | |
|---|---|
| ସୁନା | ୩.୧୦୦ ଗ୍ରାମ୍ |
| ରୁପା | ୩୧.୧୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ହିନ୍ଦୁ ରାଷ୍ଟ୍ର ଦାବିରେ ଆନ୍ଦୋଳନ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା ୩୦।
- ନିଖିଳ ଓଡ଼ିଶା ୬୬୨ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ଧାରଣା, ଲୋୟର ପିଏମ୍‌ଜି, ମଧ୍ୟାହ୍ନ ୧୨ଟା ୩୦।
- ମୋ ଜୀବନ ମୋ ସାହିତ୍ୟ ଆଲୋଚନା ଚକ୍ର, ୯ ଷ୍ଟେଶନ ଛକ, ମାଷ୍ଟର କ୍ୟାଣ୍ଟିନ୍, ଅପରାହ୍ନ ୫ଟା।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ, ଭୁବନେଶ୍ୱର ଆନୁକୂଲ୍ୟରେ '୨୩ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ', ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ୨୫ତମ କଳିଙ୍ଗ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।

**ବାଲିଅନ୍ତା**

- ବାଦୀ ପାଲା ପରିବେଷଣ, ଶାଳେଶ୍ୱର, ସନ୍ଧ୍ୟା ୬ଟା ୩୦।

**କଟକ**

- ରାଜ୍ୟ ଭାଜପା ସଂଯୁକ୍ତ ମୋର୍ଚ୍ଚାର କାର୍ଯ୍ୟକାରିଣୀ ବୈଠକ, ଶହୀଦ ଭବନ, ପୂର୍ବାହ୍ନ ୧୧ଟା।
- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୫ତମ ଜନ୍ମ ମହୋତ୍ସବ ତଥା ଛତ୍ରବଜାର ସତ୍‌ସଙ୍ଗ ଉପଯୋଜନ କେନ୍ଦ୍ରର ବାର୍ଷିକ ଉତ୍ସବ, ଶଙ୍କରପୁର ଉପରସାହି ମଙ୍ଗଳାମନ୍ଦିର ନିକଟ, ସନ୍ଧ୍ୟା ୭ଟା।

**ପୁରୀ**

- ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ପକ୍ଷରୁ ଜାତୀୟ ଆଲୋଚନା ଚକ୍ର, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ସକାଳ ୯ଟା ୩୦।
- ସୁଧା ଅନୁଷ୍ଠାନର ମହାଶିବରାତ୍ରି ଉଦ୍‌ଯାପନୀ ଉତ୍ସବ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୂର୍ବାହ୍ନ ୧୧ଟା।
- ବରିଷ୍ଠ ନାଗରିକ ଫୋରମ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ଜିଲାପାଳ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା ୩୦।
- ଗାନ୍ଧିଶିଳ୍ପ ବଜାରର ଉଦ୍‌ଘାଟନୀ ଉତ୍ସବ, ଗୋଲ୍ଡେନ୍ ବିଚ୍, ସନ୍ଧ୍ୟା ୭ଟା।

# ନାଚ, ଗୀତରେ ଝୁମିଲେ ଦର୍ଶକ







ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଡି ଡ୍ୟାନ୍ସ ଷ୍ଟୁଡିଓ ପ୍ରାୟୋଜିତ ଜାତୀୟସ୍ତରୀୟ ସାଂସ୍କୃତିକ ମହୋତ୍ସବ 'ଆରମ୍ଭ-୨୦୨୩'ରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ପୁରୀ ଅଫିସ, ୧୯।୨

ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ରବିବାରଠାରୁ ଡି ଡ୍ୟାନ୍ସ ଷ୍ଟୁଡିଓ ପ୍ରାୟୋଜିତ ଜାତୀୟସ୍ତରୀୟ ସାଂସ୍କୃତିକ ମହୋତ୍ସବ 'ଆରମ୍ଭ-୨୦୨୩' ଉଦ୍‌ଘାଟିତ ହୋଇଛି। ଉତ୍ସବରେ ଅତିଥି ଭାବେ ଅନୁଷ୍ଠାନର ସଭାପତି ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ହାଇଟେକ ମେଡିକାଲର ପରିଚାଳନା ନିର୍ଦ୍ଦେଶକ ଡ. ତିରୁପତି ପାଣିଗ୍ରାହୀ, ବିଶିଷ୍ଟ ବକ୍ତା ଦୀପକ କୁମାର ପଣ୍ଡା, ପ୍ରୟାସ ଟିଭିର ପରିଚାଳନା ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ କୁମାର ମିଶ୍ର ଏବଂ ଚଳଚ୍ଚିତ୍ର ନିର୍ଦ୍ଦେଶକ ଆଶୁତୋଷ ପଟ୍ଟନାୟକ ଯୋଗଦେଇଥିଲେ। ଏଭଳି କାର୍ଯ୍ୟକ୍ରମ କଳା, ସଂସ୍କୃତିକୁ ଉଜ୍ଜୀବିତ ରଖିବା ସହ ଏହାର ପ୍ରସାର ପ୍ରଚାର ଦିଗରେ ସହାୟକ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସମ୍ପାଦକ ଦେବାଶିଷ ସିଂହ ଓ ଉପଦେଷ୍ଟା ନାଟ୍ୟ ନିର୍ଦ୍ଦେଶକ ପ୍ରଭାତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷ ଏବଂ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀମାନଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା। ସଭା କାର୍ଯ୍ୟକୁ ଅନୁଷ୍ଠାନର ଉପସଭାପତି ପ୍ରଦୀପ୍ତ କୁମାର ମିଶ୍ର ଓ ସମୀର ଶତପଥୀ ପରିଚାଳନା କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଆଶୁତୋଷ ମିଶ୍ର ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜାତୀୟ ସ୍ତରୀୟ ଚ୍ୟାନେଲ୍ କଲର୍ସ ଟିଭିରେ ପ୍ରସାରିତ ହୁନରବାଜ୍ କାର୍ଯ୍ୟକ୍ରମର ଅନିର୍ବାଣ ରୟ ବଂଶୀବାଦନ ଏବଂ ଓଲିଉଡ୍ ଜଗତର କଣ୍ଠଶିଳ୍ପୀ ତାରିକ୍ ଅଜିଜ ସଙ୍ଗୀତ ପରିବେଷଣ କରିଥିଲେ। ଏହାବ୍ୟତୀତ ଅନେକ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ଜାତୀୟସ୍ତରୀୟ ସାଂସ୍କୃତିକ ମହୋତ୍ସବ 'ଆରମ୍ଭ'**

- ବଂଶୀରେ ଅନିର୍ବାଣ, ସଙ୍ଗୀତରେ ଅଜିଜ ମନ ମୋହିଲେ
- ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତିବିଶେଷ ସମ୍ମାନିତ, କୃତୀ ପ୍ରତିଯୋଗୀ ପୁରସ୍କୃତ



ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

## ଜାଗାବାଡ଼ିକୁ କେନ୍ଦ୍ର କରି ଗଣ୍ଡଗୋଳ: ଜଣେ ମୃତ

ଡେଲାଙ୍ଗ,୧୯।୨(ଡି.ଏନ୍.ଏ.)

ଜାଗାବାଡ଼ି ବିବାଦକୁ କେନ୍ଦ୍ର କରି ଶନିବାର ରାତିରେ ଦୁଇ ଭଉଭଉପରିବାର ମଧ୍ୟରେ ହୋଇଥିବା ଗଣ୍ଡଗୋଳରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବାଲିହୁଙ୍କା ଗ୍ରାମର ଅକ୍ଷୟ ରାଉତରାୟ(୫୨)। ଏନେଇ ଡେଲାଙ୍ଗ ପୋଲିସ ଏକ ମାମଲା(୫୬/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅକ୍ଷୟ ଓ ତାଙ୍କ ସାନ ଭାଇଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ରାତି ୧୦ଟାରେ ବଚସା ହୋଇଥିଲା। ବଚସା ଉଗ୍ରରୂପ ନେଇ ଗଣ୍ଡଗୋଳର ରୂପ ନେଇଥିଲା। ପୂର୍ବରୁ ଅକ୍ଷୟ ଅସୁସ୍ଥ ଥିଲେ। ଗଣ୍ଡଗୋଳ ସମୟରେ ତାଙ୍କ ଭାଇ, ଭାଇ ବୋହୂ ଓ ପୁତୁରା ମାଡ଼ରେ ସେ ତଳେ ପଡ଼ିଯାଇଥିଲେ। ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ସମ୍ପର୍କୀୟମାନେ ତାଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ରବିବାର ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ଏନେଇ ଡେଲାଙ୍ଗ ଥାନାରେ ଅକ୍ଷୟଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

## ପଦ୍ମଶ୍ରୀ ଗୀତା ମହାଲିକ ପାଇବେ ଗୁରୁଶ୍ରୀ ଦୁର୍ଗାଚରଣ ରଣବୀର ଜୀବନବ୍ୟାପୀ ସାଧନା ସମ୍ମାନ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ନୃତ୍ୟାୟନ ପକ୍ଷରୁ ଆସନ୍ତା ୨୪ ଓ ୨୫ ତାରିଖରେ ମୀରା ଓଡ଼ିଶୀ ନୃତ୍ୟ ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ଗୀତା ମହାଲିକ ପାଇବେ 'ଗୁରୁଶ୍ରୀ ଦୁର୍ଗାଚରଣ ରଣବୀର ଜୀବନବ୍ୟାପୀ ସାଧନା ସମ୍ମାନ'। ଏଥିସହ ଭାରତ ନାଟ୍ୟମ ନୃତ୍ୟ ଶିଳ୍ପୀ ପବିତ୍ର କ୍ରିଷ୍ଣା ଭଟ୍ଟଙ୍କୁ 'ଗୁରୁ ଦୁର୍ଗା ଚରଣ ରଣବୀର ଯୁବ ପୁରସ୍କାର' ରେ ସମ୍ମାନିତ କରାଯିବ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପ୍ରଭାସିନୀ



@ ପ୍ରଭାସ



@ ଆଦ୍ୟାଶା



@ ବିଶ୍ୱଜିତ୍



@ ସୟେଦ ଶାହନୱାଜ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ୪୮୮ବର୍ଗ ଅନୁଦାନପ୍ରାପ୍ତ ଅଧ୍ୟାପକ-କର୍ମଚାରୀ ସମନ୍ୱୟ ସମିତିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

୪୮୮ବର୍ଗ ଅନୁଦାନପ୍ରାପ୍ତ ଅଧ୍ୟାପକ-କର୍ମଚାରୀ ସମନ୍ୱୟ ସମିତିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରବିବାର ଗୋଦାବରୀଶ ସାହିତ୍ୟ ସଂସଦଠାରେ ଅନୁଷ୍ଠିତ ହୋଇଯାଇଛି। ୩୦ ଜିଲାରୁ ୧୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ବୈଠକରେ ଆଗାମୀ ଭବିଷ୍ୟତ କାର୍ଯ୍ୟପନ୍ଥାର ମାନସମନ୍ଥନ କରାଯାଇଥିଲା। ରାଜ୍ୟ ସଭାପତି ପବିତ୍ର ମହଲାଙ୍କ ନେତୃତ୍ୱରେ ୪୮୮ବର୍ଗ ସମିତି ସରକାରଙ୍କ ସହ ପୁରୁଣା ପେନ୍‌ସନ, ଅବସର ବୟସ ୬୦ରୁ ୬୨କୁ ବୃଦ୍ଧି ଏବଂ ଚାକିରୀ ସର୍ତ୍ତାବଳୀ ପୂରଣ ପାଇଁ ଆଗାମୀ ଦିନରେ ଆଲୋଚନା କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ରାଜ୍ୟ ସରକାର ସପ୍ତମ ବେତନ ପ୍ରକାଶ କରିଥିବାରୁ ଏହି ଅବସରରେ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ କୃତଜ୍ଞତା ଜଣାଯାଇଥିଲା। ବୈଠକରେ ସମିତିର ସାଧାରଣ ସମ୍ପାଦକ ଅଟଳ ବିହାରୀ ବଳଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ରାଜଧାନୀରେ ହାତୀଦାନ୍ତ ର୍ୟାକେଟ୍

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ଭୁବନେଶ୍ୱରରେ ହାତୀଦାନ୍ତ ର୍ୟାକେଟ ଧରାପଡ଼ିଛି। ସୈନିକ ସ୍କୁଲ ଛକ ନିକଟରେ ଡିଲ୍‌ବେଳେ ମୈତ୍ରୀବିହାର ଥାନା ପୋଲିସ ରବିବାର ସନ୍ଧ୍ୟାରେ ଚଢ଼ାଉ କରି ୨ ବନ୍ୟଜନ୍ତୁ ଚାଲାଣକାରୀଙ୍କୁ ଧରିଛି। ସେମାନଙ୍କଠୁ ପ୍ରାୟ ୩ କେଜି ଓଜନର ଏକ ହାତୀ ଦାନ୍ତ ଜବତ କରାଯାଇଛି। ଚାଲାଣକାରୀଦ୍ୱୟ ହେଲେ କନ୍ଧମାଳ ଜିଲାର ଗିରିଶ କୁମାର ନାୟକ ଓ ଦୀପକ ସାହୁ। ପୋଲିସ ଉଭୟଙ୍କୁ ଚନ୍ଦକା ଡିଭିଜନ ଅନ୍ତର୍ଗତ ଭୁବନେଶ୍ୱର ୱାଇଲ୍ଡ ଲାଇଫ୍ ରେଞ୍ଜକୁ ହସ୍ତାନ୍ତର କରିଥିଲା। ବନବିଭାଗ ପକ୍ଷରୁ ଏନେଇ ଏକ ମାମଲା ରୁଜୁ କରାଯାଇ ଚାଲାଣକାରୀଦ୍ୱୟଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କଠାରୁ ମଧ୍ୟ ଏକ ସ୍କୁଟି, ୩ଟି ମୋବାଇଲ ଓ ୧୬୦ ଟଙ୍କା ଜବତ ହୋଇଛି।





ଗିରଫ ୨ ଅଭିଯୁକ୍ତ ଓ ଜବତ ହାତୀଦାନ୍ତ।

ଅଭିଯୁକ୍ତଦ୍ୱୟଙ୍କୁ ହାତୀଦାନ୍ତ କାରବାର ସଂକ୍ରାନ୍ତରେ ବନବିଭାଗ ଟିମ୍ ପକ୍ଷରୁ ଅଧିକ ପଚରାଉଚରା କରାଯାଉଛି। ସୋମବାର ଉଭୟଙ୍କୁ କୋର୍ଟଚାଲାଣ କରାଯିବ ବୋଲି ରେଞ୍ଜ ଅଫିସର ବି.ବି. ମହାପାତ୍ର କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତଦ୍ୱୟ ଉକ୍ତ ହାତୀ ଦାନ୍ତକୁ ଧରି ସ୍କୁଟିରେ ବାଣୀବିହାର ପଟୁ ସାଲିଆ ସାହିକୁ ଯାଉଥିଲେ। ଲକ୍ଷାଧିକ ଟଙ୍କାରେ ଉକ୍ତ ହାତୀଦାନ୍ତକୁ ବିକ୍ରି କରିଥାନ୍ତେ। ଏନେଇ ଖବର ମିଳିବା ପରେ ପୋଲିସ ସୈନିକ ସ୍କୁଲ ଛକ ନିକଟରେ ଛକି ରହିଥିଲା। ଅଭିଯୁକ୍ତଦ୍ୱୟ ଉକ୍ତ ସ୍ଥାନ ଦେଇ ଯିବାବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା। ତଦନ୍ତରୁ ଜଣାପଡ଼ିଛି, ଗିରଫ ଅଭିଯୁକ୍ତଦ୍ୱୟଙ୍କ ସମେତ ୬ ଜଣ କନ୍ଧମାଳରୁ ଏକାଧିକ ହାତୀଦାନ୍ତ ଧରି ଆସିଛନ୍ତି। ସେମାନେ ଗ୍ରୁପ ହୋଇ ହାତୀ ଦାନ୍ତ ଡିଲ୍ କରିବାକୁ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଗ୍ରାହକ ଖୋଜୁଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ୨ଜଣ ପୋଲିସ ହାତରେ ଧରାପଡ଼ିଯିବା ପରେ ବାକି ଅନ୍ୟ ୪ଜଣ ସତର୍କ ହୋଇଯାଇଥିବା ସୂଚନା ମିଳିଛି।

**ବିକ୍ରି ପୂର୍ବରୁ ଜବତ, ୨ ଚାଲାଣକାରୀ ଗିରଫ**

- କନ୍ଧମାଳରୁ ଆଣିଥିଲେ, ସାଲିଆ ସାହିରେ ହୋଇଥାନ୍ତା ଡିଲ୍
- ଭୁବନେଶ୍ୱରରେ ଏକାଧିକ ହାତୀଦାନ୍ତ ଧରି ବୁଲୁଛନ୍ତି ଆଉ ୪

## କୂଅରୁ ନାବାଳକଙ୍କ ମୃତଦେହ ଜବତ

ନିରାକାରପୁର,୧୯।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ରମାବିଲ ଗ୍ରାମ ନିକଟ ଏକ ଖୋଲା କୂଅରୁ ଶନିବାର ପୋଲିସ ଜଣେ ନାବାଳକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଜଙ୍କିଆ ଆଦିବାସୀ ସାହିର ହିମାଂଶୁ ବିଶ୍ୱକର୍ମା ଓରଫ ବବୁଲ(୯)। ଶନିବାର ମହାଶିବରାତ୍ରି ଥିବାରୁ ବବୁଲ ତାଙ୍କ ବୋଉ, ମାଉସୀ ସହିତ ରମାବିଲସ୍ଥିତ ଶୈବପୀଠକୁ ଯାଇଥିଲେ। ତେବେ କିଛି ସମୟ ପରେ ବବୁଲଙ୍କୁ ନ ପାଇ ତାଙ୍କ ମା' ଓ ମାଉସୀ ଖୋଜାଖୋଜି କରିଥିଲେ। ପରେ ମନ୍ଦିର ନିକଟ ବିଲରେ ଥିବା କୂଅରେ ବବୁଲ ଭାସୁଥିବା ଦେଖିବାକୁ ପାଇଥିଲେ। ପୋଲିସ ପହଞ୍ଚି ବବୁଲଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪/୨୩)ରୁଜୁ ହୋଇଛି ବୋଲି ତଦନ୍ତକାରୀ ଅଧିକାରୀ ବେଣୁଧର ରାୟ କହିଛନ୍ତି।

**ସରକାରୀ ପ୍ରତିନିଧି ଭାବେ ଇସ୍ରାଏଲ୍ ଯାଇଥିବା କେରଳ ଚାଷୀ ନିଖୋଜ**

କୃଷି ସମ୍ପର୍କିତ ସଦ୍ୟତମ ପ୍ରଯୁକ୍ତି ଅନୁଧ୍ୟାନ କରିବା ନିମନ୍ତେ ଇସ୍ରାଏଲ୍ ଯାଇଥିବା କେରଳ ସରକାରଙ୍କ ଏକ ପ୍ରତିନିଧି ଦଳର ଜଣେ ଚାଷୀ ସେଠାରେ ଶୁକ୍ରବାରଠାରୁ ନିଖୋଜ ହୋଇଯାଇଛନ୍ତି। ରାଜ୍ୟ କୃଷି ସଚିବ ବି. ଅଶୋକଙ୍କ ନେତୃତ୍ୱରେ ୨୭ ଜଣ ଚାଷୀଙ୍କ ପ୍ରତିନିଧି ଦଳରେ କନ୍ନୁର ଜିଲା ଇରିଟ୍ଟି ଗ୍ରାମର ବିଜୁ କୁରିଏନ୍(୪୨) ଥିଲେ। ତାଙ୍କୁ ଇସ୍ରାଏଲ୍ ଯିବା ପାଇଁ ସରକାରଙ୍କ ସୁପାରିସରେ ଭିଜା କରାଇଦିଆଯିବା ସହ ଯିବା ଆସିବା ଖର୍ଚ୍ଚ ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ତୁର୍କୀରେ ବନ୍ଦ ହେବ ଉଦ୍ଧାର କାର୍ଯ୍ୟ

ଆଙ୍କାରା, ୧୯।୨: ତୁର୍କୀ ଓ ସିରିଆରେ ପ୍ରଳୟଙ୍କରୀ ଭୂକମ୍ପକୁ ରବିବାର ୧୪ ଦିନ ବିତିଯାଇଛି। ୨ ସପ୍ତାହ ଧରି ରେସ୍କ୍ୟୁ ଟିମ୍ ପକ୍ଷରୁ କ୍ଷତିଗ୍ରସ୍ତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। କିନ୍ତୁ ଏକାଧିକ ଅଞ୍ଚଳରେ ରେସ୍କ୍ୟୁ କାର୍ଯ୍ୟ ବନ୍ଦ ହୋଇ ଥିବାବେଳେ ଆଉ କେତେକ ସ୍ଥାନରେ ଉଦ୍ଧାର କାର୍ଯ୍ୟ ଖୁବ୍‌ଶୀଘ୍ର ବନ୍ଦ ହେବାକୁ ଯାଉଥିବା ତୁର୍କୀ ଡିଜାଷ୍ଟର ଆଣ୍ଡ ଏମର୍ଜେନ୍ସି ମ୍ୟାନେଜମେଣ୍ଟ ପ୍ରେସିଡେନ୍ସି (ଏଏଫ୍ଏଡି) ପକ୍ଷରୁ କୁହାଯାଇଛି। ତୁର୍କୀରେ ୪୦,୬୪୨ ଜଣଙ୍କ ଜୀବନ ଭୂକମ୍ପ ନେଇଥିବାବେଳେ ଅନେକେ ନିଜ ପରିଜନଙ୍କ ଫେରିବା ବାଟକୁ ଚାହିଁ ବସିଥିବା ଏଏଫ୍ଏଡି ମୁଖ୍ୟ ୟୁନିସ ସେଜାର କହିଛନ୍ତି। ତୁର୍କୀ ତୁଳନାରେ ସିରିଆର କମ୍ ଅଞ୍ଚଳରେ ଭୂକମ୍ପର ପ୍ରଭାବ ପଡ଼ିଛି। ଉଭୟ ଦେଶରେ ମୃତକଙ୍କ ସଂଖ୍ୟା ୪୬, ୦୦୦ ପାର୍ ହୋଇଛି।

### ମଧ୍ୟପ୍ରଦେଶ, ଅରୁଣାଚଳରେ ଭୂକମ୍ପ

ନୂଆଦିଲ୍ଲୀ,୧୯।୨: ମଧ୍ୟପ୍ରଦେଶ ଏବଂ ଅରୁଣାଚଳ ପ୍ରଦେଶରେ ରବିବାର ଅପରାହ୍ଣରେ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଅରୁଣାଚଳ ଭୂକମ୍ପର ତୀବ୍ରତା ୩.୮ ଥିଲା। ଭୁଟାନ ସୀମା ନିକଟ ୱେଷ୍ଟ କମେଙ୍ଗ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି ନ୍ୟାଶନାଲ ସେଣ୍ଟର ଫର୍ ସିସ୍‌ମୋଲୋଜି ପକ୍ଷରୁ କୁହାଯାଇଛି। ୧୨ଟା ୧୨ ମିନିଟ ସମୟରେ ସେଠାରେ ଭୂକମ୍ପ ଅନୁଭୂତ ହୋଇଥିଲା। ଭୂକମ୍ପ ଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ିନାହିଁ। ଆସାମର କେନ୍ଦ୍ରୀୟ ଉତ୍ତରାଞ୍ଚଳ ଏବଂ ଭୁଟାନର ପୂର୍ବ ଭାଗରେ ମଧ ଝଟ୍‌କା ଅନୁଭୂତ ହୋଇଥିଲା। ଏହାର କିଛି ସମୟ ପରେ ମଧ୍ୟପ୍ରଦେଶର ଇନ୍ଦୋରଠାରୁ ଦକ୍ଷିଣପଶ୍ଚିମରେ ୧୫୧ କିଲୋମିଟର ଦୂର ଧର୍‌ରେ ଭୂକମ୍ପ ହୋଇଛି। ଏହାର ତୀବ୍ରତା ୩.୦ ଥିଲା ବୋଲି କୁହାଯାଇଛି।

## ସାଇବର ଅପରାଧ
# ୨ ବର୍ଷରେ ୧,୫୦୦ କୋଟି ଲୁଟ୍

ନୂଆଦିଲ୍ଲୀ, ୧୯।୨

'ପ୍ରିୟ ଏସ୍‌ବିଆଇ ୟୁଜର୍, ଆପଣଙ୍କ ଆକାଉଣ୍ଟ ଆଜି ବ୍ଲକ୍ ହୋଇଯିବ। ଦୟାକରି ଆପଣଙ୍କ ପାନ୍ କାର୍ଡ ତୁରନ୍ତ ଅପ୍‌ଡେଟ୍ କରନ୍ତୁ। ଏଠାରେ କ୍ଲିକ୍ କରନ୍ତୁ।' ସାଇବର ଅପରାଧର ଶିକାର ହୋଇଥିବା ଅନେକଙ୍କ ଭଳି ଦିଲ୍ଲୀର କୋମଲ (ଛଦ୍ମନାମ) ମଧ୍ୟ ନିଜ ମୋବାଇଲ୍‌ରେ ଏଭଳି ଚେତାବନୀପୂର୍ଣ୍ଣ ମେସେଜ୍ ପାଇ ଚକିତ ହୋଇଯାଇଥିଲେ। କୋମଲ ଉକ୍ତ ଲିଙ୍କ୍‌କୁ କ୍ଲିକ୍ କରିବାମାତ୍ରେ ଏକ ୱେବ୍ ପେଜ୍‌ରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ନିଜ ସବିଶେଷ ବିବରଣୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଥିଲା। ସେହି ପ୍ରୋସେସ୍‌କୁ ଫଲୋ କରିବା ପରେ ପାନ୍ ଏବଂ ମୋବାଇଲ୍ ସଂଯୋଗ ପାଇଁ କୋମଲ ତାଙ୍କ ଫୋନ୍‌କୁ ଆସିଥିବା ଓଟିପି ଏଣ୍ଟର କରିଥିଲେ। ଚାହୁଁ ଚାହୁଁ କୋମଲଙ୍କ ଆକାଉଣ୍ଟରୁ ୪୦,୦୦୦ ଟଙ୍କା କଟିଯାଇଥିଲା। ସେ ଠକାମିର ଶିକାର ହୋଇଥିବା ଜାଣିପାରିଥିଲେ।

ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ କାର୍ଯ୍ୟରତ କୋମଲ ଥାନାରେ ଏ ନେଇ ଏତଲା ଦେଇଥିଲେ ମଧ୍ୟ ନିଜ କଷ୍ଟ ଉପାର୍ଜିତ ଟଙ୍କା ଫେରି ପାଇନାହାନ୍ତି। ଭାରତର ଡିଜିଟାଲ୍ ଅଗ୍ରଗତି ସହ ତାଳ ଦେଇ ଚାଲିଥିବା ସାଇବର ଅପରାଧୀମାନେ ବ୍ୟାଙ୍କ ଆକାଉଣ୍ଟ ବ୍ଲକ୍ ହୋଇଯିବାର ମେସେଜ୍ ଦେଇ ଲୋକଙ୍କୁ ନିଜ ଜାଲରେ ଫସାଇଥାନ୍ତି। ସେହିପରି ଅଧିକ ଆୟ କରିବା କିମ୍ବା ଅନ୍‌ଲାଇନ୍ ସପିଂରେ ଡିସ୍‌କାଉଣ୍ଟ ପାଇବା ଲୋଭରେ ମଧ୍ୟ ଅନେକ ୟୁଜର୍ସ ଖାଲରେ ପଡ଼ିଥାନ୍ତି। ଏଭଳି ସାଇବର ଆକ୍ରମଣକୁ ଫିସିଂ/ସ୍ମାଇସିଂ ଆଟାକ୍ କୁହାଯାଏ। କେବଳ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ (ଏସ୍‌ବିଆଇ) ନୁହେଁ, ଅନ୍ୟ ବ୍ୟାଙ୍କିଂ, ଫଇନାନ୍ସିଆଲ୍ ଆପ୍ଲିକେଶନ୍ କଷ୍ଟମରମାନେ ମଧ୍ୟ ସାଇବର ଆକ୍ରମଣର ଶିକାର ହୋଇଥାନ୍ତି।



**ସାବଧାନ!**
**ପାନ୍ କାର୍ଡ ସହ ଆକାଉଣ୍ଟ ଲିଙ୍କ୍ ପାଇଁ ଆସୁଛି ମେସେଜ୍**

ସରକାରୀ ତଥ୍ୟାନୁସାରେ ଗତ ଦୁଇବର୍ଷ ମଧ୍ୟରେ ଏଭଳି ୯ ଲକ୍ଷ ଘଟଣା ସାମ୍ନାକୁ ଆସିଛି। ୨୦୨୦ ଏପ୍ରିଲ୍ ୧ରୁ ୨୦୨୨ ମାର୍ଚ୍ଚ ୩୧ ମଧ୍ୟରେ ସାଇବର ଅପରାଧୀମାନେ କଷ୍ଟମରମାନଙ୍କୁ ଜାଲରେ ଫସାଇ ୧,୫୦୦ କୋଟି ଟଙ୍କା ସେମାନଙ୍କ ଆକାଉଣ୍ଟରୁ ହଡ଼ପ କରି ନେଇଛନ୍ତି। ଦିଲ୍ଲୀ ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସାଇବର ଅପରାଧ ଜଗତରେ ଠକେଇର ଏକ ନୂଆ ଧାରା ଦେଖିବାକୁ ମିଳୁଛି। ଠକମାନେ ରାଣ୍ଡମ୍ ଭାବେ ଲୋକଙ୍କୁ 'ବ୍ୟାଙ୍କ ଖାତା ସହ ପାନ୍ କାର୍ଡ ନ ଯୋଡ଼ିଲେ ଆକାଉଣ୍ଟ ବ୍ଲକ୍ ହୋଇଯିବ' ଭଳି ଭୟ ଦେଖାଇ ଲୁଟୁଛନ୍ତି। ସେହିପରି 'ଘରର ଇଲେକ୍ଟ୍ରି ବିଲ୍ ପଇଠ ନ କଲେ ଆଜି ରାତିରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯିବ' ମେସେଜ୍ ପଠାଉଛନ୍ତି। କୌଣସି ୟୁଜର୍ସ ଠକଙ୍କ କଥାରେ ପଡ଼ି ଲିଙ୍କ୍‌କୁ କ୍ଲିକ୍ କଲେ ସଙ୍ଗେ ସଙ୍ଗେ ମୋବାଇଲ୍‌କୁ ଓଟିପି ଆସୁଛି। ସେହି ଓଟିପିକୁ ମେସେଜ୍ ବକ୍ସରେ ଫିଲ-ଅପ୍ କଲେ ତତ୍‌କ୍ଷଣାତ୍ ମୋଟା ଅଙ୍କର ଅର୍ଥ ଉଭାନ୍ ହୋଇଯାଉଛି। ଏଭଳି ମେସେଜ୍ ପ୍ରତି ସାବଧାନ ହେବା ଜରୁରୀ ବୋଲି ଦିଲ୍ଲୀ ପୋଲିସ ପକ୍ଷରୁ କୁହାଯାଇଛି।

## ଅଭିନେତା ତାରକ ରତ୍ନଙ୍କ ଅକାଳ ବିୟୋଗ

ନୂଆଦିଲ୍ଲୀ,୧୯।୨



**ଏନ୍‌ଟିଆର୍‌ଙ୍କ ନାତି**

ଏନ୍.ଟି. ରାମାରାଓଙ୍କ ନାତି ତଥା ଅଭିନେତାରୁ ରାଜନେତା ହୋଇଥିବା ନନ୍ଦମୁରୀ ତାରକ ରତ୍ନଙ୍କର ଶନିବାର ଅକାଳ ବିୟୋଗ ହୋଇଛି। ତାଙ୍କୁ ୩୯ ବର୍ଷ ହୋଇଥିଲା। ତାଙ୍କ ପରଲୋକ ଟଲିଉଡ୍ ସେଲିବ୍ରିଟି ଓ ରାଜନେତାମାନଙ୍କୁ ସ୍ତବ୍ଧ କରିଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନମୋହନ ରେଡ୍ଡୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ, କର୍ଣ୍ଣାଟକ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ସୁଧାକର କେ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ସେହିପରି ଅଲ୍ଲୁ ଅର୍ଜୁନ, ଚିରଞ୍ଜୀବୀ ପ୍ରମୁଖ ଅଭିନେତା ମଧ୍ୟ ତାରକଙ୍କ ପରଲୋକରେ ଶୋକପ୍ରକାଶ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଗତ ମାସ ୨୭ରେ ହୃଦ୍‌ଘାତ ହେବାରୁ ତାରକ ରତ୍ନଙ୍କୁ ବେଙ୍ଗାଲୁରୁର ନାରାୟଣ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଆକ୍ ସାଇନ୍ସରେ ଭର୍ତ୍ତି କରାଯାଇଥିଲା। ଶନିବାର ସେଠାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଡିପି ପ୍ରତିଷ୍ଠାତା ଏନ୍‌ଟି ରାମାରାଓଙ୍କ ନାତି ତାରକ ରତ୍ନ ୨୦୦୨ରେ 'ଓକାଟୋ ନମ୍ବର କୁରାଡୁ'ରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ। ସେବେଠାରୁ ସେ ବିଭିନ୍ନ ତେଲୁଗୁ ସିନେମାରେ ମୁଖ୍ୟ ଭୂମିକାରେ ଅଭିନୟ କରିଆସୁଥିଲେ। ଗତବର୍ଷ ସେ ଓଟିଟିରେ ଡେବ୍ୟୁ କରିଥିଲେ। ଜାନୁୟାରୀ ୨୭ରେ ଟିଡିପିର ଏକ ପଦଯାତ୍ରା ଶୁଭାରମ୍ଭରେ ଯୋଗଦେଇଥିବାବେଳେ ତାଙ୍କୁ ହୃଦ୍‌ଘାତ ହୋଇଥିଲା।

## ଛାତ୍ରୀଛାତ୍ରଙ୍କ ୧୫୦ ସାଟେଲାଇଟ୍ ମହାକାଶ ଗଲା

**ଚେନ୍ନାଇ, ୧୯।୨:** ତାମିଲନାଡୁର ଚେଙ୍ଗାଲ ପୋଟ୍ଟୁ ଜିଲା ପଚ୍ଚିପୋଲାମ ଗ୍ରାମରୁ ରବିବାର ଏ.ପି.ଜେ. ଅବଦୁଲ କଲାମ ସାଟେଲାଇଟ୍ ଲଞ୍ଚ ଭେହିକଲ୍ ମିଶନ୍-୨୦୨୩ ଉତ୍କ୍ଷେପଣ କରାଯାଇଛି। କାର୍ଯ୍ୟକ୍ରମରେ ତେଲଙ୍ଗାନା ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ ଯୋଗଦେଇଥିଲେ। ଦ ମାର୍ଟିନ ଫାଉଣ୍ଡେଶନ୍, ଡଃ. ଏ.ପି.ଜେ. ଅବ୍ଦୁଲ କଲାମ ଇଣ୍ଟରନ୍ୟାଶନାଲ ଫାଉଣ୍ଡେଶନ୍ ଏବଂ ସ୍ପେସ୍ ଜୋନ୍ ଇଣ୍ଡିଆ ମିଳିତ ଭାବେ ଏହି ମିଶନ୍‌ରେ କାର୍ଯ୍ୟ କରିଛନ୍ତି। ଦେଶର ବିଭିନ୍ନ ସ୍କୁଲ ଓ କଲେଜରୁ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିକଶିତ ୧୫୦ ପିକୋ (ପିଆସିଓ) ସାଟେଲାଇଟ୍ ରକେଟ୍ ଜରିଆରେ ମହାକାଶକୁ ପଠାଯାଇଛି। ଏଥିରେ ସାମିଲ ହୋଇଥିବା ପାଖାପାଖି ୫୦୦୦ ଛାତ୍ରୀଛାତ୍ରଙ୍କୁ ଭର୍ଚୁଆଲ ମୋଡ୍‌ରେ ବିଜ୍ଞାନ, ଉଦ୍ୟୋଗ, ଇଞ୍ଜିନିୟରିଂ ଏବଂ ଗଣିତ ପଢ଼ାଯାଇଥିଲା। ମିଶନରେ ୧୦୦ ସରକାରୀ ବିଦ୍ୟାଳୟର ୨,୦୦୦ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି।



**ଅବଦୁଲ କଲାମ ମିଶନ ୨୦୨୩**

## ପୁରୁଣା ପେନ୍‌ସନ୍ ଦାବି: ଖଟ୍ଟରଙ୍କ ଘର ଆଗରେ କର୍ମଚାରୀଙ୍କ ବିକ୍ଷୋଭ

**ପଞ୍ଚକୁଲା, ୧୯।୨:** ରବିବାର ରାଜ୍ୟରେ ପୁରୁଣା ପେନ୍‌ସନ୍ ନିୟମ ଲାଗୁ ଦାବିରେ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ଘର ସମ୍ମୁଖରେ ବହୁ ସଂଖ୍ୟାରେ ସରକାରୀ କର୍ମଚାରୀ ଜମା ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ଘର ସାମ୍ନାରେ ଜମା କର୍ମଚାରୀଙ୍କୁ ଆୟତ୍ତ କରିବା ଲାଗି ସେଠାରେ ମୁତୟନ ପୋଲିସ ସେମାନଙ୍କ ଉପରକୁ ପାଣିମାଡ଼ କରିଥିଲା। ପେନ୍‌ସନ୍ ବାହାଲି ସଂଘର୍ଷ ସମିତିର ମୁଖପାତ୍ର ପ୍ରବୀଣ ଦେଶୱାଲ କହିଛନ୍ତି, ଆଜିର ବିକ୍ଷୋଭରେ ପାଖାପାଖି ୭୦,୦୦୦ ସରକାରୀ କର୍ମଚାରୀ ଏକାଠି ହୋଇଛନ୍ତି। ରାଜସ୍ଥାନ ସମେତ ବହୁ ରାଜ୍ୟର ସରକାର ପୁରୁଣା ପେନ୍‌ସନ୍ ନିୟମ ଲାଗୁ କରିସାରିଛନ୍ତି। କିନ୍ତୁ ଏଠାରେ କ୍ଷମତାରେ ଥିବା ଭାଜପା ସରକାର କର୍ମଚାରୀଙ୍କ ସହ ଏ ବିଷୟରେ କଥା ହେଉ ନାହାନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଜାରି ରହିବ ବୋଲି ସେ କହିଛନ୍ତି।

## ସିବିଆଇଠୁ ସମୟ ନେଲେ ସିସୋଡିଆ

ନୂଆଦିଲ୍ଲୀ, ୧୯।୨



**ଅବକାରୀ ନୀତି ମାମଲା**

ଅବକାରୀ ନୀତି ମାମଲାରେ ଦିଲ୍ଲୀ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ହାଜର ହେବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଅଧିକ ସମୟ ମାଗିଛନ୍ତି। ସିସୋଡିଆଙ୍କ ବିରୋଧରେ ଆସିଥିବା ଦୁର୍ନୀତି ମାମଲାର ତଦନ୍ତ କରୁଥିବା ସିବିଆଇ ତାଙ୍କୁ ପଚରାଉଚରା ପାଇଁ ରବିବାର ଲୋଧି ରୋଡ୍‌ସ୍ଥିତ ତଦନ୍ତକାରୀ ସଂସ୍ଥାର ମୁଖ୍ୟାଳୟକୁ ଡାକିଥିଲା। ସିସୋଡିଆ ଦିଲ୍ଲୀର ଅର୍ଥମନ୍ତ୍ରୀ ହୋଇଥିବାରୁ ୨୦୨୪ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ ପ୍ରସ୍ତୁତି ସକାଶେ ଅଧିକ ସମୟ ମାଗିଛନ୍ତି। ଫେବୃୟାରୀ ପରେ କୌଣସି ଦିନ ଧାର୍ଯ୍ୟ କରାଗଲେ ସେ ହାଜର ହୋଇ ପାରିବେ। ଏଥିସହ କେନ୍ଦ୍ରୀୟ ଏଜେନ୍ସିକୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ସିସୋଡିଆ କହିଛନ୍ତି। ପ୍ରକାଶ ଯେ, ଗତବର୍ଷ ଉପରାଜ୍ୟ ପାଳ ଭି.କେ ସାକ୍ସେନା ଅବକାରୀ ନୀତିରେ ବ୍ୟାପକ ଅନିୟମିତତା ହୋଇଥିବା ଦର୍ଶାଇ ଏହାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

## ଫୁର୍‌ସତ୍

# ୨୦୦୦ ବର୍ଷର ପ୍ରାଚୀନ ହଲ୍

ରୋମ୍

ଇଟାଲୀର ପ୍ରତ୍ନତତ୍ତ୍ୱବିତ୍‌ମାନେ ନିକଟରେ ଏକ ୨୦୦୦ ବର୍ଷର ପ୍ରାଚୀନ ହଲ୍ ଠାବ କରିଛନ୍ତି, ଯେଉଁଠାରେ କି ରାଜାମାନେ ରାତି ସମୟରେ ପାର୍ଟି କରିଥା'ନ୍ତି। ଏହି ହଲ୍‌କୁ ରିସର୍ଚ୍ଚର୍ସ ଆଟ ଦି ଓରିଏଣ୍ଟାଲ୍ ୟୁନିଭର୍ସିଟି ଅଫ୍ ନାପେଲ ଦ୍ୱାରା ଠାବ କରାଯାଇଛି। ଯାହାକି ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ରହୁଥିବା ରୋମାନ ନାଇଟ୍ ତଥା ରାଜନେତା ଭେଡିଓ ପୋଲିୱାନ୍ ରହୁଥିବା ସମୁଦ୍ରକୂଳରେ ଅବସ୍ଥିତ। ୟୁନିଭର୍ସିଟିର ରିପୋର୍ଟ ଅନୁସାରେ, ଇଟାଲୀର ପୋସିଲିପୋରେ ଅବସ୍ଥିତ ଏହି ଭିଲ୍ଲାରେ ହେଉଥିବା ପ୍ରସିଦ୍ଧ ପାର୍ଟିରେ ସମ୍ରାଟ୍ ଅଗଷ୍ଟସ୍ (ପ୍ରଥମ ରୋମାନ୍ ସମ୍ରାଟ୍) ମଧ୍ୟ ସାମିଲ ହେଉଥିଲେ। ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ମତ ଅନୁସାରେ, ହଲ୍‌କୁ ଧଳା ଓ କଳା ମୋଜାଇକ୍‌ସରେ ନିର୍ମିତ କାର୍ପେଟ୍‌ରେ ସଜା ଯାଇଛି। ମୁଖ୍ୟ ଖନନକାରୀ କହିଛନ୍ତି, ହଲ୍‌ର ଷ୍ଟ୍ରାଟିଗ୍ରାଫିକ୍ ଡେଟିଂ ଏପର୍ଯ୍ୟନ୍ତ ନିଖୋଜ ରହିଛି। ହେଲେ ହଲ୍‌ର ଶୈଳୀକୁ ଅନୁଧ୍ୟାନ କରିବାକୁ ତାହା ରିପବ୍ଲିକାନ୍ ଯୁଗ କିମ୍ବା ଅଗଷ୍ଟାନଙ୍କ ଯୁଗ ହୋଇପାରେ ବୋଲି ଜଣାପଡ଼ିଛି। ଏହି ୨୦୦୦ ବର୍ଷର ପ୍ରାଚୀନ ହଲ୍ ରୋମାନ୍ ସମ୍ରାଟ୍ ଅଗଷ୍ଟସ୍‌ଙ୍କର ଥିଲା ବୋଲି ଅନୁସନ୍ଧାନକାରୀ ବିଶ୍ୱବିଦ୍ୟାଳୟ କହିଛି।





## ଭୂକମ୍ପ ପୀଡ଼ିତଙ୍କୁ ରୋଜଗାରର ୧୦% ଦାନ

ମୁମ୍ବାଇ: ନିକଟରେ ତୁର୍କୀ ଏବଂ ସିରିଆରେ ହୋଇଥିବା ଭୂକମ୍ପରେ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକେ ଏବେ ବି ନିଖୋଜ ଅଛନ୍ତି। ଭୂକମ୍ପ ଅଞ୍ଚଳରେ ଥିବା ୩ ଲକ୍ଷରୁ ଊର୍ଦ୍ଧ୍ୱ କୋଠାଘର ଭାଙ୍ଗିଯାଇଛି। ଏପରି ବିପର୍ଯ୍ୟୟବେଳେ ଭାରତ ଏବଂ ଅନ୍ୟ ଦେଶ ତୁର୍କୀ ଓ ସିରିଆକୁ ସାହାଯ୍ୟ ଯୋଗାଉଛନ୍ତି। ଏହି ପରିପ୍ରେକ୍ଷୀରେ ବଲିଉଡ୍ ଅଭିନେତ୍ରୀ ସନ୍ନି ଲିଓନ ଏବଂ ତାଙ୍କ ସ୍ୱାମୀ ଡାନିଏଲ୍ ୱେବର ଭୂକମ୍ପ ପ୍ରଭାବିତ ୨ ଦେଶକୁ ସାହାଯ୍ୟର ହାତ ବଢ଼ାଇଛନ୍ତି। ଭୂକମ୍ପ ପ୍ରଭାବିତ ଲୋକଙ୍କୁ ରିଲିଫ୍ ପାଇଁ ସେମାନଙ୍କ କସ୍‌ମେଟିକ୍ ବ୍ରାଣ୍ଡର ରୋଜଗାରର ୧୦% ଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିସହ ସେ କହିଛନ୍ତି, ସମସ୍ତେ ଉକ୍ତ ୨ ଦେଶକୁ ସାହାଯ୍ୟର ହାତ ବଢ଼ାଇବା ଆବଶ୍ୟକ। ଏହା ପୂର୍ବରୁ ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ମଧ୍ୟ ଭୂକମ୍ପ ପୀଡ଼ିତମାନଙ୍କୁ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ।




## 'ସ୍ନେକ୍ ଭିଲେଜ୍'



ବେଜିଂ

ମୁଖ୍ୟତଃ ଲୋକେ ସାପ ଦେଖିଲେ ଭୟ କରିଥା'ନ୍ତି ଏବଂ ତା'ଠାରୁ ନିଜକୁ ଦୂରରେ ରଖିଥା'ନ୍ତି। ହେଲେ ଏପରି ଏକ ଦେଶ ରହିଛି, ଯେଉଁଠାରେ ସାପଙ୍କ ଚାଷ କରାଯାଇଥାଏ। ଚାଇନାର ଜିସିକିଆଓ ଗାଁରେ ବିଷଧର ପ୍ରଜାତିର ସାପଙ୍କ ଚାଷ କରାଯାଇଥାଏ। ମିଡିଆ ରିପୋର୍ଟ ମୁତାବକ, ଏହି ସାପଚାଷ ଫଳରେ ପାରମ୍ପରିକ ଔଷଧ ତିଆରି କରାଯାଇଥାଏ। ଲୋକଙ୍କଠାରେ ଦେଖାଯାଉଥିବା ବିଭିନ୍ନ ଭୟଙ୍କର ରୋଗର ଚିକିତ୍ସାରେ ଏହି ଔଷଧ ବ୍ୟବହୃତ କରାଯାଇଥାଏ। ଚାଇନାର ଅନ୍ୟ ସ୍ଥାନରେ ମଧ୍ୟ ଏହି ସାପବିଷରେ ପ୍ରସ୍ତୁତ ଔଷଧ ବ୍ୟବହାର କରାଯାଇଥାଏ। ସାପଙ୍କ ପ୍ରଜନନ ସମୟରେ ତାଙ୍କୁ ଭଲରେ ରଖାଯାଏ ଏବଂ ପରେ ସେମାନଙ୍କୁ ବିକ୍ରି କରାଯାଏ। ବିଷଧର ସାପକୁ କିଣିବାକୁ ବହୁ ବଡ଼ ବ୍ୟବସାୟୀ ସାମିଲ ହୋଇଥାନ୍ତି। ଏଥିସହ ଆମେରିକା, ଜର୍ମାନୀ, ରୁଷ, ଦକ୍ଷିଣ କୋରିଆକୁ ମଧ୍ୟ ଏହି ସାପ ରପ୍ତାନି କରାଯାଏ। ଏଥିପାଇଁ ଏହି ଗାଁକୁ 'ସ୍ନେକ୍ ଭିଲେଜ୍' ବୋଲି କୁହାଯାଏ। ଏହି ବିଷଧର ସାପଚାଷ ୧୯୮୦ ମସିହାରୁ ଆରମ୍ଭ ହୋଇଥିବାବେଳେ ଏବେ ଏହି ଚାଷ ଗାଁର ପାଖାପାଖି ସମସ୍ତ ପରିବାରଙ୍କ ପେସା ପାଲଟିଛି। ମିଡିଆ ରିପୋର୍ଟ ମୁତାବକ, ବର୍ତ୍ତମାନ ଗାଁରେ ୧୭୦ ପରିବାର ଏହି ଚାଷ କରୁଛନ୍ତି। ଫଳରେ ପ୍ରତିବର୍ଷ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ସାପ ଉତ୍ପାଦନ ହେଉଛନ୍ତି।

## ସୁସ୍ଥ ସମାଜ ଗଠନ ପାଇଁ ନ୍ୟାୟିକ ବ୍ୟବସ୍ଥା

**ବିଶ୍ୱ ସାମାଜିକ ନ୍ୟାୟ ଦିବସ**

**ସ**ମାଜରେ ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଫେବୃୟାରୀ ୨୦ରେ ବିଶ୍ୱ ନ୍ୟାୟ ଦିବସ ପାଳନ କରାଯାଇଥାଏ।

ଏହି ଦିବସ ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତାକୁ ସ୍ୱୀକୃତି ଦେଇଥାଏ। ଯେଉଁଥିରେ ଦାରିଦ୍ର୍ୟ, ବହିଷ୍କାର, ଲିଙ୍ଗଗତ ଅସମାନତା, ବେକାରି, ମାନବ ଅଧିକାର ଏବଂ ସାମାଜିକ ସୁରକ୍ଷା ଭଳି ସମସ୍ୟାର ମୁକାବିଲା ପାଇଁ ପ୍ରୟାସ ଅନ୍ତର୍ଭୁକ୍ତ। ଜାତିସଂଘର ସାଧାରଣ ସଭା ଆମେରିକୀୟ ଲାଇବ୍ରେରୀ ଆସୋସିଏଶନ ଏବଂ ଅନ୍ତର୍ଜାତୀୟ ଶ୍ରମ ସଂଗଠନ ସମେତ ଅନେକ ସଂଗଠନ ଲୋକଙ୍କ ପାଇଁ ସାମାଜିକ ନ୍ୟାୟର ଗୁରୁତ୍ୱାରୋପ କରି ଦାରିଦ୍ର୍ୟ, ସାମାଜିକ ଏବଂ ଅର୍ଥନୈତିକ ବହିଷ୍କାର ତଥା ବେକାରି ସମସ୍ୟାକୁ ମୁକାବିଲା କରି ଅଧିକ ସାମାଜିକ ନ୍ୟାୟ ପାଇଁ ଯୋଜନା ଉପସ୍ଥାପନ ପାଇଁ ୨୬ ନଭେମ୍ବର ୨୦୦୭ରେ ଏହି ଦିବସ ପାଳନ ଲାଗି ଅନୁମତି ପ୍ରଦାନ କରିଥିଲେ। ୨୦୦୯ ମସିହାରୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସାମାଜିକ ନ୍ୟାୟ ଦିବସ ପାଳନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ସାମାଜିକ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ଏବଂ ଦାରିଦ୍ର୍ୟ, ଲିଙ୍ଗଗତ, ଶାରୀରିକ ଭେଦଭାବ, ନିରକ୍ଷରତା, ଧାର୍ମିକ ଭେଦଭାବକୁ ଦୂର କରିବା ପାଇଁ ବିଭିନ୍ନ ସମ୍ପ୍ରଦାୟକୁ ଅନ୍ତର୍ଜାତୀୟ ସ୍ତରରେ ଏକତ୍ରିତ କରିବା। ଏହିଅବସରରେବିଶ୍ୱବ୍ୟାପୀବିଭିନ୍ନସଚେତନତା କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ।

**୨୦୨୨ରେ ୧୫ ହଜାର ଅଙ୍ଗ ପ୍ରତିରୋପଣ ହୋଇଛି**

କୋଭିଡ୍-୧୯ ମହାମାରୀ ପରେ ଭାରତରେ ଅଙ୍ଗ ପ୍ରତିରୋପଣ କାର୍ଯ୍ୟ ଯଥେଷ୍ଟ ବଢ଼ିଛି। ୨୦୨୨ରେ ରେକର୍ଡ ୧୫ ହଜାରରୁ ଊର୍ଦ୍ଧ୍ୱ ଅଙ୍ଗ ପ୍ରତିରୋପଣ କରାଯାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ କହିଛନ୍ତି। ଅଙ୍ଗ ପ୍ରତିରୋପଣ ସଂଖ୍ୟା ବାର୍ଷିକ ୨୭ ପ୍ରତିଶତ ବୃଦ୍ଧି ପାଉଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଜାତୀୟ ଅଙ୍ଗ ଓ ଟିସ୍ୟୁ ପ୍ରତିରୋପଣ ସଂଗଠନର ବିଜ୍ଞାନସମ୍ମତ ଆଲୋଚନାରେ ଯୋଗଦେଇ ଭୂଷଣ କହିଛନ୍ତି।

# ଥମୁନି 'ସୋରୋସ୍' ଚର୍ଚ୍ଚା

ନୂଆଦିଲ୍ଲୀ,୧୯।୨

ଭାରତର ଗଣତନ୍ତ୍ର ଉପରେ ବିଲିୟନେୟାର୍ ବିଜ୍ନେସ୍ମ୍ୟାନ୍ ଜର୍ଜ ସୋରୋସ୍ଙ୍କ ମନ୍ତବ୍ୟ ଦେଶରେ ବିତର୍କ ସୃଷ୍ଟି କରିଛି। ଜର୍ମାନୀର ମ୍ୟୁନିକ୍ ସୁରକ୍ଷା ସମ୍ମିଳନୀରେ ସୋରୋସ୍ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଣତନ୍ତ୍ର ସପକ୍ଷବାଦୀ ନୁହନ୍ତି। ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ସହ ମୋଦିଙ୍କ ସମ୍ପର୍କକୁ ନେଇ ମଧ ସେ ପ୍ରଶ୍ନ ଉଠାଇଥିଲେ। ଇତିମଧ୍ୟରେ ସୋରୋସ୍ଙ୍କ ମନ୍ତବ୍ୟକୁ ନେଇ କେନ୍ଦ୍ରର କ୍ୟାବିନେଟ୍ ମନ୍ତ୍ରୀମାନେ କଡ଼ା ଜବାବ ଦେବା ପାଇଁ ଆଗେଇ ଆସିଛନ୍ତି। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ସୋରୋସ୍ଙ୍କୁ ଜଣେ ଆର୍ଥିକ ଯୁଦ୍ଧ ଅପରାଧୀ ଭାବେ ଅଭିହିତ କରିଥିବାବେଳେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ତାଙ୍କୁ ବୃଦ୍ଧ, ଧନୀ, କୁହାଳିଆ ଓ ବିପଜ୍ଜନକ ବ୍ୟକ୍ତି ବୋଲି ସମାଲୋଚନା କରିଛନ୍ତି। ଭୂରାଜନୈତିକ ବିଶେଷଜ୍ଞ ଅଭିଜିତ ଆୟର ମିତ୍ରଙ୍କ ମତରେ ମୋଦିଙ୍କ ସହ ଆଦାନୀଙ୍କ ସମ୍ପର୍କ ତୁଳନାରେ ସୋରୋସ୍ଙ୍କ ସହ କଂଗ୍ରେସର ଅଧିକ ସମ୍ପର୍କ ରହିଛି।


ଜର୍ଜ ସୋରୋସ୍

ଆମେରିକୀୟ ଶର୍ଟ ସେଲର୍ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଆଦାନୀ ଗ୍ରୁପ୍ ବିରୋଧରେ ଷ୍ଟକ୍ସ ଓ ଆକାଉଣ୍ଟସ୍ ହେରଫେର ନେଇ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରଘଟ କରିଥିଲା। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ଅଡ଼ିବସିଥିବାବେଳେ ଶୁକ୍ରବାର ମ୍ୟୁନିକ୍ ସିକ୍ୟୁରିଟି କନ୍‌ଫରେନ୍ସ (ଏମ୍‌ଏସ୍‌ସି-୨୦୨୩)ରେ ୯୨ ବର୍ଷୀୟ ସୋରୋସ୍ କହିଥିଲେ, ଆଦାନୀ ଗ୍ରୁପ୍‌କୁ ନେଇ ବିଦେଶୀ ନିବେଶକଙ୍କ ପ୍ରଶ୍ନ ଏବଂ ଭାରତୀୟ ପାର୍ଲାମେଣ୍ଟରେ ଆସିଥିବା ଅଭିଯୋଗଗୁଡ଼ିକର ଉତ୍ତର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଦେବାକୁ ପଡ଼ିବ। ଅନ୍ୟପକ୍ଷେ ସୋରୋସ୍ଙ୍କ ଅବାଞ୍ଛିତ ମନ୍ତବ୍ୟ ଭାରତୀୟ ଗଣତନ୍ତ୍ରକୁ ଦୁର୍ବଳ କରିବା ପାଇଁ ଉଦ୍ଦିଷ୍ଟ ବୋଲି ଭାଜପା ଜବାବ ଦେଇଛି। ସ୍ମରଣଯୋଗ୍ୟ, ୨୦୧୯ ସେପ୍ଟେମ୍ବର ୨୨ରେ ଆମେରିକାର ଟେକ୍ସାସ୍ ଇଣ୍ଡିଆ ଫୋରମ୍ ପକ୍ଷରୁ ଆୟୋଜିତ 'ହାଓଡି ମୋଦି' କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ମୋଦି ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସପକ୍ଷରେ ପ୍ରଚାର କରିଥିଲେ। ମୋଦି 'ଅବ୍ କୀ ବାର୍ ଟ୍ରମ୍ପ୍ ସରକାର' ସ୍ଲୋଗାନ ଦେଇ ଆମେରିକାରେ ବସବାସ କରୁଥିବା ଭାରତୀୟ ଭୋଟରଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପଙ୍କୁ ପରାଜୟର ମୁହଁ ଦେଖିବାକୁ ପଡ଼ିଥିଲା। ଯଦି ମୋଦି ଆମେରିକା ରାଜନୀତିରେ ହସ୍ତକ୍ଷେପ କରିପାରୁଛନ୍ତି ତେବେ ସୋରୋସ୍ ଭାରତୀୟ ରାଜନୀତି ଓ ଗଣତନ୍ତ୍ର ଉପରେ ମନ୍ତବ୍ୟ ଦେବା ଆଦୌ ଅବାଞ୍ଛିତ ନୁହେଁ ବୋଲି ମତ ପ୍ରକାଶ ପାଇଛି।


ତୁର୍କୀର ଭୂକମ୍ପ ପ୍ରଭାବିତ ଅନ୍ତକ୍ୟା ସହରରେ ନିଜ ଭାଙ୍ଗିଯାଇଥିବା ଦୋକାନରୁ ସାମଗ୍ରୀ ସଂଗ୍ରହରେ ପରିବାର ଲୋକଙ୍କୁ ସାହାଯ୍ୟ କରୁଛନ୍ତି ମୁସ୍ତାଫା ଓଜ୍‌ଡିମିର।

## ୨ କି.ମି. ଦୌଡ଼ି ପରୀକ୍ଷା କେନ୍ଦ୍ରରେ ପହଞ୍ଚିଲେ ଛାତ୍ରୀ

**ପାଟନା,୧୯।୨:** ଟ୍ରାଫିକ୍ ଜାମ୍ ଯୋଗୁ ଗାଡ଼ିଗୁଡ଼ିକ ଅଟକି ରହିବାରୁ ଶୁକ୍ରବାର ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିବା ବିହାରର ଅନେକ ଛାତ୍ରୀ ୨ ନମ୍ବର ଜାତୀୟ ରାଜପଥରେ ୨ କିଲୋମିଟର ଦୌଡ଼ି ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। ଏହି ଘଟଣାକୁ ନେଇ ପ୍ରଶାସନ ସମାଲୋଚିତ ହୋଇଛି। ପିଲାମାନେ କୈମୁର ପରୀକ୍ଷାକେନ୍ଦ୍ରକୁ ଯାଉଥିବାବେଳେ ପ୍ରବଳ ଟ୍ରାଫିକ ଜାମ୍‌ରେ ସେମାନଙ୍କ ଗାଡ଼ି ଫସିଯାଇଥିଲା। ଅଧିକାଂଶ ପିଲା ଅଭିଭାବକଙ୍କ ସହ ବାଇକରେ କିମ୍ବା ଅଟୋରିକ୍ସାରେ ଆସିଥିଲେ। ପରୀକ୍ଷା ସମୟ ପାଖେଇ ଆସୁଥିବାରୁ ଅନ୍ୟ ଉପାୟ ନ ପାଇ ଝିଅମାନେ ହାତରେ ଆଡମିଟ୍ କାର୍ଡ ଓ କଲମ ଧରି ଦୌଡ଼ିଥିଲେ, ଯାହାର ଭିଡିଓ ଭାଇରାଲ ହୋଇଛି।

## ଶିବରାତ୍ରି ବେଳେ ଜାତିଆଣ ସଂଘର୍ଷ: ୧୪ ଆହତ

**ଭୋପାଳ,୧୯।୨:** ମଧ୍ୟପ୍ରଦେଶର ଖାର୍ଗୋନ ଜିଲାରେ ଶନିବାର ଶିବରାତ୍ରି ପାଳନ ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୧୪ ଜଣ ଆହତ ହୋଇଛନ୍ତି। ଶିବରାତ୍ରି ପାଳନ ପାଇଁ ଶିବ ମନ୍ଦିରରେ ପ୍ରବେଶ ନିମନ୍ତେ ଦଳିତମାନଙ୍କୁ ଉଚ୍ଚଜାତିର ଲୋକମାନେ ଅନୁମତି ଦେଇ ନ ଥିଲେ। କ'ଣ ପାଇଁ ମନ୍ଦିରରେ ପୂଜାର୍ଚ୍ଚନା ଲାଗି ଅନୁମତି ଦିଆଯିବନି ବୋଲି ଦଳିତମାନେ ଯୁକ୍ତି ବାଢ଼ିଥିଲେ। ଏହାକୁ ନେଇ ବଚସାରୁ ସଂଘର୍ଷ ହୋଇଥିଲା।

# ରୁଷିଆକୁ ଅସ୍ତ୍ର ଦେଲେ ଭୟଙ୍କର ପରିଣାମ

## ଚାଇନାକୁ ଆମେରିକାର କଡ଼ା ଚେତାବନୀ

ୱାଶିଂଟନ୍/ମ୍ୟୁନିକ୍,୧୯।୨

ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ରବିବାର ଚାଇନାକୁ କଡ଼ା ଚେତାବନୀ ଦେଇଛନ୍ତି। ୟୁକ୍ରେନ୍ ବିରୋଧୀ ଯୁଦ୍ଧରେ ରୁଷିଆକୁ ଚାଇନା ଅସ୍ତ୍ରଶସ୍ତ୍ର ଓ ଅନ୍ୟ ସାମରିକ ଉପକରଣ ଯୋଗାଇଦେଲେ ଏହାର ପରିଣାମ ଭୟଙ୍କର ହେବ ବୋଲି ସେ କହିଛନ୍ତି। ସେହିପରି ଚାଇନାର ଗୁପ୍ତଚର ବେଲୁନ୍ ଆମେରିକୀୟ ସାର୍ବଭୌମତ୍ୱକୁ ଉଲ୍ଲଂଘନ କରିବା ଗ୍ରହଣୀୟ ନୁହେଁ ବୋଲି ବ୍ଲିଙ୍କେନ୍ ନିନ୍ଦା କରିଛନ୍ତି।

ଜର୍ମାନୀର ମ୍ୟୁନିକ୍ ଗ୍ଲୋବାଲ ସିକ୍ୟୁରିଟି କନ୍‌ଫରେନ୍ସ ପରିପ୍ରେକ୍ଷୀରେ ଚାଇନାର ବରିଷ୍ଠ କୂଟନୀତିଜ୍ଞ ୱାଙ୍ଗ୍ ୟି ଏବଂ ବ୍ଲିଙ୍କେନ୍‌ଙ୍କ ମଧ୍ୟରେ ସାକ୍ଷାତ୍ ହୋଇଛି। ଆମେରିକା ବେଲୁନ୍‌କୁ ନେଇ ଅତ୍ୟଧିକ ହଟଚମଟ ସୃଷ୍ଟି କରୁଛି ବୋଲି ୱାଙ୍ଗ୍ ୟି ମନ୍ତବ୍ୟ ଦେବାର କିଛି ଘଣ୍ଟା ପରେ ଉଭୟେ ପରସ୍ପରକୁ ଭେଟିଛନ୍ତି। ସାକ୍ଷାତ ପରେ ଏକ ଇଣ୍ଟରଭ୍ୟୁରେ ବ୍ଲିଙ୍କେନ୍ କହିଛନ୍ତି, ବେଜିଂକୁ ବେଲୁନ୍ ପ୍ରସଙ୍ଗରେ ସ୍ପଷ୍ଟ ଚେତାବନୀ ଦିଆଯାଇଛି। ଚାଇନା ବେଲୁନ୍ ୫ ମହାଦେଶର ୪୦ରୁ ଊର୍ଦ୍ଧ୍ୱ ଦେଶକୁ ଅନୁପ୍ରବେଶ କରିଥିବା ବିଶ୍ୱବାସୀ ଜାଣିସାରିଲେଣି। ୟୁକ୍ରେନ୍ ଯୁଦ୍ଧରେ ଚାଇନା


ଚାଇନା କୂଟନୀତିଜ୍ଞ ୱାଙ୍ଗ୍ ୟିଙ୍କ ସହ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍।

### ମ୍ୟୁନିକ୍ ସମ୍ମିଳନୀରେ ବ୍ଲିଙ୍କେନ୍-ୱାଙ୍ଗ୍ ୟି ଭେଟ

ରୁଷିଆକୁ ଯୁଦ୍ଧାସ୍ତ୍ର ଓ ଅନ୍ୟ ସାମରିକ ଉପକରଣ ଯୋଗାଇଲେ ଏହାର ପରିଣାମ ବିପଜ୍ଜନକ ହେବ ବୋଲି ବ୍ଲିଙ୍କେନ୍ କହିଛନ୍ତି। ପ୍ରକାଶ ଯେ, ନିକଟରେ ଚାଇନା ବେଲୁନ୍‌କୁ ନେଇ ବ୍ଲିଙ୍କେନ୍ ନିଜ ବେଜିଂ ଗସ୍ତ ବାତିଲ କରିଥିଲେ। ଚାଇନାର ବହିର୍ବ୍ୟାପାର ସେଣ୍ଟ୍ରାଲ କମିଶନ ଅଫିସ ନିର୍ଦ୍ଦେଶକ ୱାଙ୍ଗ୍ ୟିଙ୍କ ମତରେ ବେଲୁନ୍ ଉପାଖ୍ୟାନ ହେଉଛି ଆମେରିକା ଦ୍ୱାରା ପ୍ରାୟୋଜିତ ଏକ ରାଜନୈତିକ ପ୍ରହସନ। ଚାଇନାକୁ ଅତିକ୍ରମ କରିବା ପାଇଁ ଆମେରିକା ସବୁ ପ୍ରକାର ଉପାୟ ଆପଣାଇଛି।

### ବେଲୁନ୍ ଉପାଖ୍ୟାନ

- ଫେବୃୟାରୀ ୪ରେ ଆମେରିକାର ସାଉଥ କାରୋଲିନା ସମୁଦ୍ର କୂଳ ନିକଟରେ ଚାଇନାର ଏକ ବେଲୁନ୍‌କୁ ୱାଶିଂଟନ ଖସାଇ ଦେଇଥିଲା।
- ଆମେରିକା ଏହାକୁ ଗୁପ୍ତଚର ବେଲୁନ୍ କହି ଚାଇନାକୁ ଟାର୍ଗେଟ କରିଥିବାବେଳେ ବେଜିଂ ଅଭିଯୋଗକୁ ଖଣ୍ଡନ କରିଥିଲା।
- ଫେବୃୟାରୀ ୧୦ରେ ଆଲାସ୍କାର ଡେଡ୍‌ହର୍ସ ଆକାଶରେ ଏକ ଅଜଣା ବସ୍ତୁ ଉଡୁଥିବା ଦେଖିବାକୁ ମିଳିଥିଲା। ଏହାକୁ ମଧ ଆମେରିକା ଖସାଇ ଦେଇଥିଲା।
- ଫେବୃୟାରୀ ୧୧ରେ କାନାଡାର ୟୁକୋନ୍ ଆକାଶରେ ଆଉ ଏକ ଅଚିହ୍ନା ଉଡ଼ନ୍ତା ବସ୍ତୁ (ୟୁଏଫ୍‌ଓ) ଦେଖିବାକୁ ମିଳିଥିଲା, ଯାହାକୁ ଆମେରିକୀୟ ସେନା ସହାୟତାରେ ଖସାଇ ଦିଆଯାଇଥିଲା।
- ଫେବୃୟାରୀ ୧୨ରେ ଆମେରିକା-କାନାଡା ସୀମାନ୍ତ ମିଶିଗାନ୍‌ରେ ଏକ ଆଠକୋଣୀୟ ୟୁଏଫ୍‌ଓକୁ ଆମେରିକୀୟ ସେନା ଖସାଇଥିଲା।

# ଶାନ୍ତି ଆଲୋଚନା ଚାହୁଁ ନାହାନ୍ତି ପାଶ୍ଚାତ୍ୟ ରାଷ୍ଟ୍ର

ମସ୍କୋ,୧୯।୨

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ଆଉ ୪ ଦିନ ପରେ ବର୍ଷେ ପୂରିବ। ତେବେ ଯୁଦ୍ଧର ସମାଧାନ ପାଇଁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଶାନ୍ତି ଆଲୋଚନାରେ ସାମିଲ ହେବାକୁ ଆଗ୍ରହ ଦେଖାଉ ନ ଥିବା ମସ୍କୋ ଅଭିଯୋଗ କରିଛି। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସାମୂହିକ ଭାବେ ଶାନ୍ତି ପଦକ୍ଷେପ ଲାଗି ଏପର୍ଯ୍ୟନ୍ତ ଆନ୍ତରିକତା ଦେଖାଇ ନାହାନ୍ତି ବୋଲି କ୍ରେମ୍ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ ରବିବାର କହିଛନ୍ତି। ରୁଷିଆର ପରାଜୟ ଦେଖିବାକୁ ଚାହେଁ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ କହିଥିବାରୁ ମସ୍କୋ ଏହାର ସମାଲୋଚନା କରିଛି। ଏବେ ମଧ ନେପୋଲିଅନ୍ ବୋନାପାର୍ଟଙ୍କ ଅବସ୍ଥାକୁ ମସ୍କୋ ମନେ ରଖିଛି। କ୍ରେମ୍ଲିନ ସହ ଫ୍ରାନ୍ସ ରାଷ୍ଟ୍ରପତି ଧୋକାବାଜ କୂଟନୀତି କରୁଥିବା ରୁଷିଆ କହିଛି। ଯୁଦ୍ଧ ଜାରି ରଖିବାକୁ କେତେକ ରାଷ୍ଟ୍ର ଚାହୁଁଛନ୍ତି। ବାଇଡେନ୍ ପ୍ରଶାସନ ଏଫ୍-୧୬ ଯୁଦ୍ଧବିମାନ ପଠାଇବାକୁ ୟୁକ୍ରେନ୍ ଆମେରିକା କଂଗ୍ରେସ ସଦସ୍ୟମାନଙ୍କୁ ଅନୁରୋଧ

### ରୁଷିଆର ଅଭିଯୋଗ

କରିଛି। ଆମେରିକା ନିର୍ମିତ ରକେଟ ଦ୍ୱାରା ରୁଷିଆ ମିଶାଇଲ୍ ୟୁନିଟ୍‌କୁ ଧ୍ୱଂସ କରିବାକୁ ୟୁକ୍ରେନ୍ ସମର୍ଥ ହୋଇପାରିବ।

ସେପଟେ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ ରୁଷିଆକୁ ସହାୟତା ନ ଦେବା ପାଇଁ ଚାଇନାକୁ ଚେତାବନୀ ଦେଇଛନ୍ତି। ୟୁକ୍ରେନ୍ ଯୁଦ୍ଧରେ ବେଜିଂ ମସ୍କୋକୁ ସହାୟତା ଯୋଗାଇଲେ ତା'ର ପରିଣାମ ଭୟାବହ ହେବ ବୋଲି ବ୍ଲିଙ୍କେନ ଚାଇନା କୂଟନୀତିଜ୍ଞ ୱାଙ୍ଗ ୟିଙ୍କୁ କହିଛନ୍ତି। ରୁଷିଆର ସାନି ଆକ୍ରମଣକୁ ପ୍ରତିହତ କରିବା ଲାଗି ୟୁକ୍ରେନ୍ ସୈନ୍ୟମାନେ ସିଭେର୍ସ୍କରେ ସପ୍ତାହାନ୍ତ ଯୁଦ୍ଧାଭ୍ୟାସ ଚଳାଇଛନ୍ତି। ବାଖମୁଟ୍ ଉତ୍ତରରେ ୩୫ କିଲୋମିଟର ଦୂରରେ ସିଭେର୍ସ୍କ ସହର ଅବସ୍ଥିତ। ଯଦି ରୁଷିଆ ବାଖମୁଟ୍‌କୁ ଅକ୍ତିଆର କରିନିଏ ତେବେ ଏହା ଅଧା ଅବରୋଧ ହୋଇଯିବ। ତେଣୁ ବାଖମୁଟ୍‌କୁ ରୁଷିଆ ଆକ୍ରମଣରୁ ବଞ୍ଚାଇବା ପାଇଁ କିଭ୍ ପାଶ୍ଚାତ୍ୟ ସହଯୋଗୀମାନଙ୍କଠାରୁ ଅତ୍ୟାଧୁନିକ ଅସ୍ତ୍ର ସହାୟତା ଚାହୁଁଛି।

## ଲଦାଖ ଉପରାଜ୍ୟପାଳ ଭାବେ ଶପଥ ନେଲେ ବି.ଡି. ମିଶ୍ର

**ଲେହ, ୧୯।୨:** ଅବସରପ୍ରାପ୍ତ ବ୍ରିଗେଡିୟର ବି.ଡି. ମିଶ୍ର ରବିବାର ଲଦାଖର ଦ୍ୱିତୀୟ ଉପରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିଛନ୍ତି। ଜମ୍ମୁ-କଶ୍ମୀର ଓ ଲଦାଖ ହାଇକୋର୍ଟର ଚିଫ୍ ଜଷ୍ଟିସ୍ ଏନ୍. କୋଟିଶ୍ୱର ସିଂ ବି.ଡି. ମିଶ୍ରଙ୍କୁ ଦାୟିତ୍ୱ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ୨୦୧୯ରେ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ମାନ୍ୟତା ପାଇବା ପରେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ରାଧାକ୍ରିଷ୍ଣ ମାଥୁର ଉପରାଜ୍ୟପାଳ ହୋଇଥିଲେ।



## ବିବାହ ପାଇଁ ରାଜି ନ ହେବାରୁ ନାବାଳିକାଙ୍କୁ ଆକ୍ରମଣ

ରାୟପୁର,୧୯।୨

ଛତିଶଗଡ଼ ରାଜଧାନୀ ରାୟପୁରର ଗୁଧିୟାରୀ ଅଞ୍ଚଳରେ ଜଣେ ନାବାଳିକା ବିବାହ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାରୁ ଜଣେ ୪୭ ବର୍ଷୀୟ ବ୍ୟକ୍ତି ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ସହ ଚୁଟି ଧରି ରାସ୍ତାରେ ଘୋଷାଡ଼ିଥିବା ଅଭିଯୋଗ ହୋଇଛି। ଶନିବାର ରାତିରେ ଏହି ଘଟଣା ଘଟିଥିବାବେଳେ ଅଭିଯୁକ୍ତ ଜଣକ ଚୁଟି ଧରି ଘୋଷାଡୁଥିବା ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସ୍ଥାନୀୟ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ୧୬ ବର୍ଷୀୟା ବାଳିକାଙ୍କ ଦେହରେ ଏକାଧିକ କ୍ଷତଚିହ୍ନ ଥିବା ଦେଖିବାକୁ ମିଳିଛି। ପୋଲିସ ଅଭିଯୁକ୍ତ ଓମ୍‌କାର ତିୱାରି ଓରଫ ମନୋଜଙ୍କୁ ଗିରଫ କରିଛି। ପୀଡ଼ିତା ମନୋଜଙ୍କ ଦୋକାନରେ କାମ କରୁଥିଲେ। ଗୁଧିୟାରୀ ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ଆଇପିସି ଏବଂ ଅସ୍ତ୍ରଶସ୍ତ୍ର ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି।



## 'ନାବାଳିକାଙ୍କୁ ଆସ-ଆସ କହିବା ଯୌନ ବ୍ୟଭିଚାର'

**ମୁମ୍ବାଇ ୧୯।୨:** ନାବାଳିକାଙ୍କ ପିଛା କରିବା ଏବଂ ଆସ,ଆସ ବୋଲି ଡାକିବା ଯୌନ ବ୍ୟଭିଚାର ବୋଲି ମୁମ୍ବାଇ ଦିନ୍ଦୋଶି ସେସନ୍ସ କୋର୍ଟ ଏକ ମାମଲାର ଶୁଣାଣିବେଳେ କହିଛନ୍ତି। ନାବାଳିକାଙ୍କୁ ଯୌନ ନିର୍ଯାତନା ଅଭିଯୋଗର ୮ ବର୍ଷ ପରେ ଅଭିଯୁକ୍ତଙ୍କୁ ବର୍ଷେ ଜେଲ ଦଣ୍ଡ ହୋଇଛି। ୨୦୧୫ ସେପ୍ଟେମ୍ବରରେ ଦଶମ ଶ୍ରେଣୀ ଛାତ୍ରୀ ଟ୍ୟୁଶନ୍ ଯିବା ସମୟରେ ଅଭିଯୁକ୍ତ ତାଙ୍କ ପିଛା କରି ଆସ,ଆସ ବୋଲି ଡାକିଥିଲେ। ପୀଡ଼ିତାଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଥିଲା।

# ଉତ୍ତର କୋରିଆର ଆଇସିବିଏମ୍ ପରୀକ୍ଷା

ସିଓଲ,୧୯।୨

ଉତ୍ତରକୋରିଆ ନିଜର ମାରାତ୍ମକ ଆଣବିକ ଆକ୍ରମଣ କ୍ଷମତାକୁ ଅଧିକ ବଢ଼ାଇବା ପାଇଁ ଶନିବାର ଆନ୍ତଃମହାଦେଶୀୟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର (ଆଇସିବିଏମ୍) ପରୀକ୍ଷା କରିଥିଲା। ଏହା ଆମେରିକା, ଦକ୍ଷିଣ କୋରିଆ ଏବଂ ଜାପାନ ଯୁଦ୍ଧବିମାନର ମିଳିତ ସମରାଭ୍ୟାସ ପ୍ରତି ଏକ ଧମକ ବୋଲି କୁହାଯାଉଛି। ଏହାର ଜବାବରେ ଆମେରିକା ରବିବାର ମିଳିତ ସମରାଭ୍ୟାସରେ ଦୀର୍ଘ ଦୂରଗାମୀ ସୁପରସୋନିକ୍ ବମ୍ବର ଉଡ଼ାଇଛି।

### ସୁପରସୋନିକ୍ ବମ୍ବର ଉଡ଼ାଇଲା ଆମେରିକା



ଏହା ପୂର୍ବରୁ ଗତ ଜାନୁୟାରୀ ୧ରେ ଉତ୍ତର କୋରିଆ କ୍ଷେପଣାସ୍ତ୍ର ପରୀକ୍ଷା କରିଥିଲା। କୌଣସି ପୂର୍ବ ସୂଚନା ନ ଥାଇ ଉତ୍ତର କୋରିଆ ନେତା କିମ୍ ଜଙ୍ଗ୍ ଉନ୍‌ଙ୍କ ନିର୍ଦ୍ଦେଶକ୍ରମେ ଶନିବାର ହଠାତ୍ ହ୍ୱାସୋଙ୍ଗ୍-୧୫ ଆଇସିବିଏମ୍‌ର ପରୀକ୍ଷା କରାଯାଇଥିଲା। ଉକ୍ତ କ୍ଷେପଣାସ୍ତ୍ରର ବିଶ୍ୱସନୀୟତା ଏବଂ ଦେଶର ଆଣବିକ ଶକ୍ତିର ଆକ୍ରମଣ ପ୍ରସ୍ତୁତି ଯାଞ୍ଚ ପାଇଁ ଏହି ପରୀକ୍ଷା କରାଯାଇଥିଲା ବୋଲି ସରକାରୀ ଗଣମାଧ୍ୟମ କହିଛି। ଏହି କ୍ଷେପଣାସ୍ତ୍ର ସର୍ବାଧିକ ୫,୭୭୦ କିଲୋମିଟର ଉଚ୍ଚତାକୁ ଟାର୍ଗେଟ କରିପାରିବ। ଏହା ୬୭ ମିନିଟରେ ୯୯୦ କିଲୋମିଟର ଅତିକ୍ରମ କରି କୋରିଆ ଉପଦ୍ୱୀପ ଓ ଜାପାନ ମଧ୍ୟରେ ଥିବା ସମୁଦ୍ରରେ ଏକ ଟାର୍ଗେଟକୁ ଲକ୍ଷ୍ୟଭେଦ କରିଥିଲା।

# କୁହୁଡ଼ି ଯୋଗୁ ଏକସଙ୍ଗେ ଅନେକ ଗାଡ଼ି ଧକ୍କା

## ଦିଲ୍ଲୀ-ମୀରଟ ଏକ୍ସପ୍ରେସ୍‌ୱେରେ ଦୁର୍ଘଟଣା

ନୂଆଦିଲ୍ଲୀ,୧୯।୨

ଘନକୁହୁଡ଼ି ଯୋଗୁ ରବିବାର ସକାଳେ ଦିଲ୍ଲୀ-ମୀରଟ ଏକ୍ସପ୍ରେସ୍‌ୱେରେ ଅନେକ ଗାଡ଼ି ପରସ୍ପରକୁ ଧକ୍କା ଦେଇଥିଲେ। ଏହି ଦୁର୍ଘଟଣାରେ କେତେଜଣ ଆହତ ହୋଇଥିବାବେଳେ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। କୁହୁଡ଼ିରେ ରାସ୍ତା ଭଲଭାବେ ଦୃଶ୍ୟ ହେଉ ନ ଥିବାରୁ ଗାଜିଆବାଦର ମସୁରି ନିକଟ ଏକ୍ସପ୍ରେସ୍‌ୱେରେ ୧୫ ଗାଡ଼ି ଏକସଙ୍ଗେ ଧକ୍କା ହୋଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଏହା ବ୍ୟତୀତ ଦିଲ୍ଲୀ-ସାହରନପୁର ରାଜପଥରେ ସ୍କୁଲ୍‌ବସ୍ ସମେତ ଡଜନରୁ ଊର୍ଦ୍ଧ୍ୱ ଗାଡ଼ି ପରସ୍ପରକୁ ଧକ୍କା ଦେବାରୁ କେତେଜଣ ଆହତ ହୋଇଥିଲେ।



# ଗର୍ଭନିରୋଧକ ବନ୍ଦ କଲା ତାଲିବାନ

କାବୁଲ,୧୯।୨

ଆଫଗାନିସ୍ତାନରେ ତାଲିବାନ ୨୦୨୧ ଅଗଷ୍ଟରେ କ୍ଷମତାକୁ ଆସିବା ପରେ ମହିଳାମାନଙ୍କ ଅଧିକାର କ୍ଷୁଣ୍ଣ କରିବାରେ ଲାଗିଛି। ଏବେ ସେମାନେ ଗର୍ଭନିରୋଧକ (କଣ୍ଟ୍ରାସେପ୍ଟିଭ୍)କୁ ବେଆଇନ ଘୋଷଣା କରିଛନ୍ତି। ଆଫଗାନିସ୍ତାନର ଦୁଇଟି ମୁଖ୍ୟ ସହରରେ ଏହାର ବିକ୍ରି ବନ୍ଦ କରାଯାଇଛି। ମହିଳାମାନେ ଗର୍ଭନିରୋଧକ ବ୍ୟବହାର କରିବା ମୁସଲମାନ ଲୋକସଂଖ୍ୟାକୁ ନିୟନ୍ତ୍ରଣ କରିବା ଲାଗି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଷଡ଼ଯନ୍ତ୍ର ବୋଲି ତାଲିବାନ କହିଛି। ସେମାନେ ଘରକୁ ଘର ଯାଇ ଗର୍ଭନିରୋଧକ ବ୍ୟବହାର ବନ୍ଦ କରାଇବା ପାଇଁ ଧାଇମାନଙ୍କୁ ଧମକ ଦେଉଛନ୍ତି। ସେହିପରି ଜନ୍ମ ନିୟନ୍ତ୍ରଣ ଔଷଧ ଓ କଣ୍ଡୋମ୍ ଆଦି ବିକ୍ରି ନ କରିବାକୁ ସେମାନେ ଔଷଧ ଦୋକାନୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ତାଲିବାନ ଯୋଦ୍ଧାମାନେ ବନ୍ଧୁକ ଧରି କାବୁଲର ପ୍ରତି ଔଷଧ ଦୋକାନକୁ ନିୟମିତ ଯାଞ୍ଚ କରୁଛନ୍ତି । କଣ୍ଟ୍ରାସେପ୍ଟିଭ୍ ପିଲ୍ ଏବଂ ଡେପୋ-ପ୍ରୋଭେରା ଇଞ୍ଜେକ୍ସନ ଦୋକାନରେ ନ ରଖିବା ପାଇଁ ଧମକ ଦେଉଛନ୍ତି ବୋଲି ଜଣେ ଔଷଧ ବ୍ୟବସାୟୀ କହିଛନ୍ତି। ଫଳରେ ଦୋକାନରେ ରହିଯାଇଥିବା ଷ୍ଟକ୍ ବିକ୍ରି କରିବାକୁ ସେମାନେ ଡରୁଥିବା କହିଛନ୍ତି।

ମହିଳାମାନଙ୍କ ଅଧିକାର ଉପରେ ତାଲିବାନ୍‌ର ଏହା ସଦ୍ୟତମ ଆକ୍ରମଣ। ପୂର୍ବରୁ ଏହା ଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷାରୁ ବଞ୍ଚିତ କରିବା ସହ ମହିଳାମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟ ବନ୍ଦ କରିଦେଇଥିଲା। ସେମାନଙ୍କୁ ଚାକିରି ଛାଡ଼ି ଘରେ ରହିବା ପାଇଁ ବାଧ୍ୟ କରାଯାଇଥିଲା। ତାଲିବାନମାନଙ୍କ ନିୟନ୍ତ୍ରଣ କେବଳ ମହିଳାମାନଙ୍କ କାର୍ଯ୍ୟ କରିବା ଓ ଶିକ୍ଷା ସମ୍ବନ୍ଧୀୟ ମାନବୀୟ ଅଧିକାର ଉପରେ ସୀମିତ ରହିନାହିଁ। ଏବେ ସେମାନେ ମହିଳାମାନଙ୍କ ଶରୀର ଉପରେ ମଧ ଅଧିକାର ସାବ୍ୟସ୍ତ କରିଛନ୍ତି ବୋଲି ବ୍ରିଟେନରେ ଆଫଗାନ ଜନ୍ମିତ ସାମାଜିକ କର୍ମୀ ଶବନମ୍ ନସିମି କହିଛନ୍ତି। ପରିବାର ନିୟୋଜନ ନିଷ୍ପତ୍ତି ନେବା ମହିଳାମାନଙ୍କ ମୌଳିକ ମାନବୀୟ ଅଧିକାର। ସମାନତା, ଜୀବନ ଧାରଣ, ଯୌନସ୍ୱାସ୍ଥ୍ୟ, ସନ୍ତାନ ଜନ୍ମ ଆଦି ମହିଳାମାନଙ୍କ ଅଧିକାରର ଅଂଶବିଶେଷ ବୋଲି ନସିମି କହିଛନ୍ତି।

୨୦୨୧ରେ ହ୍ୟୁମ୍ୟାନ ରାଇଟ୍ସ ୱାଚ୍ ରିପୋର୍ଟ ଅନୁଯାୟୀ ଆଫଗାନିସ୍ତାନର ମାତୃତ୍ୱ ସ୍ୱାସ୍ଥ୍ୟସେବା ଏବଂ ପରିବାର ନିୟୋଜନ ସୁବିଧା ଅଧିକାଂଶ ମହିଳାଙ୍କ ପାଇଁ ଉପଲବ୍ଧ ହୋଇ ନ ଥାଏ। ଦାରିଦ୍ର୍ୟ କାରଣରୁ ୬୧ରୁ ୭୨ ପ୍ରତିଶତ ଆଫଗାନ ମହିଳା ଆଧୁନିକ ଗର୍ଭ ନିରୋଧ ବ୍ୟବସ୍ଥା ଆପଣାଇବାକୁ ଅସମର୍ଥ ହୋଇଛନ୍ତି। ଯେଉଁ କାରଣରୁ ସେମାନେ ଅନିଚ୍ଛା ସତ୍ତ୍ୱେ ଅଧିକ ସନ୍ତାନ ଜନ୍ମ କରିବା ସହ ଗର୍ଭାବସ୍ଥାରେ ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି।

# କର୍ଣ୍ଣାଟକ ସହ ପଏଣ୍ଟ ବାଣ୍ଟିଲା ଓଡ଼ିଶା

**ଭୁବନେଶ୍ୱର,୧୯।୨ (ସ୍ପୋର୍ଟ୍ସ ବ୍ୟୁରୋ)**

୭୬ତମ ସନ୍ତୋଷ ଟ୍ରଫି ଫୁଟ୍‌ବଲର ଅନ୍ତିମ ପର୍ଯ୍ୟାୟ ମ୍ୟାଚ୍‌ରେ ରବିବାର ଆୟୋଜକ ଓଡ଼ିଶା କର୍ଣ୍ଣାଟକ ସହ ପଏଣ୍ଟ ବାଣ୍ଟିଛି। ଅନ୍ୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରେ କେରଳ-ପଞ୍ଜାବ ମ୍ୟାଚ୍ ଡ୍ର ରହିଥିବା ବେଳେ ଗୋଆକୁ ପରାସ୍ତ କରିଛି ମହାରାଷ୍ଟ୍ର। କ୍ୟାପିଟାଲ ଫୁଟ୍‌ବଲ ଆରେନାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଗୋଆକୁ ୨-୦ରେ ପରାସ୍ତ

**ସନ୍ତୋଷ ଟ୍ରଫି ଫୁଟ୍‌ବଲ**

କରିଥିଲା ମହାରାଷ୍ଟ୍ର। ମହାରାଷ୍ଟ୍ର ପକ୍ଷରୁ ହିମାଂଶୁ ପାଟିଲ ୫ ଓ ୮୯ତମ ମିନିଟ୍‌ରେ ଡବଲ ଗୋଲ ସ୍କୋର କରିଥିଲେ। ୭ମ ବାଟାଲିୟନ ଷ୍ଟାଡିୟମରେ କେରଳ ଓ ପଞ୍ଜାବ ମଧ୍ୟରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ଟି ଡ୍ରରେ ଶେଷ ହୋଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୨୪ତମ ମିନିଟରେ କେରଳର ଭିଶାକ ମୋହନନ ପ୍ରଥମ ଗୋଲ ଦେଇଥିବା ବେଳେ ଏହାର ୧୦ ମିନିଟ ମଧ୍ୟରେ ପଞ୍ଜାବ ପକ୍ଷରୁ ରୋହିତ ଶେଖ୍ ଗୋଲ୍‌ଟି ପରିଶୋଧ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ପକ୍ଷରୁ ଆପ୍ରାଣ ଉଦ୍ୟମ ହୋଇଥିଲେ ମଧ୍ୟ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ।



ଓଡ଼ିଶା ଓ କର୍ଣ୍ଣାଟକ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

**ଓଡ଼ିଶା-କର୍ଣ୍ଣାଟକ ମ୍ୟାଚ୍ ଡ୍ର:** କ୍ୟାପିଟାଲ ଫୁଟ୍‌ବଲ ଆରେନାରେ ଖେଳାଯାଇଥିବା ଓଡ଼ିଶା ଓ କର୍ଣ୍ଣାଟକ ମ୍ୟାଚ୍ ୨-୨ରେ ଅମୀମାଂସିତ ରହିଛି। ଓଡ଼ିଶା ପକ୍ଷରୁ ପ୍ରବୀଣ ଟିଗ୍ଗା (୨୧) ଓ ଚନ୍ଦ୍ର ମୁଦୁଲି (୩୫) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ସେହିପରି କର୍ଣ୍ଣାଟକ ପକ୍ଷରୁ ଏମ୍. ସୁନୀଲ କୁମାର (୧୭) ଓ ଶାଜାନ ଫ୍ରାଙ୍କଲିନ୍(୫୦) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୧୭ତମ ମିନିଟରେ ସୁନୀଲଙ୍କ ଗୋଲରେ କର୍ଣ୍ଣାଟକ ୧-୦ରେ ଆଗୁଆ ରହିଥିଲା। ଏହାର ୪ ମିନିଟ୍ ପରେ ଟିଗ୍ଗା ଓରାମ ଗୋଲ ପରିଶୋଧ କରିବା ସହିତ ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ୩୫ତମ ମିନିଟ୍‌ରେ ଚନ୍ଦ୍ରଙ୍କ ଗୋଲ ବଳରେ ଓଡ଼ିଶା ୨-୧ରେ ଆଗୁଆ ରହିଥିଲା। ପ୍ରଥମାର୍ଦ୍ଧରେ ଓଡ଼ିଶା ୨-୧ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧର ୫୦ତମ ମିନିଟରେ ଶାଜାନ କର୍ଣ୍ଣାଟକ ପକ୍ଷରୁ ସ୍କୋର କରିବା ସହିତ ଉଭୟ ଦଳ ପଏଣ୍ଟ ବାଣ୍ଟିଥିଲେ। କର୍ଣ୍ଣାଟକ ସେମିରେ ପ୍ରବେଶ କରିସାରିଥିବା ବେଳେ ଓଡ଼ିଶା ସେମି ଦୌଡ଼ରୁ ବାଦ୍ ପଡ଼ିସାରିଛି।

# ରାଜସ୍ଥାନକୁ ୧୩-୧ରେ ହରାଇଲା ଓଡ଼ିଶା

**କାକିନାଡ଼ା, ୧୯।୨**

ଏଠାରେ ଚାଲିଥିବା ୧୩ତମ ଜାତୀୟ ସିନିୟର ମହିଳା ହକି ଚାମ୍ପିୟନଶିପ୍‌ରେ ରବିବାର ଓଡ଼ିଶା, କର୍ଣ୍ଣାଟକ, ଛତିଶଗଡ଼, ମଧ୍ୟପ୍ରଦେଶ ଓ ବିହାର ସେମାନଙ୍କ ମ୍ୟାଚ୍‌ରେ ବିଜୟ ହାସଲ କରି କ୍ୱାର୍ଟର ଫାଇନାଲ ସମ୍ଭାବନାକୁ ଦୃଢ଼ୀଭୂତ କରିଛନ୍ତି। ଦିନର ପ୍ରଥମ ପୁଲ୍ 'ଏ'

**ଜାତୀୟ ସିନିୟର ମହିଳା ହକି**

ମ୍ୟାଚ୍‌ରେ ଓଡ଼ିଶା ୧୩-୧ ଗୋଲ୍‌ରେ ରାଜସ୍ଥାନକୁ ହରାଇ ଦେଇଛି। ଦଳ ପକ୍ଷରୁ ପୁନମ୍ ବାର୍ଲା (୧ମ, ୩ୟ, ୨୯ତମ, ୪୬ତମ ଓ ୪୭ତମ ମିନିଟ୍) ୫ଟି ଗୋଲ୍ ସ୍କୋର କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଆଟେନ ଟପ୍ପୋ, ଅସ୍ମିତା ବାର୍ଲା, ରିଙ୍କି ଟପ୍ପୋ ଦୁଇଟି ଲେଖାଏଁ ଏବଂ ସରିତା ଓ ପ୍ଲେୟର ଅଫ୍ ଦି ମ୍ୟାଚ୍ ଅନୁପା ବାର୍ଲା ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ପୁଲ୍ 'ବି'ରେ ଚଣ୍ଡିଗଡ଼ ବିପକ୍ଷରେ କର୍ଣ୍ଣାଟକ




ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ଅନୁପା ବାର୍ଲା।

୨-୧ ଗୋଲ୍‌ରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛି। ଗ୍ରୁପ୍ ସି'ରେ ଛତିଶଗଡ଼ ୪-୧ ଗୋଲ୍‌ରେ ଉତ୍ତରାଖଣ୍ଡକୁ ହରାଇ ଦେଇଛି। ପୁଲ୍ ଜି'ରେ ମଧ୍ୟପ୍ରଦେଶ ସମାନ ଗୋଲ୍ ବ୍ୟବଧାନରେ ମଣିପୁରକୁ ପରାସ୍ତ କରିଛି। ଦିନର ଶେଷ ମ୍ୟାଚ୍ ଗ୍ରୁପ୍ ଡି'ରେ ବିହାର ୨-୦ ଗୋଲ୍‌ରେ ଆସାମକୁ ପରାଜିତ କରିଛି।

**ଜୁନିୟର ମହିଳା ହକି**

# ଭାରତ ୮-୦ ଗୋଲ୍‌ରେ ବିଜୟୀ

**ନୂଆଦିଲ୍ଲୀ, ୧୯।୨(ପି.ଟି.):** ଭାରତର ଜୁନିୟର ମହିଳା ହକି ଦଳ ଆୟୋଜକ ଦକ୍ଷିଣ ଆଫ୍ରିକା ଦଳକୁ ୮-୦ ଗୋଲ୍‌ରେ ପରାସ୍ତ କରିଛି। ଟୁର୍‌ରେ ଦଳର ଏହା ହେଉଛି କ୍ରମାଗତ ଦ୍ୱିତୀୟ ବିଜୟ। ପ୍ରଥମ ମ୍ୟାଚ୍‌ରେ ଦଳ ୮-୧ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଜ୍ୟୋତି ଛେତ୍ରୀ (୨୬ତମ ଓ ୨୭ତମ, ୩୦ତମ) ତିନୋଟି ଏବଂ ଅନୁ (୧ମ ଓ ୫୪ତମ ମିନିଟ) ଓ ଦୀପିକା ସୋରେନ (୨୯ ଓ ୫୯ତମ) ଦୁଇଟି ଲେଖାଏଁ ଏବଂ ଉପଅଧିନାୟିକା ରୁଜାତା ଦାଦାସୋ ପିସାଲ (୯ମ ମିନିଟ୍) ଗୋଟିଏ ଗୋଲ୍ ଦେଇଥିଲେ। ଆଗକୁ ୨୧ ବର୍ଷରୁ କମ୍ ଜୁନିୟର ମହିଳା ଏସିଆ କପ୍ ରହିଥିବାରୁ ପ୍ରସ୍ତୁତି ପାଇଁ ଦକ୍ଷିଣ ଆଫ୍ରିକା ଟୁର୍‌ର ଆୟୋଜନ କରାଯାଇଛି। ଏହି ଟୁର୍ନାମେଣ୍ଟକୁ ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍‌ର ଯୋଗ୍ୟତା ପର୍ଯ୍ୟାୟ ଭାବେ ବିବେଚନା କରାଯାଉଛି। ସୂଚନା ଯେ, ଭାରତ ଏହାର ପରବର୍ତ୍ତୀ ଦୁଇ ମ୍ୟାଚ୍ ଆସନ୍ତା ୨୪ ଓ ୨୫ରେ ଦକ୍ଷିଣ ଆଫ୍ରିକା 'ଏ' ଦଳ ବିପକ୍ଷରେ ଖେଳିବ।

# କମଳା ସିଂଙ୍କ ନେତୃତ୍ୱରେ ଓଡ଼ିଶା ଦଳ



ମନୋନୀତ ୧୮ ଜଣିଆ ଓଡ଼ିଶା ମହିଳା ଦଳ ଓ ଅନ୍ୟମାନେ।

**ଭୁବନେଶ୍ୱର,୧୯।୨ (ସ୍ପୋର୍ଟ୍ସ ବ୍ୟୁରୋ)**

୨୧ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍ ପାଇଁ ୧୮ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। କମଳା ସିଂ ଏହି ଦଳର ଅଧିନାୟିକା ରହିଥିବା ବେଳେ ପୂଜା ସାହୁ ଉପ ଅଧିନାୟିକା ରହିଛନ୍ତି। ଏହି ଦଳରେ ଓଡ଼ିଶା ନାଭାଲ ଟାଟା ହକି ହାଇ ପର୍ଫମାନ୍ସ ସେଣ୍ଟରର ୧୧ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ପୁଲ୍ ବିରେ ସ୍ଥାନ ପାଇଥିବା ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ଘୁମନହେରା ରାଇଜର୍ସ ବିପକ୍ଷରେ ଏହାର ପ୍ରଥମ ମ୍ୟାଚ ଖେଳିବ। ଦଳର ମାହେଲ ବେଶ ବଢିଆ ରହିଛି ଏବଂ ପ୍ରଥମ ମ୍ୟାଚକୁ ନେଇ ସମସ୍ତ ଖେଳାଳି ଉତ୍ସାହିତ ଅଛନ୍ତି ବୋଲି କହିଛନ୍ତି ମୁଖ୍ୟକୋଚ୍ ବିଜୁ କାରିଆପ୍ପା। ଓଡ଼ିଶାର ନେତୃତ୍ୱ ନେବାକୁ ସୁଯୋଗ ମିଳିଥିବାରୁ ମୁଁ ଅତ୍ୟନ୍ତ ଗର୍ବିତ

**୨୧ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍**

ବୋଲି କହିଛନ୍ତି ଅଧିନାୟିକା କମଳା ସିଂ।

ଓଡ଼ିଶା ଦଳ: ନମଶି ଜୁରେକା, ଏଙ୍ଗିଲ ହର୍ଷ, ରାନୀ ମିଞ୍ଜ, ମରିୟମ ଧନୱାର, ଅଞ୍ଜଳି ବାରୱା, ସୁମନ ହେମ୍ରମ, ପୂଜା ରାମଚୁରିଆ, ପ୍ରତିଭା କିଣ୍ଡୋ, ପୂଜା ସାହୁ (ଉପ-ଅଧିନାୟିକା), ସୋନିଆ ଟପ୍ପୋ, ରଶ୍ମି କିଶନ, ଆରତୀ ଖାଲଖୋ, ସୁନୀତା ଖାଖା, ଲକ୍ଷ୍ମୀ ଚିକ, ମୁନମୁନି ଦାସ, ମୋନିକା ଦିପି ଟପ୍ପୋ, ଅଲିଭା ଜେଟ, କମଳା ସିଂ (ଅଧିନାୟିକା), ଜେଲିନ ସୋରେଙ୍ଗ, ଡେଭିଡ ଜନ (ମ୍ୟାନେଜର), ବିଜୁ କାରିଆପ୍ପା (କୋଚ), ନିଗମ (ଫିଜିଓ) ଏବଂ ସ୍ୱସ୍ତି ଉପାଧ୍ୟାୟ (ନ୍ୟୁଟ୍ରିସନିଷ୍ଟ)।

# ପର୍ସେଲ ଜିତିଲେ ଚେନ୍ନାଇ ଓପନ ଏଟିପି ଚ୍ୟାଲେଞ୍ଜର

**ଚେନ୍ନାଇ, ୧୯।୨ (ପି.ଟି.):** ଅଷ୍ଟ୍ରେଲିଆର ମାକ୍ସ ପର୍ସେଲ ଚେନ୍ନାଇ ଓପନ ଏଟିପି ଚ୍ୟାଲେଞ୍ଜର ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି।



ଫାଇନାଲରେ ସେ ଆମେରିକାର ନିକୋଲାସ ମୋରେନୋ ଡି' ଅଲବେରାନଙ୍କୁ ୫-୭, ୭-୬, ୬-୪ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଦୀର୍ଘ ୩ ଘଣ୍ଟା ଧରି ଚାଲିଥିଲା। ଚ୍ୟାଲେଞ୍ଜର ସ୍ତରରେ ବିଶ୍ୱର ୨୦୩ ନମ୍ବର ଖେଳାଳି ପର୍ସେଲଙ୍କ ଏହା ହେଉଛି ତୃତୀୟ ସିଙ୍ଗଲ୍ସ ଟାଇଟଲ।

# ଜାତୀୟ କରାଟେରେ ଓଡ଼ିଶାକୁ ୮ ପଦକ




ପଦକ ବିଜେତା ଓଡ଼ିଶା ଦଳ।

**ଭୁବନେଶ୍ୱର,୧୯।୨(ସ୍ପୋର୍ଟ୍ସ ବ୍ୟୁରୋ):** ଉତ୍ତରାଖଣ୍ଡର ଡେରାଡୁନରେ ଶେଷ ହୋଇଥିବା ଜାତୀୟ ସିନିୟର ଓ ୨୧ ବର୍ଷରୁ କମ କରାଟେ ପ୍ରତିଯୋଗିତାରେ ଓଡ଼ିଶାର କରାଟେକା ମୋଟ ୮ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ସ୍ୱର୍ଣ୍ଣ, ୨ରୌପ୍ୟ ଓ ୫ଟି ବ୍ରୋଞ୍ଜ ପଦକ ରହିଛି। ରବିବାର ପ୍ରତିଯୋଗିତାର ଅନ୍ତିମ ଦିନରେ ଓଡ଼ିଶା ୧ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ହାସଲ କରିଥିଲା। ସିନିୟର ମହିଳା ୫୦ କିଲୋ ଫାଇଟିଙ୍ଗ ବର୍ଗରେ ଲୋମା ସାଇଁ ରୌପ୍ୟ, ସିନିୟର ପୁରୁଷ ୫୫ କିଲୋ ଫାଇଟିଙ୍ଗ ବର୍ଗରେ ଭଗବାନ ରେଡ୍ଡୀ ବ୍ରୋଞ୍ଜ ପଦକ, କୃଷ୍ଣ ଚନ୍ଦ୍ର ନାୟକ ୬୦ କିଲୋ ପୁରୁଷ ଫାଇଟିଙ୍ଗ ବର୍ଗରେ ବ୍ରୋଞ୍ଜ ପଦକ ଓ ସିନିୟର ପୁରୁଷ ୮୪ କିଲୋ ଫାଇଟିଙ୍ଗ ବର୍ଗରେ ସୁମନ ଶେଖର ଦାସ ବ୍ରୋଞ୍ଜ ପଦକ ଜିତିଥିଲେ। ଓଡ଼ିଶା ଦଳର ଏହି ସଫଳତା ପାଇଁ ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରି ମହାନ୍ତି, କୋଚ ଡ. ହରି ପ୍ରସାଦ ପଟ୍ଟନାୟକ ଓ ସଂଘର ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି। ଆସନ୍ତା ୨୧ ତାରିଖ ଦିନ ଓଡ଼ିଶା ଦଳ ଭୁବନେଶ୍ୱରରେ ପହଞ୍ଚିବେ।

# ଆୟର୍ଲାଣ୍ଡ ବିପକ୍ଷ ବୃହତ୍ ବିଜୟ ଲକ୍ଷ୍ୟରେ ଭାରତ

**ଜିକ୍ୱେବର୍‌ହା (ଦକ୍ଷିଣ ଆଫ୍ରିକା), ୧୯।୨(ପି.ଟି.)**

**ମହିଳା ଟି୨୦ ବିଶ୍ୱକପ୍**
**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୬ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ଚଳିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଭାରତ ସୋମବାର ଆୟର୍ଲାଣ୍ଡକୁ ଭେଟିବ। ପୂର୍ବ ମ୍ୟାଚ୍‌ରେ ଇଂଲଣ୍ଡ ନିକଟରୁ ପରାଜିତ ହୋଇଥିବାରୁ ବୃହତ୍ ବିଜୟ ସହ ଟୁର୍ନାମେଣ୍ଟକୁ ପ୍ରତ୍ୟାବର୍ତ୍ତନ କରି ସେମିଫାଇନାଲ ଦୌଡ଼ରେ ସାମିଲ ହେବାକୁ ଲକ୍ଷ୍ୟ ରହିବ। ଶନିବାର ଇଂଲଣ୍ଡଠାରୁ ୧୧ ରନ୍‌ରେ ପରାଜିତ ହୋଇଥିବା ଭାରତର ଟୁର୍ନାମେଣ୍ଟରେ ପ୍ରଥମ ପରାଜୟ ଥିଲା। ଗ୍ରୁପ୍ 'ବି' ପଏଣ୍ଟ ଟେବୁଲରେ ଭାରତ ୩ଟି ମ୍ୟାଚ୍‌ରୁ ୪ ପଏଣ୍ଟ ଅର୍ଜନ କରି ଇଂଲଣ୍ଡ (୩ଟି ମ୍ୟାଚ୍‌ରୁ ୬ ପଏଣ୍ଟ) ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ହରମନପ୍ରୀତ କୌରଙ୍କ ଦଳ ଆୟର୍ଲାଣ୍ଡ ବିପକ୍ଷ ଏହାର ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ବୃହତ୍ ବିଜୟ ହାସଲ କରିପାରିଲେ ସେମିଫାଇନାଲ ପାଇଁ ଦୃଢ଼ ଦାବିଦାର ହୋଇପାରିବ। ଦଳର ନେଟ୍ ରନ୍‌ରେଟ୍ ବର୍ତ୍ତମାନ +୦.୨୦୫ ରହିଛି। ଦଳକୁ ଏଥିରେ ଉନ୍ନତି ଆଣିବାକୁ ପଡ଼ିବ।

ଓପନିଂ ମ୍ୟାଚ୍‌ରେ ଭାରତଠାରୁ ପରାଜିତ ହୋଇଥିବା ପାକିସ୍ତାନ ୩ଟି ମ୍ୟାଚ୍‌ରୁ ୨ ପଏଣ୍ଟ ଅର୍ଜନ କରିଛି। ଦଳ ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ରବିବାର ୱେଷ୍ଟଇଣ୍ଡିଜ ୩ରନରେ ପାକିସ୍ତାନକୁ ପରାସ୍ତ କରି ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ୪ଟି ମ୍ୟାଚ ଖେଳି ଦଳର ପଏଣ୍ଟ ସଂଖ୍ୟା ୪କୁ ବୃଦ୍ଧି ପାଇଛି। ଦଳର ନେଟ ରନ ରେଟ କିନ୍ତୁ -୦.୬୦୧ ରହିଛି। ପାକିସ୍ତାନର ଆଉ ଇଂଲଣ୍ଡ ବିପକ୍ଷ ମ୍ୟାଚ ବାକି ରହିଥିବା ବେଳେ ଦଳର ନେଟ ରନ୍ ରେଟ୍ (+୦.୯୮୧) ରହିଛି, ଯାହାକି ଭାରତଠାରୁ ଅଧିକ।

ଗ୍ରୁପ୍‌ରେ ସବୁଠାରୁ ଭଲ ନେଟ୍ ରନ୍‌ରେଟ୍ ଇଂଲଣ୍ଡ (+୧.୭୭୬)ର ରହିଛି। ଅନ୍ୟପକ୍ଷରେ ଆୟର୍ଲାଣ୍ଡ ଏହାର ସମସ୍ତ ୩ଟି ମ୍ୟାଚ୍‌ରେ ପରାଜିତ ହୋଇ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିସାରିଛି। ଏହି ଦଳ ବିପକ୍ଷରେ ବୃହତ୍ ବିଜୟ ହାସଲ କରିବାକୁ ହେଲେ ଭାରତକୁ ଜବରଦସ୍ତ ବ୍ୟାଟିଂ କରିବାକୁ ହେବ। ସୂଚନାଯୋଗ୍ୟ, ଅଧିନାୟିକା ହରମନପ୍ରୀତ ଏବଂ ଓପ୍‌ନର ଶେଫାଳି ବର୍ମାଙ୍କଠାରୁ ଏପର୍ଯ୍ୟନ୍ତ ଆଶାନୁରୂପ ବ୍ୟାଟିଂ ଦେଖିବାକୁ ମିଳିନାହିଁ।



ଚେତେଶ୍ୱର ପୂଜାରାଙ୍କ ୧୦୦ତମ ଟେଷ୍ଟ ମ୍ୟାଚ ଅବସରରେ ତାଙ୍କୁ ଅଷ୍ଟ୍ରେଲୀୟ ଜର୍ସି ଉପହାର ଦେଉଛନ୍ତି ଅଧିନାୟକ ପ୍ୟାଟ୍ କମିନ୍ସ।

# ନ୍ୟୁଜିଲାଣ୍ଡ ବିପକ୍ଷରେ ଇଂଲଣ୍ଡର ବୃହତ୍ ବିଜୟ

**ମାଉଣ୍ଟ ମଙ୍ଗାନୁଇ, ୧୯।୨(ଏପି):** ଷ୍ଟୁଆର୍ଟ ବ୍ରଡ୍ ଓ ଜେମ୍ସ ଆଣ୍ଡରସନଙ୍କ ଚମତ୍କାର ବୋଲିଂ ଏବଂ ଆକ୍ରମଣାତ୍ମକ ରଣନୀତି ସହାୟତାରେ ଇଂଲଣ୍ଡ ଏଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିବାରାତ୍ର କ୍ରିକେଟ ଟେଷ୍ଟକୁ ୨୬୭ ରନ୍‌ରେ ଜିତିନେଇଛି। ଏଥିସହିତ ଦଳ ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ରବିବାର ଚତୁର୍ଥ ଦିବସରେ ନ୍ୟୁଜିଲାଣ୍ଡ ପୂର୍ବଦିନର ଅସମାପ୍ତ ସ୍କୋର ୬୩/୫ରୁ ଖେଳ ଆରମ୍ଭ କରିଥିଲା। ଶନିବାର ୪ଜଣ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କୁ ବୋଲ୍ଡ କରିଦେଇଥିବା ଷ୍ଟୁଆର୍ଟ ବ୍ରଡ୍ ରବିବାର ଉଇକେଟ ନେବାରେ ସଫଳ ହୋଇ ନ ଥିଲେ। ହେଲେ ତାଙ୍କ ଦୀର୍ଘକାଳୀନ ରେକର୍ଡ-ବ୍ରେକିଂ ପାର୍ଟନର ଜେମ୍ସ ଆଣ୍ଡରସନ ଚା'ପାନ ବିରତିର ୧୫ ମିନିଟ୍ ପୂର୍ବରୁ ନମ୍ବର ୧୧ ଖେଳାଳି ବ୍ଲେୟର ଟିକ୍‌ନର (୮)ଙ୍କୁ ଆଉଟ୍ କରି ଇଂଲଣ୍ଡକୁ ବିଜୟୀ କରାଇଥିଲେ। ସେ ମାତ୍ର ୧୮ ରନ୍ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:** ଇଂଲଣ୍ଡ ପ୍ରଥମ ଇନିଂସ: ୩୨୫/୯, ଘୋଷଣା। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୩୦୬। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୭୪। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୧୨୬/ଅଲ୍‌ଆଉଟ (ଡେରିଲ୍ ମିଚେଲ-୫୭*, ମାଇକେଲ ବ୍ରେସ୍‌ୱେଲ୍-୨୫, ଜେମ୍ସ ଆଣ୍ଡରସନ-୪/୧୮, ଷ୍ଟୁଆର୍ଟ ବ୍ରକକକଡ୍-୪/୪୯)।

# ସୌରାଷ୍ଟ୍ରକୁ ଦ୍ୱିତୀୟ ରଣଜୀ ଟାଇଟଲ

**କୋଲ୍‌କାତା,୧୯।୨(ପି.ଟି.)**

- ଉନାଡକଟ୍ ପ୍ଲେୟର ଅଫ୍ ଦ ମ୍ୟାଚ୍
- ବାସବଦା ପ୍ଲେୟର ଅଫ୍ ଦ ସିରିଜ୍
- ବ୍ୟାଟିଂରେ ମୟଙ୍କ, ବୋଲିଂରେ ଜଲଜ ଶ୍ରେଷ୍ଠ

କୋଲ୍‌କାତାର ଇଡେନ୍ ଗାର୍ଡେନରେ ଅନୁଷ୍ଠିତ ରଣଜୀ ଟ୍ରଫି ଫାଇନାଲ ମ୍ୟାଚ୍‌ରେ ବେଙ୍ଗଲକୁ ପରାସ୍ତ କରିବା ସହିତ ଦ୍ୱିତୀୟଥର ପାଇଁ ରଣଜୀ ଟ୍ରଫି ଜିତିଛି ସୌରାଷ୍ଟ୍ର। ଅଧିନାୟକ ଜୟଦେବ ଉନାଡକଟ୍‌ଙ୍କ ଘାତକ ବୋଲିଂ ଓ ଅର୍ପିତ ବାସବଦାଙ୍କ ବ୍ୟାଟିଂ ବଳରେ ସୌରାଷ୍ଟ୍ର ରବିବାର ରଣଜୀ ଟ୍ରଫି ଫାଇନାଲର ଚତୁର୍ଥ ଦିନରେ ୯ ଉଇକେଟରେ ବେଙ୍ଗଲକୁ ପରାସ୍ତ କରିଛି। ପ୍ରଥମ ଇନିଂସରେ ସୌରାଷ୍ଟ୍ର ୨୩୦ ରନ୍‌ରେ ଅଗ୍ରଣୀ ହାସଲ କରିଥିବା ବେଳେ ବେଙ୍ଗଲ ଦ୍ୱିତୀୟ ଇନିଂସରେ ୨୪୧ ରନ୍‌ରେ ଅଲଆଉଟ ହୋଇଥିଲା। ବିଜୟ ପାଇଁ ୧୨ ରନ୍ ଆବଶ୍ୟକ ଥିବା ବେଳେ ଜୟ ଗୋହିଲ(୦)ଙ୍କ ଉଇକେଟ ହରାଇ ଜିତି ନେଇଥିଲା ସୌରାଷ୍ଟ୍ର। ତୃତୀୟ ଦିନର ଅସମାପ୍ତ ସ୍କୋର ୧୬୯/୪ରୁ ଖେଳ ଆରମ୍ଭ କରି ବେଙ୍ଗଲ ୭୨ ରନ୍ ଯୋଡ଼ି ବାକି ୬ ଉଇକେଟ ହରାଇଥିଲା। ପୂର୍ବଦିନର ଅପରାଜିତ ବ୍ୟାଟର ଅଧିନାୟକ ମନୋଜ ତିୱାରୀ ମାତ୍ର ୧୨ ରନ୍ ଯୋଡ଼ି ପାଭିଲିୟନ ଫେରିଥିଲେ। ୨୦୫ ରନ୍‌ରେ ବେଙ୍ଗଲ ଇନିଂସର ନବମ ଉଇକେଟର ପତନ ଘଟିଥିଲା। ଇନିଂସ ପରାଜୟ ଆଶଙ୍କାରେ ଥିବା ବେଳେ ମୁକେଶ କୁମାର ୧୫ ଓ ଇଶାନ ପୋରେଲ ୨୨ ରନ୍ କରି ଦଳୀୟ ସ୍କୋର ୨୪୧ରେ ପହଞ୍ଚାଇଥିଲେ। ଜୟଦେବ ଉନାଡକଟ୍ ୬ ଉଇକେଟ ନେଇ ବେଙ୍ଗଲର ସର୍ବାଧିକ କ୍ଷତି ଘଟାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚେତନ ସାକାରିୟା ୩ ଉଇକେଟ ନେଇଥିଲେ। ଉଭୟ ଦଳ ୨୦୨୦ ରଣଜୀ ଟ୍ରଫି ଫାଇନାଲରେ ମୁହାଁମୁହିଁ ହୋଇଥିବା ବେଳେ ଚଳିତ ବର୍ଷ ଏହାର ଆକ୍ସନ ରିପ୍ଲେ ଦେଖିବାକୁ ମିଳିଛି। ୨୦୨୦ରେ ସୌରାଷ୍ଟ୍ର ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଚାମ୍ପିୟନ ହୋଇଥିଲା। ସୌରାଷ୍ଟ୍ର ପାଇଁ ବେଙ୍ଗଲ ଗ୍ରୀନ୍ ଟର୍ଫ ପ୍ରସ୍ତୁତ କରିଥିବା ବେଳେ ନିଜ ଜାଲରେ ନିଜେ ଫସି ଯାଇଥିଲା। ପ୍ରଥମ ଇନିଂସ୍‌ରେ ଦଳ ମାତ୍ର ୧୭୪ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ୪୦୪ ରନ୍ କରି ସୌରାଷ୍ଟ୍ର ୨୩୦ ରନ୍‌ରେ ଆଗୁଆ ରହିଥିଲା। ସମୁଦାୟ ୯ ଉଇକେଟ ଅକ୍ତିଆର କରିଥିବା ଜୟଦେବ ଉନାଡକଟ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଅନ୍ୟପକ୍ଷରେ ୧୦ ମ୍ୟାଚ ଖେଳି ଦ୍ୱିତୀୟ ସର୍ବାଧିକ ୯୦୭ ରନ୍ କରିଥିବା ଅର୍ପିତ ବାସବଦାଙ୍କୁ ପ୍ଲେୟର ଅଫ୍ ଦ ସିରିଜ ଘୋଷଣା କରାଯାଇଥିଲା। କର୍ଣ୍ଣାଟକର ମୟଙ୍କ ଅଗ୍ରୱାଲ ୯ ମ୍ୟାଚ୍‌ରୁ ୮୨.୫୦ ଆଭରେଜ୍ ସହିତ ସର୍ବାଧିକ ୯୯୦ ରନ୍ କରିଥିବା ବେଳେ କେରଳର ଜଲଜ ସକ୍ସେନା ୭ ମ୍ୟାଚ୍‌ରୁ ସର୍ବାଧିକ ୫୦ ଉଇକେଟ ନେଇଛନ୍ତି।




ଟ୍ରଫି ସହ ରଣଜୀ ଚାମ୍ପିୟନ ସୌରାଷ୍ଟ୍ର ଦଳ।

# ଇନ୍‌ଡୋର ଷ୍ଟାଡିୟମରେ ସମସ୍ତ ମ୍ୟାଚ୍



ଖେଲୋ ଇଣ୍ଡିଆ ମହିଳା ଲିଗ୍ ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

**କଟକ ଅଫିସ,୧୯।୨**

**କଟକରେ ଖେଲୋ ଇଣ୍ଡିଆ ଫେନ୍ସିଂ ମହିଳା ଲିଗ୍**

ଦ୍ୱିତୀୟ ଖେଲୋ ଇଣ୍ଡିଆ ମହିଳା ଲିଗ୍‌ର ଫେନ୍ସିଂ ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତା କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଫେବୃୟାରୀ ୨୩ରୁ ୨୬ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଖେଳାଯିବ। ରାଜ୍ୟ ଫେନ୍ସିଂ ସଂଘ, ଖେଲୋ ଇଣ୍ଡିଆ, ଏସ୍‌ଏଆଇ ଓ ଭାରତୀୟ ଫେନ୍ସିଂ ସଂଘର ମିଳିତ ଉଦ୍ୟମରେ ଏହି ମେଗା କ୍ରୀଡ଼ା ପ୍ରତିଯୋଗିତା କଟକରେ ଅନୁଷ୍ଠିତ ହେବ। ସର୍ବଭାରତୀୟ ସ୍ତରର ପ୍ରାୟ ୩୦୦ରୁ ଅଧିକ ଖେଳାଳି ଏହି ମେଗା ପ୍ରତିଯୋଗିତାରେ ଭାଗନେବେ। କ୍ୟାଡେଟ୍, ଜୁନିୟର ଓ ସିନିୟର ଭଳି ୩ଟି ବର୍ଗରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ପ୍ରତିଯୋଗୀମାନେ ସେମାନଙ୍କ ରହିବା ଓ ଖାଇବା ଦାୟିତ୍ୱ ସ୍ୱୟଂ ବହନ କରିବେ। ଅଫିସିଆଲ ଓ ଟେକ୍ନିକାଲ ଟିମ୍‌ର ସମସ୍ତ ବ୍ୟବସ୍ଥା ରାଜ୍ୟ ଫେନ୍ସିଂ ସଙ୍ଘ ବହନ କରିବ। ଗତଥର ଜାତୀୟ ପୁରୁଷ ଟିମ୍‌ରେ ଶ୍ରେଷ୍ଠ ଦଳ ଗୁଡ଼ିକ ମଧ୍ୟରେ ୮ ନମ୍ବରରେ ଥିଲା ଓଡ଼ିଶା। ମହିଳା ବର୍ଗରେ ବର୍ତ୍ତମାନ ୧୬ ନମ୍ବର ସ୍ଥାନରେ ରହିଛି ଓଡ଼ିଶା ଟିମ୍। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୨ ଖେଳାଳି ଭାଗ ନେଉଛନ୍ତି। ଜିଜ୍ଞାସା ମହାନ୍ତି, ଅନ୍ୱେଷା ହୋତା, ସଂସ୍କୃତି ମହାନ୍ତିଙ୍କ ଭଳି ଉଦୀୟମାନ ଖେଳାଳି ଏଥିରେ ଭାଗ ନେଉଛନ୍ତି। ଏନେଇ ରବିବାର ଓସିଏ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗର ସାହାଯ୍ୟ ସମର୍ଥନ ଯୋଗୁ ଏପରି ଆୟୋଜନ ସମ୍ଭବ ହୋଇଛି ବୋଲି କହିଛନ୍ତି ରାଜ୍ୟ ଫେନ୍ସିଂ ସଙ୍ଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ। ଗତ କିଛିବର୍ଷ ମଧ୍ୟରେ ଓଡ଼ିଶାର ଫେନ୍ସିଂ କ୍ରୀଡ଼ାରେ ବ୍ୟାପକ ଉନ୍ନତି ପରିଲକ୍ଷିତ ହୋଇଛି। ଆଗାମୀ ଦିନରେ ଏପରି ଅନେକ ଜାତୀୟ ପ୍ରତିଯୋଗିତା ଆୟୋଜନ ହେବ ବୋଲି ସେ କହିଛନ୍ତି।

## କଟକଣା ହଟାଇଲା କତାର

ନୂଆଦିଲ୍ଲୀ:ଭାରତୀୟ ସାମୁଦ୍ରିକ ଖାଦ୍ୟସାମଗ୍ରୀ ଉପରେ କତାର ସରକାର କଟକଣା ହଟାଇଥିବା କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏପରି କି ଗତବର୍ଷ ନଭେମ୍ବରରେ କତାର ଉକ୍ତ ଖାଦ୍ୟ ଉପରେ ବ୍ୟାନ୍ ଲଗାଇଥିଲା। କାରଣ ଭାରତରୁ ବରଫ ଜରିଆରେ ପ୍ୟାକ୍ ହୋଇ ଆସୁଥିବା ବିଭିନ୍ନ ଖାଦ୍ୟରେ ଭିବ୍ରିଓ କଲେର ନାମକ ଏକ ଭୂତାଣୁ ଥିବା କତାର ଅଭିଯୋଗ କରିଥିଲା। କତାର ଫିଫା ବିଶ୍ୱକପ ଫୁଟବଲ ମ୍ୟାଚ୍ ଆୟୋଜନରେ ବ୍ୟସ୍ତ ଥିବାରୁ ଟେଷ୍ଟିଂ ପାଇଁ ଯଥେଷ୍ଟ ପରିମାଣରେ ଲାବରେଟୋରି ନାହିଁ, ତେଣୁ ଅସ୍ଥାୟୀ ଭାବେ ସାମୁଦ୍ରିକ ଖାଦ୍ୟ ଉପରେ ବ୍ୟାନ୍ ଲଗାଉଛୁ ବୋଲି କତାର ଭାରତକୁ ସୂଚିତ କରିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................................
ବୟସ:..............................................
ଜନ୍ମ ତାରିଖ: ..................................


ଆଦ୍ୟାଶା
ପରିବାରବର୍ଗ


ଶ୍ରେୟା ଶ୍ରୀନିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରାଜ୍ୟର ୧୩ ସହରରେ ଏୟାରଟେଲ୍ ୫ଜି ପ୍ଲସ

ଭୁବନେଶ୍ୱର, ୧୯।୨

ଭାରତୀ ଏୟାରଟେଲ ପକ୍ଷରୁ ଓଡ଼ିଶାର ଭବାନୀପାଟଣା, ଢେଙ୍କାନାଳ, ଝାରସୁଗୁଡା, ପାରାଦୀପ ଏବଂ ବରଗଡ ଭଳି ସହରରେ ୫ଜି ସେବାର ଶୁଭାରମ୍ଭ କରାଯାଇଛି। ଏହା ପୂର୍ବରୁ ଭୁବନେଶ୍ୱର, କଟକ, ରାଉରକେଲା, ପୁରୀ, ଅନୁଗୋଳ, ସମ୍ବଲପୁର, ବ୍ରହ୍ମପୁର ଓ ବାଲେଶ୍ୱର ଭଳି ସହରରେ କମ୍ପାନୀର ୫ଜି ସେବାଗୁଡିକ କାର୍ଯ୍ୟକାରୀ ହେଉଛି। ବିଶେଷ କରି ୫ଜି ସକ୍ଷମ ଡିଭାଇସ୍ ଥିବା ଗ୍ରାହକମାନେ ରୋଲ୍ଆଉଟ୍ ଅଧିକ ବ୍ୟାପକ ହେବା ପର୍ଯ୍ୟନ୍ତ ବିନା କୌଣସି ଅତିରିକ୍ତ ମୂଲ୍ୟରେ ହାଇସ୍ପିଡ୍ ଏୟାରଟେଲ୍ ୫ଜି ପ୍ଲସ୍ ନେଟ୍ୱର୍କ ଉପଭୋଗ କରିପାରିବେ। ଏ ସମ୍ପର୍କରେ ଭାରତୀ ଏୟାରଟେଲ୍ର ଅନୁପମ ଅରୋରା କହିଛନ୍ତି, ଓଡ଼ିଶାର ନୂଆ ସହରରେ ଏୟାରଟେଲ୍ ୫ଜି ପ୍ଲସ୍ ସେବାର ଶୁଭାରମ୍ଭର ଘୋଷଣା କରି ଆମେ ବେଶ ଉତ୍ସାହିତ।

# ସୋନାଲିକାର ଅତ୍ୟାଧୁନିକ ଟ୍ରାକ୍ଟର୍ ରେଞ୍ଜ୍ ଉନ୍ମୋଚିତ

ଭୁବନେଶ୍ୱର, ୧୯।୨

ସୋନାଲିକା ଟ୍ରାକ୍ଟର୍ସର ଅତ୍ୟାଧୁନିକ ଟ୍ରାକ୍ଟର୍ ରେଞ୍ଜ୍ ନିକଟରେ ଆୟୋଜିତ କୃଷି ଓଡ଼ିଶା ପରିସରରେ ଉନ୍ମୋଚିତ ହୋଇଯାଇଛି। ବିଶେଷ କରି ବ୍ରାଣ୍ଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଟେକ୍ନୋଲୋଜିରେ ସୁସଜ୍ଜିତ ଟ୍ରାକ୍ଟରଗୁଡ଼ିକର ବଜାର ପ୍ରବେଶ ହୋଇଥିବା ଜଣାପଡ଼ିଛି। ଏପରି କି କୃଷି ଓଡ଼ିଶା କାର୍ଯ୍ୟକ୍ରମରେ ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଓଡ଼ିଶା ସରକାରଙ୍କ କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗର ନିର୍ଦ୍ଦେଶକ ପ୍ରେମ୍ ଚନ୍ଦ୍ର ଚୌଧାରୀଙ୍କ ଉପସ୍ଥିତିରେ ସୋନାଲିକାର ୫ଟି ଅତ୍ୟାଧୁନିକ ଟେକ୍ନୋଲୋଜି ପରିଚାଳିତ ଆଗ୍ରୋ ମେଶିନେରିର ଉନ୍ମୋଚନ କରାଯାଇଥିଲା। ଏ ସମ୍ପର୍କରେ ସୋନାଲିକା ଟ୍ରାକ୍ଟର୍ସର ବରିଷ୍ଠ ଉପାଧ୍ୟକ୍ଷ ତଥା ବିଜ୍ନେସ୍ ଡିଭିଜନ ହେଡ୍ ବି.ଏନ୍.ପାଣ୍ଡେ କହିଛନ୍ତି, କୃଷି ଓଡ଼ିଶା ହେଉଛି ରାଜ୍ୟରେ ଏକ ବିଶାଳ ପ୍ରଦର୍ଶନୀ, ଯାହା ଆମର ପ୍ରିମିୟମ ଟ୍ରାକ୍ଟର ଓ କୃଷି ଉପକରଣଗୁଡ଼ିକୁ ପ୍ରଦର୍ଶିତ କରିବା ପାଇଁ ଆମକୁ ଏକ ଉନ୍ନତ ସୁଯୋଗ ପ୍ରଦାନ କରିଛି। ସେହିପରି ସୋନାଲିକା ଟ୍ରାକ୍ଟର୍ସର ବରିଷ୍ଠ ରାଜ୍ୟ ମୁଖ୍ୟ ବିବେକ ବାଜପେୟୀ କହିଛନ୍ତି, ପ୍ରତିବର୍ଷ ଓଡ଼ିଶାକୁ ବହୁସଂଖ୍ୟକ ଲୋକ ଆସିଥାନ୍ତି ଏବଂ କୃଷକମାନଙ୍କୁ ନୂଆ କୃଷି ଟେକ୍ନୋଲୋଜି ସମ୍ପର୍କରେ ଜିଜ୍ଞାସୁ ହେଉଥିବାର ଦେଖିବା ହୃଦୟସ୍ପର୍ଶୀ ଅଟେ।

# ବେଦାନ୍ତ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ସଚେତନତା ଅଭିଯାନ

ଭୁବନେଶ୍ୱର, ୧୯।୨

ବେଦାନ୍ତ ଆଲୁମିନିୟମ୍ର ଓଡ଼ିଶା ୟୁନିଟ ପକ୍ଷରୁ ନିକଟରେ ଏକ ମେଗା ସ୍ୱାସ୍ଥ୍ୟ ସଚେତନତା ସୁନ୍ଦରଗଡ଼ଠାରେ ଶୁଭାରମ୍ଭ କରାଯାଇଥିଲା। ଏପରିକି କମ୍ପାନୀ ଗତ ସପ୍ତାହବ୍ୟାପୀ ସଚେତନତା ଅଭିଯାନ ଚଳାଇଛି। ବିଶେଷ କରି ଉକ୍ତ ଅଞ୍ଚଳର କିଶୋରୀ ବାଳିକାମାନଙ୍କ ମଧ୍ୟରେ ମାସିକ ଋତୁସ୍ରାବ ସମ୍ପର୍କରେ ବ୍ୟାପକ ସଚେତନତା କରାଯାଉଛି। ଉକ୍ତ ଅଭିଯାନ ଜିଲାର ମୁଣ୍ଡରଖେଟ, ଝରପଲମ, ଟାପାରିଆ, ଲୁଆବାହାଲ, ଚାଟବାର, ବିଲାଇମୁଣ୍ଡା ଓ ଗିରିଶିମେନ ଆଦି ଗ୍ରାମରେ ରହୁଥିବା ୬୫୦ରୁ ଅଧିକ କିଶୋରୀଙ୍କ ନିକଟରେ କମ୍ପାନୀ ଏକ ସ୍ୱତନ୍ତ୍ର ସଚେତନତା ଟିମ ପହଞ୍ଚିଥିଲା। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ର ସିଇଓ (ଖଣି ତଥା ଆଲୁମିନିୟମ ବିଜ୍ନେସ୍) ଭି. ଶ୍ରୀକାନ୍ତ କହିଥିଲେ, ସ୍ୱାସ୍ଥ୍ୟ ବିକାଶ ଆମ ଗୋଷ୍ଠୀ ପାଇଁ ପ୍ରମୁଖ ଧ୍ୟାନ କ୍ଷେତ୍ର ହୋଇଥିବା ବେଳେ ଆମେ ବିଶ୍ୱାସ କରୁ ଯେ ଏକ ସୁସ୍ଥ ଗୋଷ୍ଠୀ ଗଠନ ହେଉଛି ସମସ୍ତଙ୍କର କାମ୍ୟ, ଯଦ୍ୱାରା ସମାଜରେ ପରିବର୍ତ୍ତନ ଆସେ।

# ବରଗଡ଼ରେ ତନିଷ୍କର ଏକ୍ସକ୍ଲୁସିଭ ଷ୍ଟୋର

ଭୁବନେଶ୍ୱର/ବରଗଡ଼ ଅଫିସ୍,୧୯।୨



ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତନିଷ୍କର ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋର ଓଡ଼ିଶା ବଜାରରେ ଶୁଭାରମ୍ଭ କରାଯାଇଛି। ବିଶେଷ କରି ରବିବାର ବରଗଡ଼ ସହରର ଭଟଲି ଛକ ଠାରେ ତନିଷ୍କର ନୂତନ ଷ୍ଟୋର ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ଟାଇଟାନ କମ୍ପାନୀ(ଇଷ୍ଟ)ର ରିଜିଓନାଲ ବିଜନେସ୍ ହେଡ୍ ସୋମପ୍ରଭ ସିଂ, ରିଜିଓନାଲ ବିଜନେସ ମ୍ୟାନେଜର (ଇଷ୍ଟ-୧) ଆଲୋକ ରଞ୍ଜନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜନେସ୍ ଆସୋସିଏଟ୍ ଆକାଶ କୁମାର ଅଗ୍ରୱାଲଙ୍କ ସମେତ ଅଗ୍ରୱାଲ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ୪ହଜାର ବର୍ଗଫୁଟ୍ ପରିମିତ ଏହି ନୂତନ ଷ୍ଟୋରରେ ବିଭିନ୍ନ ଡିଜାଇନ ତଥା ଉନ୍ନତ ମାନର ସୁନା, ହୀରା ଗହଣା ଉପଲବ୍ଧ। ଏଠାରେ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଆକର୍ଷଣୀୟ ଅଫର ରଖାଯାଇଛି। ପ୍ରତି ଗହଣା କ୍ରୟରେ ଗ୍ରାହକଙ୍କ ପାଇଁ ସ୍ୱର୍ଣ୍ଣମୁଦ୍ରାର ଉପହାର ବ୍ୟବସ୍ଥା ରହିଛି। ଚଳିତ ମାସ ୨୧ତାରିଖ ପର୍ଯ୍ୟନ୍ତ ଏହି ଅଫର ଉପଲବ୍ଧ ବୋଲି ଷ୍ଟୋର ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ପଶ୍ଚିମ ଓଡ଼ିଶା ତଥା ବରଗଡ଼ରେ ତନିଷ୍କର ଏହା ପ୍ରଥମ ଷ୍ଟୋର ହୋଇଥିବାବେଳେ ଉଦଘାଟନୀ ଉତ୍ସବ ଠାରୁ ଏହା ସ୍ଥାନୀୟ ଗ୍ରାହକଙ୍କୁ ବେଶ ଆକର୍ଷିତ କରିଥିବା ପରିଲକ୍ଷିତ ହୋଇଛି।


## ଫାଇନାନ୍ସ

ପର୍ସନାଲ, ବ୍ୟବସାୟ, କୃଷି, ଶିକ୍ଷା, ଗୃହ, ପ୍ରପର୍ଟି, ମାଛଚାଷ, କୁକୁଡ଼ା ପାଳନ, ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ମିଳିବ, ସୁଧ=4% ଅନ୍‌ଲାଇନ୍ ସୁବିଧା

Mob:7653803952
WP-7656825035


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ସପ୍ତମ ଶ୍ରାଦ୍ଧବାର୍ଷିକୀ



**ପ୍ରଫେସର ଡଃ ତ୍ରିଲୋଚନ ମିଶ୍ର**
ପୂର୍ବତନ କୁଳପତି
ଆବିର୍ଭାବ- ୨୩।୧୧।୧୯୨୪
ତିରୋଧାନ- ୦୯।୦୩।୨୦୧୬
ସାତଟି ବରଷ ସାତ ଯୁଗପରି କାଟିଲୁଣି ତୁମ ବିନା,
ତୁମ ଜ୍ଞାନ, ଭକ୍ତି, ଅସୀମ ପାଣ୍ଡିତ୍ୟ ପାଥେୟ କରିଛୁ ସିନା।
ତୁମରି ଆଦର୍ଶ ଜୀବନ ପଥରେ ସଦା ହୋଇଥାଉ ଶ୍ରେୟ,
ଲଭୁ ତୁମ ଆତ୍ମା ଚିରଶାନ୍ତି ମୁକ୍ତି ସଦା ଅମର ଅକ୍ଷୟ।
ତୁମର ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ ଓ ପରିବାରବର୍ଗ।
ପ୍ଲଟ୍ ନଂ.୩୧୬ ଏ, ସହିଦ୍‌ନଗର, ଭୁବନେଶ୍ୱର

ଧ-୨୭୯୬



୰ ନାରାୟଣ ସାହୁଙ୍କ ସ୍ମୃତିରେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଧ-୨୮୧୧

### ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ କାଶୀନାଥ ରଥ (KASINATH RATH)**
ବୀରରାମଚନ୍ଦ୍ରପୁର, ପୁରୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ

ଧ-୨୭୭୯

# Classified Everyday 0674-2580101, 2549949



REAL ESTATE

## SALE

**Bhubaneswar Phulnakhara East College** ନିକଟରେ ଘରବାରି **plot sqft. 990/-**ରେ ବିକ୍ରିହେବ। **9937161494.** D-2693

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ଛକଠାରୁ 7K.M. ଦୂରରେ Bank Loan ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9437003399, 8908017863. D-74820

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛତାବର 1200 sqft. - 5,40,000/-, ନଖରା 300/-. 6371569855. D-74821

ହଂସପାଳ ଛକଠାରୁ 4 Km. ଦୂରତାରେ ବାଲିଅନ୍ତା ମୌଜାରେ 20 ft. ରୋଡ ଥାଇ ବାସୋପଯୋଗୀ ଜାଗା ବିକ୍ରିହେବ ଏବଂ ବ୍ରାହ୍ମଣଝରିଲୋଠାରୁ 3 Km. ଦୂରତାରେ ବାଇଁଲୋ ଛକଠାରେ ଘରବାରି ଜାଗା ବିକ୍ରିହେବ। Mob.- 6370924748, 9337595805. D-73370

**Plot Sale at Nearby Sum Hospital Mendhasala, Bhubaneswar. 30ft Road, Plantation, Electricity, NH-16 Side Price Rs-1050/-, Rs-1250/- 7749892855, 8144855184, 9556392667.** D-2628

ଭୁବନେଶ୍ୱର-ନଖରା ଛକ ପାଖରେ ଘର କଲାଭଳି SC plot ବିକ୍ରିହେବ। 9439832956. D-2687

**Bhubaneswar Gita/ Gandhi College/ Cultural University** ପାଖରେ ଥିବା **BDA Housing project** କୁ ଲାଗି **sqft.-650/- plot** କିଣନ୍ତୁ। **9348767829, 9040317195.** D-74814

Duplex project at Retang Medical, Station near CV Raman University, Tamando, Bhubaneswar. 7008459987. D-74819

2BHK/ 3BHK flat for sale near Hanspal, Balianta, Bhubaneswar. Ready within Dec. 2023 (Rera & BDA approval) Contact: 7381087905, 7381087906. D-74514

ଭୁବନେଶ୍ୱର ନଖରା **2nd Sum Hospital** ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ **3BHK Duplex** ମିଳୁଛି। **8327785834, 9658122456.** D-74197

ଭୁବନେଶ୍ୱର-ପୁରୀ **Bypass** ସାଇ ମନ୍ଦିର **NH side** ଏବଂ ମଞ୍ଚେଶ୍ୱର, ହଂସପାଳ, ଯାଆଁଳା, ତ୍ରିଶୂଳିଆ ନିକଟରେ ତୁରନ୍ତ ଘର କଲାଭଳି ଘରବାରି **plot 30ft.** ରାସ୍ତା, ଇଲେକ୍ଟ୍ରି ସୁବିଧା ଥାଇ ମିଳୁଛି। **9937450545.** D-74813

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

**4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399.** D-2773




Newly opened Capital Ayurvedic SPA, prof-essional trading therapy. Contact me: 9556924059, 7077933109. D-2761

**Full Body massage by experience therapist @999 only- 9078484455 (Bhubaneswar).** D-2791

Asribada Panchakarma herbal SPA, Kesarimall, Bhubaneswar. Contact: 8926173473. D-74643

**Relax, Refresh your Body, Mind at Saikrupa Spa with best therapies. 8984068077.** D-2744

## LOST

ମୁଁ ଦେବାର୍ଚ୍ଚନ ମେହେର, ବୟସ ୬୫ ବର୍ଷ, ପିତା- ସ୍ୱର୍ଗତ ସନୁ ମେହେର, ନିବାସୀ/ ପୋ.ଅ.- ଗଣ୍ଡାବାହାଲି, ଥାନା- ସିନାପାଲି, ଜିଲ୍ଲା- ନୂଆପଡ଼ା ଗତ ତାରିଖ ୦୨।୦୧।୨୦୨୩ ଦିନ ସତ୍ୟନିଷ୍ଠ ଭାବରେ ନୋଟାରୀ ପବ୍ଲିକ, ସିନାପାଲିଙ୍କ ନିକଟରେ ଘୋଷଣା କରିଅଛି ଯେ, ମୋ ନାମରେ ରେକର୍ଡଭୁକ୍ତ ଥିବା ମୌଜା- ଗଣ୍ଡାବାହାଲିସ୍ଥିତ ଜମି ଯାହାର ଖାତା ନମ୍ବର- ୨୮୬/୧୯୯, ପ୍ଲଟ୍ ନମ୍ବର- ୫୯୩/ ୨୦୫୯, ରକବା ଏକର ୦.୦୬ ଡିସିମିଲର ଖତିଆନ (ପଟ୍ଟା) ମୁଁ ଗାଁରୁ ସିନାପାଲି ତହସିଲ ଅଫିସକୁ ଆସୁଥିବା ସମୟରେ କୁଆଡ଼େ ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ଏ କାଗଜପତ୍ରକୁ ପାଇବେ ତା'ହେଲେ ଏହି ନମ୍ବରରେ ଯୋଗାଯୋଗ କରିବେ। Debarchan Meher, Mob.- 9556300315, 9668830942. D-2807


ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## AFFIDAVIT

I, Parbati Sankhua alias Menaka Gahan (53), W/o- Nityananda Gahan, Vill./ P.O.- Kaupur, Dist.- Bhadrak. I have an LIC Policy bearing No.- 597919649, where in my name is Parbati Sankhua. That in my Bank Passbook my name Menaka Gahan. Parbati Sankhua and Menaka Gahan same and one person. D-2809

I, Bijayalaxmi Behera alias Pujarani Behera (36), W/o- Bidyadhar Behera, Vill. – Sankhula, P.O.- Naami, Dist.- Bhadrak. I have an LIC Policy bearing No.- 588430929, where in my name is Bijayalaxmi Behera. That in my Bank Passbook my name Pujarani Behera. Bijayalaxmi Behera and Pujarani Behera same and one person. D-2810

## LEGAL NOTICE

**ମାନ୍ୟବର ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ,**
**ଅତିରିକ୍ତ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜି.- ଖୋର୍ଦ୍ଧା**
**ଓ.ଏସ୍.ଏସ୍. କେସ୍ ନଂ. ୧୯/୨୦୨୨**

ପ୍ରଫୁଲ୍ଲ କୁମାର ପତି, ପିତା ୰ ନାରାୟଣ ପତି, ସା.- ଭେଲଗାଁ, ପୋ.- ରାହାସୋଇ, ଥାନା/ଜି.- ଯାଜପୁର, ଓଡ଼ିଶା ... ... ... ... ବାଦୀ

ବନାମ

ପ୍ରଶାନ୍ତ କୁମାର ଖଟୁଆ ଓ ଅନ୍ୟମାନେ ... ... ... ... ପ୍ରତିବାଦୀମାନେ

**ନୋଟିସ୍- ୫ ରୁଲ୍ - ୨୦ ସି.ପି.ସି. ମୁତାବକ**

ପ୍ରାପ୍ତେଷୁ,
ପ୍ରତିବାଦୀ ନଂ.- ୪. ରମାଦେଈ ନାୟକ, ସ୍ୱା.୰ ଦୁର୍ଗାଚରଣ ନାୟକ
୬. ପ୍ରଭାକର ନାୟକ, ପି.- ୰ ରଘୁ ନାୟକ
୧୨. ଯୁଧିଷ୍ଠିର ସାମନ୍ତସିଂହାର, ପି.- ବନମାଳୀ ସାମନ୍ତସିଂହାର
୧୩. ଦୁଖା ନାୟକ, ପି.- ନଖିଆ ନାୟକ
ସମସ୍ତଙ୍କ ବାସସ୍ଥାନ ସା./ପୋ.- ଅନ୍ଧାରୁଆ, ଥା.- ଚନ୍ଦକା, ଜି.- ଖୋର୍ଦ୍ଧା, ଓଡ଼ିଶା।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ଓ.ଏସ୍.ଏସ୍. କେସ୍‌ର ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା୦୩।୦୪।୨୦୨୩ରିଖ ଦିବା ଘ.୧୧.୩୦ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

**ଜମିର ବିବରଣୀ**

ଜି.- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଥାନା ନଂ.-୪୪, ମୌଜା- ଅନ୍ଧାରୁଆ

ସାବକ

| ସାବକ ଖାତା ନଂ. | ସାବକ ପ୍ଲଟ୍ ନଂ. | ରକବା | ସ୍ୱତ୍ୱ | କିସମ |
|---|---|---|---|---|
| ୨୨୪ କନଭର୍ସନ ଖାତା ନଂ. ୬୨୧/ ୧୦୬୫ | ୧୬୩୯ କନଭର୍ସନ ପ୍ଲଟ ନଂ. ୧୬୩୯ | ଏ୦.୯୩୫ଡି. ସ୍ମଧ ଏ୦.୦୫୭ଡି. | ସ୍ଥିତିବାନ | ଘରବାରି |

ହାଲ

| ହାଲ ଖାତା ନଂ. | ହାଲ ପ୍ଲଟ୍ ନଂ. | ରକବା | ସ୍ୱତ୍ୱ | କିସମ |
|---|---|---|---|---|
| ୧୨୭୨ | ୨୫୧୮ | ଏ୦.୦୨୮.୦୬ଡି. | ସ୍ଥିତିବାନ | ଘରବାରି |

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ କିମ୍ବା ତାଙ୍କ ଉତ୍ତରାଧିକାରୀମାନେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ତା:
ଭୁବନେଶ୍ୱର

**ସ୍ୱା./- ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ**
**କୋର୍ଟ ଅଫିସର**

ଧ-୨୮୭

## ଜନ୍ମଦିନ ଶୁଭେଚ୍ଛା



**ଆଦ୍ୟାଶା ମହାନ୍ତି (ମାମୁନ୍)**
ଡାକବଙ୍ଗଳା ଛକ, ଭୁବନେଶ୍ୱର
ଆଜି ତୋର ପବିତ୍ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା, ସେ ତୋତେ ଦୀର୍ଘାୟୁ କରିବା ସହିତ ତୋ ଚଲାପଥ କୁସୁମିତ କରନ୍ତୁ।
ବାପା, ମା, ଜେଜେ, ଜେଜେମା, ଅଜା, ଆଈ, ବଡ଼ବାପା, ବଡ଼ମା, ସାନବଡ଼ବାପା, ମାମୁ, ମାଇଁ, ଅପା, ପିଉସା, ଭାଇ ଓ ଭଉଣୀ।

ଧ-୨୮୦୩

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଚୁକ୍ତିପତ୍ର**

**ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ କ୍ରମିକ ନମ୍ବର ୪, ଶ୍ରୀଯୁକ୍ତ ପି.କେ. ନାୟକ, ମାନ୍ୟବର ରାଜସ୍ୱ ପର୍ଷଦ, ଓଡ଼ିଶା ଅଧୀନେ ଅଦାଲତଙ୍କ କାର୍ଯ୍ୟାଳୟ, ବିଭାଗୀୟ ମୁଖ୍ୟ ମହଲା ନମ୍ବର ୪ ଏଚ୍.ଓ.ଡି. ବିଲ୍ଡିଂ, ଭୁବନେଶ୍ୱର**
**ଓ.ଏସ୍.ଏସ୍. କେସ୍ ନମ୍ବର- ୮୧/୨୦୨୨**

ଶ୍ରୀମତୀ ପଦ୍ମିନୀ ପଣ୍ଡା/ରଥ ... ... ... ... ବାଦିନୀ

ବନାମ

ଶ୍ରୀ ବାଉରୀ ବନ୍ଧୁ ମଙ୍ଗରାଜ ... ... ... ... ପ୍ରତିବାଦୀ

**ଇସ୍ତାହାର**

ଅଦ୍ୟ ଇସ୍ତାହାର ଦେଓ୍ୱାନୀ କାର୍ଯ୍ୟବିଧି ସଂହିତା ଆଦେଶ ନମ୍ବର ୫ ଏବଂ ନିୟମ ୨୦ (୧-କ) ଏବଂ ତତ୍‌ସହ ଆଦେଶ ନମ୍ବର ୨୨ ନିୟମ ନମ୍ବର ୪(କ), ଅଧିନିୟମ ୨ କ ଦ୍ୱାରା ଦୈନିକ ଖବରକାଗଜ ଦ୍ୱାରା ଇସ୍ତାହାର ମାଧ୍ୟମରେ ସୂଚନା ଦିଆଯାଉଅଛି କି ଉପର ଲିଖିତ ରିଭିଜନ ମକଦ୍ଦମାଟି ଆସନ୍ତା ତା୨୪।୦୩।୨୦୨୩ରିଖ ଧାର୍ଯ୍ୟ କରାଯାଉଅଛି। ପ୍ରକାଶ ଥାଉ କି ଉପର ଲିଖିତ ରିଭିଜନ ମକଦ୍ଦମାରେ ପ୍ରତିବାଦୀ ନମ୍ବର (୧)- ୰ବାଉରୀ ବନ୍ଧୁ ମଙ୍ଗରାଜ, ପିତା- ସ୍ୱର୍ଗତ ବନମାଳୀ ମଙ୍ଗରାଜ, ଠିକଣା- ଗ୍ରାମ/ପୋଷ୍ଟ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଯେ କି ଉପର ଲିଖିତ ଦରଖାସ୍ତକାରୀଙ୍କୁ ତଫସିଲ ବର୍ଣ୍ଣିତ ଭୂ-ସମ୍ପତ୍ତି, ଖୋର୍ଦ୍ଧା ଜିଲ୍ଲା ଅଧୀନେ ମୌଜା- ଗୋଠପାଟଣା, ଶାବକ ଖାତା ନମ୍ବର- ୧୭୪/୪, ଆବାଦ ଯୋଗ୍ୟ ଅନାବାଦି ପ୍ଲଟ୍ ନଂ.-୫୫୬/୬୮୦ (ଶାବକ) କିସମ- ଆବାଦ ଯୋଗ୍ୟ ଅନାବାଦି, ଯାହାକି ଚଳିତ ହାଲ ବନ୍ଦୋବସ୍ତରେ ହାଲ ଖାତା ନମ୍ବର- ୬୮୪, ହାଲ ପ୍ଲଟ୍ ନମ୍ବର- ୪୮୮, ରକବା- ଏସି ୦.୭୪ ଡିସିମିଲ (୪୩x୭୫) ଫୁଟ, କିସମ- ଆବାଦ ଯୋଗ୍ୟ ଅନାବାଦି (ଗୋଡିଆ ହୋଇଅଛି) ଉକ୍ତ ଭୂ-ସମ୍ପତ୍ତି ପ୍ରତିବାଦୀ ନମ୍ବର-୧ ଗତ ତା୦୬।୧୨।୧୯୯୭ରିଖ ରେଜିଷ୍ଟ୍ରି ବିକ୍ରୟ ଦଲିଲ ନମ୍ବର ୫୬୨୧ ଏବଂ କ୍ରମିକ ନମ୍ବର ୬୨୯୭ ଦ୍ୱାରା ଉପର ଲିଖିତ ବାଦିନୀଙ୍କୁ ବିକ୍ରୟ କରିଅଛନ୍ତି, କିନ୍ତୁ ଚଳିତ ବନ୍ଦୋବସ୍ତରେ ତାହା ବାଦିନୀଙ୍କ ନାମରେ ବନ୍ଦୋବସ୍ତ ରେକର୍ଡ ନ ହୋଇ ପାରିବାରୁ ମାନ୍ୟବର ଅଦାଲତଙ୍କ ନିକଟରେ ଓଡ଼ିଶା ଭୂ-ବନ୍ଦୋବସ୍ତ ଆଇନ ଧାରା ୧୫(ଖ) ମୁତାବକ ଏକ ରିଭିଜନ ମକଦ୍ଦମା ଦାୟର କରିଅଛନ୍ତି ଏବଂ ଉକ୍ତ ରିଭିଜନ ମକଦ୍ଦମା ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ସମୟରେ ଉପର ଲିଖିତ ପ୍ରତିବାଦୀ ନମ୍ବର-୧ଙ୍କ ନିକଟକୁ ନୋଟିସ ପ୍ରେରଣ ହୋଇଥିଲା କିନ୍ତୁ ଦୁର୍ଭାଗ୍ୟବଶତଃ ପ୍ରତିବାଦୀ ନଂ.-୧ଙ୍କ ଦେହାନ୍ତ ହେତୁ ଉକ୍ତ ନୋଟିସ ଫେରସ୍ତ ହୋଇଆସିଅଛି। ଏଣୁ ଅଦ୍ୟ ବାଦିନୀଙ୍କ ଆପ୍ରାଣ ପ୍ରଚେଷ୍ଟା ସତ୍ତ୍ୱେ ବିଫଳ ହେଲେ କି ବାଉରୀ ବନ୍ଧୁ ମଙ୍ଗରାଜଙ୍କ ଦେହାନ୍ତ ପରେ ତାଙ୍କର ଉପଯୁକ୍ତ ଉତ୍ତରାଧିକାରୀଙ୍କୁ କିଏ ଚୟନ କରିବା ପାଇଁ ଅଦ୍ୟ ଇସ୍ତାହାର ମାଧ୍ୟମରେ ସୂଚନା ପ୍ରଦାନ କରାଯାଉଛି କି-

ଉପର ଲିଖିତ ରିଭିଜନ ମକଦ୍ଦମାଟି ଆସନ୍ତା ତା୨୪।୦୩।୨୦୨୩ରିଖକୁ ଧାର୍ଯ୍ୟ କରାଯାଉଅଛି କି ଉକ୍ତ ଧାର୍ଯ୍ୟ ଦିବସରେ ଦିବା ୧୧ ଘଟିକା ସମୟରେ ଉପର ଲିଖିତ ଅଦାଲତଙ୍କ ଇଜଲାସରେ ପ୍ରତିବାଦୀ ୧ ନମ୍ବରଙ୍କ ଆଇନ ମତେ ତାଙ୍କ ପକ୍ଷ ରଖିବା ପାଇଁ ଉତ୍ତରାଧିକାରୀ କିମ୍ବା ଆଇନ ପ୍ରଦତ୍ତ ଅଧିକାରୀ କିମ୍ବା ଅଧିଭକ୍ତା ଉପରଲିଖିତ ଧାର୍ଯ୍ୟ ତାରିଖ ଓ ସମୟରେ ମାନ୍ୟବର ଅଦାଲତଙ୍କ ନିକଟରେ ହାଜର ହୋଇ ତାଙ୍କ ପକ୍ଷ ଉପସ୍ଥାପନ କରିବେ। ଯଦି ଉକ୍ତ ଧାର୍ଯ୍ୟ ତାରିଖରେ କେହି ଅନୁପସ୍ଥିତ ରୁହନ୍ତି ତେବେ ଆଇନ ମତେ ଉକ୍ତ ରିଭିଜନ ମକଦ୍ଦମାକୁ ସେମାନଙ୍କର ଅନୁପସ୍ଥିତ ବିଚାର କରାଯିବ ଏବଂ ବିହିତ ଆଦେଶ ପ୍ରଦାନ କରାଯିବ।

ସ୍ଥାନ: ଭୁବନେଶ୍ୱର
ତାରିଖ:

**ସ୍ୱା./- ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ**
**କୋର୍ଟ ଅଫିସର**

ଧ-୨୮୦୮

# ଉପକାରୀ ଘିକୁଆଁରୀ



ଘିକୁଆଁରୀରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବିଭିନ୍ନ ପ୍ରକାର ଚର୍ମ ରୋଗ, ପୋଡ଼ା ଘା' ଶୁଖିବାରେ ଏହା ଅନେକାଂଶରେ ସାହାଯ୍ୟ କରିଥାଏ। ଘିକୁଆଁରୀ ପତ୍ରରେ ୭୫ ପ୍ରକାର ପୁଷ୍ଟିକାରକ ତତ୍ତ୍ୱ ୨୦ଟି ଧାତବ ଏବଂ ୨୦ ପ୍ରତିଶତ ଆମିନୋ ଏସିଡ୍ ରହିଛି। ଏହାର ରସରେ ଆଠ ପ୍ରକାର ସୁଗାର ରହିଛି, ଯେଉଁଗୁଡ଼ିକ ଶରୀର ପାଇଁ ବେଶ୍ ଉପକାରୀ। ଏହାକୁ ଖାଇଲେ ତାହା ରକ୍ତରେ ଶର୍କରା ପରିମାଣକୁ ସନ୍ତୁଳିତ ରଖିଥାଏ। ଘିକୁଆଁରୀ ପତ୍ରର ଅଠାଳିଆ ଜେଲି ଜୀବାଣୁ ନାଶକ ଓ ପ୍ରଦାହରୁ ଉପଶମ ଦେଇଥାଏ। ଚର୍ମ କୁଣ୍ଡାଇ ହେଲେ, ଫୁଲିଗଲେ ଏବଂ ବିନ୍ଧା ହେଲେ ଏହାକୁ ଲଗାଇଲେ ଉପକାର ମିଳିଥାଏ। ଏହାର ରସକୁ ପିଇଲେ କୋଷ୍ଠକାଠିନ୍ୟ ଦୂର ହେବା ସହ ଆମ୍ଳିଳା ହାକୁଟି ବନ୍ଦ ହୋଇଥାଏ।

# ରେଟିନାଲ ସେଲ୍ ଠାବ କରିବାର ସହଜ ଉପାୟ

ଚିକିତ୍ସା ବିଜ୍ଞାନରେ ଦିନକୁ ଦିନ ନୂଆ ନୂଆ କଥା ଉଦ୍ଭାବିତ ହେଉଛି। ନିକଟରେ ଲଣ୍ଡନର ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ପ୍ରକାର ହାଇଟେକ୍ ଡିଭାଇସ୍ ପ୍ରସ୍ତୁତ କରିଛନ୍ତି। ବିଶେଷଭାବରେ ଏହାକୁ ସ୍ୱତନ୍ତ୍ର କାମରେ ଲଗାଯାଇପାରିବ। ଅର୍ଥାତ୍, ଉକ୍ତ ନୂଆ ଡିଭାଇସ୍ ଦ୍ୱାରା ରେଟିନାଲ ସେଲ୍‌କୁ ସହଜରେ ଠାବ କରାଯାଇପାରିବ। ଫଳରେ ଦୃଷ୍ଟିଶକ୍ତିଜନିତ ସମସ୍ୟାର କେତେକାଂଶରେ ସହଜରେ ଚିକିତ୍ସା କରିହେବ ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବର୍ତ୍ତମାନ ରେଟିନାଲ ସମସ୍ୟା ଅଧିକ ମାତ୍ରାରେ ଦେଖାଯାଉଛି। ତେଣୁ ଏହାକୁ କିପରି ଆହୁରି ସହଜ ଉପାୟରେ ଠାବ କରିହେବ ସେ ନେଇ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଗବେଷଣା କରିଥିଲେ। କେବଳ ସେତିକି ନୁହେଁ, ଏଭଳି ଡିଭାଇସକୁ ପ୍ରସ୍ତୁତ କରିବା ପରେ ତାହାକୁ ପରୀକ୍ଷାମୂଳକ ଭାବରେ ବ୍ୟବହାର କରାଯାଇଥିଲା। ଏହାଦ୍ୱାରା ଦୃଷ୍ଟିଶକ୍ତି ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କର ରେଟିନାଲ ସେଲ୍‌କୁ ସହଜରେ ଠାବ କରାଯାଇପାରିଥିଲା ବୋଲି ରିପୋର୍ଟରୁ ଜଣାପଡିଛି।




# ହାଲୁକା ଧାତୁ ଲିଥିୟମ୍



ଇଂ. ମାୟାଧର ସ୍ୱାଇଁ

"ଭାରତରେ ଲିଥିୟମ୍ ଉପଲବ୍ଧ ନ ଥିବାରୁ ଆମେ ଏଥିପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରୁଛେ। ଭାରତ ଆବଶ୍ୟକତାର ୮୦ ପ୍ରତିଶତ ଲିଥିୟମ୍ ଅଷ୍ଟ୍ରେଲିଆ ଏବଂ ଆର୍ଜେଣ୍ଟିନାରୁ ଆମଦାନୀ କରୁଛି। ଏଥିପାଇଁ ବିଦ୍ୟୁତ୍ ଗାଡ଼ି ନିର୍ମାଣରେ ଆମେ ମଧ ପଛରେ ପଡ଼ିଯାଇଛେ। ଜମ୍ମୁ-କଶ୍ମୀରରେ ଆବିଷ୍କୃତ ଖଣିରୁ ଲିଥିୟମ୍ ଉତ୍ପାଦନ ପାଇଁ ପ୍ରାୟ ଦଶ ବର୍ଷ ଲାଗିଯାଇପାରେ।"



ଧାତୁଗୁଡ଼ିକ ମଧ୍ୟରେ ଲିଥିୟମ୍ ହେଉଛି ସବୁଠାରୁ ହାଲୁକା। ଆଧୁନିକ ଡିଜିଟାଲ ଯୁଗରେ ଏହାର ଆବଶ୍ୟକତା ଅଧିକ ହେଉଥିବାରୁ ଏହାର ଗୁରୁତ୍ୱ ବୃଦ୍ଧି ପାଇଛି। ନିକଟରେ ଭାରତରେ ଜମ୍ମୁ-କଶ୍ମୀର ଅଞ୍ଚଳରେ ୫.୯ ନିୟୁତ ଟନ୍ ଲିଥିୟମ୍ ମହଜୁଦ ଥିବାର ଜଣାପଡ଼ିବା ପରେ ଦେଶରେ ବିଦ୍ୟୁତ୍‌ଚାଳିତ ଯାନ ବ୍ୟବହାର ବୃଦ୍ଧି ପାଇବାର ଆଶା ସଞ୍ଚାର ହୋଇଛି। ପୃଥିବୀରେ ଏହା ହେଉଛି ଅନ୍ୟତମ ବୃହତ୍ ଲିଥିୟମ୍ ଭଣ୍ଡାର।

ସୁଇଡେନ୍ ରସାୟନ ବିଜ୍ଞାନୀ ଜୋହାନ୍ ଅଗଷ୍ଟ ଆର୍ଫୱେଡସନ୍ ୧୮୧୭ ମସିହାରେ ପେଟାଲାଇଟ୍ ଖଣିପିଣ୍ଡକୁ ବିଶ୍ଳେଷଣ କରୁଥିବା ସମୟରେ ଲିଥିୟମ୍ ଆବିଷ୍କାର କରିଥିଲେ। ଗ୍ରୀକ୍ ଶବ୍ଦ 'ଲିଥୋସ୍'ରୁ ଲିଥିୟମ୍ ଶବ୍ଦ ଆସିଛି। ଲିଥୋସ୍‌ର ଅର୍ଥ ହେଉଛି ପଥୁରିଆ। ଇଂରେଜ ବୈଜ୍ଞାନିକ ହମ୍ଫ୍ରି ଡେଭି ବୈଦ୍ୟୁତିକ ବିଶ୍ଳେଷଣ ଦ୍ୱାରା ଲିଥିୟମ୍ କ୍ଲୋରାଇଡରୁ ପ୍ରଥମେ ଅଳ୍ପ ପରିମାଣର ଶୁଦ୍ଧ ହିଲିୟମ୍ ଉତ୍ପାଦନ କରିଥିଲେ।

ଲିଥିୟମ୍‌ର ପରମାଣୁ କ୍ରମାଙ୍କ ହେଉଛି ୩ ଏବଂ ଏହାର ପରମାଣିକ ଓଜନ ହେଉଛି ୬.୯୪୧। ଏହାର ଗଳନାଙ୍କ ଓ ସ୍ଫୁଟନାଙ୍କ ଯଥାକ୍ରମେ ହେଉଛି ୧୮୦.୫ ଡିଗ୍ରୀ ଓ ୧୩୪୨ ଡିଗ୍ରୀ ସେଲ୍‌ସିୟସ୍। ଏହା ହେଉଛି ଏକ କ୍ଷାର ଧାତୁ ଏବଂ ରୁପା ଭଳି ଦ୍ୟୁତିମୟ। ସମସ୍ତ ଧାତୁ ମଧ୍ୟରେ ଏହାର ସାନ୍ଦ୍ରତା ହେଉଛି କମ୍। ଏହା ଜଳ ସହିତ ତୀବ୍ର ପ୍ରତିକ୍ରିୟା କରେ।

ଲିଥିୟମ୍ ସାଧାରଣତଃ ଆଗ୍ନେୟ ଶିଳାରେ ଥାଏ। ଏହାର ମୁଖ୍ୟ ଖଣିପିଣ୍ଡଗୁଡ଼ିକ ହେଉଛି ସ୍ପୋଡୁମେନେ, ଲେପିଡୋଲାଇଟ୍ ଏବଂ ପେଟାଲାଇଟ୍। ଏହା ଚିଲି, ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ଚାଇନା, ରୁଷିଆ, କାନାଡ଼ା, ବ୍ରାଜିଲ, ବଲିଭିଆ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ଅଛି। ପୃଥିବୀରେ ମୋଟ ଗଚ୍ଛିତ ଲିଥିୟମ୍‌ର ପରିମାଣ ହେଉଛି ୧୧ ନିୟୁତ ମେଟ୍ରିକ୍ ଟନ୍। ଚିଲିରେ ସର୍ବାଧିକ ତିନି



ନିୟୁତ ମେଟ୍ରିକ ଟନ୍ ଲିଥିୟମ୍ ଗଚ୍ଛିତ ଅଛି। ତିନୋଟି ଦକ୍ଷିଣ ଆମେରିକୀୟ ଦେଶ ଚିଲି ଏବଂ ବ୍ରାଜିଲ ଓ ବଲିଭିଆରେ ପୃଥିବୀର ମୋଟ ଲିଥିୟମ୍‌ର ୮୦ ପ୍ରତିଶତ ଅଛି।

ଲିଥିୟମ୍‌ର ବହୁବିଧ ଉପଯୋଗ ଅଛି। ବିଶେଷ ପ୍ରକାର କାଚ ଓ ସେରାମିକ୍ ପ୍ରସ୍ତୁତିରେ ଏହା ବ୍ୟବହାର କରାଯାଏ। ଏହିସବୁ ପଦାର୍ଥର ଗଳନାଙ୍କ ହ୍ରାସ କରିବାରେ ଏହା ସାହାଯ୍ୟ କରିଥାଏ। ଏଥିଯୋଗୁ ହାଲୁକା ଓ ମଜଭୁତ କାଚ ଏବଂ ଅଧିକ ତାପ-ରୋଧି ସେରାମିକ୍ ଉତ୍ପାଦିତ ହୋଇପାରିଥାଏ। ବିଭିନ୍ନ ପ୍ରକାର ମିଶ୍ରଧାତୁରେ ରହି ଏହା ବ୍ୟବହାର ହୋଇଥାଏ। ଉଦାହରଣସ୍ୱରୂପ, ଲିଥିୟମ-ସୀସା ମିଶ୍ର ଧାତୁ ଗାଡ଼ିମୋଟରର ବିୟରିଂ ପାଇଁ ଏବଂ ଲିଥିୟମ୍-ଆଲୁମିନିୟମ ମିଶ୍ର ଧାତୁ ଉଡ଼ାଜାହାଜ ନିର୍ମାଣରେ ବ୍ୟବହୃତ ହୁଏ। ଚିକିତ୍ସା କ୍ଷେତ୍ରରେ ମାନସିକ ରୋଗ ପାଇଁ ଲିଥିୟମ୍ କାର୍ବୋନେଟ୍ ବ୍ୟବହୃତ ହେଉଛି। ସେହିପରି ଲିଥିୟମ୍ ବାଇକାର୍ବୋନେଟ୍ ଓ ଲିଥିୟମ୍ ସାଲିସାଇଲେଟ୍ ଗଣ୍ଠିବାତ ରୋଗ ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ପାଣିପାଗ ନିର୍ଣ୍ଣୟରେ ଏବଂ ବେଲୁନ୍‌ରେ ଉଦ୍‌ଜାନର ଉତ୍ସ ଭାବେ ଲିଥିୟମ୍ ହାଇଡ୍ରାଇଡ୍ ବ୍ୟବହାର କରାଯାଏ। ଲିଥିୟମ୍‌ର ସର୍ବାଧିକ ବ୍ୟବହାର ବ୍ୟାଟେରି ନିର୍ମାଣରେ ହୁଏ। ମୋବାଇଲ୍ ଫୋନ୍, ଲାପ୍‌ଟପ, ପେସ୍‌ମେକର ଆଦିରେ ଲିଥିୟମ୍-ଆୟନ ବ୍ୟାଟେରି ବ୍ୟବହୃତ ହେଉଛି। ଏହା ବ୍ୟତୀତ ବିଦ୍ୟୁତ୍‌ଚାଳିତ ଗାଡ଼ିରେ ଏହି ବ୍ୟାଟେରି ବ୍ୟବହୃତ ହୁଏ। ଅନ୍ୟ ବ୍ୟାଟେରି ଅପେକ୍ଷା ଏହା କମ୍ ଓଜନ, ଉଚ୍ଚ ଶକ୍ତି ସାନ୍ଦ୍ରତା ଏବଂ ନିମ୍ନ ସ୍ୱୟଂ ଡିସ୍‌ଚାର୍ଜ ହାର ହେତୁ ଏହାର ଆଦର ହେଉଛି ବେଶି।

ପେଟ୍ରୋଲିୟମଚାଳିତ ଯାନବାହନରୁ ନିର୍ଗତ ଅଙ୍ଗାରକାମ୍ଳ ଗ୍ୟାସ୍ ଜାଗତିକ ଉଷ୍ଣତା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନର କାରଣ ହୋଇଛି। ଏଥିପାଇଁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଉତ୍ସର୍ଜନ ହ୍ରାସ କରିବା ନିମିତ୍ତ ଅନ୍ତର୍ଜାତୀୟ ସ୍ତରରେ ନିଷ୍ପତ୍ତି ନିଆଯାଇଛି ଏବଂ ପ୍ରତ୍ୟେକ ଦେଶ ନିର୍ଦ୍ଦିଷ୍ଟ ପରିମାଣର ଅଙ୍ଗାରକାମ୍ଳ ଗ୍ୟାସ୍ ହ୍ରାସ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଦିନକୁ ଦିନ ଗାଡ଼ିମୋଟରର ସଂଖ୍ୟା ବୃଦ୍ଧି ପାଉଥିବାରୁ ଏଥିରୁ ନିର୍ଗତ ଅଙ୍ଗାରକାମ୍ଳ ଚିନ୍ତାର କାରଣ ହୋଇଛି। ଗତ କିଛି ବର୍ଷ ତଳେ ବିଦ୍ୟୁତ୍‌ଚାଳିତ ଗାଡ଼ିର ବିକାଶ କିଛି ଆଶା ସଞ୍ଚାର କରିଛି। ଏହି ଗାଡ଼ି ବ୍ୟାଟେରିରୁ ବିଦ୍ୟୁତ୍ ଶକ୍ତି ନେଇ ଚାଲିଥାଏ। ଏହି ବ୍ୟାଟେରି ଲିଥିୟମ୍‌ରୁ ନିର୍ମିତ ହୋଇଥିବାରୁ ଲିଥିୟମ୍‌ର ଚାହିଦା ବୃଦ୍ଧି ପାଇଛି।

ଭାରତରେ ଲିଥିୟମ ଉପଲବ୍ଧ ନ ଥିବାରୁ ଆମେ ଏଥିପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରୁଛେ। ଭାରତ ଆବଶ୍ୟକତାର ୮୦ ପ୍ରତିଶତ ଲିଥିୟମ୍ ଅଷ୍ଟ୍ରେଲିଆ ଏବଂ ଆର୍ଜେଣ୍ଟିନାରୁ ଆମଦାନୀ କରୁଛି। ଏଥିପାଇଁ ବିଦ୍ୟୁତ୍ ଗାଡ଼ି ନିର୍ମାଣରେ ଆମେ ମଧ ପଛରେ ପଡ଼ିଯାଇଛେ। ଜମ୍ମୁ-କଶ୍ମୀରରେ ଆବିଷ୍କୃତ ଖଣିରୁ ଲିଥିୟମ୍ ଉତ୍ପାଦନ କରିବା ପାଇଁ ପ୍ରାୟ ଦଶ ବର୍ଷ ଲାଗିଯାଇପାରେ। ଭାରତ ନିଜର ଆବଶ୍ୟକତା ପୂରଣ ସହିତ ଏହାକୁ ରପ୍ତାନି ମଧ କରିପାରିବ। ବର୍ତ୍ତମାନ ସମଗ୍ର ପୃଥିବୀରେ ଲିଥିୟମ୍-ଆୟନ ବ୍ୟାଟେରି ନିର୍ମାଣରେ ଚାଇନା ଆଧିପତ୍ୟ ବିସ୍ତାର କରିଛି। ପୃଥିବୀର ଲିଥିୟମ୍-ଆୟନ ବ୍ୟାଟେରିର ମୋଟ ଉତ୍ପାଦନର ତିନି-ଚତୁର୍ଥାଂଶ ଚାଇନାରେ ହେଉଛି। ପୃଥିବୀର ମୋଟ ଲିଥିୟମ୍‌ର ପ୍ରାୟ ଦଶ ପ୍ରତିଶତ ଚାଇନାରେ ରହିଛି। ପୁନଶ୍ଚ ଲିଥିୟମ୍ ଖଣିଜରୁ ଲିଥିୟମ୍ ଧାତୁ ନିଷ୍କାସନ ହେଉଛି ଏକ ଜଟିଳ ପ୍ରକ୍ରିୟା। ଏଥିପାଇଁ ପ୍ରଥମେ ଖଣିପିଣ୍ଡକୁ ଗୁଣ୍ଡ କରାଯାଏ ଏବଂ ଏହାପରେ ବିଭିନ୍ନ ପଦ୍ଧତି, ଯଥା ଫେଣ ପ୍ଲବନ, ଚୁମ୍ବକୀୟ ପୃଥକୀକରଣ ଓ ମାଧ୍ୟାକର୍ଷଣ ପୃଥକୀକରଣ ଦ୍ୱାରା ଖଣିଜରୁ ଅପଦ୍ରବଗୁଡ଼ିକୁ ବାହାର କରିଦିଆଯାଏ। ଏହାପରେ ପ୍ରାପ୍ତ ହେଉଥିବା ଲିଥିୟମ୍ କ୍ଲୋରାଇଡ୍‌ର ବୈଦ୍ୟୁତିକ ବିଶ୍ଳେଷଣ ପ୍ରକ୍ରିୟାରେ ଲିଥିୟମ୍ ଧାତୁ ଉତ୍ପାଦନ କରାଯାଏ। ଚାଇନା ପାଖରେ ପୃଥିବୀର ମୋଟ ଲିଥିୟମ୍ ପ୍ରକ୍ରିୟାକରଣ ଓ ବିଶୋଧନ କ୍ଷମତାର ୬୦ ପ୍ରତିଶତ ଅଛି। ଏହିସବୁ ଦୃଷ୍ଟିକୋଣରୁ ବିଚାର କଲେ ଭାରତରେ ସଦ୍ୟ ଆବିଷ୍କୃତ ଲିଥିୟମ୍ ଖଣି ହେଉଛି ଦେଶ ପାଇଁ ବରଦାନ ସଦୃଶ।

-୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

# ଏକ୍ସ-ରେ ଓ ଫୁସ୍‌ଫୁସ୍ କ୍ୟାନ୍‌ସର



ଛାତିଜନିତ କିଛି ସମସ୍ୟା ପାଇଁ ଡାକ୍ତର ଚେଷ୍ଟ ଏକ୍ସ-ରେ ବା ଛାତି ଏକ୍ସ-ରେ କରିବାକୁ ପ୍ରେସକ୍ରିପ୍‌ସନରେ ଉଲ୍ଲେଖ କରିଥାଆନ୍ତି। ହେଲେ ଏଥିରୁ ଫୁସ୍‌ଫୁସ୍ (ଲଙ୍ଗ୍‌ସ) କ୍ୟାନ୍‌ସର ବିଷୟରେ ସୂଚନା ମିଳିପାରିବ। ଏକ ଛାତି ଏକ୍ସ-ରେକୁ ଭଲ ଭାବରେ ତର୍ଜମା କରିବା ପରେ ଏ ନେଇ କିଛି ସୂଚନା ପାଇଛନ୍ତି କୋରିଆସ୍ଥିତ ସିଓଲ ନ୍ୟାଶନାଲ ୟୁନିଭର୍ସିଟି ହସ୍ପିଟାଲର କ୍ୟାନ୍‌ସର ବିଜ୍ଞାନୀମାନେ। ଏଥିପାଇଁ ସେମାନେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଟେକ୍ନୋଲୋଜି ଆପଣେଇଥିଲେ। ଛାତି ଏକ୍ସ-ରେକୁ ଅନୁଧ୍ୟାନ କରିବା ସମୟରେ ସେମାନେ ଚେଷ୍ଟ ନୁଡୁଲ୍‌ସକୁ ଭଲ ଭାବରେ ତର୍ଜମା କରିଥିଲେ। ଏଥିରୁ ସେମାନେ ଫୁସ୍‌ଫୁସ୍ କ୍ୟାନ୍‌ସର ସମ୍ପର୍କରେ କିଛି ସୂଚନା ପାଇପାରିଥିଲେ। ଏ ନେଇ ସୂଚନା ଦେଇ ଉକ୍ତ ହସ୍ପିଟାଲର ରେଡିଓଲୋଜି ବିଭାଗର ଡା. ଜିନ୍ ମୋ ଗୋ' କହନ୍ତି, 'ଏଭଳି ସମସ୍ୟା ବିଶେଷଭାବରେ ବୟସ୍କ ବ୍ୟକ୍ତିଙ୍କଠାରେ ଦେଖିବାକୁ ମିଳିଥିଲା। ପାଖାପାଖି ୧୦,୦୦୦ ରୋଗୀଙ୍କ ଚେଷ୍ଟ ଏକ୍ସ-ରେକୁ ଅନୁଧ୍ୟାନ କରିବା ପରେ ଏକଥା ଜଣାପଡ଼ିଥିଲା।'

# କଫ ସମସ୍ୟାର ଘରୋଇ ଉପଚାର



ସାଧାରଣତଃ ଜଣେ ବ୍ୟକ୍ତି ଥଣ୍ଡା ଦ୍ୱାରା ଆକ୍ରାନ୍ତ ହେଲେ କଫ, କାଶ ପରି ସମସ୍ୟା ଦେଖାଦେଇଥାଏ। ଯଦି ଆପଣଙ୍କର କଫ ପରିମାଣ ବଢ଼ିଯାଇଛି ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରିବା ନିହାତି ଦରକାର। ନ ହେଲେ ତାହା ଶ୍ୱାସକ୍ରିୟାରେ ବାଧା ସୃଷ୍ଟି କରିଥାଏ। ତେବେ ଏଥିରୁ ପ୍ରାଥମିକ ଉପଶମ ପାଇବା ପାଇଁ କେତୋଟି ଘରୋଇ ଉପଚାରକୁ ଆପଣେଇ ପାରନ୍ତି। ଅଧା କପ୍ ଉଷୁମ ପାଣିରେ ଏକ ଚାମଚ ହଳଦୀ ଗୁଣ୍ଡ ଭଲ ଭାବରେ ମିଶାଇ ଦିଅନ୍ତୁ। ସେଥିରେ ମଧ ଏକ ଚାମଚ ମହୁ ମିଶାନ୍ତୁ। ଏହି ମିଶ୍ରଣକୁ ୨-୩ ଦିନ ପର୍ଯ୍ୟନ୍ତ ଉଷୁମ କରି ପିଅନ୍ତୁ। ଅଦାକୁ ଛୋଟ ଆକାରରେ କାଟି ତାହାକୁ ପାଣିରେ ପକାଇ ଫୁଟାଇ ଉଷୁମ ଅବସ୍ଥାରେ ପିଅନ୍ତୁ। ଦୁଇ ଚାମଚ ଲେମ୍ବୁ ରସରେ ଏକ ଚାମଚ ମହୁ ମିଶାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ଏହି ମିଶ୍ରଣକୁ ପିଇଲେ କଫ ସମସ୍ୟାରୁ କେତେକାଂଶରେ ଆରାମ ମିଳିଥାଏ।

# କାର୍ଯ୍ୟଦକ୍ଷତା ବଢ଼ାଇବାର ନୂଆ ଉପାୟ



ଆମେ ସମସ୍ତେ ନିଜ ନିଜ ସାମର୍ଥ୍ୟ ଅନୁସାରେ କାମ କରିବା ଦରକାର। ନ ହେଲେ ତାହା ବୋଝ ସଦୃଶ ହୋଇଥାଏ। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ଯଦି ଜଣେ ବ୍ୟକ୍ତି ନିଜ ମନ ପସନ୍ଦର ସଙ୍ଗୀତ ଶୁଣନ୍ତି ତେବେ ସେ ସମ୍ପାଦନ କରୁଥିବା କାମଟିକୁ ଅନେକାଂଶରେ ସହଜରେ ତୁଲାଇ ପାରିବେ। କେତେକ ବ୍ୟକ୍ତିଙ୍କର କାର୍ଯ୍ୟ କରିବା ଶୈଳୀ ଏବଂ ସେମାନଙ୍କର ଦୈନନ୍ଦିନ ଜୀବନୀକୁ ସିଡ୍‌ନୀ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ସେମାନଙ୍କ ମଧ୍ୟରୁ ନିୟମିତ ମନପସନ୍ଦର ସଙ୍ଗୀତ ଶୁଣୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ନିଜ କାମକୁ ଭଲ ଭାବରେ ସମ୍ପାଦନ କରିପାରୁଥିବାର ଦେଖିବାକୁ ମିଳିଥିଲା। ତେବେ ଏହି ସମୟରେ ନିଜକୁ ଟେନ୍‌ସନ୍‌ମୁକ୍ତ ରଖିବା ନିହାତି ଦରକାର।

# ସ୍ୱାସ୍ଥ୍ୟ ସୂଚନା

➤ବେଳେବେଳେ କିଛି ବ୍ୟକ୍ତି ଡାକ୍ତରଙ୍କ ପରାମର୍ଶକୁ ଠିକ୍ ଭାବରେ ପାଳନ କରି ନଥାନ୍ତି। ପୁଣି ରୋଗରୁ ଆରୋଗ୍ୟ ମିଳିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିର୍ଦ୍ଧାରିତ ଦିନ ପର୍ଯ୍ୟନ୍ତ ଔଷଧ ଖାଇ ନ ଥାନ୍ତି। ତେବେ ଏଭଳି ଅଭ୍ୟାସ ତ୍ୟାଗ କରନ୍ତୁ। ଡାକ୍ତର ଯେତିକି ଦିନ ପାଇଁ ଔଷଧ ଖାଇବାକୁ କହିଛନ୍ତି ସେତିକି ଦିନ ପର୍ଯ୍ୟନ୍ତ ଖାଇବା ପରେ ପୁଣି ଥରେ ତାଙ୍କ ସହ ଏ ନେଇ ପରାମର୍ଶ କରନ୍ତୁ।

➤ଆଜିକାଲି ପ୍ରାୟ ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ। ହେଲେ ତା' ଭିତରେ ନିଜ ଶରୀରର ରୁଟିନ୍ ଚେକ୍‌ଅପ୍ ପାଇଁ ସମୟ ବାହାର କରନ୍ତୁ।

➤ଥଣ୍ଡାଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➤ନିଜର ଖାଦ୍ୟପେୟ ପ୍ରତି ସବୁବେଳେ ସତର୍କ ରୁହନ୍ତୁ।

➤କଦାପି ସୁଗାର କ୍ୟାଲୋରି ଡ୍ରିଙ୍କ୍‌ସ ପିଅନ୍ତୁ ନାହିଁ। କାରଣ ଏହା ଶରୀରରେ ଚର୍ବି ପରିମାଣ ବଢ଼ାଇବାରେ ସାହାଯ୍ୟ କରିଥାଏ।

➤ଶରୀରରେ ଜଳୀୟ ଅଂଶ ଯେପରି ସନ୍ତୁଳିତ ରହିବ ସେ ନେଇ ଲକ୍ଷ୍ୟ ରଖନ୍ତୁ।

➤ସବୁବେଳେ ବ୍ରେକଫାଷ୍ଟରେ ତଟକା ଫଳମୂଳ ସାମିଲ କରନ୍ତୁ।

➤ଆବଶ୍ୟକତାଠାରୁ ଅଧିକ ଓଜନିଆ ଜିନିଷ ଉଠାନ୍ତୁ ନାହିଁ। କାରଣ ଏହାର ପ୍ରଭାବ ସିଧାସଳଖ ଅଣ୍ଟା ଉପରେ ହିଁ ପଡ଼ିଥାଏ।



# ଧୂମକେତୁ ଓ ଲଞ୍ଜାତାରା

(ଶେଷ ଭାଗ)

ସୂର୍ଯ୍ୟକୁ ପରିକ୍ରମା କରିବା ପରେ ଲଞ୍ଜାତାରାଟି ନିଜ କକ୍ଷ ପଥରେ କ୍ରମଶଃ ଦୂରକୁ ଚାଲିଯାଏ ଏବଂ ଅନ୍ତର୍ଗ୍ରହୀୟ ଶୀତଳତାରେ ପୂର୍ବୋକ୍ତ ପ୍ରକ୍ରିୟା ସବୁ ଶାନ୍ତ ଓ ସ୍ତିମିତ ହୋଇଯାଏ। ଫଳରେ ଏହାର କମା ଓ ଲାଞ୍ଜ ହ୍ରାସ ପାଇ କ୍ରମଶଃ ନିଶ୍ଚିହ୍ନ ହୋଇଯାଏ ଏବଂ ଖାଲି ଆଖିକୁ ଆଉ ଦେଖାଯାଏ ନାହିଁ। ଲଞ୍ଜାତାରାଟି ପୁଣି ଫେରିଯାଏ ନିଜର ଚିରାଚରିତ ବାସସ୍ଥାନ ସୌରଜଗତ ଉପାନ୍ତର ସେହି ସୁଦୂର ଥଣ୍ଡା ଓ ନିରନ୍ଧ୍ର ଅନ୍ଧକାର ଅଞ୍ଚଳକୁ। ଏଭଳି ଧୂମକେତୁ ଆମ ସୌରଜଗତକୁ ସାଧାରଣତଃ ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟାନ୍ତରରେ ଆସୁଥିବାରୁ ଏଗୁଡ଼ିକୁ 'ଦୀର୍ଘ ଆବର୍ତ୍ତି କାଳ' ବିଶିଷ୍ଟ ଧୂମକେତୁ କହନ୍ତି। ଅତୀତରେ ୧୮୧୧, ୧୮୪୩, ୧୮୬୧ ଏବଂ ୧୮୮୨ରେ ଦେଖାଯାଇଥିବା ଅତ୍ୟୁଜ୍ଜ୍ୱଳ ଧୂମକେତୁ ତଥା ୧୮୫୮ରେ 'ଡୋନାଟି', ୧୯୧୦ର ଦିବାଲୋକରେ ଦୃଷ୍ଟ 'ୱେଷ୍ଟ' ଆଦି ଏହି ଶ୍ରେଣୀୟ। ମାତ୍ର ଅନ୍ୟ କେତେକ ପିଣ୍ଡ ଗ୍ରହରାଜ ବୃହସ୍ପତିର ପାଖ ଦେଇ ଯିବାବେଳେ ଏହା ନିଜର ପ୍ରଚଣ୍ଡ ମାଧ୍ୟାକର୍ଷଣ ବଳରେ ଧୂମକେତୁଟି ନିଜ କକ୍ଷ ପଥରେ ଅନେକ ଥର ଏଭଳି ଆକର୍ଷଣର ସମ୍ମୁଖୀନ ହେଲେ ଏହାର ଗତି କ୍ରମେ ମନ୍ଥର ହୋଇଯାଏ। ତା'ସହ ଆଉ ଦୂରକୁ ଯାଇ ନ ପାରି ପାଖାପାଖି ନେପ୍‌ଚୁନ୍ ଗ୍ରହ ନିକଟରୁ ଫେରିଆସେ। ଏଭଳି ଧୂମକେତୁ ଆମ ଆକାଶକୁ ଶହେ ବର୍ଷରୁ କମ୍ ସମୟାନ୍ତରରେ ଫେରୁଥିବାରୁ ଏଗୁଡ଼ିକୁ 'ସ୍ୱଳ୍ପ ଆବର୍ତ୍ତି କାଳ' ବିଶିଷ୍ଟ ଧୂମକେତୁ କହନ୍ତି। ଧୂମକେତୁରୁ ଏଙ୍କେ, କପଫ ତଥା ବହୁଚର୍ଚ୍ଚିତ ହ୍ୟାଲି ଲଞ୍ଜାତାରା ଏହି ଜାତିର ଅଟନ୍ତି।

-ନିକୁଞ୍ଜ ବିହାରୀ ସାହୁ, ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ, ମୋ: ୮୯୧୭୬୩୭୯୭୪



# ଅଢ଼େଇ ଦିନରେ ଦିଲ୍ଲୀ ଟେଷ୍ଟ ବିଜୟ

ନୂଆଦିଲ୍ଲୀ,୧୯।୨(ପି.ଟି)

ଦିଲ୍ଲୀର ଅରୁଣ ଜେଟ୍‌ଲୀ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟ ଜିତିବା ସହିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଆଡ଼କୁ ଆଉ ପାଦେ ଅଗ୍ରସର ହୋଇଛି ଭାରତ। ଏହି ମ୍ୟାଚ୍‌କୁ ୬ ଉଇକେଟରେ ଜିତିବା ସହିତ ତିନି ଦିନ ମଧ୍ୟରେ ଭାରତ ମ୍ୟାଚ୍ ଶେଷ କରିଛି। ୧୧୫ ରନ୍ ଲକ୍ଷ୍ୟର ପିଛା କରୁଥିବା ଭାରତ ୪ ଉଇକେଟରେ ୧୧୮ ରନ୍ କରିବା ସହିତ ବର୍ଡର-ଗାଭାସ୍କର ଟ୍ରଫି ନିଜ ପାଖରେ ରଖିଛି। ୪ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୨-୦ରେ ଆଗୁଆ ରହିଥିବା ବେଳେ ଯଦି ସିରିଜ୍ ଅମୀମାଂସିତ

### ଜାଡେଜାଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ

ରୁହେ ତାହେଲେ ମଧ୍ୟ ପୂର୍ବଥରର ବିଜେତା ଭାବରେ ଭାରତ ଏହି ଟ୍ରଫିକୁ ନିଜ ପାଖରେ ରଖିବା ସ୍ପଷ୍ଟ ହୋଇଛି। ଏହା ପୂର୍ବରୁ ଅନୁଷ୍ଠିତ ଦୁଇଟି ସିରିଜ୍‌କୁ ଭାରତ ଜିତିବାରେ ସମର୍ଥ ରହିଥିଲା। ଶତକୀୟ ଟେଷ୍ଟ ମ୍ୟାଚ୍ ଖେଳୁଥିବା ଚେତେଶ୍ୱର ପୂଜାରା ଅପରାଜିତ ୩୧ ରନ୍ କରିଥିବା ବେଳେ ତାଙ୍କ ବ୍ୟାଟ୍‌ରୁ ଆସିଥିଲା ବିଜୟୀ ରନ୍। ଟଡ୍ ମର୍ଫିଙ୍କୁ ଚୌକା ମାରି ବର୍ଡର-ଗାଭାସ୍କର ଟ୍ରଫି ଭାରତ ନାମରେ କରିଥିଲେ ପୂଜାରା। ପୂର୍ବଦିନର ଅସମାପ୍ତ ସ୍କୋର ୬୧/୧ରୁ ଖେଳ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। ଭାରତର ଦୁଇ ସ୍ପିନର ରବୀନ୍ଦ୍ର ଜାଡେଜା ଏବଂ ରବିଚନ୍ଦ୍ରନ ଅଶ୍ୱିନ ମାତ୍ର ୧୯ ଓଭରରେ ୯ ଉଇକେଟ ନେବାରୁ ଅଷ୍ଟ୍ରେଲିଆ ମାତ୍ର ୧୧୩ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଟ୍ରାଭିସ୍ ହେଡ୍ ପୂର୍ବଦିନର ସ୍କୋରରେ ମାତ୍ର ୪ ରନ୍ ଯୋଡ଼ି ପାଭିଲିୟନ ଫେରିଥିଲେ। ହେଡ୍‌ଙ୍କୁ ଆଉଟ୍ କରି ଅଶ୍ୱିନ ଅଷ୍ଟ୍ରେଲିଆ ଇନିଂସ୍‌ର ଫ୍ଲଡ୍ ଗେଟ୍ ଖୋଲିଦେଇଥିଲେ। ଏହାପରେ ରବୀନ୍ଦ୍ର ଘଟାଇଥିଲେ ବିପର୍ଯ୍ୟୟ। ମାର୍ନସ ଲାବୁଶେନ୍, ପିଟର ହ୍ୟାଣ୍ଡସ୍କମ୍ବ, ଆଲେକ୍ସ କେରୀ, ପ୍ୟାଟ କୁମିନ୍ସ, ନାଥନ ଲିୟନ ଓ ମାଥ୍ୟୁ କୁହନେମାନଙ୍କୁ ଆଉଟ୍ କରିବା ସହିତ କ୍ୟାରିୟର ଶ୍ରେଷ୍ଠ ୭/୪୨ର ଫିଗର ହାସଲ କରିଥିଲେ। ଅଶ୍ୱିନ ୩ ଉଇକେଟ ନେଇଥିବା ବେଳେ ଉଭୟ ଖେଳାଳି ନିଜ ମଧ୍ୟରେ ୧୦ ଉଇକେଟ ବାଣ୍ଟି ନେଇଥିଲେ। ଟ୍ରାଭିସ ହେଡ୍ (୪୩) ଓ ମାର୍ନସ ଲାବୁଶେନ୍ (୩୫)ଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କରେ ପହଞ୍ଚିପାରି ନ ଥିଲେ। ୧୧୫ ରନ୍‌ର ପିଛା କରିବା ଏହି ପିଚ୍‌ରେ ବେଶ୍ କଷ୍ଟସାଧ୍ୟ ଲାଗୁଥିଲା। ଖରାପ ଫର୍ମ ଦେଇ ଗତି କରୁଥିବା ଲୋକେଶ ରାହୁଲ ମ୍ୟାଚ୍‌ର ଦ୍ୱିତୀୟ ଓଭରରେ ଲିୟନଙ୍କ ବଲରେ ଆଉଟ୍ ହୋଇ ଭାରତର ଚିନ୍ତା ବଢ଼ାଇଥିଲେ। ମାତ୍ର ୧ ରନ୍ କରି ରାହୁଲ ଆଉଟ୍ ହେବା ପରେ ବିପର୍ଯ୍ୟୟର ଆଶଙ୍କା ସୃଷ୍ଟି ହୋଇଥିଲା। ତେବେ ଅଧିନାୟକ ରୋହିତ ଶର୍ମା ଓ ଚେତେଶ୍ୱର ପୂଜାରା କାଉଣ୍ଟର ଆଟାକ୍ କରି ଭାରତ ଇନିଂସ୍‌କୁ ଆଗକୁ ବଢ଼ାଇଥିଲେ। ରୋହିତ୍ ୨୦ ବଲ୍ ଖେଳି ୩୧ ରନ୍ କରି ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଥିଲେ। ଭାରତୀୟ ଅଧିନାୟକଙ୍କ ଇନିଂସରେ ୩ ଚୌକା ଓ ୨ ଛକା ସାମିଲ ଥିଲା। ରୋହିତ ଆଉଟ୍ ହେବା ପରେ ବିରାଟ କୋହଲି ଓ ଚେତେଶ୍ୱର ଇନିଂସ୍ ଆଗକୁ ବଢ଼ାଇଥିଲେ। କୋହଲି ୨୦ ରନ୍ କରିବା ସହିତ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୨୫ ହଜାର ରନ୍ ପୂରଣ କରିଥିଲେ। ବିଜୟ ପାଇଁ ୪୬ ରନ୍ ଆବଶ୍ୟକ ଥିବା ବେଳେ କୋହଲି ଷ୍ଟମ୍ପଆଉଟ ହୋଇଥିଲେ। ପରବର୍ତ୍ତୀ ବ୍ୟାଟର ଶ୍ରେୟସ ଆୟର ୧୦ ବଲ୍‌ରୁ ୧୨ ରନ୍ କରି ଆଉଟ ହେବା ପରେ ଭାରତକୁ ବିଜୟୀ କରାଇଥିଲେ ଶ୍ରୀକର ଭରତ ଓ ଚେତେଶ୍ୱର ପୂଜାରା। ଭାରତ ୨୨ ବଲ୍‌ରୁ ଦ୍ରୁତ ୨୩ ରନ୍ କରିଥିବା ବେଳେ ଶେଷଯାଏ ପୂଜାରା ୩୧ ରନ୍‌ରେ ଅପରାଜିତ ରହିଥିଲେ। ଏହାସହିତ ରିକି ପଣ୍ଟିଙ୍ଗଙ୍କ ପରେ ଦ୍ୱିତୀୟ ଖେଳାଳି ଭାବରେ ଶତକୀୟ ଟେଷ୍ଟରେ ଚୌକା ମାରି ମ୍ୟାଚ୍ ଶେଷ କରିବାର ରେକର୍ଡ ନିଜ ନାମରେ କରିଛନ୍ତି ପୂଜାରା। ଅଷ୍ଟ୍ରେଲିଆ ପକ୍ଷରୁ ନାଥନ ଲିୟନ ୨ ଓ ଟଡ୍ ମର୍ଫି ଗୋଟିଏ ଉଇକେଟ ନେଇଥିଲେ। ଉଲ୍ଲେଖଯୋଗ୍ୟ, ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍‌ରେ ୨୬୩ ରନ୍ କରିଥିଲା। ଜବାବରେ ଭାରତ ୧୩୯ ରନ୍‌ରେ ୭ ଉଇକେଟ ହରାଇ ସଙ୍କଟରେ ପଡ଼ିଥିବା ବେଳେ ଅଶ୍ୱିନ-ଅକ୍ଷର ପଟେଲ ୧୧୪ ରନ୍ ଯୋଡ଼ିଥିଲେ। ଭାରତ ୨୬୨ ରନ୍ କରିବା ସହ ଅଷ୍ଟ୍ରେଲିଆ ମାତ୍ର ୧ ରନ୍‌ରେ ଆଗୁଆ ରହିଥିଲା। ଦ୍ୱିତୀୟ ଇନିଂସ୍‌ରେ ୭ ଉଇକେଟ ନେଇଥିବା ରବୀନ୍ଦ୍ର ଜାଡେଜାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍: ୨୬୩/୧୦। ଭାରତ ପ୍ରଥମ ଇନିଂସ: ୨୬୨/୧୦। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୩୧.୧ ଓଭରରେ ୧୧୩/୧୦ (ଟ୍ରାଭିସ୍ ହେଡ୍-୪୩, ମାର୍ନସ ଲାବୁଶେନ୍-୩୫, ରବୀନ୍ଦ୍ର ଜାଡେଜା-୭/୪୨, ଆର. ଅଶ୍ୱିନ-୩/୫୯)। ଭାରତ ଦ୍ୱିତୀୟ ଇନିଂସ: ୨୬.୪ ଓଭରରେ ୧୧୮/୪ (ଚେତେଶ୍ୱର ପୂଜାରା-୩୧*, ରୋହିତ ଶର୍ମା-୩୧, ଶ୍ରୀକର ଭରତ-୨୩*, ନାଥନ ଲିୟନ-୨/୪୯, ଟଡ୍ ମର୍ଫି-୧/୨୨)।





ପ୍ଲେୟର ଅଫ୍ ଦ ମ୍ୟାଚ୍ ରବୀନ୍ଦ୍ର ଜାଡେଜା। ଚେତେଶ୍ୱର ପୂଜାରା ଓ ଶ୍ରୀକର ଭରତଙ୍କୁ ବଧେଇ ଜଣାଉଛନ୍ତି ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସ।

## ଭାରତର ଆଶା ବଢ଼ିଲା

**ନୂଆଦିଲ୍ଲୀ,୧୯।୨(ପି.ଟି.):** ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟ ଜିତିବା ସହିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ସମ୍ଭାବନାକୁ ଦୃଢ଼ୀଭୂତ କରିଛି ଭାରତ। ଜୁନ୍ ୭ରେ ଓଭାଲରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ପାଇଁ ଅଷ୍ଟ୍ରେଲିଆ ଆଗୁଆ ଯୋଗ୍ୟତା ଅର୍ଜନ କରି ସାରିଥିବା ବେଳେ ବର୍ଡର-ଗାଭାସ୍କର ଟ୍ରଫିର ପ୍ରଦର୍ଶନ ଉପରେ ଭାରତର ଭାଗ୍ୟ ନିର୍ଭରଶୀଳ ରହିଥିଲା। ଭାରତ ଏହି ସିରିଜ୍‌କୁ ୩-୦ କିମ୍ବା ୩-୧ରେ ଜିତିଲେ ହିଁ ଫାଇନାଲରେ ପ୍ରବେଶ କରିବ। ଦିଲ୍ଲୀରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟକୁ ଭାରତ ୩ ଦିନ ମଧ୍ୟରେ ଜିତିନେବା ସହିତ ୪ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜରେ ୨-୦ରେ ଆଗୁଆ ରହିଛି। ଏହି ମ୍ୟାଚ୍ ଜିତିବା ପରେ ଭାରତର ବିଜୟ ପ୍ରତିଶତ ୬୪.୦୬% ରହିଥିବା ବେଳେ ଅଷ୍ଟ୍ରେଲିଆ ୬୬.୬୭% ସହ ପ୍ରଥମ ସ୍ଥାନରେ ରହିଛି। ଶ୍ରୀଲଙ୍କା ୫୩.୩୩ ପ୍ରତିଶତର ବିଜୟ ପ୍ରତିଶତ ସହିତ ତୃତୀୟ ସ୍ଥାନରେ ରହିଥିବା ବେଳେ ଫାଇନାଲ ଦୌଡ଼ରୁ ଦକ୍ଷିଣ ଆଫ୍ରିକା ବାଦ୍ ପଡ଼ିଛି। ଶ୍ରୀଲଙ୍କା ଆସନ୍ତା ମାସରେ ନ୍ୟୁଜିଲାଣ୍ଡ ବିପକ୍ଷ ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜ

### ଡବ୍ଲ୍ୟୁଟିସି ଫାଇନାଲ

ଖେଳିବ। ପରବର୍ତ୍ତୀ ଦୁଇ ଟେଷ୍ଟରେ ଭାରତର ପ୍ରଦର୍ଶନ ଉପରେ ଶ୍ରୀଲଙ୍କାର ଭାଗ୍ୟ ନିର୍ଭରଶୀଳ। ପରବର୍ତ୍ତୀ ଦୁଇଟି ଟେଷ୍ଟ ଇନ୍ଦୋର ଓ ଅହମ୍ମଦାବାଦରେ ଖେଳାଯିବ। ଏହା ମଧ୍ୟରୁ ଅନ୍ୟୂନ ଗୋଟିଏ ଟେଷ୍ଟ ଜିତିଲେ ଭାରତ ଫାଇନାଲରେ ପ୍ରବେଶ କରିବ। ମାର୍ଚ୍ଚ ୧ରୁ ଇନ୍ଦୋର ଟେଷ୍ଟ ପାଇଁ ମଧ୍ୟ ଭାରତ ଫେଭରିଟ୍ ରହିଛି।

## ୨୫ ହଜାର ରନ୍ କ୍ଲବରେ ବିରାଟ

ନୂଆଦିଲ୍ଲୀ,୧୯।୨(ପି.ଟି)

ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ଆଉ ଏକ କୀର୍ତ୍ତିମାନ। ରବିବାର ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିବା ବେଳେ ୨୫ ହଜାର ରନ୍ କ୍ଲବରେ ଯୋଗଦେଇଛନ୍ତି ବିରାଟ କୋହଲି। ଭାରତର ଦ୍ୱିତୀୟ ଇନିଂସରେ ୧୨ତମ ଓଭରରେ ନାଥନ ଲିୟନଙ୍କୁ ଚୌକା ମାରି କୋହଲି ଏହି ମାଇଲଖୁଣ୍ଟ ହାସଲ କରିଥିଲେ। କ୍ୟାରିୟରର ୪୯୨ତମ ମ୍ୟାଚ୍‌ରେ କୋହଲି ୨୫ ହଜାର ରନ୍ ସ୍କୋର କରିଛନ୍ତି। ବିଶ୍ୱର ଷଷ୍ଠ ତଥା ଭାରତର ଦ୍ୱିତୀୟ ଖେଳାଳି ଭାବେ କୋହଲି ଏହି କୀର୍ତ୍ତିମାନ ହାସଲ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଚିନ୍ ତେନ୍ଦୁଲକର(୩୪୩୫୭ ରନ୍, ୬୬୪ ମ୍ୟାଚ୍), କୁମାର ସାଙ୍ଗାକାରା (୨୮୦୧୬ ରନ୍, ୫୯୪ ମ୍ୟାଚ), ମାହେଲା ଜୟବର୍ଦ୍ଧନେ(୨୫୯୫୭ ରନ୍, ୬୫୨ ମ୍ୟାଚ), ରିକି ପଣ୍ଟିଂ (୨୭୪୮୩ ରନ୍, ୫୬୦ ମ୍ୟାଚ) ଓ ଜାକ୍ୱେସ୍ କାଲିସ୍ (୨୫୫୩୪ ରନ୍, ୫୧୯ ମ୍ୟାଚ) ଏହି ତାଲିକାରେ ସାମିଲ ଅଛନ୍ତି। କୋହଲି ୫୪୯ତମ ଇନିଂସରେ ୨୫ ହଜାର ରନ୍ ସ୍କୋର କରିଥିବା ବେଳେ ସଚିନ୍ ତେନ୍ଦୁଲକର ୫୭୭ ଇନିଂସ ଓ ରିକି ପଣ୍ଟିଂ ୫୮୮ ଇନିଂସରେ ଏହି ସଫଳତା ହାସଲ କରିଥିଲେ। ଏହି କ୍ଲବରେ ସାମିଲ ଥିବା ଖେଳାଳିଙ୍କ ମଧ୍ୟରେ କୋହଲିଙ୍କ ଆଭରେଜ ୫୩ ରହିଥିବା ବେଳେ ୪୯.୧୦ର ଆଭରେଜ ସହିତ କାଲିସ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କୋହଲି ୧୦୬ ଟେଷ୍ଟରୁ ୮୧୯୫ ରନ୍ କରିଥିବା ବେଳେ ୨୭୧ ଦିନିକିଆରୁ ୧୨୮୦୯ ରନ୍ ଏବଂ ୧୧୫ ଟି୨୦ରୁ ୪୦୦୮ ରନ୍ ସଂଗ୍ରହ କରିଛନ୍ତି।

## ଟେଷ୍ଟ ଦଳ ଅପରିବର୍ତ୍ତିତ, ଦିନିକିଆ ଦଳରେ ଉନାଡକଟ

ନୂଆଦିଲ୍ଲୀ, ୧୯।୨ (ପି.ଟି.)

ଚଳିତ ବର୍ଡର-ଗାଭାସ୍କର ଟ୍ରଫିର ଅବଶିଷ୍ଟ ଦୁଇଟି ମ୍ୟାଚ୍ ପାଇଁ ରବିବାର ଘୋଷଣା ହୋଇଥିବା ଟେଷ୍ଟ ଦଳରେ ଭାରତ ଓପ୍‌ନର କେ.ଏଲ୍. ରାହୁଲ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି। ଚୟନକର୍ତ୍ତାମାନେ ଦିଲ୍ଲୀରେ ଅଷ୍ଟ୍ରେଲିଆ ବିପକ୍ଷରେ ୬ ଉଇକେଟରେ ବିଜୟ ହାସଲ କରିଥିବା ଭାରତୀୟ ଦଳରେ କୌଣସି ପରିବର୍ତ୍ତନ କରିନାହାନ୍ତି। ରାହୁଲ ସିରିଜ୍‌ରେ ଯଥାକ୍ରମେ ୨୦, ୧୭ ଓ ୧ ରନ୍ ସ୍କୋର କରିଛନ୍ତି। କୌତୂହଳର ବିଷୟ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦୁଇ ଟେଷ୍ଟ ମ୍ୟାଚ୍ ଲାଗି ତାଙ୍କୁ ଉପଅଧିନାୟକ କରାଯାଇଥିଲେ ମଧ୍ୟ ଶେଷ ଦୁଇଟି ମ୍ୟାଚ୍ ପାଇଁ ତାଙ୍କୁ ରୋହିତ୍ ଶର୍ମାଙ୍କ ଡେପୁଟି କରାଯାଇନାହିଁ। ତୃତୀୟ ଟେଷ୍ଟ ଇନ୍ଦୋରରେ ମାର୍ଚ୍ଚ ୧ରୁ ଖେଳାଯିବାକୁ ଥିବା ବେଳେ ଅହମ୍ମଦାବାଦ୍‌ରେ ମାର୍ଚ୍ଚ ୯ରୁ ଚତୁର୍ଥ ମ୍ୟାଚ୍ ଅନୁଷ୍ଠିତ ହେବ। ଚୟନ କମିଟି ଚେୟାରମ୍ୟାନ ଚେତନ ଶର୍ମାଙ୍କ ବିଦାୟ ପରେ ଅବଶିଷ୍ଟ ୪ ଚୟନକର୍ତ୍ତା ଟେଷ୍ଟ ଦଳ ବ୍ୟତୀତ ମାର୍ଚ୍ଚ ୧୭ରୁ ଆରମ୍ଭ ହେବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ପାଇଁ ଦଳ ମନୋନୟନ କରିଛନ୍ତି। ପୁରୁଖା ବାମହାତୀ ସିମର ଜୟଦେବ ଉନାଡକଟ ଅବଶିଷ୍ଟ ଦୁଇଟି ଟେଷ୍ଟ ମ୍ୟାଚ ପାଇଁ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ଦୁଇ ଟେଷ୍ଟ ପାଇଁ ଉନାଡକଟ୍ ଯଦିଓ ମନୋନୀତ ହୋଇଥିଲେ କିନ୍ତୁ ସୌରାଷ୍ଟ୍ର ତରଫରୁ ବେଙ୍ଗଲ ବିପକ୍ଷ



ଜୟଦେବ ଉନାଡକଟ

### ଅଷ୍ଟ୍ରେଲିଆ ବିପକ୍ଷ ସିରିଜ

ରଣଜୀ ଟ୍ରଫି ଫାଇନାଲ ଖେଳିବା ଲାଗି ତାଙ୍କୁ ରିଲିଜ୍ କରାଯାଇଥିଲା। ସୌରାଷ୍ଟ୍ର ଅଧିନାୟକ ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ପାଇଁ ମଧ୍ୟ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ପୂର୍ବରୁ ସେ ଜାତୀୟ ଦଳରୁ ୨୦୧୩ରେ ଖେଳିଥିଲେ। ଯୁବ ଖେଳାଳି ଅର୍ଶଦୀପ ସିଂ ଓ ଷ୍ଟାର ସ୍ପିଡ୍‌ଷ୍ଟର ଯଶପ୍ରୀତ ବୁମ୍‌ରାଙ୍କୁ ଦଳରେ ସ୍ଥାନ ମିଳିନି। ବୁମ୍‌ରା ମାର୍ଚ୍ଚ ୩୧ରୁ ଆରମ୍ଭ ହେବାକୁ ଥିବା ଆଇପିଏଲ୍ ଖେଳିପାରନ୍ତି। ବିସିସିଆଇ ତରଫରୁ ଆହୁରି ମଧ୍ୟ କୁହାଯାଇଛି, ପାରିବାରିକ କାର୍ଯ୍ୟ ଯୋଗୁ ରୋହିତ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ଦଳ ପାଇଁ ଉପଲବ୍ଧ ହେବେନାହିଁ। ତାଙ୍କ ସ୍ଥାନରେ ହାର୍ଦ୍ଦିକ୍ ପାଣ୍ଡ୍ୟା ଅଧିନାୟକ ଦାୟିତ୍ୱ ତୁଲାଇବେ। **ଭାରତୀୟ ଦିନିକିଆ ଦଳ:** ରୋହିତ୍ ଶର୍ମା (ଅଧିନାୟକ), ଶୁବମନ ଗିଲ୍, ବିରାଟ କୋହଲି, ଶ୍ରେୟସ ଆୟାର, ସୂର୍ଯ୍ୟକୁମାର ଯାଦବ, କେ.ଏଲ୍. ରାହୁଲ, ଇଶାନ କିଶନ (ଉଇକେଟ୍‌କିପର), ହାର୍ଦ୍ଦିକ୍ ପାଣ୍ଡ୍ୟା (ଉପଅଧିନାୟକ), ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର, ଯୁଜ୍‌ବେନ୍ଦ୍ର ଚହଲ, ମହମ୍ମଦ ଶାମି, ମହମ୍ମଦ ସିରାଜ, ଉମ୍ରାନ ମଲିକ, ଶାର୍ଦ୍ଦୁଳ ଠାକୁର, ଅକ୍ଷର ପଟେଲ ଓ ଜୟଦେବ ଉନାଡ଼କଟ୍।



BHUBANESWAR: Dion Automotives: 7506018735. Trupti Enterprises: 7506018747. Gugnani Autocars: 9619127347. CUTTACK: Gugnani Autocars: 7506018750. Dion Automotives: 9167984347. NAYAGARH: Trupti Enterprises: 8291149637. PATRAPARA: Trupti Enterprises: 7506018747. PATIA: Trupti Enterprises: 7506018747. PURI: Dion Automotives: 8879183329. KEONJHAR: Gugnani Autocars: 8291607250. PARADIP: Trupti Enterprises: 8291149735. BERHAMPUR: Dion Automotives: 9152102460. JAJPUR: Gugnani Autocars: 8291148273. CHANDIKHOL: Gugnani Autocars: 8291176433. KENDRAPARA: Trupti Enterprises: 7506018747. KHORDA: Trupti Enterprises: 8291149735. PHULBANI: Dion Automotives: 7506018735. BALUGAON: Dion Automotives: 7506018735.
Terms and conditions apply. ^Warranty cover for 3 years / 1 Lakh km, whichever ends earlier. *Available in Tiago XZ+ and Tigor XZ+. Images and illustrations are indicative and for information purposes only. All Features/specifications are not available in all variants and may vary for different variants. Specifications/features are subject to change without prior information. Please consult an authorised Tata Motors dealer for latest information on features/specifications before deciding to place an order. Colours may vary due to printing limitations. Local taxes and Octroi extra.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ